ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ଅକ୍ଟୋବର ୨୦/୨୦୨୧ (୮+୮=୧୬ ପୃଷ୍ଠା) Dhenkanal, Wednesday, October 20/2021 ★★★★★

୧୭ଶ ଭାଗ ୨୪୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ପାୟସ ବିଶ୍ୱର ନମ୍ବର ୱାନ୍ ଟିଟି ଖେଳାଳି**
ପାୟସ ଜୈନ ଭାରତର ଦ୍ୱିତୀୟ ଟେବୁଲ ଟେନିସ ଖେଳାଳି ଭାବେ ବିଶ୍ୱର ନମ୍ବର ୱାନ ର୍ୟାଙ୍କିଙ୍ଗ ହାସଲ କରିଛନ୍ତି। ୦୮

୦୭ **ବଲିଉଡ୍‌କୁ ଆସିବେ ୟୋହାନି**
'ମାନିକେ ମାଗେ ହିତେ' ଗାଇ ଚର୍ଚ୍ଚାରେ ଥିବା ଶ୍ରୀଲଙ୍କା ଗାୟିକା ୟୋହାନି ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି।



## ସାଲିସରେ ମାଲିସ

ପିଲାଦିନେ ଶୁଣିଥିଲୁ ଯିଏ ବାଘ-ଛେଳିକୁ ଗୋଟିଏ ଘାଟରେ ପାଣି ପିଆଇଦେଇ ପାରିଲା ସେ ରହିଲା ଆଗଧାଡ଼ିରେ। ଏବେ ଓଡ଼ିଶା ରାଜନୀତିରେ ଦେଖାଯାଇଛି ଯେ ବାଘ ଚାରିପଟରେ ଛେଳି, ମେଣ୍ଢା ଓ ହରିଣ ମାଳମାଳ ହୋଇ ପାଣି ପିଉଛନ୍ତି। ପ୍ରଥମେ, କିଛିବର୍ଷ ପାଇଁ, କଂଗ୍ରେସ ଦଳ ବିରୋଧୀ ସାଜି ଭାବିଥିଲା ଅଣ୍ଡାମାଡ଼ ଓ ବିଧାନସଭାରେ ଗର୍ଜନ କରି କ୍ଷମତା ହାସଲ କରିବ। ଏହାପରେ ହଠାତ୍ ଗୋଟେ ଦିନ ପ୍ରଦେଶ କଂଗ୍ରେସ ସଭାପତି ବଦଳିଗଲେ। ଖଣିଖାଦାନ କାର୍ଯ୍ୟରେ ଲିପ୍ତ ରହୁଥିବା ବ୍ୟକ୍ତିଙ୍କୁ ସମୟ କେମିତି ମିଳିବ ରାଜନୀତିର ଭିତିରି କଥା ବୁଝିବାକୁ। ଦୁର୍ବଳ ସ୍ଥିତିରୁ ଅଧିକ ଦୁର୍ବଳ ହୋଇପଡ଼ିଲା କଂଗ୍ରେସ। ବିଧାନସଭାରେ ଦ୍ୱିତୀୟ ସ୍ଥାନରୁ ଖସିଲା ତୃତୀୟକୁ। ସେହି ଯେଉଁ ପତନ ଆରମ୍ଭ ହେଲା ସେଥିରେ ଆଜି ପର୍ଯ୍ୟନ୍ତ ପୂର୍ଣ୍ଣଚ୍ଛେଦ ଲାଗିପାରୁ ନାହିଁ। ପଦବୀ ଧରିରଖି ଖଣିଖାଦାନ ଓ ପାରିବାରିକ ବ୍ୟବସାୟ ବଢ଼ାଇଲା ବେଳକୁ ଦଳଟା ଧ୍ୱଂସ ପାଇଗଲା।

ଅନ୍ୟପଟେ ଦିନାକେତେ ମନେହେଲା ଓଡ଼ିଶାରେ କେବଳ ମାତ୍ର ଭାଜପା ତାହାର ବିରୋଧୀ ମୁଣ୍ଡ ଟେକିପାରିବ। ସୋସିଆଲ ମିଡିଆରେ ହାତଗଣତି ବ୍ୟକ୍ତି କ୍ରୋଧିତ ହୋଇ ବିଭିନ୍ନ ଘଟଣାରେ ସମାଲୋଚକ ପାଲଟିଲେ। କିଛି ସମୟ ବିତିବା

**ତଥାଗତ ସତପଥୀ**

ପରେ ଜଣାପଡ଼ିଲା ଯେ ଅଳ୍ପ କେତେକ ବ୍ୟକ୍ତି ଛଦ୍ମନାମରେ ବିଭିନ୍ନ ଆକାଉଣ୍ଟ ପରିଚାଳନା କରୁଛନ୍ତି। ସେଥିପାଇଁ ତାଙ୍କ ଭାଷା ଓ ଆଭିମୁଖ୍ୟରେ ପରିବର୍ତ୍ତନ ଦିଶିଲା ନାହିଁ। ସ୍ଥାନୀୟ ନେତୃତ୍ୱର ଅଭାବକୁ କେହି ଜଣେ ବ୍ୟକ୍ତି ବା ମିଳିତ ଭାବେ ଗୋଟିଏ ଗୋଷ୍ଠୀ ପୂରଣ କରିବାରେ ଅସଫଳ ହୋଇପଡ଼ିଛନ୍ତି। ସମଗ୍ର ଦେଶରେ ସ୍ଥିତି ବଦଳିଲାଣି। ଉତ୍ତର ପ୍ରଦେଶରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଭାଜପାର ଜିତିବା ସମ୍ଭାବନା କ୍ଷୀଣ ହେଉଛି ବୋଲି ମେଘାଳୟ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ବକ୍ତବ୍ୟରୁ ଅନୁମାନ କରାଯାଇପାରେ। ହୁଏତ ସେଥିପାଇଁ ଭାଜପାର ଦୁଇ ମୁଖ୍ୟ ଜାତୀୟ ନେତା ସବୁ ଆଞ୍ଚଳିକ ଦଳର ଲାଞ୍ଜୁଡ଼ରେ ହାତ ମାରିବାକୁ ଉଚିତ ମଣୁନାହାନ୍ତି। ନିଜର ସ୍ଥିତି ଦୁର୍ବଳ ହୋଇପଡୁଥିବାରୁ ପୂର୍ବ ଘମଣ୍ଡ ପରିବର୍ତ୍ତେ ଏବେ ଭିତିରି ସାଲିସକୁ ଅଧିକ ଗୁରୁତ୍ୱ ଦିଆଗଲାଣି। ପ୍ରବଳ ବର୍ଷାରେ ଖୋଳି ହୋଇଯାଇଥିବା ଏହି ରାଜନୈତିକ ଗାତରେ ଓଡ଼ିଶା ଭାଜପା ପଡ଼ିଯାଇଥିବା ଭଳି ମନେହେଉଛି। ଦଳୀୟ କର୍ମୀଙ୍କ ମନୋଭାବ ଭାଙ୍ଗିପଡୁଥିବା ବେଳେ ସାଲିସର ନିର୍ଦ୍ଦେଶ ଯୋଗୁ ନେତା ମଧ୍ୟ କେହି ସୃଷ୍ଟି ହୋଇପାରୁ ନାହାନ୍ତି। ମାହାଙ୍ଗାରୁ ମମିତାଙ୍କ ପର୍ଯ୍ୟନ୍ତ ନୀରବ ରହି ଲୋକଦେଖାଣିଆ ବାଉଁଶ ଟାଟି ଧରିବା ହୋଇଗଲାଣି ଭାଜପାର ମୁଖ୍ୟ ପ୍ରତିବାଦର ଭୂମିକା। କୌତୂହଳରେ କୁହାଯାଉଛି ଯେ, ପ୍ରତ୍ୟେକ ଦିନ କିଛି କର୍ମୀ ଆସି କାର୍ଯ୍ୟାଳୟରେ ଅପେକ୍ଷାରତ। ସରକାରଙ୍କ ବିରୋଧରେ ପ୍ରତିବାଦ କରିବା ପୂର୍ବରୁ ଜଳଖିଆ ଖର୍ଚ୍ଚ ଆସିବା ସହିତ ସ୍ଲୋଗାନ ମଧ୍ୟ କାଗଜରେ ଲେଖାହୋଇ ଆସୁଛି। ସେହି କାଗଜକୁ ବାଉଁଶ ଟାଟିରେ ଲଗେଇ ଦୀର୍ଘ ୩୦ ମିନିଟ୍ ପର୍ଯ୍ୟନ୍ତ ଘୋ ଘା ହେଉଛନ୍ତି। ଗଣମାଧ୍ୟମର କ୍ୟାମେରାବାଲା ଫେରିଯିବା ପରେ ପ୍ରତିବାଦ ମଳିନ ପଡ଼ିଯାଉଛି।

ଏହି ଦୁଇ ମୁଖ୍ୟ ବିରୋଧୀଦଳକୁ ଦେଖିଲେ ଓଡ଼ିଶା ରାଜନୀତି ସମ୍ପର୍କରେ ଅତି ଗଭୀର ଭାବେ ବୁଝିବା ସମ୍ଭବପର ହେଉଛି। ଢଗ ଅଛି-'ଲୁଚିଛିନା ଗୋଡ଼ ଦିଇଟା ଦିଶୁଛି।' ଏହି ଦୁଇ ଦଳର ନେତୃବୃନ୍ଦ ଭାବୁଛନ୍ତି ସେମାନଙ୍କର ସାଲିସକୁ ବୁଝିବା ପାଇଁ ଓଡ଼ିଶାବାସୀ ଅକ୍ଷମ।

# ମାରି, ପୋଡ଼ି ପୋତିଦେଲେ



ମହାଲିଙ୍ଗ ହାଇସ୍କୁଲର ନିର୍ମାଣାଧୀନ ଷ୍ଟାଡିୟମରେ ଜେସିବି ଦ୍ୱାରା ମାଟି ଖୋଳାଯାଉଥିବା ବେଳେ ଲୋକଙ୍କ ଭିଡ଼।

**ଭବାନୀପାଟଣା/ଗୋଲାମୁଣ୍ଡା, ୧୯।୧୦(ସ୍ୱ.ପ୍ର./ଡି.ଏନ୍.ଏ.)**

୧୧ ଦିନ ଧରି ନିଖୋଜ ଥିବା ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀ ଗାଁର ମମିତା ମେହେରଙ୍କୁ ମାରି, ପୋଡ଼ି ପୋତି ଦିଆଯାଇଛି। ମମିତା କଳାହାଣ୍ଡି ଜିଲା କେଗାଁ ଥାନା ଅଧୀନ ମହାଲିଙ୍ଗସ୍ଥିତ ଏକ ଘରୋଇ କଲେଜ ପରିସରରେ ଚାଲିଥିବା ସ୍କୁଲରେ ଅଧକ୍ଷା ଥିଲେ। ମଙ୍ଗଳବାର ସକାଳୁ ପୋଲିସ କୌଣସି ସୂତ୍ରରୁ ଖବର ପାଇ ମହାଲିଙ୍ଗ ହାଇସ୍କୁଲର ନିର୍ମାଣାଧୀନ ଷ୍ଟାଡିୟମର ନିର୍ଦ୍ଦିଷ୍ଟ ସ୍ଥାନରେ ଜେସିବି ସାହାଯ୍ୟରେ ଖୋଳିଥିଲା। ୩ ଘଣ୍ଟା ପରେ ୮ ଫୁଟ ମାଟି ତଳୁ ଏକ ଅର୍ଦ୍ଧଦଗ୍ଧ ମୃତଦେହ ମିଳିଛି। ସେଠାରୁ ପାଉଁଶ, ଭ୍ୟାନିଟି ବ୍ୟାଗ୍, ଚେନ୍, ପାଉଁଜି, ମୁଦି ଆଦି ଜବତ କରାଯାଇଛି। ସେସବୁ ସାମଗ୍ରୀ ମମିତାଙ୍କର ବୋଲି ତାଙ୍କ ପରିବାରବର୍ଗ ଚିହ୍ନଟ କରିଛନ୍ତି। ହେଲେ ମୃତଦେହ ଅଧା ପୋଡ଼ିଯାଇଥିବାରୁ ତାହା ମମିତାଙ୍କର କି ନାହିଁ ତାହା ଜାଣିବା ପାଇଁ ଫରେନସିକ୍ ଯାଞ୍ଚ କରାଯିବ ବୋଲି ପୋଲିସ କହୁଛି।



**ମମିତା ମେହେର ଅପହରଣ ଘଟଣା**

ଏହି ଘଟଣାରେ କଳାହାଣ୍ଡି ଜିଲା ପୋଲିସ ସ୍ଥାନୀୟ ଅଞ୍ଚଳର ୫/୬ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି। ସେଥିମଧ୍ୟରେ ମହାଲିଙ୍ଗ ଯୁକ୍ତ ୨ କଲେଜ ଅଧକ୍ଷ, ଅଭିଯୁକ୍ତ ଗୋବିନ୍ଦଙ୍କ ଜେସିବି ଚାଳକ ଓ ତାଙ୍କ ବ୍ୟକ୍ତିଗତ ଗାଡି ଚାଳକ ପ୍ରମୁଖ ରହିଥିବା ଜଣାପଡିଛି।

ପୋଲିସ ସୋମବାର ରାତିଅଧିଆ ମହାଲିଙ୍ଗ ହାଇସ୍କୁଲ ନିର୍ମାଣାଧୀନ ଷ୍ଟାଡିୟମକୁ ଆସି ଜର୍ଜନ କରି ଜଗି ରହିବା ଘଟଣା ରହସ୍ୟାବୃତ କରିଥିଲା। ମଙ୍ଗଳବାର ସକାଳେ ସେଠାରେ ପୋଲିସ ଜଗିଥିବାବେଳେ ୧୪୪ ଧାରା ଜାରି କରାଯାଇ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ସାଇଣ୍ଟିଫିକ୍ ଟିମ୍, ମାଜିଷ୍ଟ୍ରେଟ ଦାୟିତ୍ୱରେ ଗୋଲାମୁଣ୍ଡା ଅତିରିକ୍ତ ତହସିଲଦାର ବଲାଙ୍ଗୀର ଅତିରିକ୍ତ ଏସ୍‌ପି, କଣ୍ଟାବାଞ୍ଜି ଏସ୍‌ଡିପିଓ, ସିନ୍ଧେକେଲା ଆଇଆଇସି, କେଗାଁ ଥାନା ଆଇଆଇସିଙ୍କ ସହ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଜେସିବି ଦ୍ୱାରା ୨ ସ୍ଥାନରେ ମାଟି ଖୋଳିବା ପରେ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରାଯାଇଥିଲା। ସେହି ସମୟରେ ହଠାତ୍ ଭାଜପା ମହିଳା ମୋର୍ଚ୍ଚା କର୍ମୀମାନେ ଘଟଣାସ୍ଥଳକୁ ଆସି ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି କରି ସ୍ଲୋଗାନ ଦେବାସହ ଜେସିବି ଖୋଳା ହେବା ସ୍ଥାନକୁ ଧସେଇ ☞ପୃଷ୍ଠା-୪

ଆଜି କଳାହାଣ୍ଡି ବନ୍ଦ: ପୃଷ୍ଠା-୩

## ମିଳିଥିବା ଅସ୍ଥିର ଫରେନ୍‌ସିକ୍ ଯାଞ୍ଚ ହେବ: ଡିଆଇଜି

**ବଲାଙ୍ଗୀର ଅଫିସ, ୧୯।୧୦**

କଳାହାଣ୍ଡି ଜିଲା ମହାଲିଙ୍ଗ ଗ୍ରାମର ନିର୍ମାଣାଧୀନ ଷ୍ଟାଡିୟମ ଭିତରେ ପ୍ରାୟ ୮ ଫୁଟ୍ ଖୋଳାଯିବା ପରେ ସେଠାରୁ କିଛି ହାଡ଼ ବା ଅସ୍ଥି ଖଣ୍ଡ, ଏକ ସୁନାଚେନ୍, ପାଉଁଜି ଏବଂ ଏକ ବ୍ୟାଗ୍ ଜବତ କରାଯାଇଛି। ପ୍ରାପ୍ତ ଅସ୍ଥିଗୁଡ଼ିକର ଫରେନ୍‌ସିକ୍ ଯାଞ୍ଚ କରାଯିବ ବୋଲି ଉତ୍ତରାଞ୍ଚଳ ଡିଆଇଜି ଡା. ଦୀପକ କୁମାର ମଙ୍ଗଳବାର ସୂଚନା ଦେଇଛନ୍ତି। ଫରେନ୍‌ସିକ୍ ଯାଞ୍ଚ ପରେ ଉକ୍ତ ଅସ୍ଥି ବା ହାଡ଼ କାହାର, ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ମମିତା ମେହେର ଅପହରଣ ଘଟଣାର ☞ପୃଷ୍ଠା-୪

## ଆଖୁକିଆରିରୁ ଗୋବିନ୍ଦ ଗିରଫ

**ବଲାଙ୍ଗୀର ଅଫିସ/ଟିଟିଲାଗଡ଼/ କଣ୍ଟାବାଞ୍ଜି, ୧୯।୧୦ (ଡି.ଏନ୍.ଏ.)**

ଟିଟିଲାଗଡ଼ ପୋଲିସ ବାରାକ୍‌ରୁ ରବିବାର ରାତିରୁ ଫେରାର ହୋଇଯାଇଥିବା ବହୁଚର୍ଚ୍ଚିତ ସ୍କୁଲ ଅଧକ୍ଷା ମମିତା ମେହେର ଅପହରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ବଲାଙ୍ଗୀର ପୋଲିସ ଗିରଫ କରିଛି। ଫେରାର ହେବାର ପ୍ରାୟ ୪୨ ଘଣ୍ଟା ପରେ ମଙ୍ଗଳବାର ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ବୁଢ଼ୀପଦର ଗ୍ରାମ ନିକଟ ଜଙ୍ଗଲ ଭିତର ଏକ ଆଖୁ କିଆରିରୁ ତାଙ୍କୁ ଗିରଫ କରାଯାଇଛି। ଗିରଫ ପରେ ଗୋବିନ୍ଦଙ୍କୁ ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ବଲାଙ୍ଗୀର ଏସ୍‌ପି ଅଫିସକୁ ଅଣାଯାଇଥିଲା। ଉତ୍ତରାଞ୍ଚଳ ଡିଆଇଜି ଡା. ଦୀପକ କୁମାର ଏସ୍‌ପି ଅଫିସରେ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଗିରଫଦାରି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଟିଟିଲାଗଡ଼ ବାରାକ୍‌ରୁ ସେ କିଭଳି ଭାବେ ଫେରାର ହୋଇଥିଲେ, ଫେରାର ପଛରେ କାହାର ହାତ ରହିଛି, ଏଥିରେ ସେ ଏକା ସମ୍ପୃକ୍ତ ଥିଲେ ନା ଆଉ କାହାର ସମ୍ପୃକ୍ତି ରହିଛି,



ଆଦି ଦିଗକୁ ନିଆଯାଇ ତଦନ୍ତ କରାଯିବ ବୋଲି କହିଛନ୍ତି। ମମିତା ମେହେର ଅପହରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ହୋଇଥିବାରୁ ବର୍ତ୍ତମାନ ☞ପୃଷ୍ଠା-୪

## ହିନ୍ଦୀ ଆସେନି ବୋଲି ରିଫଣ୍ଡ ଦେଇନୁ

**ନୂଆଦିଲ୍ଲୀ, ୧୯।୧୦**

ଚେନ୍ନାଇର ବିକାଶ ନାମକ ଜଣେ ଗ୍ରାହକ ଅଭିଯୋଗ ଆଣିଛନ୍ତି ଯେ ଜମାଟୋର ଜଣେ କର୍ମଚାରୀ ତାଙ୍କ ସହ ହିନ୍ଦୀ ଭାଷାକୁ ନେଇ ଯୁକ୍ତିତର୍କ କରିଛନ୍ତି। ଯୁକ୍ତିତର୍କ ବେଳର ଚାଟ୍‌ର ସ୍କ୍ରିନଶଟ୍‌କୁ ବିକାଶ ଟୁଇଟରରେ ଶେୟାର କରିଛନ୍ତି। ଏହା ପରେ ଜମାଟୋ ସାର୍ବଜନୀନ ଭାବେ କ୍ଷମା ମାଗିଛି। ହ୍ୟାଶ୍‌ଟ୍ୟାଗ୍ ରିଜେକ୍ଟ ଜମାଟୋ ମଙ୍ଗଳବାର ସୋସିଆଲ ମିଡିଆରେ ଟ୍ରେଣ୍ଡ କରିଛି। ଫୁଡ୍ ଅର୍ଡରକୁ ନେଇ ଜମାଟୋ ନୂଆ ବିବାଦରେ ଫସିଛି। ତାମିଲନାଡୁର ଜଣେ ଗ୍ରାହକ ଉକ୍ତ କମ୍ପାନୀର ଜଣେ କର୍ମଚାରୀ ବିରୋଧରେ




**ବିବାଦରେ ଜମାଟୋ**

ଅଭିଯୋଗ ଆଣିଛନ୍ତି। ଗ୍ରାହକ ବିକାଶ କହିଛନ୍ତି, ସେ ଖାଦ୍ୟ ମଗାଇଥିଲେ। ଅର୍ଡରରେ ଏକ ଖାଦ୍ୟ ନ ଥିବା ଦେଖି ସେ ରିପୋର୍ଟ କରିବାକୁ କମ୍ପାନୀକୁ ଫୋନ୍ କରିଥିଲେ। ☞ପୃଷ୍ଠା-୪

## ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିକ୍ଷୋଭ, ପଦଯାତ୍ରା

**ଭବାନୀପାଟଣା/ବଲାଙ୍ଗୀର ଅଫିସ୍/ କଣ୍ଟାବାଞ୍ଜି, ୧୯।୧୦ (ଡି.ଏନ୍.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ପରିବାରକୁ ନ୍ୟାୟ ଓ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଭାଜପା, କଂଗ୍ରେସ ସମେତ ବିଭିନ୍ନ ସଙ୍ଗଠନ। ଏଥି ସହିତ ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବି କରି ବଲାଙ୍ଗୀର ଓ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଭାଜପା ଓ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଭବାନୀପାଟଣା ଟାଉନ ଥାନା ପରିସର, ଜୁନାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡ ଓ ଧର୍ମଗଡ଼ର ଚାରିଛକଠାରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଗୃହ ରାଷ୍ଟ୍ରମନ୍ତ୍ରୀ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଘଟଣାରେ ଦଳ ପକ୍ଷରୁ ମନ୍ତ୍ରୀ ମିଶ୍ରଙ୍କ ଇସ୍ତଫା ଦାବି କରାଯାଇଛି। ନଚେତ୍ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ନିବେଦନ କରାଯାଇଛି। ଏଥିରେ ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ, ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ମହମ୍ମଦ ସାହେବ, ବରିଷ୍ଠ ନେତା ପରମାନନ୍ଦ ପୂଝାରୀ, ଚିତ୍ତରଞ୍ଜନ ନିଆଲ, ତ୍ରିଲୋଚନ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଜିଲା ଭାଜପା ପକ୍ଷରୁ ☞ପୃଷ୍ଠା-୪




ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଝରଣୀ ଗାଁରୁ ବାହାରିଥିବା ପଦଯାତ୍ରୀ ଦଳ କଣ୍ଟାବାଞ୍ଜି ସହର ପରିକ୍ରମା କରୁଛନ୍ତି।

**ମମିତା ହତ୍ୟା ଘଟଣାର ସନ୍ଦିଗ୍ଧ ଗୋବିନ୍ଦ ସାହୁ ଗିରଫ।**




## ଅପହଞ୍ଚ ଅନ୍‌ଲାଇନ ଶିକ୍ଷା

**ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)**

କରୋନା ମହାମାରୀ ଯୋଗୁ ଗତ ପ୍ରାୟ ୧୮ ମାସ ହେବ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ସରକାର ଅନ୍‌ଲାଇନ୍ ଶିକ୍ଷା ପ୍ରଦାନ କରୁଛନ୍ତି। କିନ୍ତୁ ବିଭିନ୍ନ ସମସ୍ୟା ଯୋଗୁ ଏହି ଅନ୍‌ଲାଇନ୍ ଶିକ୍ଷା ସମସ୍ତଙ୍କ ପାଖରେ ପହଞ୍ଚିପାରୁନାହିଁ। ଗ୍ରାମାଞ୍ଚଳରେ ମାତ୍ର ୮% ପିଲା ସବୁବେଳେ ଅନ୍‌ଲାଇନ୍ ପାଠ ପଢୁଥିବା ବେଳେ ୩୭% ଆଦୌ ପଢୁନାହାନ୍ତି। ଫଳରେ ଅନ୍‌ଲାଇନ ଶିକ୍ଷା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଜଣାପଡ଼ିଛି। ତେଣୁ ଅଧିକାଂଶ ଅଭିଭାବକ ଯଥାଶୀଘ୍ର ସ୍କୁଲ ଖୋଲିବାକୁ ଚାହୁଁଛନ୍ତି। ସ୍କୁଲ ଶିକ୍ଷା ଉପରେ ହୋଇଥିବା ସର୍ଭେ ରିପୋର୍ଟ 'ଲକ୍‌ଡ ଆଉଟ୍'ରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଓଡ଼ିଶା ସମେତ ଆସାମ, ବିହାର, ଚଣ୍ଡିଗଡ଼, ଦିଲ୍ଲୀ, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ନାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ ଆଦି ୧୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପିଲାଙ୍କୁ ନେଇ ଗତ ଅଗଷ୍ଟରେ ୧୦୦ ଭଲ୍ୟୁଣ୍ଟିୟରଙ୍କ ଦ୍ୱାରା ହୋଇଥିବା ଏହି ସର୍ଭେ କରାଯାଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୧,୩୬୨ ପିଲା ଓ ୧୩୬୨ ପରିବାରକୁ ନେଇ ଏହି ସର୍ଭେ ହୋଇଥିଲା। ମଙ୍ଗଳବାର ଭୁବନେଶ୍ୱରର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ୱାର୍କ ଆଣ୍ଡ୍ ସୋସିଆଲ ସାଇନ୍ସେସ୍‌ଠାରେ ଏହି ରିପୋର୍ଟକୁ ଉନ୍ମୋଚନ କରାଯାଇଛି।

**'ଲକ୍‌ଡ ଆଉଟ୍' ସର୍ଭେ ରିପୋର୍ଟ**

- ସହରାଞ୍ଚଳରେ ୪୭, ଗ୍ରାମାଞ୍ଚଳରେ ୨୮% ପିଲା ପଢୁଛନ୍ତି
- ସ୍କୁଲ ଖୋଲାଯିବାକୁ ଚାହୁଁଛନ୍ତି ୯୦% ଅଭିଭାବକ

ରିପୋର୍ଟରେ ଦର୍ଶାଯାଇଛି ଯେ, ସହରାଞ୍ଚଳରେ ୪୭ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୨୮ ପ୍ରତିଶତ ପିଲା ରେଗୁଲାର ଅନ୍‌ଲାଇନ୍ ଶିକ୍ଷା ନେଉଛନ୍ତି। ଅଧିକାଂଶ ଲୋକଙ୍କ ପାଖରେ ସ୍ମାର୍ଟ ଫୋନ୍ ନାହିଁ। ଆଉ ଯାହା ପାଖରେ ସ୍ମାର୍ଟ ଫୋନ୍ ଅଛି ସେମାନଙ୍କ ମଧ୍ୟରେ ସହରାଞ୍ଚଳରେ ମାତ୍ର ୩୧% ଏବଂ ଗ୍ରାମାଞ୍ଚଳରେ ମାତ୍ର ୧୫% ପିଲା ରେଗୁଲାର୍ ଅନ୍‌ଲାଇନ୍ ପାଠ ପଢୁଛନ୍ତି। ସେହିଭଳି ଆଉ ଏକ ସମସ୍ୟା ହେଉଛି ବିଶେଷକରି ଗ୍ରାମାଞ୍ଚଳରେ ଦେଖାଯାଇଛି ଯେ ସ୍କୁଲ ପକ୍ଷରୁ କୌଣସି ଅନ୍‌ଲାଇନ୍ ଉପକରଣ ପଠାଯାଉନାହିଁ। ଆଉ ଯଦି ବି କେଉଁଠି ପଠାଯାଉଛି ତାହା ଅଭିଭାବକମାନେ ବୁଝିପାରୁନାହାନ୍ତି। ସେହିଭଳି ସହରାଞ୍ଚଳରେ ୧୨ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୧୦ ପ୍ରତିଶତ ପିଲା ଅନ୍‌ଲାଇନ୍ ଶିକ୍ଷା ବୁଝିପାରୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଲକ୍‌ଡାଉନ୍ ସମୟରେ ଅଧିକାଂଶ ପିଲାଙ୍କ ପାଠପଢ଼ା ଓ ଲେଖିବାର ଦକ୍ଷତା କମିଯାଇଥିବା ☞ପୃଷ୍ଠା-୪

## ସଂକ୍ଷେପରେ

### ଏନ୍‌ସି ଛାଡ଼ିଲେ ଆଉ ଜଣେ ନେତା

**ଶ୍ରୀନଗର,୧୯।୧୦:** ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି)ର ବନି ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ପ୍ରେମ ସାଗର ଅଜିଜ୍ ମଙ୍ଗଳବାର ଦଳ ଛାଡ଼ିଛନ୍ତି। ସେ ନିକଟରେ ଭାଜପାରେ ମିଶିଥିବା ତାଙ୍କ ପୂର୍ବ ସହଯୋଗୀ ଦେବେନ୍ଦର ରାଣାଙ୍କୁ ସମର୍ଥନ ଜଣାଇଛନ୍ତି। ଦଳୀୟ ସମର୍ଥକଙ୍କ ସହ ଏନ୍‌ସିର ପ୍ରାଥମିକ ସଦସ୍ୟତା ତ୍ୟାଗ କରିଥିବା ଅଜିଜ କହିଛନ୍ତି। ପ୍ରକାଶ ଯେ, ଗତ ୧୦ ତାରିଖରେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ଭାଇ ତଥା ଏନ୍‌ସି ନେତା ରାଣାଙ୍କ ସହ ପୂର୍ବତନ ମନ୍ତ୍ରୀ ଏସ୍.ଏସ୍. ସ୍ଲାଥିଆ ଦଳ ଛାଡ଼ିଥିଲେ। ଏହାର ଦିନକ ପରେ ଦୁହେଁ ଦିଲ୍ଲୀ ଯାଇ ଭାଜପାରେ ସାମିଲ ହୋଇଥିଲେ। ରାଣାଙ୍କ ଯୋଗୁ ସେ ଫାରୁକ୍ ଅବ୍ଦୁଲ୍ଲାଙ୍କ ଏନ୍‌ସିରେ ମିଶିଥିଲେ। ଏବେ ରାଣା ଏନ୍‌ସି ଛାଡ଼ିଥିବାରୁ ଦଳରେ ରହିବାର ଆବଶ୍ୟକତା ନାହିଁ ବୋଲି ଅଜିଜ୍ କହିଛନ୍ତି।

### ଏମ୍‌ପି ପଦ ଛାଡ଼ିଲେ ବାବୁଲ ସୁପ୍ରିୟୋ



**ନୂଆଦିଲ୍ଲୀ,୧୯।୧୦:** ଗାୟକରୁ ରାଜନେତା ପାଲଟିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଭାଜପାରୁ ଇସ୍ତଫା ଦେଇଛନ୍ତି। ସେ ଭାଜପା ଟିକେଟରେ ପଶ୍ଚିମବଙ୍ଗର ଆସନସୋଲ ଆସନରୁ ଜିତି ଲୋକ ସଭାକୁ ଯାଇଥିଲେ। ଦଳ ତ୍ୟାଗ କରି ଟିଏମ୍‌ସିରେ ମିଶିଥିବାରୁ ଏମ୍‌ପି ପଦରେ ଆଉ ରହିବାକୁ ଚାହୁଁ ନ ଥିବା କହିଆସୁଥିଲେ। ବାବୁଲ ମଙ୍ଗଳବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ସାକ୍ଷାତ୍ କରି ନିଜ ଇସ୍ତଫାପତ୍ର ଦେଇଛନ୍ତି।

### ଜର୍ମାନୀରେ ମେଣ୍ଟ କସରତ: ୩ ଦଳ ସହମତ

**ବର୍ଲିନ,୧୯।୧୦:** ଜର୍ମାନୀରେ ନୂଆ ମେଣ୍ଟ ସରକାର ଗଠନ ପାଇଁ ଫ୍ରି ଡେମୋକ୍ରାଟିକ୍ ପାର୍ଟି (ଏଫ୍‌ଡିପି), ସୋସିଆଲ ଡମୋକ୍ରାଟିକ୍ ପାର୍ଟି (ଏସ୍‌ପିଡି) ଏବଂ ଗ୍ରୀନ୍ ପାର୍ଟି ମଧ୍ୟରେ ସହମତି ପ୍ରକାଶ ପାଇଛି। ମେଣ୍ଟ ସରକାର ଗଠନ ପାଇଁ ଆଲୋଚନା କରିବାକୁ ଏସ୍‌ପିଡି ଅକ୍ଟୋବର ୧୫ରେ ପ୍ରଥମେ ଆଗ୍ରହ ପ୍ରକାଶ କରିଥିଲା। ରବିବାର ଗ୍ରୀନ୍ ପାର୍ଟି ମଧ୍ୟ ଏ ଦିଗରେ ଅଗ୍ରସର ହୋଇଥିବା ଟୁଇଟରରେ ଜଣାଇଥିଲା। ୩ ଦଳର ଗୋଟିଏ ଲକ୍ଷ୍ୟ ରହିଛି। ଖ୍ରିଷ୍ଟମାସ୍ ପୂର୍ବରୁ ଆଲୋଚନା ଶେଷ ହେବ ଓ ଆମେ ମେଣ୍ଟ ସରକାର ଗଢ଼ିବୁ ବୋଲି ଏସ୍‌ଡିପିର ଚାନ୍ସେଲର ପ୍ରାର୍ଥୀ ଓଲାଫ୍ ସ୍କୋଲ୍‌ଜ ଏକ ସାକ୍ଷାତ୍‌କାରରେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସେପ୍ଟେମ୍ବର ୧୯ରେ ଅନୁଷ୍ଠିତ ଫେଡେରାଲ ଇଲେକ୍ସନରେ କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ଚାନ୍ସେଲର ଆଞ୍ଜେଲା ମର୍କେଲଙ୍କ ଉତ୍ତରାଧିକାରୀ ଚୟନକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା।

# ମନ୍ତ୍ରୀଙ୍କ ବାସଭବନକୁ ଅଣ୍ଡାମାଡ଼





ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବାସଭବନ ଉପରକୁ ଛାତ୍ର କଂଗ୍ରେସ କର୍ମୀମାନେ ଅଣ୍ଡା ମାଡ଼ କରୁଛନ୍ତି ଏବଂ ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ମହିଳା ଓ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ।

**ମମିତା ଅପହରଣ, ହତ୍ୟା ମାମଲା**

**ଇସ୍ତଫା ଦାବିକଲା ମହିଳା କଂଗ୍ରେସ**

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

କଳାହାଣ୍ଡି ମହାଲିଙ୍ଗର ଶିକ୍ଷୟିତ୍ରୀ ମମିତା ମେହେରଙ୍କ ଅପହରଣ ଓ ହତ୍ୟା ମାମଲାରେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଅଡୁଆ ବଢ଼ିବାରେ ଲାଗିଛି। ମୁଖ୍ୟ ଅଭିଯୁକ୍ତ ସନ୍‌ସାଇନ ସ୍କୁଲର ମୁଖ୍ୟ ତଥା ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁଙ୍କ ସହ ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ସୋମବାର ଉଭୟ ଭାଜପା ଓ କଂଗ୍ରେସ ଅଭିଯୋଗ ଆଣିଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ମଙ୍ଗଳବାର ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମନ୍ତ୍ରୀ ମିଶ୍ରଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଘେରାଉ କରାଯାଇଥିଲା। ପ୍ରଥମେ ଶତାଧିକ ଛାତ୍ର କଂଗ୍ରେସ କର୍ମୀ କଂଗ୍ରେସ ଭବନରୁ ବାହାରି ବାଇକ୍ ଶୋଭାଯାତ୍ରାରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସରକାରୀ ବାସଭବନ ନିକଟରେ ପହଞ୍ଚି ଥିଲେ। ସେଠାରେ ମନ୍ତ୍ରୀ ଓ ବିଜେଡି ସରକାର ବିରୋଧରେ ନାରାବାଜି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ମନ୍ତ୍ରୀଙ୍କ ବାସଭବନ ଉପରକୁ ଅଣ୍ଡାମାଡ଼ କରିଥିଲେ। ପୋଲିସ ସ୍ଥିତିକୁ ଆୟତ୍ତ କରିବା ସହ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର, ନୀହାର ବେହେରା, ସାଗର ପଟ୍ଟନାୟକ, ବାବୁ ଜେନା, ଅଖିଳେଶ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ସମିଉଲ୍ ହକ୍, ଚିତ୍ତରଞ୍ଜନ ସାହୁ, ଅହମ୍ମଦ ଖାନ୍, ଆର୍ଯ୍ୟନ ସାମଲ ଓ ସାମ୍‌ସନ୍ ଦାସଙ୍କ ସମେତ ୪୦ ଆନ୍ଦୋଳନକାରୀ କଂଗ୍ରେସ କର୍ମକର୍ତ୍ତାଙ୍କୁ ଅଟକ ରଖିଥିଲା। ପରେ ପର୍ଯ୍ୟାୟ କ୍ରମେ ପ୍ରଥମେ ୩୦ ଜଣ ଏବଂ ପରେ ୧୦ ଜଣଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି। ଘଟଣା ଉପରେ ମନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ଅଣ୍ଡାମାଡ଼ ଘଟଣା ପରେ ମନ୍ତ୍ରୀଙ୍କ ସରକାରୀ ବାସଭବନରେ ପୋଲିସ ମୁତୟନ କରାଯାଇଛି।

ମମିତା ନିଖୋଜ ଓ ହତ୍ୟା ଘଟଣାର ପ୍ରତିବାଦ ସ୍ୱରୂପ ପ୍ରଦେଶ ମହିଳା କଂଗ୍ରେସ କମିଟି ଏବଂ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ମିଳିତଭାବେ ମାଷ୍ଟରକ୍ୟାଣ୍ଟିନ ଛକରେ ମଙ୍ଗଳବାର ଅପରାହ୍ନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ବିଧାୟକ ସନ୍ତୋଷ ସିଂ ସାଲୁଜା, ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ ଓ କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭରେ ମୁଖ୍ୟମନ୍ତ୍ରୀ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର ଦାବି କରାଯାଇଥିଲା।

# ମୋଦିଙ୍କୁ ନୀରବ ସମର୍ଥନ କରୁଛନ୍ତି ନବୀନ

**ଦରବୃଦ୍ଧି ପ୍ରତିବାଦରେ ଛାତ୍ର କଂଗ୍ରେସର ରାସ୍ତା ଅବରୋଧ**

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)



ଯୁବ କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ।

ତୈଳ, ରନ୍ଧନଗ୍ୟାସ ଓ ଅତ୍ୟାବଶକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍‌ଠାରେ ରାସ୍ତା ଅବରୋଧ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦରବୃଦ୍ଧି ପାଇଁ ଦାୟୀ କରି ଉଭୟଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

ଏହି ପରୀପ୍ରେକ୍ଷୀରେ ପାତ୍ର କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ନିଷ୍ପତ୍ତିରେ ଏବେ ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ ଏବଂ ସମସ୍ତ ଅତ୍ୟାବଶକ ସାମଗ୍ରୀର ଦର ଅତି ଅମାନବୀୟ ଭାବେ ବୃଦ୍ଧି କରାଯାଇଛି। ପେଟ୍ରୋଲ ଓ ଡିଜେଲ ଦର ୧୦୦ ଟଙ୍କା ପାର ହୋଇଥିବା ବେଳେ ରନ୍ଧନଗ୍ୟାସ ୧୦୦୦ ଟଙ୍କା ମୁହାଁ ହୋଇଛି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ମଧ୍ୟ ମୋଦି ସରକାରଙ୍କ ଏହି ଦରବୃଦ୍ଧି ବିରୋଧରେ ନୀରବ ସମର୍ଥନ କରୁଛନ୍ତି। ଦରବୃଦ୍ଧି ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଯୁବ କଂଗ୍ରେସ ମୁଖପାତ୍ର ଅଜୟ ସାହୁ, ସଂକୁନା କହଁର, କୃଷ୍ଣ ମହାନ୍ତି, ସୁବ୍ରତ ମହାପାତ୍ର, ସାଗର ପଟ୍ଟନାୟକ, ସୁରଜ ରାଉତ, ବଳରାମ ନନ୍ଦ, ବିଶ୍ୱଜିତ ଦାସ, ଅବଦୁଲ ଶାହାରୁଖ ଖାନ, ଶାଶ୍ୱତ ନନ୍ଦ, ପୀୟୂଷ ରଞ୍ଜନ ଜେନା, ପ୍ରତ୍ୟୁଷ ପ୍ରଧାନ, ପ୍ରତ୍ୟୁଷ କହଁର, ରାଜେଶ ନାୟକ, ସିଦ୍ଧାର୍ଥ ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମହିଳାଙ୍କୁ ୪୦% ଟିକେଟ ଦେବ କଂଗ୍ରେସ

**ୟୁପି ନିର୍ବାଚନ**

ନୂଆଦିଲ୍ଲୀ,୧୯।୧୦



ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ଆସନ୍ତା ଫେବୃୟାରୀ-ମାର୍ଚ୍ଚରେ ହେବାକୁ ଥିବା ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ପାର୍ଟି ୪୦% ମହିଳାଙ୍କୁ ଟିକେଟ ଦେବ। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଙ୍ଗଳବାର ଲକ୍ଷ୍ନୌରେ ଏନେଇ ସୂଚନା ଦେଇଛନ୍ତି। ମହିଳାମାନେ କ୍ଷମତା ରାଜନୀତିରେ ସମ୍ପୂର୍ଣ୍ଣ ସହଭାଗୀ ହୁଅନ୍ତୁ ବୋଲି କଂଗ୍ରେସ ଚାହେଁ। ଏହା ଆମର ପ୍ରଥମ ପ୍ରତିଶ୍ରୁତି। ମହିଳାଙ୍କ ପାଇଁ ଦଳ ୪୦% ଟିକେଟ ସଂରକ୍ଷିତ ରଖୁଛି ବୋଲି ପ୍ରିୟଙ୍କା କହିଛନ୍ତି।

ୟୁପିରେ ନିଜ ସମର୍ଥନ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ କଂଗ୍ରେସ ନୂଆ ରଣନୀତି ଆପଣାଇଛି। ଆସନ୍ତା ବର୍ଷ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ କଂଗ୍ରେସ ୪୦ ପ୍ରତିଶତ ମହିଳାଙ୍କୁ ଟିକେଟ ଦେବ ବୋଲି ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା କହିଛନ୍ତି। ତେବେ ସେ ନିଜେ ନିର୍ବାଚନ ଲଢ଼ିବେ କି ନାହିଁ ସେନେଇ କିଛି ସ୍ପଷ୍ଟ କରିନାହାନ୍ତି। ଏହି ବିଷୟରେ ପରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ୨୦୧୭ ନିର୍ବାଚନରେ ୪୦୩ ଆସନ ବିଶିଷ୍ଟ ୟୁପି ବିଧାନସଭାର ମାତ୍ର ୭ଟି ଆସନ ଦଖଲ କରିବାରେ ସକ୍ଷମ ହୋଇଥିବା କଂଗ୍ରେସ ଏଥର ଉନ୍ନତ ପ୍ରଦର୍ଶନ ପାଇଁ ଆଶାବାଦୀ। ଏଥିଲାଗି ଏଥର ୪୦% ମହିଳାଙ୍କୁ ଟିକେଟ ଦିଆଯାଉଛି। ପ୍ରାର୍ଥୀ ହେବା ପାଇଁ ଆଗ୍ରହୀ ମହିଳାମାନେ ନଭେମ୍ବର ୧୫ ଭିତରେ ଆବେଦନ କରିପାରିବେ ବୋଲି ପ୍ରିୟଙ୍କା କହିଛନ୍ତି।

# ଯବାନ ମରିଛନ୍ତି, ଟି୨୦ ଖେଳିବ

**ପ୍ରଧାନମନ୍ତ୍ରୀଙ୍କୁ ଓୱାଇସିଙ୍କ ପ୍ରଶ୍ନ**

ହାଇଦ୍ରାବାଦ,୧୯।୧୦



ତେଲ ଦର ବୃଦ୍ଧି ଓ ଲଦାଖରେ ଚାଇନା ବସିଥିବା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁହଁ ଖୋଲୁନାହାନ୍ତି ବୋଲି ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ସମାଲୋଚନା କରିଛନ୍ତି। ଓୱାଇସି କହିଛନ୍ତି, ପ୍ରଧାନମନ୍ତ୍ରୀ ଚାଇନାକୁ ନେଇ କହିବା ପାଇଁ ଭୟ କରୁଛନ୍ତି। ପେଟ୍ରୋଲ, ଡିଜେଲ ଦର ସର୍ବକାଳୀନ ବୃଦ୍ଧି ଘଟିଛି। କିନ୍ତୁ ମୋଦି ଚୁପ୍। ଜମ୍ମୁ-କଶ୍ମୀରରେ ୯ ଭାରତୀୟ ଯବାନଙ୍କୁ ହତ୍ୟା କରାଯାଇଛି। କଶ୍ମୀରରେ ପାକିସ୍ତାନ ସବୁଦିନ ଭାରତୀୟଙ୍କ ସହ ୨୦-୨୦ ମ୍ୟାଚ୍ ଖେଳୁଛି। ଅକ୍ଟୋବର ୨୪ରେ ଭାରତ-ପାକିସ୍ତାନ ଟି୨୦ କ୍ରିକେଟ ମ୍ୟାଚ୍ ହେବାକୁ ଯାଉଛି। ଯବାନମାନେ ଶହୀଦ ହେଉଥିବାବେଳେ ଆପଣ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି କି ବୋଲି ଓୱାଇସି ପ୍ରଶ୍ନ କରିଛନ୍ତି।

# 'ଆବଶ୍ୟକ ହେଲେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯିବ'

ବାରିପଦା ଅଫିସ,୧୯।୧୦



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଭାଜପା ନେତୃବୃନ୍ଦ।

ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ନ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ବଣ୍ଟନ ନାଁରେ ଚାଲିଛି ପ୍ରହସନ। ପଞ୍ଚାୟତ ନିର୍ବାଚନରେ ଭୋଟ ହାତେଇବା ପାଇଁ ରାଜ୍ୟ ସରକାର ଲୋକଙ୍କୁ ଭୂଆଁ ବୁଲାଉଛନ୍ତି ବୋଲି ମୟୂରଭଞ୍ଜ ଜିଲା ଭାଜପା ଅଭିଯୋଗ କରିଛି। ସାଧାରଣ ଜନତାଙ୍କ ଅର୍ଥ ଅପଚୟ କରି ଆସନ୍ତା ୨୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସ୍ମାର୍ଟ କାର୍ଡ ବାଣ୍ଟିବାକୁ ମୟୂରଭଞ୍ଜ ଜିଲାକୁ ଆସୁଛନ୍ତି। ଆବଶ୍ୟକ ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ବିରୋଧ କରାଯିବ ବୋଲି ମୟୂରଭଞ୍ଜ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ଚେତାବନୀ ଦେଇଛନ୍ତି। ଜିଲା (ପୂର୍ବ) ଭାଜପା ସଭାପତି କାନ୍ଦରା ସୋରେନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବାରିପଦାଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଏହା କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ଜିଲାରେ ପ୍ରତିଷ୍ଠା ହୋଇଥିବା ପିଆର୍‌ଏମ୍ ମେଡିକାଲ କଲେଜକୁ ସରକାର ଆବଶ୍ୟକ ଉପକରଣ ଯୋଗାଇ ଦେଉ ନ ଥିବାରୁ ରୋଗୀମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ସେହିପରି ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଏହାକୁ ଦୁଇଥର ଲୋକାର୍ପଣ କରାଯାଇଛି। ଜିଲାରେ ଉନ୍ନୟନମୂଳକ କାର୍ଯ୍ୟରେ ବିଫଳତା ପାଇଁ ଅଧିକାରୀମାନଙ୍କୁ ସେ ତାଗିଦ୍ କରିଥିବା ବେଳେ ଏହାକୁ ଦୁର୍ବ୍ୟବହାର ଆଖ୍ୟା ଦେଇ ଓଡ଼ିଶା ପ୍ରଶାସନିକ ସେବା ସଂଘ କଳାବ୍ୟାଜ୍ ପରିଧାନ ପୂର୍ବକ ପ୍ରତିବାଦର ସ୍ୱର ଉଠାଇଥିଲା। ଶାସକ ଦଳ ଇଙ୍ଗିତରେ ସଂଘ ଏଭଳି ପ୍ରତିବାଦ କରିବା ଘଟଣାକୁ ମନ୍ତ୍ରୀ ଟୁଡୁ ନାପସନ୍ଦ କରିଛନ୍ତି। ପୂର୍ବରୁ ଶାମାଖୁଣ୍ଟା ବ୍ଲକର ତତ୍କାଳୀନ ବିଡିଓଙ୍କୁ ବିଜେଡି କର୍ମୀମାନେ ଆକ୍ରମଣ କରିବା ଘଟଣାରେ ଏହି ସଂଘ କାହିଁକି ମୁହଁ ଖୋଲି ନ ଥିଲା ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା (ପଶ୍ଚିମ) ସଭାପତି ତଥା ବିଧାୟକ ନବ ଚରଣ ମାଝିଙ୍କ ସମେତ ଯଶୀପୁର, ବଡ଼ସାହି, ବାରିପଦା, ଉଦଳା ଓ ସାରସକଣା ବିଧାୟକ ଏବଂ ଦଳର ବରିଷ୍ଠ ନେତୃବୃନ୍ଦ ତଥା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବଲାଙ୍ଗୀର, କଳାହାଣ୍ଡି ଗଲେ ଭାଜପା ପ୍ରତିନିଧି ଦଳ

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

**ମମିତା ମେହେର ନିଖୋଜ ଘଟଣା**

**ଆନ୍ଦୋଳନ ଚେତାବନୀ ଦେଲା ଭାଜପା**

ବହୁଚର୍ଚ୍ଚିତ ସନ୍‌ସାଇନ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ନିଖୋଜ ଘଟଣା ଉପରୁ ପ୍ରାଥମିକ ଭାବେ ପରଦା ଉଠିଛି। ମାଟିତଳୁ ମମିତା ବ୍ୟବହାର କରୁଥିବା କିଛି ଜିନିଷ ମିଳିଥିବା ବେଳେ ଏକ ଗଳିତ ମୃତଦେହ ମଧ୍ୟ ଉଦ୍ଧାର କରାଯାଇଛି। ଏହି ଘଟଣାକୁ ନେଇ ବିରୋଧୀ ଜୋର୍‌ଦାର ଟାର୍ଗେଟ କରିବା ଆରମ୍ଭ କରିଦେଇଛନ୍ତି। ଘଟଣାରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାପତି ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ଦଳ ବଲାଙ୍ଗୀର ଓ କଳାହାଣ୍ଡି ଜିଲା ଗସ୍ତ କରିଛନ୍ତି। ଟିମ୍ ୨ ଦିନ ଗସ୍ତରେ ରହି ତଥ୍ୟ ସଂଗ୍ରହ କରିବେ। ଭାଜପା କହିଛି, ଦୀର୍ଘ ୧୧ ଦିନ ପରେ ମାଟିତଳୁ ମୃତଦେହ ମିଳିବା ସମସ୍ତଙ୍କୁ ଆଚମ୍ଭିତ କରିବା ସହ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ପଦାରେ ପକାଇଛି। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଗିରଫ ହୋଇ ହାଜତରେ ଥିଲାବେଳେ ସେଠାରୁ ଖସିଯିବା ସନ୍ଦେହ ସୃଷ୍ଟି କରିଛି। ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର ଗୋବିନ୍ଦ ସାହୁଙ୍କ ସହ ଉତ୍ତମ ସମ୍ପର୍କ ଏବଂ ଏହି ଘଟଣା ପଛରେ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିବା କଥା ମଧ୍ୟ ଚର୍ଚ୍ଚାକୁ ଆସିଛି। ଏହି ପ୍ରତିନିଧି ମମିତାଙ୍କ ପରିବାରଙ୍କୁ ଭେଟିବା ସହ ତଦନ୍ତ ପ୍ରସଙ୍ଗରେ ସ୍ଥାନୀୟ ପୋଲିସ ଓ ପ୍ରଶାସନ ସଙ୍ଗେ ଆଲୋଚନା କରିବେ। ଅନ୍ୟପଟେ ଏହି ଘଟଣାରେ ଭାଜପା ଭୁବନେଶ୍ୱର ଜିଲା କମିଟି ପକ୍ଷରୁ ଏକ ବିକ୍ଷୋଭ ରାଲି ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ଲୋକସେବା ଭବନ ଅଭିମୁଖେ ଗସ୍ତ କରିବା ବେଳେ ରାସ୍ତାରେ ପୋଲିସ ସେମାନଙ୍କୁ ଅଟକାଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଉକ୍ତ ସ୍କୁଲ ସଞ୍ଚାଳକ ଗୋବିନ୍ଦ ସାହୁଙ୍କ ସହ ମନ୍ତ୍ରୀ ଦିବ୍ୟଶଙ୍କରଙ୍କର ଘନିଷ୍ଠତା କାରଣରୁ ତଦନ୍ତ ପ୍ରକ୍ରିୟାକୁ ବିଭ୍ରାନ୍ତ କରାଯିବାର ହୀନ ଷଡ଼ଯନ୍ତ୍ର ରଚାଯାଉଥିବା ଭାଜପା ଅଭିଯୋଗ କରିଛି। ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ ନ କଲେ ଭାଜପା ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।



ନିର୍ବାଚିତ ପ୍ରତିନିଧି ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ନୂଆଦିଲ୍ଲୀରେ 'ସେବା ହି ସଙ୍ଗଠନ' କାର୍ଯ୍ୟକ୍ରମ ଅନ୍ତର୍ଗତ ମୋଦି ଭ୍ୟାନ୍‌ର ଶୁଭାରମ୍ଭ କରୁଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା।

# ଆଦିବାସୀଙ୍କୁ ନେଇ ଭାଜପା-ବିଜେଡି ରାଜନୀତି

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ବିରୋଧରେ ଅତ୍ୟାଚାର ବୃଦ୍ଧି ପାଇବା ସହ ସେମାନେ ହିଂସା ଓ ଦ୍ୱେଷର ଶିକାର ହେଉଛନ୍ତି। ୨୦୨୦ରେ ଓଡ଼ିଶାରେ ଅନୁସୂଚିତ ଜନଜାତି ବିରୋଧୀ ୧୧୪ ବଳାତ୍କାର ସମେତ ୬୨୪ ଅପରାଧ ମାମଲା ରୁଜୁହୋଇଥିଲା। ଦାବି ଜଣାଇଲେ ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ଲୋକଙ୍କୁ ଧମକ ଦିଆଯାଉଛି। ଏମାନଙ୍କ ଉପରେ ଅତ୍ୟାଚାର ଓ ପୋଲିସଠାରୁ ନ୍ୟାୟ ନ ମିଳିବାରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ଆଗକୁ ଆଦିବାସୀଙ୍କ ସମସ୍ୟା ନେଇ ସେମାନଙ୍କ ସମାଜ ପାଖକୁ ଯିବ ବୋଲି ଭାଜପା ସୂଚନା ଦେଇଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଦଳିତ ବିରୋଧୀ ମାମଲାରେ ଓଡ଼ିଶାରେ ଦଣ୍ଡବିଧାନ ହାର ଅତ୍ୟନ୍ତ ନଗଣ୍ୟ। ଅଧିକାଂଶ ମାମଲାରେ ଚାର୍ଜଶିଟ୍ ମଧ୍ୟ ଦାଖଲ କରାଯାଉନାହିଁ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝିଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଓ ପ୍ରଶାସନ ତତ୍ପରତାର ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥଲେ। ସେହିପରି ରାଜ୍ୟ ସରକାରଙ୍କ ପ୍ରରୋଚନାରେ ସରକାରୀ ବାବୁମାନେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସରକାରୀ ବୈଠକରେ ଉପସ୍ଥିତ ନ ରହିବା ସହ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ପରବର୍ତ୍ତୀ ସମୟରେ କଳାବ୍ୟାଜ୍ ପିନ୍ଧି କେନ୍ଦ୍ରମନ୍ତ୍ରୀଙ୍କୁ ଅପମାନିତ କରାଯାଇଥିଲା। ଓଡ଼ିଶା ହେଉଛି ଦେଶର ସର୍ବାଧିକ ଜନଜାତି ବାସ କରୁଥିବା ରାଜ୍ୟ। ହେଲେ ବହୁ ଆଦିବାସୀ ଅଞ୍ଚଳକୁ ବିକାଶ ଛୁଇଁପାରିନାହିଁ। ଜନଜାତିଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର ବ୍ୟାପକ ଅର୍ଥ ପ୍ରଦାନ କରୁଥିବା ବେଳେ ଆଦିବାସୀଙ୍କ କଲ୍ୟାଣ ଏହା ପାଇଁ ବ୍ୟବହାର ହୋଇପାରୁନାହିଁ ବୋଲି ସମୀର କହିଛନ୍ତି।

ସମୀର ଉଠାଇଥିବା ପ୍ରସଙ୍ଗକୁ ବିଜେଡି ଟାର୍ଗେଟ କରି ପାଲଟା ସମାଲୋଚନା କରିଛି। ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି କହିଛନ୍ତି, ଭାଜପା ସଭାପତି କେବଳ ଓଡ଼ିଶାର ନିରୀହ ଆଦିବାସୀଙ୍କ ଉପରେ ରାଜନୀତି କରିବାକୁ ଆଗ୍ରହୀ, ହେଲେ ସେମାନଙ୍କ କଲ୍ୟାଣ ପ୍ରତି ତାଙ୍କର ଆଗ୍ରହ ନାହିଁ। ରାଜ୍ୟ ଭାଜପା ପାଇଁ ଏହା କେବଳ ଏକ ରାଜନୈତିକ କାର୍ଡ। ଆଦିବାସୀ କଲ୍ୟାଣ ବିଷୟରେ କହିବାକୁ ଭାଜପାର ନୈତିକ ଅଧିକାର ନାହିଁ। କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ସେମାନଙ୍କ ଦଳର ସରକାର ଆଦିବାସୀ ଛାତ୍ରବୃତ୍ତି ବନ୍ଦ କରିଦେଇଛନ୍ତି। ଆଦିବାସୀ ବିକାଶ ଏବଂ ଆଦିବାସୀ କଲ୍ୟାଣ ପାଇଁ ଦିଆଯାଉଥିବା ଅର୍ଥକୁ ତାଙ୍କ ଦଳ ପରିଚାଳିତ ସରକାର ହ୍ରାସ କରିଛନ୍ତି। ରାଜ୍ୟ ଭାଜପାର ଏମ୍‌ପିମାନେ ଦିଲ୍ଲୀରେ ଆଦିବାସୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହକୁ ବନ୍ଦ କରିଦେଇଛନ୍ତି। ଆଦିବାସୀଙ୍କ କଲ୍ୟାଣ ଲାଗି ରାଜ୍ୟ ସରକାର ବହୁ କିଛି କରିଛନ୍ତି। ଆଦିବାସୀ ପ୍ରସଙ୍ଗକୁ ନେଇ ରାଜନୀତି କରିବା ପରିବର୍ତ୍ତେ ଓଡ଼ିଶା ଭାଜପା ଦିଲ୍ଲୀ ଦରବାରରେ ପଡ଼ି ରହିଥିବା ଦାବି ଗୁଡ଼ିକର କିଭଳି ସମାଧାନ ହୋଇପାରିବ ସେଥିପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିବା ଉଚିତ ବୋଲି ପ୍ରିୟବ୍ରତ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୨୧,୨୫,୫୯୧ | ୪୯,୨୪,୫୭୩ | ୨୧,୯୪,୩୩,୬୬୬ |
| ଭାରତ | ୩,୪୧,୦୬,୫୧୦ | ୪,୫୨,୬୬୬ | ୩,୩୪,୬୭,୩୬୧ |
| ଓଡ଼ିଶା | ୧୦,୩୫,୯୭୩ | ୮୨୯୪(+୫୩) | ୧୦,୨୩,୩୯୮ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ସକାରାତ୍ମକ ଦୃଷ୍ଟିଭଙ୍ଗୀ କୌଶଳ ମନୋଜଙ୍କୁ ଜଣାଥିଲା: ତଥାଗତ



ଡଲସ୍ ପକ୍ଷରୁ ଜାତୀୟ ଅଭିଲେଖାଗାରରେ ଆୟୋଜିତ ଲୋକାର୍ପଣ ଉତ୍ସବରେ (ବାମରୁ) ଡ. ହୃଷୀକେଶ ମଲ୍ଲିକ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଡା ଅନୀତା ପଣ୍ଡା, ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ବିଜୟ ନାୟକ ଓ ମାନସ ରଞ୍ଜନ ମହାପାତ୍ର 'ଅମୃତ ସନ୍ଧାନୀ ମନୋଜ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

## 'ଅମୃତ ସନ୍ଧାନୀ ମନୋଜ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୧୯।୧୦ (ବ୍ୟୁରୋ)

ଜୀବନରେ ସବୁ କଥାକୁ କିପରି ସକାରାତ୍ମକ ଦୃଷ୍ଟିରେ ଦେଖାଯାଇପାରିବ ତା'ର କୌଶଳ କଥାକାର ମନୋଜ ଦାସଙ୍କଠାରୁ ଶିଖିବାକୁ ମିଳିଥିଲା। ପଣ୍ଡିଚେରୀରେ ପଢୁଥିବାବେଳେ ସେଠାରେ ତାଙ୍କ ସହ ଅଧିକାଂଶ ସମୟ ମୋର ଦେଖାହୁଏ। ସେ ମୋ ପଢ଼ାପଢ଼ି ବିଷୟରେ ପଚାରି ବୁଝନ୍ତି। ପ୍ରତ୍ୟେକ ଘଟଣାକୁ ସେ ସହଜରେ ନେଇ ଏକ ଉଚ୍ଚକୋଟୀର ଚିନ୍ତାଧାରା ସୃଷ୍ଟି କରିପାରୁଥିଲେ ବୋଲି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ମଙ୍ଗଳବାର ଦିଲ୍ଲୀ ଓଡ଼ିଆ ଲେଖିକା ସଂସଦ (ଡଲସ୍) ପକ୍ଷରୁ ଜାତୀୟ ଅଭିଲେଖାଗାରରେ ଆୟୋଜିତ 'ଅମୃତ ସନ୍ଧାନୀ ମନୋଜ' ପୁସ୍ତକ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତଥାଗତ ଯୋଗଦେଇ ପୁସ୍ତକର ସଫଳତା କାମନା କରିଛନ୍ତି। ଏଥିସହ ସେ କହିଲେ ଯେ, ୧୯୫୯ରେ ବିଶ୍ୱମ୍ଭର ସାମନ୍ତ ଏବଂ ଦେବେନ୍ଦ୍ର ଶତପଥୀ ପ୍ରଥମେ ପଣ୍ଡିଚେରୀ ଯାଇଥିଲେ। ସେଠାରେ ପିଲାମାନଙ୍କ ପାଠପଢ଼ା, ଯୋଗ ଶିକ୍ଷା ଆଦି ସବୁ ଦେଖିଥିଲେ। ବିଶ୍ୱମ୍ଭର ମନୋଜଙ୍କ ସମ୍ପର୍କୀୟ ଥିଲେ। ଦୁଇଚାରି ଥର ପଣ୍ଡିଚେରୀ ଯିବା ପରେ ସେମାନେ ମନୋଜଙ୍କୁ ପଣ୍ଡିଚେରୀ ଯିବାକୁ କହିଥିଲେ। ସେମାନଙ୍କ କଥା ମାନି ମନୋଜ ପଣ୍ଡିଚେରୀ ଯାଇଥିଲେ ଓ ତାଙ୍କୁ ସେ ସ୍ଥାନ ଭଲ ଲାଗିଥିଲା। ସେଠାରେ ରହି ଶିକ୍ଷକ ଓ ପ୍ରଫେସର ଭାବେ ସେ କାର୍ଯ୍ୟ କରିଥିଲେ। ଏହି ସମୟରେ ମନୋଜ ବହୁ ମଣିଷ ସୃଷ୍ଟି କରିଛନ୍ତି। ମାତ୍ର ମୋର ଦୁର୍ଭାଗ୍ୟ ଯେ, ସେହି ମଣିଷ ସୃଷ୍ଟିକାରୀ ଜୀବନରେ ଏକ ଅଂଶ ହୋଇପାରିଲି ନାହିଁ ବୋଲି ତଥାଗତ ପ୍ରକାଶ କରିଛନ୍ତି।

ଡଲସ୍ ସଂସଦର ସଭାପତି ଡା. ଅନୀତା ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜୟ ନାୟକ ଯୋଗଦେଇ କହିଲେ, ଭାରତ ବର୍ଷର ପୁରୁଣା ପରମ୍ପରା ହେଉଛି କାହାଣୀ ପରମ୍ପରା। ମନୋଜ ଦାସ ନିଜ କାହାଣୀ ମାଧ୍ୟମରେ ପ୍ରାଚୀନ କଥା କହୁଥିଲେ। ତାଙ୍କ କାହାଣୀଗୁଡ଼ିକରେ ଆଧୁନିକ ମଣିଷର ଯାତନା, ଯନ୍ତ୍ରଣା, ମନସ୍ତତ୍ତ୍ୱ, ପ୍ରାପ୍ତି, ଅପ୍ରାପ୍ତିର କଥା, ରାଜନୈତିକ ଶଠତା ଆଦି ମିଳେ। ଓଡ଼ିଆ ଗଳ୍ପକୁ ସେ ବିଶ୍ୱଜନୀନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ କହିଲେ, ହିମାଳୟ ପାଦଦେଶରେ ଠିଆହେଲେ ହିମାଳୟ ଅଦୃଷ୍ଟ, ଦୂରରୁ ଚାହିଁଲେ ଅସ୍ପଷ୍ଟ। ଏହିପରି ଚୈତ୍ୟଲୋକର ଏକ ଉଚ୍ଚାଙ୍ଗ ପ୍ରତୀୟମାନ ହେଉଛନ୍ତି ମନୋଜ। ଏହି ଅବସରରେ ଅତିଥିମାନେ 'ଅମୃତ ସନ୍ଧାନୀ ମନୋଜ' ପୁସ୍ତକ ଲୋକାର୍ପଣ କରିଥିଲେ। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପଠାଯାଇଥିବା ବାର୍ତ୍ତାକୁ ଡା. ପଣ୍ଡା ପାଠ କରିଥିବାବେଳେ ମାନସ ରଞ୍ଜନ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ଶପଥ ନେଲେ ହାଇକୋର୍ଟର ୩ ନୂଆ ବିଚାରପତି



ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ୩ ନୂଆ ବିଚାରପତିଙ୍କୁ ଶପଥ ପାଠ କରାଉଛନ୍ତି।

କଟକ ଅଫିସ,୧୯।୧୦

ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଜଷ୍ଟିସ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ର ମଙ୍ଗଳବାର ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ନୂଆ ବିଚାରପତିମାନଙ୍କୁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ସମସ୍ତ ବିଚାରପତି, ପୂର୍ବତନ ବିଚାରପତି, ହାଇକୋର୍ଟ ବାର୍ ଆସୋସିଏଶନ ସଦସ୍ୟ ଓ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପଞ୍ଜାବ, ହରିୟାଣା ହାଇକୋର୍ଟର ବିଚାରପତି ଯଶୱନ୍ତ ସିଂହ ଓ କୋଲକାତା ହାଇକୋର୍ଟର ବିଚାରପତି ଅରିନ୍ଦମ ସିହ୍ନାଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଥିଲା। ଫଳରେ ସେମାନେ ଗତ ୮ ତାରିଖରେ ହାଇକୋର୍ଟର ନୂତନ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶପଥ ଗ୍ରହଣ କରିଥିଲେ। ଏବେ ଉପରୋକ୍ତ ୩ ନୂତନ ବିଚାରପତିଙ୍କ ଯୋଗଦାନପରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୭ରେ ପହଞ୍ଚିଛି।

# ଆଜି କଳାହାଣ୍ଡି ବନ୍ଦ

ଜୁନାଗଡ,୧୯।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ପରିବାରକୁ ନ୍ୟାୟ ଓ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ଜିଲା ଭାଜପା ପକ୍ଷରୁ ବୁଧବାର କଳାହାଣ୍ଡି ବନ୍ଦ ଡାକରା ଦିଆଯାଇଛି। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ଜୁନାଗଡ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଦେବେନ୍ଦ୍ର କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହି ଘଟଣାରେ ମନ୍ତ୍ରୀ ମିଶ୍ର ସମ୍ପୃକ୍ତ ରହିଥିବାରୁ ତଦନ୍ତ ପ୍ରଭାବିତ ହେବା ସମ୍ଭାବନା ରହିଛି। ତେଣୁ ନୈତିକତା ଦୃଷ୍ଟିରୁ ସେ ଇସ୍ତଫା ଦିଅନ୍ତୁ, ନଚେତ ରାଜ୍ୟ ସରକାର ତାଙ୍କୁ ତୁରନ୍ତ ବହିଷ୍କାର କରନ୍ତୁ ବୋଲି ମହାନ୍ତି କହିଥିଲେ। ବନ୍ଦ ଡାକରାକୁ ସଫଳ କରିବା ପାଇଁ ଜିଲାର ସମସ୍ତ ଜନସାଧାରଣଙ୍କୁ ଦଳ ପକ୍ଷରୁ ନିବେଦନ କରାଯାଇଛି। ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେର, ଜିଲା ପୌରାଞ୍ଚଳ ସଂଯୋଜକ ମୁକେଶ ଅଗ୍ରୱାଲ, ଜିଲା ସଭାନେତ୍ରୀ ନିରୁପମା ନାଏକ, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ଜୁନାଗଡ ନଗର ସଭାପତି ଶିବରାମ ରାଉତ, ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏକ ଶୋଭାଯାତ୍ରାରେ ଶତାଧିକ ଦଳୀୟ କର୍ମୀ ଶୋଭାଯାତ୍ରାରେ ବାହାରି ଲଙ୍କେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଗୃହରାଷ୍ଟ୍ର ମନ୍ତ୍ରୀ ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଆଁ ଲଗା ଘରେ ରହିବି ନାହିଁ;**
**ଖଣ୍ଡିଆ ପଥୁରି, ତାଟି କିଳାମାଡ଼,**
**ଆଉ ଦିନାକେତେ ସହିବି ନାହିଁ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟି ଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାକ ଫୁଲେଇର ଓଲେଇ ଗୁଣ**
**ହାଣ୍ଡିରେ ଖାଏ ସେ ଭାତ ତିଉଣା।**

ଭାରି ଛଳ, ଟିକେ ଟାଣ କରି କଥା କହିଲେ କେତେକ ସହିପାରି ନ ଥାନ୍ତି ; ଆଖିରେ ଲୁହ ଜକେଇ ଆସେ। କାମ କରିବା କଥା ପଇଲେ ମୁହଁ କାନ୍ଦ କାନ୍ଦ ହୋଇଯାଏ, ପରନ୍ତୁ ଖାଇବା କଥା ହେଲେ ସେଥିରେ ଆଗଭର ହୋଇଯାନ୍ତି। କିଛି ବ୍ୟକ୍ତିଙ୍କର ଖାଦ୍ୟ ପ୍ରତି ଅହେତୁକ ଲାଳସା ଭାବନା ରହିଥାଏ। ସବୁବେଳେ ପାଟିରେ କିଛି ନା କିଛି ପକାଉଥିବା ଖାଦ୍ୟଲୋଭୀ ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ହିନ୍ଦୀ ଆସେନି ବୋଲି...

ପ୍ରଥମ ପୃଷ୍ଠାରୁ...

ଗ୍ରାହକ ସେବାରେ ଥିବା ଜଣେ କର୍ମଚାରୀ ତାଙ୍କୁ କହିଥିଲେ, କଷ୍ଟମର ହିନ୍ଦୀ ଜାଣି ନ ଥିବାରୁ ତାଙ୍କୁ ରିଫଣ୍ଡ ଦିଆଯାଇପାରିବ ନାହିଁ। ରିଫଣ୍ଡ ମାଗିବାରୁ ଜମାଟୋ କର୍ମଚାରୀ ଜଣକ ତାଙ୍କୁ ହିନ୍ଦୀ ଶିଖିବାକୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ହିନ୍ଦୀ ଆମର ରାଷ୍ଟ୍ରଭାଷା। ଏହାକୁ ସମସ୍ତେ ଜାଣିବା ଦରକାର ବୋଲି କର୍ମଚାରୀ ତାଙ୍କୁ କହିଥିଲେ। ବିକାଶ ଉକ୍ତ ଚାଟ୍‌କୁ ଟୁଇଟରରେ ଶେୟାର କରିବା ପରେ ଅନେକ ୟୁଜର୍ସ ଜମାଟୋ ଉପରେ ବର୍ଷିଥିଲେ। ଫଳରେ ସମ୍ପୃକ୍ତ କର୍ମଚାରୀଙ୍କୁ ତାଙ୍କ ବ୍ୟବହାର ପାଇଁ ଚାକିରିରୁ ବାହାର କରିଦେଇଥିବା କହି ଜମାଟୋ ଦୁଃଖ ପ୍ରକାଶ କରିଥିଲା। ଏହା ସହ ତାମିଲରେ 'ଭାନାକ୍କମ୍' ଲେଖି ଅଭିବାଦନ ଜଣାଇଥିଲା। କର୍ମଚାରୀ ଜଣକ କହିଛନ୍ତି, ବିକାଶ ୫ ଥର କଲ୍ କରିଥିଲେ କିନ୍ତୁ ଭାଷାଗତ ପ୍ରତିବନ୍ଧକ ଯୋଗୁ ଷ୍ଟାଫ୍‌ଙ୍କ ସହ କଥା ହୋଇପାରି ନ ଥିଲେ। ତେବେ ମଙ୍ଗଳବାର ଜମାଟୋ ପ୍ରତିଷ୍ଠାତା ଦୀପିନ୍ଦର ଗୋୟଲ ଉକ୍ତ କର୍ମଚାରୀଙ୍କୁ ଚାକିରିରେ ପୁନଃ ଅବସ୍ଥାପିତ କରାଯାଇଥିବା ଘୋଷଣା କରିଛନ୍ତି। ଏକ ଫୁଡ୍ ଡେଲିଭରି କମ୍ପାନୀର ସପୋର୍ଟ ସେଣ୍ଟରେ ଥିବା ଜଣେ ବ୍ୟକ୍ତିଙ୍କ ଅଜ୍ଞାନତାଜନିତ ଭୁଲ୍‌କୁ ଜାତୀୟ ପ୍ରସଙ୍ଗ କରାଯାଇଥିବା ସେ ଦର୍ଶାଇଛନ୍ତି। କଲ୍ ସେଣ୍ଟରର ଯୁବ ଏଜେଣ୍ଟମାନେ ଭାଷା ଓ ଆଞ୍ଚଳିକ ଭାବାବେଗକୁ ନେଇ ବିଶେଷଜ୍ଞ ନୁହନ୍ତି ବୋଲି ଦୀପିନ୍ଦର କହିଛନ୍ତି।




ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଦାବିରେ ମଙ୍ଗଳବାର ଜୁନାଗଡରେ କଂଗ୍ରେସ ପକ୍ଷରୁ (ଉପର), ବଲାଙ୍ଗୀର କଚେରି ଛକରେ ଏବିଭିପି ପକ୍ଷରୁ (ମଝି) ଏବଂ ବଲାଙ୍ଗୀର ସହର ଭାଗୀରଥି ଛକରେ କେଶରିଆ ହିନ୍ଦୁ ବାହିନୀ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ମନ୍ତ୍ରୀଙ୍କ ବହିଷ୍କାର ଦାବିରେ...

ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି କରାଯାଇଛି। ଜୁନାଗଡ଼ ବ୍ଲକ ଅଫିସ ସମ୍ମୁଖରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କର୍ମକର୍ତ୍ତାମାନେ ବିକ୍ଷୋଭ କରିଥିଲେ। କଳାହାଣ୍ଡି ବିଭାଗ ସଂଯୋଜକ ପୁରୁଷୋତ୍ତମ ବିଷିଙ୍କ ନେତୃତ୍ୱରେ ହୋଇଥିବା ଏହି ବିକ୍ଷୋଭ ସଭାରେ ଜୁନାଗଡ ନଗର ସମ୍ପାଦକ ସୌରଭ ମିଶ୍ର, ସବିତା କୈବର୍ତ୍ତ, ଶୁଭଶ୍ରୀ ପ୍ରିୟଦର୍ଶିନୀ, କୁନି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବଲାଙ୍ଗୀର ସହର ଭାଗୀରଥି ଛକଠାରେ କେଶରିଆ ହିନ୍ଦୁ ବାହିନୀ ତରଫରୁ ରାଜ୍ୟ ସଭାପତି ସନ୍ତୋଷ କୁମାର ଭୋଳଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସେହିପରି କଚେରି ଛକଠାରେ ଏବିଭିପି ତରଫରୁ ବିଜୟ କଲତାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ତୁରେକେଲା ଥାନା ଅନ୍ତର୍ଗତ ଝରଣୀ ଗାଁରୁ ମଙ୍ଗଳବାର କେତେକ ଯୁବକ ମମିତା ମେହେରଙ୍କୁ ନ୍ୟାୟ ଦାବିରେ ଏକ ପଦଯାତ୍ରାରେ ବାହାରି ଥିଲେ। ଏହି ପଦଯାତ୍ରୀ ଦଳ କଣ୍ଟାବାଞ୍ଜି ସହରରେ ପହଞ୍ଚିବା ପରେ ଏକ ରାଲିରେ ସହର ପରିକ୍ରମା କରି ବଙ୍ଗୋମୁଣ୍ଡା ଦେଇ ଟିଟିଲାଗଡ ଅଭିମୁଖେ ଯାତ୍ରା କରିଥିଲେ। ସେଠାରୁ ବଲାଙ୍ଗୀର ଯିବେ ବୋଲି ସୂଚନା ଦେଇଛନ୍ତି। ମମିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ସେମାନେ ଦାବି ରଖିଛନ୍ତି।

## ମାରି, ପୋଡ଼ି...

ପଶିଥିଲେ। ଏହାର ସୁଯୋଗ ନେଇ ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଲୋକ ମଧ୍ୟ ପଶିଥିଲେ। ମାଟି ତଳୁ ୮ଫୁଟ ଗଭୀରରେ କିଛି ପୋଡ଼ା କାଠ, ଟାୟାର ଦେଖିବାକୁ ମିଳିଥିଲା। ସେହିପରି ଏକ ଭ୍ୟାନିଟି ବ୍ୟାଗ, ସୁନାଚେନ୍, ପାଉଁଜି ଆଦି ମଧ୍ୟ ମିଳିଥିଲା। ଯୋଜନାବଦ୍ଧ ଭାବେ ମମିତାଙ୍କୁ ହତ୍ୟା କରି ପୋତି ଦିଆଯାଇଥିବା ଆଲୋଚନା ହୋଇଥିଲା। ତେବେ ମମିତାଙ୍କୁ ସେଠାରେ ହତ୍ୟା କରାଯାଇଛି ନାଁ ଅନ୍ୟ କେଉଁଠି ହତ୍ୟା କରି ଆଣି ସେଠାରେ ପୋତାଯାଇଛି ସେନେଇ ମଧ୍ୟ ଚର୍ଚ୍ଚା ହେଉଛି। କଲେଜ ସଂଲଗ୍ନ ସ୍କୁଲରେ ଚାଲିଥିବା ଅନୈତିକ କାର୍ଯ୍ୟର ବିରୋଧ କରିବା ଏବଂ ପ୍ରମାଣ ହାତେଇଥିବା କାରଣରୁ ମମିତାଙ୍କୁ ହତ୍ୟା କରାଯାଇଛି ବୋଲି ମମିତାଙ୍କ ବାପା ସୁଚନ୍ଦ୍ର ମେହେର ସୋମବାର କହିଥିଲେ। ସ୍କୁଲରେ ଅନୈତିକ କାର୍ଯ୍ୟ ଚଳାଇଥିବା ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ସୁଚିନ୍ତିତ ଭାବେ ହତ୍ୟାକାଣ୍ଡ ଘଟାଇଥିବା ସୁଚନ୍ଦ୍ର ଅଭିଯୋଗ କରିଥିଲେ। ଏପରି କି ସଭାପତି ସାହୁଙ୍କ ଘନିଷ୍ଠ କୁହାଯାଉଥିବା ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସ୍କୁଲକୁ ଝିଅମାନଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଆସୁଥିଲେ ବୋଲି ସୁଚନ୍ଦ୍ର ସାଂଘାତିକ ଅଭିଯୋଗ କରିଥିଲେ। ଗୋଟିଏ ପଟେ ମନ୍ତ୍ରୀଙ୍କ ସମ୍ପୃକ୍ତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବାବେଳେ ଅଭିଯୁକ୍ତ ଗୋବିନ୍ଦ ସାହୁ ରବିବାର ରାତିରେ ଟିଟିଲାଗଡ଼ ପୋଲିସ ବାରାକରୁ ଚମ୍ପଟ ମାରିବା ସମସ୍ତ ଅଭିଯୋଗ ଓ ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଥିଲା। ବିରୋଧୀ ଦଳ ଭାଜପା ଓ କଂଗ୍ରେସ ଏହି ପ୍ରସଙ୍ଗକୁ ଜୋରଦାର କରି ମନ୍ତ୍ରୀ ମିଶ୍ରଙ୍କ ବହିଷ୍କାର ଦାବି କରିଛନ୍ତି। ଏପରି କି ବିଭିନ୍ନ ସ୍ଥାନରେ ଉଭୟ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ଅନୈତିକ କାର୍ଯ୍ୟରେ ଅତିଷ୍ଠ ହୋଇ ମମିତା କିଛିଦିନ ତଳେ ଘରକୁ ଫେରି ଆସିଥିଲେ। ପରିବାର ଲୋକଙ୍କ କହିବାନୁଯାୟୀ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ଗତ ୭ତାରିଖରେ ମମିତାଙ୍କୁ ଫୋନ କରିଥିଲେ। ସ୍କୁଲରେ ମିଟିଂ ଥିବା କହି ତାଙ୍କୁ ଡାକିଥିଲେ। ମମିତା ଗତ ୮ ତାରିଖରେ ନିଜ ଗାଁ ତଥା ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀ ଗାଁରୁ ବାହାରି ଚାନ୍ଦତରା ଆସିବା ପରେ ସେଠାରୁ ସ୍କୁଲ ମାଲିକ ଗୋବିନ୍ଦ ସାହୁ କାର୍‌ରେ ଭବାନୀପାଟଣାକୁ ଆଣିଥିଲେ। ଭବାନୀପାଟନାରୁ ବିଭିନ୍ନ ଦୋକାନରେ କିଛି ସାମଗ୍ରୀ କିଣି ଉଭୟେ କାରରେ ବସିଥିଲେ, ଯାହା ସିସିଟିଭି ଫୁଟେଜ୍‌ରୁ ଜଣାପଡିଛି। ପରବର୍ତ୍ତୀ ସମୟରୁ ମମିତାଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ରହିଥିଲା। ସେହିଦିନ ହିଁ ମମିତାଙ୍କୁ ହତ୍ୟା କରାଯାଇଥିଲା ନା ତାଙ୍କୁ କଲେଜ ତଥା ସ୍କୁଲକୁ ଆଣି ନିର୍ଯାତନା ଦେବା ପରେ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇପାରିନାହିଁ।

## ମିଳିଥିବା ଅସ୍ଥିର ଫରେନ୍‌ସିକ୍...

ଚୂଡ଼ାନ୍ତ ନିଷ୍କର୍ଷରେ ପହଞ୍ଚିବା ପାଇଁ ଗୋବିନ୍ଦଙ୍କୁ ପଚରାଉଚରା ସହ ଏହି ତମାମ ଘଟଣାର ସବୁ ଦିଗକୁ ଗୁରୁତ୍ୱର ସହ ତର୍ଜମା କରାଯିବ ବୋଲି ଡିଆଇଜି ଡା. କୁମାର କହିଛନ୍ତି। ମମିତା ନିଖୋଜ ପରେ ତାଙ୍କ ପରିବାର ଲୋକେ ତାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ କରି ସିନ୍ଧେକେଲା ଥାନାରେ ଏକ ମାମଲା (୯୭/୨୧) ରୁଜୁ କରିଥିଲେ। ଉକ୍ତ ଅଭିଯୋଗପତ୍ରରେ ମମିତାଙ୍କୁ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁ ଅପହରଣ କରିଥିବା ଦର୍ଶାଇଥିଲେ। ଅଭିଯୋଗ ପରେ ଗତ ୧୪ ତାରିଖରେ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ସିନ୍ଧେକେଲା ଥାନାକୁ ଆଣି ଅଟକ ରଖାଯାଇଥିଲା। ସେଠାରୁ ଟିଟିଲାଗଡ଼ ପୋଲିସ ବାରାକ୍‌କୁ ପଚରାଉଚରା ପାଇଁ ନେଇ ରଖା ଯାଇଥିବାବେଳେ ରବିବାର ରାତିରେ ଗୋବିନ୍ଦ ସେଠାରୁ ଫେରାର ହୋଇ ଯାଇଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ପି ନୀତିନ କୁଶଲକର ଉପସ୍ଥିତ ଥିଲେ।

## ଆଖୁକିଆରିରୁ ଗୋବିନ୍ଦ...

ସେ ବିଷୟରେ ତାଙ୍କୁ ଅଧିକ ପଚରାଉଚରା କରାଯିବ ବୋଲି ଦୀପକ କୁମାର କହିଛନ୍ତି। ଟିଟିଲାଗଡ଼ ବାରାକ୍‌ରେ ଗୋବିନ୍ଦ ଥିବାବେଳେ କେତେଜଣ ପୋଲିସ ଅଫିସରଙ୍କ ଦାୟିତ୍ୱହୀନତା ଏବଂ ଅବହେଳା ଯୋଗୁ ଅଭିଯୁକ୍ତ ସେଠାରୁ ଫେରାର ହେବାରେ ସଫଳ ହୋଇଥିଲେ। ଏ ସଂକ୍ରାନ୍ତରେ ୩ ପୋଲିସଙ୍କୁ ନିଲମ୍ବିତ କରାଯାଇଛି। ତେବେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବାରେ ବଲାଙ୍ଗୀର ପୋଲିସ ସଫଳ ହୋଇଛି। ଏହି ସଫଳତା ପାଇଁ ସେ ବଲାଙ୍ଗୀର ପୋଲିସ ଟିମ୍‌କୁ ଶ୍ରେୟ ଦେଇଥିଲେ। ସେ କହିଥିଲେ ଯେ, ଗୋବିନ୍ଦ ଫେରାର ହେବା ପରେ ତାଙ୍କୁ ଗିରଫ ପାଇଁ ୮ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ବୈଷୟିକ ସହାୟତା, ପୋଲିସ ଏବଂ ଗୋଇନ୍ଦା ବିଭାଗର ସୂଚନାକୁ ଆଧାର କରି ବିଭିନ୍ନ ସ୍ଥାନରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଗୋବିନ୍ଦ ଏକ ଆଖୁ କିଆରିରେ ଲୁଚି ଥିବା ଗୋଇନ୍ଦା ତଥ୍ୟକୁ ଭିତ୍ତିକରି ତାଙ୍କୁ କାବୁ କରାଯାଇଥିଲା। ଆଗକୁ ମମିତା ମେହେର ଅପହରଣ ଘଟଣାର ତଦନ୍ତକୁ ଜୋରଦାର କରାଯିବ ବୋଲି ଡିଆଇଜି ଡା. ଦୀପକ କୁମାର ସୂଚନା ଦେଇଛନ୍ତି। ପୂର୍ବରୁ ବଲାଙ୍ଗୀର ପୋଲିସ ପକ୍ଷରୁ ଗୋବିନ୍ଦଙ୍କ ବିଷୟରେ ସୂଚନା ଦେଲେ ୧ ଲକ୍ଷ ଟଙ୍କର ପୁରସ୍କାର ରାଶି ଘୋଷଣା କରାଯାଇଥିଲା।

## ଅପହଞ୍ଚ ଅନ୍‌ଲାଇନ୍...

ଅଭିଭାବକମାନେ କହିଛନ୍ତି। ସହରାଞ୍ଚଳରେ ୬୫% ଓ ଗ୍ରାମାଞ୍ଚଳରେ ୭୦% ଅଭିଭାବକ ଏଭଳି ମତ ଦେଇଛନ୍ତି। ସହରାଞ୍ଚଳରେ ୪୨ ପ୍ରତିଶତ ଏବଂ ଗ୍ରାମାଞ୍ଚଳରେ ୪୮% ପିଲା ମାତ୍ର କିଛି ଶବ୍ଦ ପଢ଼ିବା ପାଇଁ ଯୋଗ୍ୟ ଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିଭଳି ଅନ୍‌ଲାଇନ୍ ଶିକ୍ଷାରେ ଯୋଗାଯୋଗ ଏକ ପ୍ରମୁଖ ସମସ୍ୟା ପାଲଟିଛି। ସହରାଞ୍ଚଳରେ ୫୭% ଏବଂ ଗ୍ରାମାଞ୍ଚଳରେ ୬୫% ପିଲାଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତ ହେଉଥିବାରୁ ଅଧିକାଂଶ ଅଭିଭାବକ ସ୍କୁଲ ଖୋଲିବାକୁ ଚାହୁଁଛନ୍ତି। ସହରାଞ୍ଚଳରେ ୯୦% ଏବଂ ଗ୍ରାମାଞ୍ଚଳରେ ୯୭% ଅଭିଭାବକ ସ୍କୁଲ ଖୋଲିବା ସପକ୍ଷରେ ମତ ଦେଇଛନ୍ତି। ଏହି ସର୍ଭେ ରିପୋର୍ଟକୁ ନିରାଳି ବାଖଲା, ଜିନ୍ ଡ୍ରେଜ୍, ବିପୁଲ ପାଇକରା ଏବଂ ରିତିକା ଖେରା ମିଳିତ ଭାବେ ପରିଚାଳନା କରିଥିଲେ। ଏହି ଅବସରରେ ରିତିକା କହିଥିଲେ, ପିଲାଙ୍କ ପାଖରେ ଅନ୍‌ଲାଇନ୍ ଶିକ୍ଷା ଅତି ସୀମିତ ବୋଲି ସର୍ଭେରୁ ଜଣାପଡ଼ିଛି। ପାର୍କ, ମାର୍କେଟ୍, ମଲ୍, ଫିଲ୍ମ ହଲ୍ ଖୋଲିବା ପାଇଁ ସରକାର ଅନୁମତି ଦେଉଛନ୍ତି। କିନ୍ତୁ ସ୍କୁଲ ଖୋଲୁନାହାନ୍ତି। ଶିକ୍ଷକଙ୍କ ସହିତ ପିଲାମାନେ ସିଧାସଳଖ ପାଠପଢ଼ିଲେ ସେମାନଙ୍କ ଦକ୍ଷତା ବିକାଶ ହେବ। ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେବାରୁ ବିଭିନ୍ନ ପ୍ରକାର ଶିଶୁ ଶ୍ରମିକ ଆଡ଼କୁ ମୁହାଁଉଛନ୍ତି। ତେଣୁ ଏସବୁ ଦିଗକୁ ସରକାର ଗୁରୁତ୍ୱ ଦେଇ ସ୍କୁଲ ଖୋଲିବା ପାଇଁ ନିଷ୍ପତ୍ତି ନିଅନ୍ତୁ। ସେହିପରି ସ୍କୁଲ ଖୋଲିବା ପାଇଁ ସରକାର ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କୁ କ୍ଷମତା ଦିଅନ୍ତୁ ବୋଲି ରିତିକା ମତ ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ସହ ବିବାଦର ସମାଧାନ ମଧ୍ୟ ହେବ। କାମ ହାସଲ ସକାଶେ ଅବୁଝା ବନ୍ଧୁଙ୍କୁ ବୁଝାଇ ମନେଇବାରେ ମଧ୍ୟ ସମର୍ଥ ହୋଇପାରିବେ। ବାଣିଜ୍ୟ, ବ୍ୟବସାୟ, ସଭାସମିତି, ଯାତ୍ରା ଓ ବନ୍ଧୁମିଳନଜନିତ ସମୟ କଟାଇବେ। ଅଫିସରେ କୌଣସି ବିଷୟ ନେଇ ବୁଝାମଣାରେ ତିକ୍ତତା ଦେଖାଦେଇପାରେ।

**ବୃଷ** – ଅଟକି ରହିଥିବା କାମ ତ୍ୱରାନ୍ୱିତ ସକାଶେ ଚେଷ୍ଟିତ ହେବେ। ଆଶା କରୁଥିବା ଦିଗରୁ ଧନପ୍ରାପ୍ତି ସହ ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ ଏବଂ ଏ ଦିଗରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। ଜମିଜମା, କଚେରି ମାମଲା ଓ ଲେଖାପଢ଼ା ଦିଗରୁ ଉପକୃତ ହେବେ।

**ମିଥୁନ** – ଚେଷ୍ଟା କରୁଥିବା ଦିଗରୁ ଅର୍ଥଲାଭ ଓ ସମ୍ମାନ ସଙ୍ଗକୁ ବନ୍ଧୁଙ୍କ ସାନିଧ୍ୟ ଲାଭ କରି ଖୁସି ରହିବେ। ପରିବାରର ଆବଶ୍ୟକତାକୁ ନେଇ ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅଫିସ୍ କାମରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ବ୍ୟବସାୟରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ।

**କର୍କଟ** – ଅଫିସ୍ କାମରେ ନିଜର କ୍ଷମତାର ଅପବ୍ୟବହାର ଜନିତ ବିରକ୍ତିକର କଥା କହି ଅପଦସ୍ଥ ହେବେ। ପରକଥାରେ ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କରିପାରନ୍ତି। ଆକସ୍ମିକ ଆଗନ୍ତୁକ ନୂତନ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଜମିଜମା କାରବାର ବୃଦ୍ଧି ପାଇଁ ଚେଷ୍ଟା କଲେ ଉପକୃତ ହୋଇପାରନ୍ତି।

**ସିଂହ** – କଥା ଓ କାମରେ ମେଳ ନ ରହିବା କାରଣରୁ ଅବିଶ୍ୱାସର ପାତ୍ର ହୋଇପାରନ୍ତି। ପାରିବାରିକ ବ୍ୟୟର ମାତ୍ରା ବୃଦ୍ଧି ହେତୁ ଅବସାଦ ବୃଦ୍ଧି ପାଇବ। ଏକାଧିକ ବିଭିନ୍ନ ପ୍ରକାରର କାମରେ ଅନୁପ୍ରବେଶ କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ତଥାପି ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**କନ୍ୟା** – ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ପରୋକ୍ଷ ଶତ୍ରୁତା, ଋଣ ଉଠାଣ, ଲଟେରି କାରବାରରେ ଅସୁବିଧାର ସମ୍ମୁଖୀନ ହେବେ। ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ ଏବଂ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

**ତୁଳା** – ପରିବାର ଭିତରେ ସମସ୍ୟା ସମାଧାନ ଚେଷ୍ଟା କରି ସଫଳ ହେବେ । ବନ୍ଧୁଙ୍କ ସହ ବିଳାସ ବ୍ୟସନରେ ସମୟ ଅତିବାହିତ ହେବ। ଆଧ୍ୟାତ୍ମିକ ପ୍ରବଚନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ ଓ ପାରିବାରିକ ସମସ୍ୟା ମଧ୍ୟ ସମାଧାନ ହୋଇଯିବ।

**ବିଛା** – ପରିବେଶ ଓ ପରିସ୍ଥିତିକୁ ନେଇ ସାମାନ୍ୟ ଅସ୍ଥିରତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଯାତ୍ରା କରିବାକୁ ପ୍ରସ୍ତୁତିପର୍ବରେ ଲାଗିପାରନ୍ତି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ। ରାଜନୈତିକ ସ୍ଥିତି, ଅର୍ଥନୈତିକ ପ୍ରଗତି ସଙ୍ଗକୁ ସାମାଜିକ ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ।

**ଧନୁ** – ନିଜ ଲୋକମାନଙ୍କ ଚକ୍ଷୁଶୂଳର କାରଣ ସ୍ୱରୂପ ଶ୍ରଦ୍ଧା, ସମ୍ମାନ ଓ ଆଦରର ନ୍ୟୂନତା ଉପଲବ୍ଧି କରିବେ। କର୍ମକ୍ଷେତ୍ରରେ ଅସହଯୋଗଜନିତ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କରିପାରିଲେ ଉପକୃତ ହେବେ। ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ ।

**ମକର** – କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ପୃଷ୍ଠ ସାହାଯ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ।

**କୁମ୍ଭ** – କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଘର ସାଜସଜ୍ଜାରେ, ନିର୍ମାଣରେ, ଆନୁଷ୍ଠାନିକ କାମରେ, ମେଳା ମହୋତ୍ସବ, ନୃତ୍ୟ ଓ ସଙ୍ଗୀତରେ ମଜି ରହିପାରନ୍ତି। ଆର୍ଥିକ ଦିଗଟି ଭଲ ରହିବ ଓ କୌଣସି ଜନ ହିତକର କାମରେ ତାହାକୁ ବିନିଯୋଗ କରିବା ପାଇଁ ଚିନ୍ତା କରିବେ। କୌଣସି ବନ୍ଧୁଙ୍କ ସହ ଆଜିର ଆଲୋଚନା ନିଷ୍ଫଳ ହେବନାହିଁ।

**ମୀନ** – ଆପଣଙ୍କ ଲୋକପ୍ରିୟତା ଓ ପ୍ରତିଷ୍ଠା/ପ୍ରଶଂସା ଅନ୍ୟମାନଙ୍କର ଗାତ୍ରଦାହର କାରଣ ହୋଇପାରେ। ଖଳଲୋକଙ୍କ ଅନୁପ୍ରବେଶ କାରଣରୁ ପାରିବାରିକ ଦିଗରୁ କେତେକ ବ୍ୟତିକ୍ରମ ସୃଷ୍ଟି ସମ୍ଭାବନା ରହିଛି। ଯେତେ ଭଲ କାମ କଲେ ସୁଦ୍ଧା ସମାଲୋଚିତ ହେବେ। ଶିଳ୍ପ, ବାଣିଜ୍ୟ, ଆମଦାନୀ କାରବାର ଓ ରାଜନୀତି କ୍ଷେତ୍ରରେ ସଫଳତା ପାଇବେ।


# classifieds Everyday
0674-2580101, 2549302




**BRIDE WANTED**

ଚାକିରି କରି ଏକାକୀ ରହୁଥିବା 47 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର simple ଝିଅ ଆବଶ୍ୟକ। Candidate: 8895608411. D-21977

**GROOM WANTED**

Searching Kaibarta Groom for Very Fair Bride & Very Fair Bride (Caste No Bar) for Kaibarta Groom (IAS Faculty). Mob: 9990161440. D-21981




**SALE**

ପିପିଲି ବଜାର, ସାହି ଭିତରେ ଏବଂ ବାଇପାସ୍ plot available. Mob: 9438677566. D-22004

ଆପଣ ଭୁବନେଶ୍ୱରରେ ଘରକରିବା, ପ୍ଲଟ୍ କିଣିବାକୁ ଚାହୁଁଛନ୍ତି କି ? ସୁନ୍ଦରପଦାରେ sqft. 1500/-, 1000/-, 400/-, କାଟେଣୀରେ - 650/- ଦିଆଯାଉଛି। 9938016295. D-71724

**ଭୁବନେଶ୍ୱର-ପୁରୀ ମଙ୍ଗଳପୁର NH Side ଘରବାରି Boundary, Electricity, Park, Temple, Security 30ft. ରାସ୍ତାଥାଇ Sqft- 650/- Plot ମିଳୁଛି - 8117084862.** D-717 23

**ଭୁବନେଶ୍ୱର BJB ନଗରରେ 5000 ବର୍ଗଫୁଟ ଜାଗା ଉପରେ ଦୁଇମହଲା ଘର ଓ ପୁରୀ ଅଠରନଳା ପାଖରେ 1425 ବର୍ଗଫୁଟ ଜାଗା ଉପରେ ଦୁଇମହଲା ଘର ବିକ୍ରୟ ହେବ। Genuine buyer ଯୋଗାଯୋଗ କରନ୍ତୁ। 8658289289, 6372897984.** D-22008

**Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929.** D-71722

**ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320.** D-71705

**Gharabari Patta, boundary plot sale at Jagannathdham, Puri immediately construction. 7008067338, 9090746445.** D-71725

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.- 150/- (outright). 9776974912. D-21938

**ମାସିକ ମାତ୍ର 7431/- ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 7978998868.** D-71711

Residential plots at Rangabazar, Sarkana, Nakhara, DPS, Anantapur, Dadhichi, Gudiapokhari, Madanpur, (ready for construction). 9040011987. D-71718

**Highly developed gharabari land, at Balianta, Bhingarpur, Drainage, electricity, 30'road mega plotting projects. Ready for immediate construction. Cost- 850/-. 7008371750.** D-21996




Ashirvaad Saloon and SPA get good massage for your health tha best therapy. 7077181074. D-71801

Refreshing your mind and body with the best therapy. 7873794731. D-71180

Refreshing your mind, your body with tha best therapy at Lotus SPA. 8018891951. D-71802

Newly Open Saikrupa Panchakarma Spa positively health benefits with Expert. 8984068077. D-21923

Newly open SPA positively health benefit with Expert. Contact: 7749976301. D-71187

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit before the Notary Public, Purushottampur, Ganjam, I Lakshman Pradhan, S/o- Gobinda Pradhan, Vill/PO.- Badachakada, P.S.- Rambha, Dist- Ganjam is my actual name in my relevant documents. But my Secondary Board Certificates, Bihar School Examination Board wrongly mentioned as Lakhn Kumar Pradhan, S/o- Govinda Pradhan. Lakshman Pradhan, S/o- Gobinda Pradhan and Lakhn Kumar Pradhan, S/o- Govinda Pradhan is one and same person. I shall known as Lakshman Pradhan, S/o- Gobinda Pradhan for all purpose. D-22006


**LEGAL NOTICE**

ମୁଁ ସୁଜିତ୍ କୁମାର ପଣ୍ଡା ସମସ୍ତଙ୍କୁ ଜଣାଇ ଦେଉଛି ଯେ ଗତ ୨୦୧୮ ମସିହାରେ ମୋର ଦୋକାନରୁ ଗୋଟିଏ ଦସ୍ତାବିଜ ଯାହା ଭିତରେ ଗୋଟିଏ ପଟ୍ଟା, କେତୋଟି ଅକାମି ଚେକ୍ ଓ ମୋର ଦସ୍ତଖତ ଥିବା ଏକ ଖାଲି ଷ୍ଟାମ୍ପ ପେପର ହଜି ଯାଇଥିଲା। ବର୍ତ୍ତମାନ ମୁଁ ଜାଣିବାକୁ ପାଇଲି ଯେ ଉକ୍ତ ଦସ୍ତାବିଜକୁ ବାନି ରାନି ହୁଇ ନାମକ ଜଣେ ମହିଳା ମୋର ଅଜ୍ଞାତରେ ଚୋରି କରି ନେଇଛି। ଉକ୍ତ ଡକୁମେଣ୍ଟରେ ସେ ବର୍ତ୍ତମାନ ମୋତେ ହଇରାଣ କରୁଛି ଏବଂ ମୋଠାରୁ ବହୁତ ଟଙ୍କା ଆଦାୟ କରିବାକୁ ଚାହୁଁଛି। ଭବିଷ୍ୟତରେ ଉକ୍ତ ମହିଳା ପ୍ରତି ସତର୍କ ରହିବାକୁ ଜନସାଧାରଣଙ୍କୁ ଜଣାଇଲି। ଧ-୨୨୦୧୧୧

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## ସଂକ୍ଷେପରେ

### ମଣିପୁର ହରିଣ ଶାବକ ଜନ୍ମ



**ବାରଙ୍ଗ,୧୯।୧୦(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୩୬ବି ଏନକ୍ଲୋଜରରେ ଥିବା ମଣିପୁର ହରିଣ ମଙ୍ଗଳବାର ସକାଳେ ଏକ ଶାବକ ଜନ୍ମ ଦେଇଛି । ଶାବକଟି ଜନ୍ମ ଦେବାପରେ ମା ଓ ଛୁଆ ଉଭୟ ସୁସ୍ଥ ରହିଛନ୍ତି। ଏହି ଶାବକଟିର ଜନ୍ମପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୮ରେ ପହଞ୍ଚିଛି। ସେଥିମଧ୍ୟରେ ୧୧ଅଣ୍ଡିରା ଓ ୬ମାଈ ଏବଂ ଜନ୍ମିତ ଶାବକର ଲିଙ୍ଗ ନିରୂପଣ ହୋଇପାରି ନାହିଁ।

### ୫ ଜାଲ୍ ଶିକ୍ଷକଙ୍କ ନାଁରେ ଅଭିଯୋଗ

**ପୁରୁଷୋତ୍ତମପୁର,୧୯।୧୦(ଡି.ଏନ.ଏ.):** ଗଞ୍ଜାମ ଜିଲାରେ ଜାଲ୍ ପ୍ରମାଣପତ୍ରରେ ଶିକ୍ଷକ ନିଯୁକ୍ତି ପାଇଥିବା କେତେଜଣ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯାଇଛି। ମାତ୍ର ପୁରୁଷୋତ୍ତମପୁର ବ୍ଲକରେ ବିଳମ୍ବରେ ହେଲେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଇ ବ୍ଲକ ଶିକ୍ଷାଧିକାରୀ ସୋମବାର ୫ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୫୧୦, ୫୧୧, ୫୧୨, ୫୧୩, ୫୧୪/୨୧ରେ ପୃଥକ୍ ମାମଲା ରୁଜୁ ହୋଇଛି। ଶୀଘ୍ର ସମସ୍ତ ଜାଲ୍ ଶିକ୍ଷକଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି। ଏ ନେଇ ଜାଲ୍ ସାର୍ଟିଫିକେଟ ସମ୍ପର୍କରେ ଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିଥିବା ସମରଜିତ ମହାନ୍ତି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ଜିଲାରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଜାଲ ସାର୍ଟିଫିକେଟରେ ନିଯୁକ୍ତି ପାଇଥିବାରୁ ପ୍ରକୃତ ଯୋଗ୍ୟ ମେଧାବୀ ଛାତ୍ରମାନେ ନିଯୁକ୍ତିରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ସେ ପୁରୁଷୋତ୍ତମପୁର ବ୍ଲକ ସମେତ ବିଭିନ୍ନ ବ୍ଲକରେ ଜାଲ୍ ସାର୍ଟିଫିକେଟରେ କାର୍ଯ୍ୟରତ ଶିକ୍ଷକଙ୍କ ତଥ୍ୟକୁ ନେଇ ୨୦୧୯ ଡିସେମ୍ବର ୧୨ରେ ଜିଲା ଶିକ୍ଷାଧିକାରୀଙ୍କ ସମେତ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, କ୍ରାଇମବ୍ରାଞ୍ଚ, ଗଞ୍ଜାମ ଡିପିସିଙ୍କ ସହ ବିଭିନ୍ନ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଏହାକୁ ନେଇ ବିଭିନ୍ନ ବ୍ଲକର ଶିକ୍ଷାଧିକାରୀମାନ ପୂର୍ବରୁ ଜାଲ୍ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବେଳେ ପୁରୁଷୋତ୍ତମପୁର ବ୍ଲକରେ ଟାଳଟୁଳ ନୀତି ଅବଲମ୍ବନ କରାଯାଇଥିଲା। ଦୀର୍ଘ ଦିନର ବିଳମ୍ବତା କାରଣରୁ ସରକାରଙ୍କ ବହୁ ଟଙ୍କାର ରାଜସ୍ୱ ସେହି ଶିକ୍ଷକମାନେ ଦରମା ବାବଦରେ ନେଇଥିବା ହେତୁ ରାଜକୋଷର କ୍ଷତି ଘଟିଛି ବୋଲି କହିବା ସହ ଏଭଳି କାର୍ଯ୍ୟରେ ବିଳମ୍ବ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି।

### ଦୁର୍ଘଟଣାରେ ହୋଟେଲ ମାଲିକ ମୃତ, କାରିଗର ଗୁରୁତର

**କାମାକ୍ଷାନଗର, ୧୯।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ରେଙ୍ଗାଲି ବାମପାର୍ଶ୍ୱ କେନାଲର ମକୁଆକାଟେଣୀ ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏଥିରେ ହୋଟେଲ ମାଲିକ ତଥା କାମାକ୍ଷାନଗର ଥାନା ସାରୁଆଳି ଗ୍ରାମର ଗୁରୁଚରଣ ବିଶ୍ୱାଳଙ୍କ ମୃତ୍ୟୁ ଘଟିଥିବାବେଳେ କଙ୍କଡ଼ାହାଡ଼ ଥାନା କଇରାଟାଙ୍ଗର ଗ୍ରାମର କାରିଗର ବିଚିତ୍ରାନନ୍ଦ ଦେହୁରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। କଙ୍କଡ଼ାହାଡ଼ ପୋଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ସନ୍ଧ୍ୟା ପ୍ରାୟ ୭ଟାରେ ଗୁରୁଚରଣ କାରିଗର ବିଚିତ୍ରାନନ୍ଦଙ୍କ ସହ ଏକ ବାଇକ୍‌ରେ ଜିରିଡ଼ାମାଳିସ୍ଥିତ ହୋଟେଲକୁ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। କାମାକ୍ଷାନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଗୁରୁଚରଣଙ୍କୁ ମୃତ ଘୋଷଣା କରିଥିଲେ।

# ରକ୍ଷାକବଚ ‘ମନୁଷ୍ୟକୃତ ହେନ୍ତାଳବଣ’

ମାନସ ବିଶ୍ୱାଳ

**ବାଲେଶ୍ୱର ଅଫିସ, ୧୯।୧୦**



ସାର୍ଥା ମୁହାଣରେ ମନୁଷ୍ୟକୃତ ହେନ୍ତାଳ ବଣ

ବାଲେଶ୍ୱର ଜିଲା ସଦର ବ୍ଲକ ସାର୍ଥା ମୁହାଣରେ ସୃଷ୍ଟି ହୋଇଥିବା ମନୁଷ୍ୟକୃତ ହେନ୍ତାଳ ବଣ (ଲୁଣା ଜଙ୍ଗଲ) ସ୍ଥାନୀୟ ଲୋକଙ୍କ ପାଇଁ ସୁନାମି ଓ ବାତ୍ୟାର ରକ୍ଷାକବଚ ସାଜିଛି। ଉକ୍ତ ଅଞ୍ଚଳରେ ୨୫ ହେକ୍ଟର (ଆନୁମାନିକ ୭୫ ଏକର) ଜମିରେ ସୃଷ୍ଟି ହୋଇଛି ଲୁଣା ଜଙ୍ଗଲ। ଯେଉଁଠି ୨୧ ପ୍ରଜାତିର ପ୍ରାୟ ୪ଲକ୍ଷ ଗଛ ଲଗାଯାଇ ହେନ୍ତାଳ ବଣ ସୃଷ୍ଟି କରାଯାଇଛି। ଏହା ବନ ବିଭାଗ ପକ୍ଷରୁ ସୃଷ୍ଟି କରାଯାଇନି ବରଂ ଜର୍ମାନୀର ଏକ ଅନୁଷ୍ଠାନର ଆର୍ଥିକ ସହାୟତାରେ ଦିଲ୍ଲୀର ନବଦାନ୍ୟା ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର ମୁଖ୍ୟ ତଥା ପରିବେଶବିତ୍ ଡ. ବନ୍ଦନା ଶିବାଙ୍କ ସହଯୋଗରେ ବାଲେଶ୍ୱରର ପରିବେଶବିତ୍ ଡ. ଅଶୋକ କୁମାର ପାଣିଗ୍ରାହୀ ସାର୍ଥା ମୁହାଣରେ ଏପରି ଏକ ହେନ୍ତାଳ ବଣ ସୃଷ୍ଟି କରିପାରିଛନ୍ତି। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଜଙ୍ଗଲର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିବା ସହ ଦୁଇ ଜଣ ଅସହାୟ ମହିଳା ଜଙ୍ଗଲ ସୁରକ୍ଷା ବାହିନୀ ସାଜିଛନ୍ତି।

କେବଳ ବାତ୍ୟା ପ୍ରତିରୋଧକ ଭାବେ ନୁହେଁ, ହେନ୍ତାଳବଣ ସ୍ଥଳ ଜୀବଜନ୍ତୁଙ୍କ ପାଇଁ ଏକ ଉତ୍ତମ ପରିସଂସ୍ଥାନ ଗଠନ, ମୃତ୍ତିକା ସଂରକ୍ଷଣ, ବନ୍ୟା ନିୟନ୍ତ୍ରଣ, ସ୍ଥାନୀୟ ଅଧିବାସୀଙ୍କୁ ଜୀବିକା ପ୍ରଦାନ କରିଥାଏ। ୧୯୯୯ ମହାବାତ୍ୟାରେ କେନ୍ଦ୍ରାପଡ଼ାରେ ହେନ୍ତାଳ ବଣ ଥିବାରୁ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଅପେକ୍ଷାକୃତ କମ୍ କ୍ଷୟକ୍ଷତି ହୋଇଥିବା ବେଳେ ବାଲେଶ୍ୱର ଜିଲାର ଉପକୂଳ ଅଞ୍ଚଳରେ ମଧ ଅନେକ କ୍ଷୟକ୍ଷତି ହୋଇଥିଲା। ମହାବାତ୍ୟାରେ ସାର୍ଥା ମୁହାଣରେ ସମୁଦ୍ର କୂଳ ଲଘିବା ସହ ସେଠାରେ ଥିବା ମାଛ ଧରା ବନ୍ଦର ଓ ମତ୍ସଜୀବୀଙ୍କ ଗାଁ ବିଧ୍ୱସ୍ତ ହୋଇଯାଇଥିଲା। ଏହାକୁ ଅନୁଧ୍ୟାନ କରି ପରିବେଶବିତ ଡ. ପାଣିଗ୍ରାହୀ ସୁବର୍ଣ୍ଣରେଖା ଓ ସାର୍ଥା ମୁହାଣରେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମ ଆରମ୍ଭ କଲେ। ଏନେଇ ଜିଲା ବନ ବିଭାଗକୁ ସହାୟତା ମାଗିଥିଲେ ମଧ କୌଣସି ପ୍ରକାର ସହାୟତା ମିଳି ନ ଥିଲା। ପରେ ଜର୍ମାନୀର ଏକ ଅନୁଷ୍ଠାନ ଆର୍ଥିକ ସହାୟତା ପାଇଁ ହାତ ବଢ଼ାଇଲା। ନବଦାନ୍ୟା ସଙ୍ଗଠନ ସହଯୋଗରେ ଜର୍ମାନୀ ଅନୁଷ୍ଠାନର ଜଣେ ବ୍ୟକ୍ତି ବାଲେଶ୍ୱରର ସୁବର୍ଣ୍ଣରେଖା ଓ ସାର୍ଥା ମୁହାଣ ତଦାରଖ କରିଥିଲେ। ଦୁଇ ସ୍ଥାନର କାଦୁଅ ମାପିବା ପରେ ହେନ୍ତାଳ ବଣ ସୃଷ୍ଟି ପାଇଁ ସାର୍ଥା ମୁହାଣ ଉପଯୁକ୍ତ ବୋଲି ଚୟନ କରିଥିଲେ। ତା’ପରେ ପଞ୍ଚାୟତରୁ ଅନୁମତି ନେଇ ସେହି ଅନୁଷ୍ଠାନ ଆର୍ଥିକ ସହାୟତା ଯୋଗାଇଥିଲେ। ଏହି ଅର୍ଥରେ ପରିବେଶବିତ୍ ଡ. ପାଣିଗ୍ରାହୀ ୨୦୦୬ରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ସାର୍ଥା ମୁହାଣ (ଯେଉଁଠି ସମୁଦ୍ର ସହ ନଦୀ ମିଶିଛି)ରେ ହେନ୍ତାଳ ବଣ ସୃଷ୍ଟି କଲେ। ମୁହାଣରେ ୨୧ ପ୍ରଜାତିର ଗଛ ଲଗାଇଲେ। ୫ ପ୍ରଜାତିର ଗଛ ନଷ୍ଟ ହୋଇଗଲା। ବାକି ୧୬ ପ୍ରଜାତିର ଗଛ ଦୁଇ ବର୍ଷ ମଧ୍ୟରେ ବଢ଼ିବା ଆରମ୍ଭ କଲା। ସେଠାକାର ମଞ୍ଜି ସେଠାରେ ଲଗାଇ ପ୍ରାୟ ୭୫ ଏକର ଜମିରେ ଲୁଣା ଜଙ୍ଗଲ ସୃଷ୍ଟି କରାଯାଇଛି। ଅଗଷ୍ଟ-ସେପ୍ଟେମ୍ବରରେ ସମୁଦ୍ର ଆଡୁ ସ୍ଥଳଭାଗକୁ ପୂର୍ବା (ସୁବାଳି) ପବନ ବହିଥାଏ। ଯେଉଁଥିରେ ମଞ୍ଜି ସବୁ ଭାସିଆସି ପୁଣି କୂଳରେ ଲାଗେ। ଏହାର ସୁଯୋଗ ନେଇ କେତେକ ସ୍ଥାନୀୟ ଯୁବକଙ୍କୁ ଅର୍ଥ ପ୍ରଦାନ କରି ଲକ୍ଷାଧିକ ମଞ୍ଜି ସଂଗ୍ରହ କରି ଲଗାଯାଇଛି। ସେଠାରେ ବିଭିନ୍ନ ପ୍ରଜାତିର ୪ଲକ୍ଷ ଲୁଣା ଗଛ ରହିଛି। ଏହି ଲୁଣା ଜଙ୍ଗଲରେ ସୁନ୍ଦରୀ ଗଛକୁ ଛାଡ଼ିଦେଲେ ରାଇ (୩ ପ୍ରଜାତି), ବନୀ(୩ ପ୍ରଜାତି), ଅରୁଓ କେରୁଓ, ବରାଣି, ମଥା ବରାଣି, ସିନ୍ଧୁକା, କାଳିଆ ଜୁଆ ପରି ବିଭିନ୍ନ ପ୍ରଜାତିର ଗଛ ରହିଛି। ତେବେ ଭିତରକନିକାରେ ୪ ଦିନରେ ଯେତେପ୍ରକାର ଗଛ ଦେଖିବାକୁ ମିଳିବ ସାର୍ଥା ମୁହାଣରେ ୪ଘଣ୍ଟାରେ ସେତିକି ପ୍ରକାର ଗଛ ଦେଖିବାକୁ ମିଳିବ। ବିଭିନ୍ନ ମାଧ୍ୟମରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇସାରିଥିବା ପରିବେଶବିତ୍ ପାଣିଗ୍ରାହୀ କହିଛନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ସାର୍ଥା ମୁହାଣରେ ଥିବା ଲୁଣା ଜଙ୍ଗଲକୁ ଗବେଷଣା ପାଇଁ ଯାଆନ୍ତି। ୨୦୧୩ ପରେ ଯେତିକି ବାତ୍ୟା ହୋଇଛି ସେଠାକାର ଲୋକଙ୍କୁ ଏହି ଜଙ୍ଗଲ ସହାୟତା ଦେଇଛି ବୋଲି ସେମାନେ ଅନୁଭବ କରୁଥିବା କୁହନ୍ତି।

ହେନ୍ତାଳ ବଣ ଉପରେ ଗବେଷଣା କରୁଥିବା ରଣୀନ୍ଦ୍ର କୁମାର ନାୟକ କହିଛନ୍ତି, ବାଲେଶ୍ୱରରେ ଥିବା ହେନ୍ତାଳବଣ ସଫା ହୋଇଗଲାଣି। ଚାନ୍ଦିପୁରରେ ପ୍ରାୟ ୨ଶହ ବର୍ଷ ପୂର୍ବେ ଏହି ବଣ ଥିଲା। ଏବେ ଅଳ୍ପ କିଛି ରହିଛି। ଯେଉଁଠି ସମୁଦ୍ରରେ ନଦୀ ମିଶିଛି ସେଠାରେ ସାଧାରଣତଃ ପଙ୍କୁଆ ମାଟିରେ ହେନ୍ତାଳ ବଣ ସୃଷ୍ଟି ହୋଇପାରେ। ସାର୍ଥା ମୁହାଣରେ ନୂଆ ଜଙ୍ଗଲ ସୃଷ୍ଟି କରାଯାଇଛି।

# ସମୁଦ୍ରରେ ଭାସିଗଲେ ୬ ପର୍ଯ୍ୟଟକ

**ଜଣେ ମୃତ, ୪ ଉଦ୍ଧାର**

**ପୁରୀ ଅଫିସ,୧୯।୧୦:** ପୁରୀ ସମୁଦ୍ରରେ ମଙ୍ଗଳବାର ୬ ଜଣ ପର୍ଯ୍ୟଟକ ଗାଧୋଉଥିବା ବେଳେ ଭାସିଯାଇଛନ୍ତି। ତେବେ ୬ଜଣଙ୍କ ମଧ୍ୟରୁ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ୪ଜଣଙ୍କୁ ଉଦ୍ଧାର କରାଯାଇଛି। ହେଲେ ଅନ୍ୟ ଜଣେ ପର୍ଯ୍ୟଟକ ନିଖୋଜ ଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ଅନୁପମ ମଣ୍ଡଳ। ସୂଚନା ଥାଉକି, ସେକ୍ଟର ୧୩ କ୍ୟାମେଲିଆ ବିଚ୍ ନିକଟରେ ଅପରାହ୍ନ ୧ଟା ୫୦ରେ ଅନୁପମ ପରିବାର ସହ ପୁରୀ ବୁଲିବାକୁ ଆସି ସମୁଦ୍ର ଗାଧୋଉ ଥିଲେ। ହଠାତ୍ ସେ ବୁଡ଼ି ଯାଇଥିବା ବେଳେ ପରିବାର ଲୋକେ ଲାଇଫଗାର୍ଡଙ୍କୁ ଜଣାଇଥିଲେ। ଲାଇଫଗାର୍ଡ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ସେ ସମୁଦ୍ରର ଗଭୀରକୁ ଚାଲିଯାଇଥିଲେ। ତେବେ ଉଦ୍ଧାର ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିଭଳି ପଶ୍ଚିମବଙ୍ଗର ଅଙ୍କିତ ଗୁପ୍ତା, ଅସ୍ମିତା ଗୁପ୍ତା, ଅଙ୍କଶ ଗୁପ୍ତା ଓ ସାନଭି ଗୁପ୍ତା ୨ଟା ୧୫ରେ ଗାଧୋଉଥିବା ବେଳେ ଭାସି ଯାଇଥିଲେ। ଲାଇଫଗାର୍ଡମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ସେହିପରି ପଶ୍ଚିମବଙ୍ଗର ସଞ୍ଜୁ ଭଟ୍ଟାଚାର୍ଯ୍ୟ ପୁରୀ ବେଳାଭୂମିର ପିଙ୍କ ହାଉସ୍ ପାଖରେ ଗାଧୋଉଥିଲେ। ପରେ ପରିବାର ଲୋକେ ତାଙ୍କୁ ନ ଦେଖିବାରୁ ଲାଇଫଗାର୍ଡଙ୍କୁ କହିଥିଲେ। ବହୁ ଖୋଜିବା ସତ୍ତ୍ୱେ ନ ପାଇବାରୁ ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ବିସ୍ତୀର୍ଣ୍ଣ ବେଳାଭୂମିରେ ଖୋଜାଖୋଜି ଜାରି ରଖିଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ଖୋଜାଯାଇଥିଲେ ମଧ ତାଙ୍କର କୌଣସି ପତ୍ତା ମିଳିନାହିଁ। ଏ ନେଇ ଅଗ୍ନିଶମ ବିଭାଗର ଏସ୍‌ଆଇ ଧନଞ୍ଜୟ ମଲ୍ଲିକ କହିଛନ୍ତି, ବେଳଭୂମିରେ ସମ୍ପୃକ୍ତ ଯୁବକଙ୍କୁ ଶେଷ ଥର ପାଇଁ ଦ୍ୱିପ୍ରହର ୨ଟା ବେଳେ ଦେଖାଯାଇଥିବା ବେଳେ ଏପର୍ଯ୍ୟନ୍ତ ତାଙ୍କ ଖୋଜ ଖବର ନାହିଁ। ପୂରା ଟିମ୍ ଖୋଜିବାରେ ଲାଗିଛି। ମୁଖ୍ୟ ବେଳାଭୂମିକୁ ଛାଡ଼ି ଅନ୍ୟ ସମସ୍ତ ବେଳାଭୂମିରେ ପର୍ଯ୍ୟଟକଙ୍କୁ ଗାଧୋଇବା ପାଇଁ ମନା କରାଯାଇଥିବା ବେଳେ ବହୁ ମାତ୍ରାରେ ଲାଇଫଗାର୍ଡଙ୍କୁ ନିୟୋଜିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ଣ୍ଣିମା ସମୟ ହୋଇଥିବା ହେତୁ ସମୁଦ୍ର ସମ୍ପୂର୍ଣ୍ଣ ରୂପେ ଅଶାନ୍ତ ରହିଛି। ଦିନତମାମ ଅଗ୍ନିଶମ ବିଭାଗ ପକ୍ଷରୁ ମାଇକ୍ ଯୋଗେ ସମୁଦ୍ରକୁ ନ ଯିବା ପାଇଁ ସତର୍କ କରାଯାଉଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ସିଙ୍ଗାପୁରରେ କନ୍‌ଷ୍ଟ୍ରକ୍‌ସନ୍ କମ୍ପାନୀରେ ହେଲ୍‌ପର ଆବଶ୍ୟକ
୧ବର୍ଷ ଚୁକ୍ତି, ଖାଇବା ମାଗଣା/ରହିବା/ଟିକେଟ/ଭିସା, ଦରମା- ୩୫,୦୦୦/- ପ୍ରତି ମାସ । ଅଧିକ କାମପାଇଁ ଅଧିକ ଦରମା ଦିଆଯିବ । (୮ଘଣ୍ଟା ଡ୍ୟୁଟି)
(ଦିୱାଲି ପରେ ବମ୍ବେ ରୁ ଫ୍ଲାଇଟ୍ ହେବ ।)
କମଲ ପ୍ଲେସ୍‌ମେଣ୍ଟ, ଗୁଜୁରାଟ
Contact : 9157312448

SALES ENGINEER REQUIRED
For Multinational German Pneumatic Company, Jajpur (Kalinga Nagar), based interested candidate forward your CV to
info@palitsales.in

Urgently Required
XEROX & D.T.P OPERATOR
Pagemaker, Photoshop, Microsoft Office and CorelDRAW
5-6 years of Experience.
Time : 10.00am to 8pm
Salary : 10,000/- to 14,000/- & above
CHELSHHA
2977, Ravi Talkies Road, Bhubaneswar-02
Contact : 9040821015 / 9437387034

ଆବଶ୍ୟକ
ଗ୍ରାଉଣ୍ଡ ଷ୍ଟାଫ୍, ସୁପରଭାଇଜର, ଚେକର, ଲୋଡର୍, ହେଲ୍‌ପର୍
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
ହାୱାଇ କ୍ଷେତ୍ରରେ (ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
CONTACT : 8448123162

See Career Appointment on every Wednesday & Saturday

URGENTLY REQUIRED
Job opportunatly in Hotel at Bhubaneswar.
House Keeping / Receptionist / Room Service / Kitchen Helper
7978672184 / 8144077423

APPOINTMENT
We are leading distributors for Industrial Pumps, Valves etc. for MNC Companies based at Bhubaneswar. We require following personnel immediately.
SENIOR SALES EXECUTIVE
He should be a Graduate with 2-3 year experience in selling Industrial Products preferably Pump sets to industries of Odisha. The job calls for extensive travelling.
SALES EXECUTIVE
He should be a Science Graduate. Fresher or 1 year experience in selling Industrial products to industries of Odisha is preferred. The posting is in Angul.
SERVICE ENGINEER
He should be ITI in Fitter Trade. 1-2 years experience in Industrial works or Pump Servicing are preferred.
Salary is not constraint for right candidate.
Applicant should have his own two wheelers. Please send your resume with expected salary to: appointment@ppamktg.com
PPA MARKETING PVT. LTD., BHUBANESWAR
Contact: 7381001124

# ୪ ଅଗ୍ନିଶମ କର୍ମଚାରୀ ନିଲମ୍ବିତ, ଏଏଫ୍‌ଓଙ୍କୁ ବଦଳି

**ଦଶହରା ଚାନ୍ଦା ମାଗିବା ମହଙ୍ଗା ପଡ଼ିଲା**

**ବ୍ରହ୍ମପୁର ଅଫିସ,୧୯।୧୦**

ଦଶହରା ଚାନ୍ଦା ମାଗିବା ୫ଅଗ୍ନିଶମ କର୍ମଚାରୀଙ୍କୁ ଏବେ ମହଙ୍ଗା ପଡ଼ିଛି। ଦଶହରା ଚାନ୍ଦା ମାଗିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ବ୍ରହ୍ମପୁରରେ କାର୍ଯ୍ୟରତ ଅଗ୍ନିଶମ ବିଭାଗର ୪ କର୍ମଚାରୀ ଓ ଅନ୍ୟ ଜଣେ ବ୍ରହ୍ମପୁରରେ କାର୍ଯ୍ୟରତ ସହକାରୀ ଅଗ୍ନିଶମ ଅଧିକାରୀ। ଏହି କର୍ମଚାରୀମାନେ ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନକୁ ଦଶହରା ଚାନ୍ଦା ମାଗୁଥିବା ନେଇ ଅଭିଯୋଗ ଆସିବା ପରେ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ସେମାନଙ୍କୁ ନିଲମ୍ବିତ କରିବାକୁ ଷ୍ଟେଶନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିଲମ୍ବିତ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ୨ ଆଗ୍ନିକ ଓ ୨ ହାବିଲଦାର ଅଛନ୍ତି। ଏମାନଙ୍କ ମଧ୍ୟରୁ ୩ ଜଣ ବ୍ରହ୍ମପୁର ଅଗ୍ନିଶମ କେନ୍ଦ୍ରରେ କାର୍ଯ୍ୟ କରୁଥିବା ବେଳେ ଜଣେ ଏମ୍‌କେସିଜି ମେଡିକାଲ ଅଗ୍ନିଶମ କେନ୍ଦ୍ରରେ କାର୍ଯ୍ୟ କରୁଥିଲେ। ସେହିପରି ବ୍ରହ୍ମପୁର ସହକାରୀ ଅଗ୍ନିଶମ ଅଧିକାରୀ(ଏଏଫ୍‌ଓ) ଜିତେନ୍ଦ୍ର କୁମାର ଦାସଙ୍କ ଜାଣତରେ ଅଗ୍ନିଶମ କର୍ମଚାରୀମାନେ ଦଶହରା ଚାନ୍ଦା ମାଗୁଥିବା ତଦନ୍ତ ବେଳେ ଜଣାପଡିଥିଲା। ଏଣୁ ଓଡ଼ିଶା ଅଗ୍ନିଶମ ଡିଜି ଏମ୍.ଅକ୍ଷୟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ବୌଦ୍ଧ ଜିଲାକୁ ବଦଳି କରାଯାଇଛି। ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଦାସ କହିଛନ୍ତି, କେତେକ ପେଟ୍ରୋଲ ପମ୍ପରେ ଉପରୋକ୍ତ ଅଗ୍ନିଶମ କର୍ମଚାରୀମାନେ ଦଶହରା ଚାନ୍ଦା ମାଗୁଥିବା ପ୍ରାଥମିକ ତଦନ୍ତ ବେଳେ ଜଣାପଡ଼ିଛି। ଏଣୁ ଦୁଇ ଜଣ ଆଗ୍ନିକ ଓ ଦୁଇ ଜଣ ହାବିଲଦାରଙ୍କୁ ମଙ୍ଗଳବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସେହିପରି ଏହି ଦଶହରା ଚାନ୍ଦା ମାଗିବା ଘଟଣାରେ ବ୍ରହ୍ମପୁର ସହକାରୀ ଅଗ୍ନିଶମ ଅଧିକାରୀ ଜିତେନ୍ଦ୍ର କୁମାର ଦାସଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ଅଗ୍ନିଶମ ଡିଜିଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଥିଲା। ପରେ ଡିଜିଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଏଏଫ୍‌ଓଙ୍କୁ ବୌଦ୍ଧ ଜିଲାକୁ ବଦଳି କରାଯାଇଛି ବୋଲି ସେ କହିଛନ୍ତି।

ସେହିପରି ପାରଳାଖେମୁଣ୍ଡି ଏଏଫ୍‌ଓ ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ବ୍ରହ୍ମପୁର ଏଏଫ୍‌ଓ ଭାବେ ବଦଳି କରାଯାଇଛି। ସେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଥିବା ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ଦାସ କହିଛନ୍ତି। ଅନ୍ୟପଟେ ବ୍ରହ୍ମପୁର ଅଗ୍ନିଶମ କର୍ମଚାରୀମାନେ ଚାନ୍ଦା ମାଗୁଥିବା ଘଟଣାର ଅଧିକ ତଦନ୍ତ ଜାରି ରହିଛି। ସେମାନେ କାହାକୁ କେତେ ଟଙ୍କା ମାଗିଛନ୍ତି ଓ ଆଣିଛନ୍ତି ତା’ର ତଦନ୍ତ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

# ସମାନ ଶିକ୍ଷା ଲାଗି ପ୍ରସ୍ତୁତ ହେବ ମଜଭୁତ ଢାଞ୍ଚା: ଧର୍ମେନ୍ଦ୍ର



**ଭୁବନେଶ୍ୱର,୧୯।୧୦(ବ୍ୟୁରୋ)**

ସମସ୍ତଙ୍କୁ ଦକ୍ଷତାପୂର୍ଣ୍ଣ ଓ ସମାନ ଶିକ୍ଷା ପ୍ରଦାନ କରିବା ପାଇଁ ଏକ ମଜଭୁତ ଶିକ୍ଷା ଢାଞ୍ଚା ପ୍ରସ୍ତୁତ କରିବା ଲାଗି ଆମେ ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମଙ୍ଗଳବାର ବିଶ୍ୱବ୍ୟାଙ୍କର ହ୍ୟୁମାନ କ୍ୟାପିଟାଲ ମିନିଷ୍ଟେରିଆଲ କନ୍‌କ୍ଲେଭରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଟେକ୍ନୋଲୋଜିକୁ କାର୍ଯ୍ୟକାରୀ କରି ଜୀବନଶୈଳୀରେ ଉନ୍ନତି ଆଣିବା, ଜୀବନଜୀବିକାକୁ ଗୁରୁତ୍ୱ ଦେବା ସହ ସମସ୍ତଙ୍କୁ ସମାନ ଶିକ୍ଷାର ସୁବିଧା ପାଇଁ ଭାରତର ଉଦ୍ୟମ ଆବଶ୍ୟକ। କୋଭିଡ୍-୧୯ ସମୟରେ ଭାରତ ସରକାର ବହୁମୁଖୀ ରଣନୀତି ଯଥା ଦୀକ୍ଷା, ପିଏମ୍ ଇ-ବିଦ୍ୟା, ସ୍ୱୟଂ ପୋର୍ଟାଲ, ଡିଜିଟାଲ ଲାଇବ୍ରେରି, ଡିଟିଏଚ୍, ରେଡିଓ ଶିକ୍ଷାଦାନର ନିରନ୍ତରତାକୁ ବଜାୟ ରଖିଛି। ଛାତ୍ରୀଛାତ୍ରମାନେ ଟେକ୍ନୋଲୋଜି ଜରିଆରେ ଗୁଣାତ୍ମକ ଶିକ୍ଷା ପାଇପାରୁଛନ୍ତି। ଏହା ବ୍ୟତୀତ ଇଣ୍ଟରନେଟ ମାଧ୍ୟମରେ ଶିକ୍ଷା ଏବଂ ଜାତୀୟ ଡିଜିଟାଲ ଶିକ୍ଷା ନିର୍ମାଣଶୈଳୀ ସମେତ ଶିକ୍ଷା ପରିସଂସ୍ଥାନକୁ ଅଧିକ ସମାବେଶୀ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ କେନ୍ଦ୍ରମନ୍ତ୍ରୀ ମତ ରଖିଛନ୍ତି।

କୋୱିନ ଭଳି ଡିବିଟି ଏବଂ ଅନେକ ଡିଜିଟାଲ ପ୍ଲାଟ୍‌ଫର୍ମ ମାନବ ସମ୍ବଳର କ୍ଷତିକୁ ରୋକିବାରେ ସହାୟକ ହୋଇଥିବା ଧର୍ମେନ୍ଦ୍ର ଏହି ମନ୍ତ୍ରୀସ୍ତରୀୟ ସମ୍ମିଳନୀରେ ଆଲୋକପାତ କରିଛନ୍ତି। ଭାରତରେ ଏଲ୍‌ପିଜି ବିତରଣରେ ସଂସ୍କାରମୂଳକ ପଦକ୍ଷେପକୁ ସ୍ୱୀକୃତି ଦେଇଥିବାରୁ ବିଶ୍ୱବ୍ୟାଙ୍କକୁ ସେ ଧନ୍ୟବାଦ ଜଣାଇଛନ୍ତି। ସେହିପରି ବିଶେଷଭାବେ ‘ପହଲ’ ଓ ‘ଗିଭ୍ ଇଟ୍ ଅପ୍’ ଦ୍ୱାରା ସବ୍‌ସିଡିର ଅପବ୍ୟବହାରକୁ ହ୍ରାସ କରିବା ତଥା ଦେଶର ୮ କୋଟି ଗରିବ ପରିବାରକୁ ସ୍ୱଚ୍ଛ ଇନ୍ଧନ ଯୋଗାଇବା ଉପରେ ଭାରତର ଅଭିଜ୍ଞତା ଓ ବିଶ୍ୱସ୍ତରୀୟ ଏଲ୍‌ପିଜି କ୍ଷେତ୍ରରେ ପ୍ରବେଶ କରିବାକୁ ନେଇ ଧର୍ମେନ୍ଦ୍ର ଚର୍ଚ୍ଚା କରିଛନ୍ତି।

# ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ମାନବ ପୁରସ୍କୃତ

**ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)**



ମାନବ ପୃଷ୍ଟି

ଭୁବନେଶ୍ୱରର ୧୦ ବର୍ଷୀୟ ଛାତ୍ର ମାନବ ପୃଷ୍ଟି ‘ହ୍ୱାଇଟ୍‌ହ୍ୟାଟ୍ ଜୁନିଅର୍ ସ୍ୱଚ୍ଛ ଭାରତ ଟେକ୍ ଚାମ୍ପସ’ର ଶୀର୍ଷ ୫୦ ଜଣ ଜାତୀୟ ବିଜେତାଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଟେକ୍ନୋଲୋଜିର ବ୍ୟବହାର କରି ଆମ ଦେଶର ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମସ୍ୟାର ସମାଧାନ ଖୋଜି ବାହାର କରିବା ପାଇଁ ଯୁବପିଢ଼ିଙ୍କୁ ପ୍ରେରିତ କରିବାର ଲକ୍ଷ୍ୟ ସହିତ ରେକିଟ୍ ଏବଂ ହ୍ୱାଇଟ୍‌ହ୍ୟାଟ୍ ଜୁନିଅର୍ ପକ୍ଷରୁ ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ମାନବଙ୍କ ଆପ୍ ‘ମେକ୍ ଇଟ୍ ଗ୍ରୀନ୍’ ବିଭିନ୍ନ ପରିବେଶ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମରେ ଭାରତର ୭୦୦ରୁ ଅଧିକ ସହରରୁ ୬ରୁ ୧୮ ବର୍ଷ ବୟସର ୧୦,୭୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶୀର୍ଷ ୫୦ଜଣ ବିଜେତା ବର୍ଜ୍ୟବସ୍ତୁ ପରିଚାଳନା, କୋଭିଡ୍-୧୯ ଯତ୍ନ ଓ ଟିକାକରଣ, ସମୁଦାୟ ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ମାନସିକ ସ୍ୱାସ୍ଥ୍ୟ ଓ ଋତୁସ୍ରାବ ଆଦି ପ୍ରସଙ୍ଗ ଉପରେ ଆପ୍ ତିଆରି କରିଥିଲେ। ଏହି ୫୦ ଜଣ ବିଜେତାଙ୍କୁ ରେକିଟ୍ ପକ୍ଷରୁ ୫୦ହଜାର ଟଙ୍କା ଲେଖାଏ ବୃତ୍ତି ଓ ସମ୍ମାନ ଦ୍ୱାରା ସମ୍ମାନିତ କରାଯାଇଛି। ଏଥିସହ ବିଜେତାଙ୍କୁ ଡେଟଲ୍ ଓ ଏନ୍‌ଡିଟିଭିର ସ୍ୱଚ୍ଛ ଭାରତ ସମ୍ପନ୍ନ ଭାରତ ଟେଲିଥନରେ ସୁପରଷ୍ଟାର ଓ ଡେଟଲ୍ ବନେଗା ସୁସ୍ଥ ଇଣ୍ଡିଆର କ୍ୟାମ୍ପେନ୍ ଆମ୍ବାସାଡର୍ ଅମିତାଭ ବଚ୍ଚନଙ୍କ ସହ ଯୋଗଦେବାର ସୁଯୋଗ ପ୍ରଦାନ କରାଯାଇଛି।

ସମସ୍ତ ଛାତ୍ରୀଛାତ୍ରଙ୍କ ସହ କଥା ହୋଇ ଅମିତାଭ କହିଛନ୍ତି, ‘ପିଲାଙ୍କ ମସ୍ତିଷ୍କ ଯେପରି କାର୍ଯ୍ୟ କରିଥାଏ ସେଥିରେ କିଛି ଆକର୍ଷଣୀୟ ବିଷୟ ରହିଛି। ଯେଉଁଠି ବୟସ୍କମାନେ ପ୍ରତିବନ୍ଧକ ଦେଖନ୍ତି ସେଠି ପିଲାମାନେ ସମ୍ଭାବନା ଦେଖିଥାନ୍ତି। ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସହ ଜଡ଼ିତ ସମସ୍ୟାଗୁଡ଼ିକର ସମାଧାନ କରି ଯୁବ ବିଜେତାମାନେ ଆଣିଥିବା ଆପ୍ ବିଚାରଗୁଡ଼ିକୁ ଦେଖିଲେ ମୋର ହୃଦୟ ଭାରତର ଭବିଷ୍ୟତ ପାଇଁ ଆଶାରେ ଭରିଯାଉଛି। ଏମାନେ ହେଉଛନ୍ତି ଆଜିର ଯୁବ ସ୍ରଷ୍ଟା ଯେଉଁମାନେ କି ଆସନ୍ତାକାଲିର ଉଦ୍ଭାବକ ଓ ଲିଡରରେ ପରିଣତ ହେବେ।

# ୨ କିଲୋ ୬୭୬ ଗ୍ରାମ୍ ବ୍ରାଉନସୁଗାର ଜବତ

**ହୋଟେଲରେ ଡିଲ୍ ଚାଲିଥିବା ବେଳେ ଚଢ଼ାଉ, ୩ ଗିରଫ**

**ଜଳେଶ୍ୱର, ୧୯।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳ ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟିଛି। ଏକ ବଡ଼ଧରଣର ଡିଲ୍ ହେବାର ସୁରାକ ପାଇ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ୩ଦିନ ଧରି ଜାଲ ବିଛାଇଥିଲା। ସୋମବାର ବିଳମ୍ବିତ ରାତିରେ ଏକ ହୋଟେଲରେ ଡିଲ୍ ଚାଲିଥିବା ବେଳେ ଚଢାଉ କରାଯାଇ ମୋଟ ୨କିଲୋ ୬୭୬ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ମହିଳାଙ୍କ ସହ ୩ଜଣଙ୍କୁ ଗିରଫ କରାଯାଇଛି। ହୋଟେଲ ମାଲିକ ସେକ୍ ଇସାଉଦ୍ଦିନ ଫେରାର ହୋଇଯାଇଛନ୍ତି।

ଅବକାରୀ କମିଶନର ଆଶିଷ କୁମାର ସିଂଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲାର ଡେପୁଟି କମିଶନର ଅଶୋକ କୁମାର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କ ନେତୃତ୍ୱରେ ଏକ ୩୫ଜଣିଆ ଟିମ୍ ବିଳମ୍ବିତ ରାତିରେ ଷ୍ଟେଶନବଜାରର ଝାଡ଼େଶ୍ୱରପୁରରେ ଥିବା ହୋଟେଲରେ ଚଢାଉ କରିଥିଲେ। ହୋଟେଲ ମାଲିକଙ୍କ ଶ୍ୱାଇଁ ମୁକ୍ତାର ଅଲି ଖାଁ ୧କିଲୋ ୫ଶହ ଗ୍ରାମ୍ ଓଜନର ବ୍ରାଉନସୁଗାର କିଣିଥିବା ବେଳେ ତାଙ୍କୁ ସ୍ୱତନ୍ତ୍ର ଟିମ୍ କାବୁ କରିଥିଲା। ଜଳେଶ୍ୱର ପୋଲିସ ହୋଟେଲ ମଧ୍ୟରୁ ସେକ୍ ଇସାଉଦ୍ଦିନଙ୍କ ସ୍ତ୍ରୀ ରୁକ୍‌ସାନା ବିବି ଓ ହୋଟେଲ କର୍ମଚାରୀ ସାମୟୀ ମୁର୍ମୁଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ମୁର୍ମୁଙ୍କଠାରୁ ୧ କିଲୋ ୧୭୬ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ଉଭୟଙ୍କୁ ଗିରଫ କରିଛି। ଏନେଇ ଅବକାରୀ ବିଭାଗରେ ମାମଲା(ନଂ. ୧୦୦/୨୧-୨୨, ନଂ. ୩୪୧/୨୧-୨୨) ରୁଜୁ କରାଯାଇ ୩ଜଣଙ୍କୁ କୋର୍ଟଚାଲାଣ କରାଯାଇଛି।



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ ।

ସୂଚନା ଅନୁଯାୟୀ, ଚଳିତବର୍ଷ ଜାନୁୟାରୀଠାରୁ ଅଦ୍ୟାବଧି ବାଲେଶ୍ୱର ଜିଲାର ୪୮ ମାମଲାରେ ୭ କିଲୋ ୩୪ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ୮୭ଜଣଙ୍କୁ ଗିରଫ କରାଯାଇଛି । ଏମାନଙ୍କଠାରୁ ୧୫ଟି ଗାଡ଼ି ସହିତ ୩ଲକ୍ଷ ୪୫ହଜାର ୮୯୦ଟଙ୍କା ଜବତ କରାଯାଇଛି। କେବଳ ଜଳେଶ୍ୱର ଥାନା ଅଧୀନରେ ୨୧ଟି ମାମଲାରେ ୫ କିଲୋ ୨୬ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ୩୮ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮ଟି ଗାଡ଼ି ଜବତ ହେବା ସହ ୮୬ହଜାର ୧୪୫ ଟଙ୍କା ଜବତ କରାଯାଇଛି।

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS
असेसमेंट में, हम पर भरोसा रखता है भारत | In assessment, India trusts us
Scan to visit Website
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in/ ରେ କ୍ଲିକ୍ କରନ୍ତୁ

ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରି ଅଫିସର୍ସ/ ମ୍ୟାନେଜମେଣ୍ଟ ଟ୍ରେନିଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୨-୨୩ର ଖାଲି ପଦବୀ ପାଇଁ ସିଆର୍‌ପି ପିଓ/ଏମ୍‌ଟି-XI)

ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରି ଅଫିସର/ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ଡିସେମ୍ବର ୨୦୨୧/ଜାନୁୟାରୀ ୨୦୨୨ରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି ।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ, ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ ସଂଶୋଧନ ସମେତ | ୨୦।୧୦।୨୦୨୧ରୁ ୧୦।୧୧।୨୦୨୧ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ୨୦।୧୦।୨୦୨୧ରୁ ୧୦।୧୧।୨୦୨୧ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର୍ ଡାଉନଲୋଡ୍* | ନଭେମ୍ବର, ୨୦୨୧ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ନଭେମ୍ବର/ଡିସେମ୍ବର ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ନଭେମ୍ବର/ଡିସେମ୍ବର ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ସମ୍ଭବତଃ ୦୪।୧୨।୨୦୨୧ ଏବଂ ୧୧।୧୨।୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ଡିସେମ୍ବର ୨୦୨୧/ଜାନୁୟାରୀ ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ଡିସେମ୍ବର ୨୦୨୧/ଜାନୁୟାରୀ ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ଜାନୁୟାରୀ ୨୦୨୨ |
| ପରୀକ୍ଷାଫଳ ଘୋଷଣା – ମେନ୍ | ଜାନୁୟାରୀ/ଫେବୃୟାରୀ ୨୦୨୨ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନଲୋଡ୍ | ଫେବୃୟାରୀ ୨୦୨୨ |
| ସାକ୍ଷାତ୍‌କାର ସଞ୍ଚାଳନ | ଫେବୃୟାରୀ/ମାର୍ଚ୍ଚ ୨୦୨୨ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୨ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୧୯।୧୦।୨୦୨୧
ନିର୍ଦ୍ଦେଶକ

କବିମାନେ ମୃତ୍ୟୁ ଓ ବାହ୍ୟ ଦୁଃଖକଷ୍ଟକୁ ଖୁବ୍ ବଡ଼ କରି ଦେଖନ୍ତି। କିନ୍ତୁ ଏକମାତ୍ର କରୁଣ ନାଟକ ହେଲା ଅନ୍ତରାତ୍ମାର ବ୍ୟର୍ଥତା ଏବଂ ଏକମାତ୍ର ମହାକାବ୍ୟ ହେଲା- ଦେବତ୍ୱ ଦିଗରେ ମନୁଷ୍ୟର ବିଜୟୀ ଉତ୍ତରଣ। – ଶ୍ରୀଅରବିନ୍ଦ

# ବିନାଶର ସୁଯୋଗ

'ଗଡ୍ସ ଓନ୍ କଣ୍ଟ୍ରି' ବା 'ଈଶ୍ୱରଙ୍କ ନିଜ ଦେଶ' ଭାବେ ପରିଚିତ କେରଳ ପରିବେଶର ପ୍ରତିକୂଳ ପ୍ରଭାବକୁ ସାମ୍ନା କରିଚାଲିଛି। ୨୦୧୮ ଓ ୨୦୧୯ର ବର୍ଷା ଏବଂ ବନ୍ୟା ବିପ୍ୟାତକୁ ଭୁଲି ନ ଥିବାବେଳେ ପୁଣି ଏବେ ସେଭଳି ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରବଳ ବର୍ଷା, ବନ୍ୟା, ଭୂସ୍ଖଳନରେ ୩୮ଜଣଙ୍କ ମୃତ୍ୟୁ ଘଟିଛି ଓ ଅନେକେ ନିଖୋଜ ଅଛନ୍ତି। ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଲ୍ଲେଖନୀୟ, ୨୦୧୮ର ବର୍ଷା ଓ ବନ୍ୟା ୧୦୦ ବର୍ଷ ମଧ୍ୟରେ ଥିଲା ସବୁଠୁ ଭୟଙ୍କର। ତେବେ ୩ ବର୍ଷ ମଧ୍ୟରେ କେରଳରେ ତିନୋଟି ବିନାଶକାରୀ ବର୍ଷା ଓ ବନ୍ୟା ଅତି କମ୍‌ରେ ୬୦୦ ଲୋକଙ୍କ ପ୍ରାଣ ନେବା ସହ ଅନେକ ଅଞ୍ଚଳକୁ ମାଟିରେ ମିଶାଇ ଦେଇଛି। ଏଭଳି ବିଭୀଷିକା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। କେବଳ କେରଳ ନୁହେଁ ଚଳିତ ମାସରେ ବର୍ଷା ଯୋଗୁ କର୍ନାଟକ, ଓଡ଼ିଶା, ତେଲଙ୍ଗାନା ଓ ପଶ୍ଚିମବଙ୍ଗ ସମେତ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ମଧ୍ୟ ବ୍ୟାପକ କ୍ଷତି ଘଟିଛି। ଆଉ ଏକ ଘଟଣାକ୍ରମରେ ଅକ୍ଟୋବର ୧୮ରେ ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା, ଭୂସ୍ଖଳନ ଯୋଗୁ ୨୮ ଜଣଙ୍କ ମୃତ୍ୟୁ ଘଟିଛି ଓ ଏହା ବୃଦ୍ଧି ପାଇବ ବୋଲି ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଛି।

ଏସବୁରୁ ବୁଝାପଡୁଛି ଯେ, ମୌସୁମୀର ଗତିରେ ଅସ୍ୱାଭାବିକ ପରିବର୍ତ୍ତନ ଏକ ଆହ୍ୱାନ ସୃଷ୍ଟି କରିଛି। ଜଳବାୟୁ ପରିବର୍ତ୍ତନ ତଥା ପରିବେଶ ଅସନ୍ତୁଳନ ଏହାକୁ ଆହୁରି ତୀବ୍ର କରିଦେଇଛି। ହିମାଳୟର ପାର୍ବତ୍ୟାଞ୍ଚଳରେ ରାସ୍ତା ନିର୍ମାଣଠାରୁ ଆରମ୍ଭକରି ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଏବଂ ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁ ଯେଭଳି ପରିବେଶ ସନ୍ତୁଳନ ବିଗିଡ଼ିବାରେ ଲାଗିଛି, ସେଭଳି ସ୍ଥିତି ପଶ୍ଚିମଘାଟ ପର୍ବତମାଳାରେ ଘଟୁଛି। ହିମାଳୟର ପ୍ରଭାବ ସ୍ପଷ୍ଟତଃ ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ ସମେତ ଅନ୍ୟ ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ଦେଖିବାକୁ ମିଳୁଥିବାବେଳେ ପଶ୍ଚିମଘାଟର ପ୍ରଭାବ କେରଳ ସମେତ କର୍ନାଟକ, ତାମିଲନାଡୁ, ମହାରାଷ୍ଟ୍ର ଆଦି ରାଜ୍ୟରେ ଦେଖାଯାଇଛି। ହେଲେ କେରଳ ସବୁଠୁ ଅଧିକ କ୍ଷତି ସହୁଛି। ଏହି ରାଜ୍ୟରେ ପଶ୍ଚିମଘାଟ ପର୍ବତମାଳାର ବହୁ ଅଂଶ ରହିଛି। ୟୁନେସ୍କୋ ମତରେ ପଶ୍ଚିମଘାଟ ପର୍ବତମାଳା ହିମାଳୟଠାରୁ ବି ପୁରୁଣା। ପରିବେଶ ସନ୍ତୁଳନ ରକ୍ଷା ତଥା ମୌସୁମୀ ନିୟନ୍ତ୍ରଣରେ ଏହାର ଭୂମିକା ଯଥେଷ୍ଟ ଅଧିକ। କିନ୍ତୁ ସେଠାରେ ବର୍ତ୍ତମାନ ବିକାଶଭିତ୍ତିକ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ମାଇନିଂ, ବ୍ୟାପକ ଜଙ୍ଗଲ କ୍ଷୟ ଏବଂ ନିର୍ମାଣ କାର୍ଯ୍ୟ ଦ୍ୱାରା ପରିବେଶରେ ବିରାଟ ପରିବର୍ତ୍ତନ ଆସିଛି। କେରଳରେ ମୌସୁମୀ ବର୍ଷାଜନିତ ବିପର୍ଯ୍ୟୟ ବୃଦ୍ଧି ପାଇବାର ଏହା ଏକ ପ୍ରମୁଖ କାରଣ। ପଶ୍ଚିମଘାଟ ପର୍ବତାଞ୍ଚଳର ପରିବେଶ ସୁରକ୍ଷା ନ ହେଲେ ବିପଦ ଆସିବ ବୋଲି ମାଧବ ଗାଡ୍‌ଗିଲ କମିଟି ସତର୍କ କରି ଦେଇଥିଲା। ପଶ୍ଚିମଘାଟର ୬୦% ପରିବେଶଗତ ସୁରକ୍ଷା ଉପରେ ଗୁରୁତ୍ୱ ମଧ୍ୟ ଦେଇଥିଲା। ୨୦୧୧ରୁ ସରକାରଙ୍କୁ ଏହି ରିପୋର୍ଟ ପ୍ରଦାନ କରାଯାଇଥିଲେ ମଧ୍ୟ ଏହାକୁ ଗମ୍ଭୀରତାର ସହ ନିଆଯାଇ ନାହିଁ। ବରଂ ପରେ କସ୍ତୁରୀରଙ୍ଗନ କମିଟି ପଶ୍ଚିମଘାଟର ୩୦% ପରିବେଶଗତ ସୁରକ୍ଷା ଉପରେ ଜୋର୍ ଦେଇଥିଲା। କହିବାକୁ ଗଲେ, ଏହି ବିପର୍ଯ୍ୟୟକୁ ମନୁଷ୍ୟକୃତ ବୋଲି ଧରିନେବାକୁ ହେବ। ଗୋଟିଏ ପଟେ ଆମେ ପଶ୍ଚିମଘାଟ ପର୍ବତମାଳାରେ ଅର୍ଥନୈତିକ କାର୍ଯ୍ୟକଳାପରୁ ଯେତିକି ଲାଭ ପାଉଛେ ତାହାଠାରୁ ଯଥେଷ୍ଟ କ୍ଷତି ସହୁଛେ।

ଏଠାରେ ମନେପଡ଼େ ଗ୍ରେଟା ଥନବର୍ଗ ଦେଇଥିବା ଭାଷଣ, ଯେଉଁଥିରେ ସେ ସ୍ପଷ୍ଟ କହିଥିଲେ ସବୁ ଦେଶର ନେତା କେବଳ ପରିବେଶ ସମ୍ପର୍କରେ ଭାଷଣ ଦେଉଛନ୍ତି, କାର୍ଯ୍ୟରେ କେହି ଆଗଭର ହେଉନାହାନ୍ତି। ଭାରତବର୍ଷରେ ଉତ୍ତରାଖଣ୍ଡରୁ କେରଳ ପର୍ଯ୍ୟନ୍ତ ପରିବେଶର କୋପ ସ୍ପଷ୍ଟ ଦେଖାଯାଉଥିବାବେଳେ ସରକାରୀ ସ୍ତରରେ କୌଣସି ଉଦ୍ୟମ ହେଉଥିବା ପରିଲକ୍ଷିତ ହେଉନାହିଁ। ଏହା ଯଦି ଚାଲୁ ରହେ ତେବେ ଏହି ପିଢ଼ି ଖୁବ୍ ନିକଟ ଭବିଷ୍ୟତରେ ନିଜର ବିନାଶ ଦେଖିବାର ସୁଯୋଗ ପାଇବ।

# କୁହାଟୁଛି କୋଟିଆ



ଡ.ପ୍ରଫୁଲ୍ଲ କୁମାର ସାହୁ

ଆନ୍ତଃରାଜ୍ୟ ସୀମା ବିବାଦରେ ଛନ୍ଦିହୋଇ କୁହାଟୁଛି କୋଟିଆ। ଓଡ଼ିଶା କହୁଛି କୋଟିଆ ଆମର। ସମାନ ଦାବି କରୁଛି ଆନ୍ଧ୍ର। ଓଡ଼ିଶାର ପ୍ରଶାସନିକ ମାନଚିତ୍ର ଅନୁସାରେ କୋଟିଆ ପଞ୍ଚାୟତ ରହିଛି କୋରାପୁଟ ଜିଲାର ପଟାଙ୍ଗି ବ୍ଲକ ଅଧୀନରେ। ୨୮ଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ ଏହି ପଞ୍ଚାୟତର ଲୋକସଂଖ୍ୟା ଆଠ ହଜାରରୁ ଅଧିକ। ଆନ୍ଧ୍ରର ଦାବି ଅନୁସାରେ ଏହି ୨୮ ରାଜସ୍ୱ ଗ୍ରାମ ମଧ୍ୟରୁ ୨୧ଟି ରହିଛି ବିଜୟନଗରମ୍ ଜିଲା ସାଲୁର ମଣ୍ଡଳ ଅନ୍ତର୍ଗତ ଫଗୁଣସିନେରି, ଫାଟୁସିନେରି ଓ ଗଞ୍ଜେଇ ପଦର ପଞ୍ଚାୟତ ଅଧୀନରେ। ବିବାଦୀୟ ୨୧ ଟି ଗାଁକୁ ନେଇ ଉଭୟ ରାଜ୍ୟ ଏବେ ମୁହାଁମୁହିଁ। ପୂର୍ବରୁ ଏ ନେଇ ପରସ୍ପର ଭିତରେ ବହୁବାର ଆଲୋଚନା ହୋଇଥିଲେ ବି ଖୋଲିଲାନି ସମାଧାନର ବାଟ। ଫଳରେ ମାମଲା ପହଞ୍ଚିଥିଲା ସର୍ବୋଚ୍ଚ ନ୍ୟାୟାଳୟରେ। ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇନି ସତ, ହେଲେ ସ୍ଥିତାବସ୍ଥା ବଜାୟ ରଖିବା ନିମନ୍ତେ ରହିଛି (୧୯୬୮)ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ। ମାତ୍ର ବିଡ଼ମ୍ବନାର ବିଷୟ ନ୍ୟାୟାଳୟର ନିର୍ଦ୍ଦେଶକୁ ବେଖାତିର କରି କୋଟିଆ ଉପରେ ଦଖଲ ସାବ୍ୟସ୍ତ କରିବା ପାଇଁ ବାରମ୍ବାର ଚେଷ୍ଟା କରୁଛି ଆନ୍ଧ୍ର।

ଆନ୍ଧ୍ରର କୋଟିଆ ଗ୍ରାମପୁଞ୍ଜକୁ ଅକ୍ତିଆର କରିବା ପାଇଁ ଦୀର୍ଘଦିନରୁ ଜାରି ରଖିଛି ପ୍ରୟାସ। ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରି ଛିଡ଼ା କରୁଛି ବିବାଦ। ମାତ୍ର କୋଟିଆର ଇତିହାସ, ଭୂଗୋଳ ତଥା ସରକାରୀ ଦସ୍ତାବିଜ କହୁଛି କୋଟିଆ ଓଡ଼ିଶାର ଅବିଚ୍ଛେଦ ଅଙ୍ଗ। ତା'ର ପ୍ରମାଣ ହେଉଛି ୧୯୩୬ର ନକ୍ସା। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ୨୦ ବର୍ଷ ପରେ ଆନ୍ଧ୍ରର ଜନ୍ମ। ଅଥଚ ଓଡ଼ିଶା ପାଖରୁ କୋଟିଆକୁ ଛଡ଼େଇ ନେବାପାଇଁ କେତେବେଳେ ସେଠାରେ ପଞ୍ଚାୟତ ନିର୍ବାଚନ କରାଉଛି ତ କେତେବେଳେ ଗାଁ ମୁଣ୍ଡରେ ଲଗାଉଛି ତେଲୁଗୁ ଭାଷାରେ ନାମଫଳକ। କେବଳ ଫଳକ ଲଗାଉ ନାହିଁ, ଗାଁର ନାଁ ବି ବଦଳାଇ ନୂଆ ନାମକରଣ କରୁଛି। ୨୦୧୧ ଜନଗଣନା କହୁଛି ସେଠାକାର ଲୋକମାନେ ଓଡ଼ିଶାର ଅଧିବାସୀ। ତେଣୁ ଖାଦ୍ୟ ସୁରକ୍ଷା ଆଇନ ବଳରେ ଓଡ଼ିଶା ସରକାର ସେମାନଙ୍କୁ ଚାଉଳ ଓ ଗହମ ଇତ୍ୟାଦି ରାଶନ ସାମଗ୍ରୀ ଯୋଗାଇ ଦେଉଛନ୍ତି। ମାତ୍ର କୋଟିଆବାସୀଙ୍କୁ ନିଜ ରାଜ୍ୟର ବୋଲି ପ୍ରମାଣ କରିବା ପାଇଁ ଆନ୍ଧ୍ର ସରକାର ବି ସେମାନଙ୍କୁ ଚାଉଳ, ଡାଲି, ଖାଇବାତେଲ ଓ କିରୋସିନ, ସୋଲାର ଲାଇଟ ଓ କମ୍ବଳ ଇତ୍ୟାଦି ମାଗଣାରେ ବାଣ୍ଟୁଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ବାବଦରେ ଓଡ଼ିଶା ସେଠାରେ ହିତାଧିକାରୀଙ୍କୁ ୫୦୦ଟଙ୍କା ଦେଉଥିବା ବେଳେ ଆନ୍ଧ୍ର ଦେଉଛି ଦୁଇ ହଜାର ଟଙ୍କା। ଆନ୍ଧ୍ରର ଏଭଳି ଉଦ୍ଦେଶ୍ୟମୂଳକ ବଦାନ୍ୟତା କାରଣରୁ ଉଭୟ ରାଜ୍ୟରୁ ରାଶନ ଓ ଅନ୍ୟାନ୍ୟ ସାମଗ୍ରୀ ହାତେଇ ପାରୁଛନ୍ତି କୋଟିଆବାସୀ। ତେଣୁ ଉଭୟ ରାଜ୍ୟ ପ୍ରତି ସେମାନଙ୍କର ଆନୁଗତ୍ୟ ରହୁଛି। ବିଶେଷକରି ଆନ୍ଧ୍ର ପାଖରୁ ଅଧିକ ସହାୟତା ପାଉଥିବାରୁ ସେଆଡ଼କୁ ବେଶି ଢଳିବା ସ୍ୱାଭାବିକ। ଏହାକୁ କେହି ହୁଏତ ସେମାନଙ୍କ ସୁବିଧାବାଦୀ ମାନସିକତା କହିପାରେ, ମାତ୍ର ବାସ୍ତବ ସ୍ଥିତି କହୁଛି ସୀମା ବିବାଦ ପାଇଁ ସାଂଘାତିକ ଭାବରେ ଫସିଛନ୍ତି ସେଠାକାର ଜନଜାତିର ଲୋକେ। ଚାଉଳ ଗହମ ହେଉ କି ଅନ୍ୟ କିଛି ହେଉ, ସେଠାରେ ଲୋକଙ୍କୁ ମାଗଣା ବାଣ୍ଟିବାରେ ଆନ୍ଧ୍ର ଓଡ଼ିଶାଠାରୁ ଆଗରେ ଅଛି ସତ, ହେଲେ କୌଣସି ଦୀର୍ଘ ମିଆଦୀ ବିକାଶ ପାଇଁ ପ୍ରସ୍ତୁତ କରୁନି ଯୋଜନା। କାରଣ କୋଟିଆକୁ ନେଇ କୋର୍ଟ ଏଯାଏ ଶୁଣାଇନାହିଁ କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି। ଏପଟେ ଓଡ଼ିଶା ସରକାରଙ୍କ ଅବହେଳା ଯୋଗୁ ବିକାଶ ସେଠାରେ ଅପହଞ୍ଚ। କୋଟିଆ ପଞ୍ଚାୟତର ଅଧିକାଂଶ ଗାଁକୁ ସବୁଦିନିଆ ରାସ୍ତା ନାହିଁ କି ସବୁ ଗାଁକୁ ଯୋଗାଇ ଦିଆଯାଇପାରିନି ପାନୀୟ ଜଳ। ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ମଧ୍ୟ ଅତ୍ୟନ୍ତ ଦୁର୍ବଳ। ଓଡ଼ିଶା ସରକାରଙ୍କ ଏହି ଅବହେଳାର ସୁଯୋଗ ନେଇ କୋଟିଆବାସୀଙ୍କୁ ନିଜ ଆଡ଼କୁ ଟାଣିବାରେ ସକ୍ଷମ ହେଉଛି ଆନ୍ଧ୍ର। ଏହି ପରିପ୍ରେକ୍ଷୀରେ ମନେରଖିବା ଦରକାର ସୀମାନ୍ତରେ ଅବସ୍ଥିତ କୌଣସି ବିବାଦୀୟ ଅଞ୍ଚଳ ଉପରେ ଅଧିକାର ସାବ୍ୟସ୍ତ କରିବା ପାଇଁ କେବଳ କିଛି ଦସ୍ତାବିଜ ନୁହେଁ, ସେ ଅଞ୍ଚଳର ଲୋକଙ୍କ ମନ ଜିଣିବା ଆବଶ୍ୟକ।

ଇତିହାସ କହେ ଆଫଗାନ, ମୋଗଲ ଓ ମରହଟ୍ଟା ଶାସନ ପରେ ୧୮୦୩ରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ। କଟକ, ପୁରୀ ଓ ବାଲେଶ୍ୱରକୁ ନେଇ ଗଠିତ ଓଡ଼ିଶା ଡିଭିଜନକୁ ନିଜ ଶାସନାଧୀନ ରଖି ଦେଶୀୟ ରାଜ୍ୟ ସହ ଅନେକ ଅଞ୍ଚଳ ମିଶାଇ ଦେଲେ ପଡ଼ୋଶୀ ପ୍ରଦେଶ ସହିତ। ମଧ୍ୟପ୍ରଦେଶରେ ମିଶିଲା କଳାହାଣ୍ଡି, ପାଟଣା, ସୋନପୁର, ସମ୍ବଲପୁର ଓ ବାମଣ୍ଡା ଆଦି ରାଜ୍ୟ। ମେଦିନପୁର ରହିଲା ବଙ୍ଗଳାରେ। ଛୋଟନାଗପୁରରେ ଅନ୍ତର୍ଭୁକ୍ତ ହେଲା ବଣେଇ ଗଡଜାତ। ବିପର୍ଯ୍ୟସ୍ତ ହୋଇପଡ଼ିଲା ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ତଥା ସାମାଜିକ ଚଳଣି। ଏହି ସୁଯୋଗରେ ପ୍ରତିବେଶୀଙ୍କ ପକ୍ଷରୁ ଆରମ୍ଭ ହୋଇଗଲା ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ବିଲୋପ କରିଦେବାର ଚକ୍ରାନ୍ତ। ଏଭଳି ହୀନ ଚକ୍ରାନ୍ତକୁ ପ୍ରତିହତ କରିବା ପାଇଁ ଆଗେଇ ଆସିଲେ ବ୍ୟାସକବି ଫକୀରମୋହନ, କବିବର ରାଧାନାଥ, କର୍ମବୀର ଗୌରୀଶଙ୍କର, ରାଜା ବୈକୁଣ୍ଠନାଥ ଦେ ପ୍ରମୁଖ ବହୁ ଦେଶପ୍ରେମୀ। ପ୍ରାଚୀନ ନଥି, ପୋଥି, ଦଲିଲ ଓ ଦସ୍ତାବିଜ ଆଧାରରେ ସେମାନେ ସାବ୍ୟସ୍ତ କଲେ ଓଡ଼ିଆ ଭାଷାର ମୌଳିକତା। ଏହି ଭାଷା ସୁରକ୍ଷା ସଂଗ୍ରାମର ସଫଳତାରୁ ଦାନା ବାନ୍ଧିଲା ଦେଶ ମିଶ୍ରଣ ଆନ୍ଦୋଳନ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଲକ୍ଷ୍ୟ ନେଇ ଏକାଠି ହେଲେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ମହାରାଜା କୃଷ୍ଣଚନ୍ଦ୍ର ଦେବ, କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଏବଂ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ଓଡ଼ିଶାର ଶହ ଶହ ବରପୁତ୍ର। ଗଠନ ହେଲା ଉତ୍କଳ ସମ୍ମିଳନୀ। ସେହି ଜାତୀୟ ମହାମଞ୍ଚ ମାଧ୍ୟମରେ ପ୍ରବାହିତ ହେଲା ଉତ୍କଳୀୟତାର ଉତ୍ତାଳ ତରଙ୍ଗ। ଦୀର୍ଘ ୩୩ବର୍ଷର ନିରବଚ୍ଛିନ୍ନ ସଂଗ୍ରାମ ପରେ ଗଠନ ହେଲା (୧୯୩୬)ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। ମାତ୍ର ତାହା ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶା ନୁହେଁ,ଏକ ବିଖଣ୍ଡିତ ଓଡ଼ିଶା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସୀମା ନିର୍ଦ୍ଧାରଣ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଦିନେ ମଧୁବାବୁ କହିଥିଲେ- ଯେଉଁ ଅଞ୍ଚଳ ଯାଏ ଓଡ଼ିଆ ଭାଗବତ ଓ ଲକ୍ଷ୍ମୀପୁରାଣ ପଢ଼ାଯାଉଛି, ସେହି ପର୍ଯ୍ୟନ୍ତ ଓଡ଼ିଶାର ସୀମା ପରିବ୍ୟାପ୍ତ। ମାତ୍ର ବିଡ଼ମ୍ବନାର ବିଷୟ ସିଂହଭୂମି, ମେଦିନପୁର, ମଞ୍ଜୁସା, ଟିକାଲି ଓ ସାରଙ୍ଗଗଡ଼ ଆଦି ଖାଣ୍ଟି ଓଡ଼ିଆ ଅଞ୍ଚଳ ରହିଗଲା ଓଡ଼ିଶା ବାହାରେ। ଲକ୍ଷ ଲକ୍ଷ ଓଡ଼ିଆଙ୍କ ଉପରେ ଲଦି ଦିଆଗଲା ଅନ୍ୟ ରାଜ୍ୟର ଭାଷା ଓ ସଂସ୍କୃତି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାର ଆଠ ଦଶନ୍ଧି ପରେ ସେସବୁ ବିଚ୍ଛିନ୍ନାଞ୍ଚଳ ଆଉ ଓଡ଼ିଶାରେ ମିଶିବାର ସମ୍ଭାବନା ନାହିଁ କହିଲେ ଚଳେ। ବରଂ ବଢ଼ି ବଢ଼ି ଯାଉଛି ଓଡ଼ିଶାରୁ ଆଉ କିଛି ଅଞ୍ଚଳ ହାତଛଡ଼ା ହୋଇ ଯିବାର ଆଶଙ୍କା। ଗୋଟେ ପାଖରେ କୋଟିଆ ଆନ୍ଧ୍ରର ଆଁ ଭିତରକୁ ଟାଣି ହୋଇଯାଉଛି ତ ଆରପଟେ ବାଲିଦ୍ୱୀପକୁ ଅଧିକାର କରିବା ପାଇଁ ଦୀର୍ଘଦିନ ଧରି ପ୍ରୟାସ ଜାରି ରଖିଛି ପଶ୍ଚିମବଙ୍ଗ ସରକାର। ନବରଙ୍ଗପୁର ଜିଲାର ଡାଙ୍ଗିରପଦା, ମୋହୁଣ୍ଡା ଓ ଉଦୟପୁର ଅଞ୍ଚଳରେ ଛତିଶଗଡ଼ ସରକାରଙ୍କ ସହିତ ଲାଗିରହିଛି ସୀମା ବିବାଦ। ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାର ଚଉଦଟି ଗ୍ରାମକୁ ନେଇ ଝାଡ଼ଖଣ୍ଡ ସହିତ ତୁଟୁନି ବିବାଦ। ଓଡ଼ିଶାର ଏମିତି ଦଶଟି ଜିଲା ଅନ୍ତର୍ଗତ ଶତାଧିକ ଗାଁ, ନଦୀ ନାଳ ଓ ଜଙ୍ଗଲ ଉପରେ ପଡ଼ୋଶୀଙ୍କ ଆଖି। ସେମାନଙ୍କର ଏଭଳି ବିସ୍ତାରବାଦୀ ମନୋଭାବ କାରଣରୁ ସମାଧାନ ହୋଇପାରୁନି ଆନ୍ତଃରାଜ୍ୟ ସୀମା ବିବାଦ।

କେବଳ ଓଡ଼ିଶାର ଭୌଗୋଳିକ ସୀମା ଉପରେ ଆକ୍ରମଣ ନୁହେଁ, ପଡ଼ୋଶୀ ରାଜ୍ୟଗୁଡ଼ିକରେ ରହୁଥିବା ଓଡ଼ିଆ ଲୋକଙ୍କ ତୁଣ୍ଡରୁ ତାଙ୍କ ମାତୃଭାଷାକୁ ଛଡ଼ାଇ ନିଆଯାଉଛି। କୋଟିଆ ଗ୍ରାମପୁଞ୍ଜରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଏବେ ଓଡ଼ିଆ ପରିବର୍ତ୍ତେ ପଢ଼ାଯାଉଛି ତେଲୁଗୁ। ମାତୃଭାଷା ପ୍ରତି ଏଭଳି ଅବମାନନା ସତ୍ତ୍ୱେ ବି ତା'ର ସମ୍ମାନ ଓ ସୁରକ୍ଷା ପାଇଁ ତୀବ୍ର ହୋଇପାରୁନି ଓଡ଼ିଆଙ୍କ ପ୍ରତିବାଦର ସ୍ୱର। ଉପରୋକ୍ତ ପ୍ରେକ୍ଷାପଟରେ ଉପଯୁକ୍ତ ମାର୍ଗ ଖୋଜିବା ପାଇଁ ଆମେ ଆମର ପୂର୍ବ ସୁରୀଙ୍କ ତ୍ୟାଗ ଓ ସଂଗ୍ରାମର କାହାଣୀକୁ ସ୍ମରଣ କରିବା ଉଚିତ। ଓଡ଼ିଆ ଭାଷାର ସ୍ୱୀକୃତି ପାଇଁ ଓ ଭାଷା ଭିତ୍ତିରେ ରାଜ୍ୟଟିଏ ପାଇବା ପାଇଁ ସେମାନଙ୍କୁ କିଭଳି ସଂଘର୍ଷ କରିବାକୁ ପଡ଼ିଛି ତାହା ଡ. ମାୟାଧର ମାନସିଂହ ଖୁବ୍ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି ତାଙ୍କ ଓଡ଼ିଆ ସାହିତ୍ୟର ଇତିହାସ ଗ୍ରନ୍ଥରେ। ସେ ଲେଖିଛନ୍ତି- 'ଅନ୍ୟ କୌଣସି ଭାରତୀୟ ଭାଷାକୁ ନିଜର ସ୍ଥିତି ପାଇଁ ଏପରି କଠିନ ସଂଗ୍ରାମ କରିବାକୁ ପଡ଼ିନାହିଁ, ଯେପରି ଘଟିଛି ବିଚରା ଓଡ଼ିଆ ଭାଷାର ଭାଗ୍ୟରେ। କୌଣସି ଭାରତୀୟ ଭାଷା ମଧ୍ୟ ପ୍ରତିବେଶୀ ଭଗିନୀ-ଭାଷାମାନଙ୍କ ଦୌରାତ୍ମ୍ୟ ଫଳରେ ନିଜର ଅଧିକାର ଭୂମି ହରାଇ ନାହିଁ, ଯେପରି ହରେଇଛି ବିଚରା ଓଡ଼ିଆ ଭାଷା।' ସେ ପୁଣି ଲେଖିଛନ୍ତି- 'ଏକ ଐତିହାସିକ ଜାତିର ନିଷ୍ଠୁର ଜୀବନ୍ତ କର୍ତ୍ତନ ପୃଥିବୀର ଅନ୍ୟ କୌଣସିଠାରେ ଦେଖାଯାଇ ନାହିଁ, ଯେପରି ଘଟି ଯାଇଛି ଓଡ଼ିଆଙ୍କ ସମ୍ପର୍କରେ।'

ଇତିହାସକୁ ବଦଳେଇବା ମଣିଷ ପକ୍ଷରେ ସମ୍ଭବ ନୁହେଁ, ମାତ୍ର ତା' ପକ୍ଷେ ସମ୍ଭବ ଗୋଟେ ଦୃଢ଼ ବର୍ତ୍ତମାନ ନିର୍ମାଣ ଆଧାରରେ ଭବିଷ୍ୟତ ପାଇଁ ଉଦାହରଣ ରଖିଯିବାର ସୌଭାଗ୍ୟ। ଏକଦା ପଡ଼ୋଶୀଙ୍କ ଚକ୍ରାନ୍ତରେ ବିପନ୍ନ ହୋଇପଡ଼ିଥିଲା ଓଡ଼ିଆ ଭାଷା। ମାତ୍ର ଆମ ପାଖରେ ଥିଲା ତା'ର ଗୌରବୋଜ୍ଜ୍ୱଳ ଅତୀତକୁ ପ୍ରତିପାଦନ କରିପାରିବାର ସାମର୍ଥ୍ୟ ; ଯାହା ଫଳରେ ଓଡ଼ିଆ ଭାଷାକୁ ଆଜି ମିଳିଛି ଏକ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା। ଏ କ୍ଷେତ୍ରରେ ପଛରେ ପଡ଼ିଗଲେ ଷଡ଼ଯନ୍ତ୍ର ରଚିଥିବା ପଡ଼ୋଶୀ। ସେମିତି ସୀମା ବିବାଦରେ ଆନ୍ଧ୍ରର ଦାବିକୁ ଅଯୌକ୍ତିକ ବୋଲି ପ୍ରମାଣ କରିବାକୁ ହେଲେ କେବଳ ସରକାର ନୁହେଁ, ଦଳମତ ନିର୍ବିଶେଷରେ ଓଡ଼ିଶାର ସବୁ ରାଜନେତା, ବୁଦ୍ଧିଜୀବୀ ତଥା ସବୁ ସଚେତନ ନାଗରିକ ଗୋଟିଏ ମଞ୍ଚରେ ଏକାଠି ହୋଇ ଲଢ଼େଇ କରିବା ଉଚିତ। ସେମାନେ ଭାବି ନେବା ଦରକାର, କୋଟିଆ କେବଳ ଏକ ଗାଁ ନୁହେଁ, ଏହା ଓଡ଼ିଶାର ଅସ୍ମିତା ଓ ଅଖଣ୍ଡତାର ପରିଚୟ।

**ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ, ପଡ଼ିଆବେଡ଼ା, ମୟୂରଭଞ୍ଜ,**
**ମୋ:୬୩୭୧୬୪୨୪୬୪**

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅକ୍ଟୋବର ୧୯୯୬

- ପୂର୍ବ ଜାଇରେରେ ସରକାରୀ ସୈନ୍ୟ ଓ ବୁରୁଣ୍ଡି ଅନୁପ୍ରବେଶକାରୀ ଗ୍ୟାଙ୍ଗ୍ ମଧ୍ୟରେ ସଂଘର୍ଷ ଘଟି ୩୧ ମୃତ।
- ରୁଷିଆ ପାର୍ଲାମେଣ୍ଟ 'ଡୁମା'ର ପୂର୍ବତନ ବାଚସ୍ପତି ଇଭାନ ରିବକିନ୍‌ଙ୍କୁ ଶକ୍ତିଶାଳୀ ଜାତୀୟ ନିରାପତ୍ତା ପରିଷଦର ନୂତନ ସଚିବ ଭାବେ ନିଯୁକ୍ତି କରାଯାଇଛି।
- ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଦେଖାଦେଇଥିବା ଶିଥିଳତା ଦୂର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନୂତନ ରଣନୀତି ଘୋଷଣା କରିଛି।

# ଗୀତାଭିନୟର ମୁକୁଟବିହୀନ ସମ୍ରାଟ୍

## ଗଣକବି ବୈଷ୍ଣବ ପାଣି ଜୟନ୍ତୀ ଉପଲକ୍ଷେ



ଭାବଗ୍ରାହୀ ରାଉତ

ଊନବିଂଶ ଶତାବ୍ଦୀର ପ୍ରଥମ ପାଦରେ ଓଡ଼ିଆ ଯାତ୍ରାର ଯେଉଁ ନବଜାଗରଣ ଘଟିଲା ତାହାକୁ ଗୋପାଳ ଦାସ(ଉଡେ), ବାଲେଶ୍ୱରର ନଳାଙ୍ଗ ଗ୍ରାମର ଜଗନ୍ନାଥ ପାଣି, ଭିକାରୀ ନାୟକ, ଗୋପାଳ ଦାସ (ଦ୍ୱିତୀୟ ପାଦରେ), ବୈଷ୍ଣବ ପାଣି, ରଘୁନାଥ ପରିଚ୍ଛା, ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଲୋକନାଟ୍ୟ ପରମ୍ପରାକୁ ଭିତ୍ତିକରି ଗୀତାଭିନୟ ରଚନାରେ ପ୍ରବୃତ୍ତ ହେଲେ। ଏତିକିବେଳେ ଓଡ଼ିଶାର ଅନ୍ୟ ଜଣେ ଯୋଗଜନ୍ମା ପୁରୁଷ ବୈଷ୍ଣବ ପାଣି ଆଉଟିକେ ଆଗକୁ ପାଦ ବଢ଼ାଇ ଓଡ଼ିଶା ଯାତ୍ରା ଜଗତରେ ଲୋକନାଟକର ବିକାଶ ପାଇଁ ଆଗେଇ ଆସିଲେ। ପାରମ୍ପରିକ ଲୋକନାଟକର ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ନଗ୍ନତା ଓ ଅଶ୍ଳୀଳତାକୁ ଦୂରେଇ ଦେଇ ନୂଆ ରୂପରେ ବିଭିନ୍ନ ନାଟକ ରଚନା କରି ଯାତ୍ରା ଜରିଆରେ ଲୋକଙ୍କର ଆଦରଣୀୟ ହେଲେ। ସେହି ପ୍ରଥିତଯଶା ପ୍ରତିଭାଧରଙ୍କ ଜନ୍ମ ୧୮୮୨ କୁମାରପୂର୍ଣ୍ଣିମା ଗୁରୁବାର ରାତ୍ରିରେ ହୋଇଥିଲା ମାହାଙ୍ଗା ଥାନା ଅନ୍ତର୍ଗତ କୋଠପଦା ଗ୍ରାମରେ। ପିତା ସୁଦର୍ଶନ ପାଣି ଓ ମାତା ଚାନ୍ଦ ଦେବୀ ଜନ୍ମ ସମୟରୁ ପୁତ୍ର ରୋଗଗ୍ରସ୍ତ ହେତୁ ଶ୍ରୀଜଗନ୍ନାଥଙ୍କ ବଡ଼ଛତା ତଳେ ପୁଅକୁ ବୈଷ୍ଣବ କରିଦେଇଥିଲେ। ସେହିଦିନଠାରୁ ସେ ବୈଷ୍ଣବ ପାଣି ରୂପେ ପରିଚିତ।

କୋଠପଦା ମଠାଧୀଶ ମହନ୍ତ ରଘୁନାଥ ପୁରୀ ଗୋସ୍ୱାମୀଙ୍କ ଇଷ୍ଟଦେବ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ଫୁଲତୋଳିବା କାର୍ଯ୍ୟ ମାଳୀ ଭାବରେ, ପରବର୍ତ୍ତୀ ଅବସ୍ଥାରେ ତାଙ୍କ ଯାତ୍ରା ଦଳରେ ଗୋଟିପୁଅ ନାଚୁଆ ଓଡ଼ିଆ ସାହିତ୍ୟ ଜଗତରେ ଶତାଧିକ ଗୀତିନାଟକ ରଚନା କରି ବଙ୍ଗ, ବିହାର, ଓଡ଼ିଶାର ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଏକାଧାରରେ କବି, ନାଟ୍ୟକାର, ଅଭିନେତା, ନିର୍ଦ୍ଦେଶକ, ହାସ୍ୟରସିକ, ସମାଜ ସଂସ୍କାରକ ସର୍ବୋପରି ଯାତ୍ରା ଦଳ ଗଠନରେ ଏକ ପ୍ରଚଣ୍ଡ ପ୍ରତିଭା ରୂପେ ଛିଡ଼ା ହୋଇଥିଲେ। ତେଣୁ ସେ ଏକ ବିସ୍ମୟ। ଜୀବନଯାତ୍ରାର ପ୍ରତିଟି ମୁହୂର୍ତ୍ତରେ ବହୁ ଦୁଃଖ, କଷ୍ଟ, ଯନ୍ତ୍ରଣା, ଅଭାବ ଅନଟନ ଭିତରେ ଗତିକରି ପ୍ରକୃତି, ସଂସ୍କୃତି ଓ ମାଟି ମାଆକୁ ଭଲ ପାଉଥିବା ଏହି ସାହିତ୍ୟ କାଣ୍ଡାରି ଆଜନ୍ମ ଜୀବନ ସଂଗ୍ରାମରେ ଜଣେ ନିଃସଙ୍ଗ ଯୋଦ୍ଧା ଭାବରେ ଅବିରତ ସଂଗ୍ରାମ କରି କ୍ଷତବିକ୍ଷତ ହୋଇ ନିଷ୍ପାପର ଉଦ୍ୟମ ଏପରିକି ଜୁଳୁଜୁଳିଆ ପୋକକୁ ବୋତଲରେ ପୂରାଇ ପାଠପଢ଼ା ନିଜର ସୃଜନଶୀଳତାକୁ ଶକ୍ତ କରି ନିଜକୁ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ରଚିତ ଗୀତିନାଟ୍ୟଗୁଡ଼ିକ ପାରମ୍ପରିକ ବିଚାରଧାରା, ସଂସ୍କୃତିମୁଖୀ, ନିଜସ୍ୱ ମଞ୍ଚସଜ୍ଜା, ସ୍ୱର ସଂଯୋଜନା, ନିର୍ଦ୍ଦିଷ୍ଟ କାବ୍ୟ ଉପରେ ପର୍ଯ୍ୟବସିତ। ପାଣିଙ୍କ ଅନେକ ଗୀତିନାଟ୍ୟ ୧୯୨୬ରୁ ୧୯୩୭ ମସିହା ମଧ୍ୟରେ ସୃଷ୍ଟି। ତାଙ୍କ ରଚନାଗୁଡ଼ିକ ଲୋକପ୍ରିୟ ହେବାର କାରଣ – (୧) ବିଷୟବସ୍ତୁ ନିର୍ବାଚନରେ ନୂତନତ୍ୱ, (୨) ପୌରାଣିକ, ସାମାଜିକ, କାଳ୍ପନିକ, ରାଜନୈତିକ, ଐତିହାସିକ ବିଷୟବସ୍ତୁ ଉପରେ ପର୍ଯ୍ୟବସିତ, (୩) ସରଳ, ବୋଧଗମ୍ୟ, ବାସ୍ତବଧର୍ମୀ, (୪) ଦେଶାତ୍ମବୋଧ, ଜାତୀୟ ଚେତନାକୁ ଉଦ୍‌ବୁଦ୍ଧ କରେ, (୫) ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଗ୍ରାମ୍ୟଜୀବନ ଉପରେ ଆଧାରିତ, (୬) ଚରିତ୍ର ଚିତ୍ରଣରେ ବାସ୍ତବତା, (୭) ଲୋକଭାଷା ଓ ଲୋକଶୈଳୀର ପ୍ରୟୋଗ, (୮) ହାସ୍ୟରସ ପରିବେଷଣରେ ମାର୍ଜିତ ଓ କୌତୂହଳପ୍ରଦ ଘଟଣା ଉପସ୍ଥାପନ, (୧୦) ବ୍ୟକ୍ତିତ୍ୱ ଓ ସ୍ପଷ୍ଟବାଦିତା ପ୍ରକାଶିତ।

ଜୀବନକାଳ ମଧ୍ୟରେ ତାଙ୍କ ସୃଷ୍ଟି ସମ୍ଭାରଗୁଡ଼ିକ ଯାହାକି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ଏବଂ ପ୍ରକାଶିତ ଗୀତାଭିନୟ ଗୀତିନାଟକର ସଂଖ୍ୟା ହାରାହାରି ଏକଶହରୁ ଊର୍ଦ୍ଧ୍ୱ, ଫାର୍ସ ୧୯ଟି, ସଙ୍ଗୀତ, ଭଜନ, ଜଣାଣ, ଚଉତିଶା, ମାଳିକା, କାବ୍ୟ ୬୫ଟି, ଗଦ୍ୟ ରଚନା ଓ ଆତ୍ମକାହାଣୀ ୭ଟି।

ଡ. ମାୟାଧର ମାନସିଂହ ବୈଷ୍ଣବ ପାଣିଙ୍କୁ ସମାଜ ସଂସ୍କାରକ ରୂପେ ଓ ଅଧ୍ୟାପକ ପଠାଣି ପଟ୍ଟନାୟକ ତାଙ୍କୁ 'ଗୀତିନାଟ୍ୟ ଜଗତର ମୁକୁଟ ବିହୀନ ସମ୍ରାଟ' ରୂପେ ଅଭିହିତ କରିଛନ୍ତି। ପାଣିଙ୍କର ଅନ୍ତିମ ଜୀବନ ଥିଲା କାରୁଣ୍ୟମୟ। ୧୯୫୬ ମସିହା ବୈଶାଖ ଅମାବାସ୍ୟା ଦିନ ଏହି ଅନନ୍ୟ ସାଧାରଣ ବହୁମୁଖୀ ପ୍ରତିଭାଙ୍କ ପାର୍ଥିବ ଶରୀର ଲୀନ ହେଲା କାଳର କରାଳ ଗର୍ଭରେ। ଆତ୍ମୀୟସ୍ୱଜନ କେହି ନ ଥିଲେ ପାଖରେ, ଥିଲେ ହାତଗଣତି କେଇଜଣ ସାହିତ୍ୟପ୍ରେମୀ। ସେମାନେ ମରଶରୀରକୁ ଠେଲାଗାଡ଼ି ସାହାଯ୍ୟରେ ଖାନନଗର ମଶାଣିକୁ ନେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ସେହି ବହୁମୁଖୀ ପ୍ରତିଭା ଓଡ଼ିଆ ଯାତ୍ରା ଜଗତର ମୁକୁଟ ବିହୀନ ସମ୍ରାଟ ଜାତିର ହୃଦୟରେ ଅମୂଲ୍ୟ ସମ୍ପଦ ରୂପେ ସାଇତା ହୋଇ ରହିଥିବେ ଯେତେ ଦିନ ଓଡ଼ିଆ ଜାତି ବଞ୍ଚିରହିଥିବ।

**ସଭାପତି (ମାହାଙ୍ଗା ସାରସ୍ୱତ ସେବା ମଞ୍ଚ)**
**ମୋ: ୯୬୬୮୦୭୬୦୨୪**

## ଏଇ ଭାରତରେ

ପ୍ରତିକୂଳ ପରିସ୍ଥିତିରେ ପିଲାବେଳୁ ବଢ଼ି ଆସିଥିବା ଝିଅଟି ନିଜ ବାହାଘର ଲାଗି ସଞ୍ଚିଥିବା ଟଙ୍କାରେ ଦିବ୍ୟାଙ୍ଗମାନଙ୍କୁ ମାଗଣାରେ ଶିକ୍ଷା ଦେଉଛନ୍ତି। ସେ ହେଉଛନ୍ତି ତାମିଲନାଡୁର ଟ୍ରିପ୍ଲିକେନ୍ ସହର ନିବାସୀ ସୁଗଣ୍ୟା କାଣ୍ଡାସାମୀ। ସେ ସଞ୍ଚିତ ୮୦,୦୦୦ ଟଙ୍କା ଖର୍ଚ୍ଚ କରି 'ଚ୍ୟାଲେଞ୍ଜ ରିହାଭ୍ ସେଣ୍ଟର'ଖୋଲି ୪୦ ଜଣ ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷା ଦେଉଛନ୍ତି। ଏମାନଙ୍କ ମଧ୍ୟରେ ଅଧିକ ଅପସ୍ମାର ଏବଂ ଆଟେନ୍‌ସନ ଡେଫିସିଟ ହାଇପର୍‌ଆକ୍ଟିଭ ଡିଜଅର୍ଡର(ଏଡିଏଚ୍‌ଡି)ପିଲା ମଧ୍ୟ ରହିଛନ୍ତି। ସୁଗଣ୍ୟାଙ୍କ ପିତା ଜଣେ ମତ୍ସ୍ୟଜୀବୀ। ମହିଳାଙ୍କ ଶିକ୍ଷା ଉପରେ ପରିବାରରେ ଗୁରୁତ୍ୱ ନ ଥିବାରୁ ସୁଗଣ୍ୟା ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜସ୍ୱ ଉଦ୍ୟମରେ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ସହ ମନସ୍ତତ୍ତ୍ୱ ବିଜ୍ଞାନ, ଅଡିଓଲୋଜିରେ ଡିଗ୍ରୀ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ସ୍ପିଚ୍ ଥେରାପି ଏବଂ କାଉନ୍‌ସିଲିଂରେ ମଧ୍ୟ ତାଙ୍କର ବିଶେଷ ଦକ୍ଷତା ରହିଛି। ଶିକ୍ଷା ଶେଷ କରିବା ପରେ ୨୦୧୦ରେ ସେ ଏକ ଏନ୍‌ଜିଓରେ କାର୍ଯ୍ୟ କରିଥିଲେ। ପରେ ୨୦୧୪ରେ ଏନ୍‌ଜିଓ ଛାଡି 'ଚ୍ୟାଲେଞ୍ଜ ରିହାଭ୍ ସେଣ୍ଟର୍' ଖୋଲିଥିଲେ। ସାଇନ୍ ଲାଙ୍ଗୁଏଜ୍‌ରେ ଶିକ୍ଷା ଲାଭ କରିଥିବାରୁ ପିଲାମାନଙ୍କୁ ପଢ଼ାଇବାରେ ସୁଗଣ୍ୟାଙ୍କୁ କିଛି ଅସୁବିଧା ହେଉନାହିଁ। ଏବେ ସେ ଏକ ଭୋକେଶନାଲ ଟ୍ରେନିଂ ସେଣ୍ଟର୍ ଖୋଲିବା ପାଇଁ ଯୋଜନା କରିଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | 7 | | | | |
| | 2 | | | | | | | 6 |
| 8 | | | | 1 | | | 7 | |
| | | 5 | | 3 | | | | |
| | 7 | 1 | 2 | | | | 9 | |
| | 9 | 8 | | | 5 | | | |
| | | | | 5 | | | 6 | 4 |
| | | | | 4 | 1 | | | 3 |
| 9 | | | 8 | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 4 | 8 | 7 | 5 | 3 | 2 | 1 |
| 3 | 1 | 5 | 6 | 2 | 4 | 8 | 9 | 7 |
| 2 | 8 | 7 | 9 | 3 | 1 | 6 | 4 | 5 |
| 1 | 7 | 2 | 4 | 5 | 8 | 9 | 6 | 3 |
| 6 | 5 | 3 | 7 | 9 | 2 | 4 | 1 | 8 |
| 4 | 9 | 8 | 3 | 1 | 6 | 7 | 5 | 2 |
| 7 | 3 | 1 | 2 | 4 | 9 | 5 | 8 | 6 |
| 5 | 4 | 6 | 1 | 8 | 3 | 2 | 7 | 9 |
| 8 | 2 | 9 | 5 | 6 | 7 | 1 | 3 | 4 |

ଗତକାଲିର ଉତ୍ତର

## ଚିରନ୍ତନୀ

ପରିଚିତ କେଉଁ ରୂପ ସେ ଦେଖିବା ଲାଗି
କୋଳେ ଶିଶୁ ଧରି ଚାହିଁଥିବ ଅନୁରାଗୀ,
ପାହାଡ଼ ଉପରେ ପରିଚିତ କଳା ଛାଇ
ଦେଖିବାକୁ ପରା ରହିଥିବ ପଥ ଚାହିଁ!
-(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ମହଙ୍ଗା ଯୁଗରେ ଶସ୍ତା କ'ଣ

ମହାଶୟ,

ମହାମାରୀ କରୋନା ଲକ୍‌ଡାଉନ ପ୍ରଭାବରେ ଦେଶରେ ୯୮ ପ୍ରତିଶତ ଲୋକଙ୍କର ଆୟ ହ୍ରାସ ପାଇଥିବାବେଳେ ସମସ୍ତ ଅତ୍ୟାବଶ୍ୟକ ଓ ଆବଶ୍ୟକ ପଦାର୍ଥର ଆକାଶଛୁଆଁ ମୂଲ୍ୟବୃଦ୍ଧି ଯୋଗୁ ସାଧାରଣ ଲୋକଙ୍କ ଦୈନନ୍ଦିନ ତେଲଲୁଣ ସଂସାର ଦୁର୍ବିଷହ ହୋଇପଡ଼ିଛି। ପେଟ୍ରୋଲ ଓ ଡିଜେଲ ଦର କ୍ରମାଗତ ବୃଦ୍ଧିପାଇ ଲିଟର ପିଛା ୧୦୦ ଟଙ୍କା ଅତିକ୍ରମ କରିଛି। ରନ୍ଧନଗ୍ୟାସ୍ ସିଲିଣ୍ଡର ପିଛା ୧୧୦ ଟଙ୍କା ଅଧିକ ହୋଇଯାଇଛି। ଏହି ଦରବୃଦ୍ଧି ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ଡାଲି, ଖାଇବାତେଲ ଓ ଜୀବନ ରକ୍ଷାକାରୀ ଔଷଧ ମୂଲ୍ୟ ମଧ୍ୟ କ୍ରମାଗତ ବୃଦ୍ଧି ପାଇ ଶୀର୍ଷ ସ୍ତରରେ ରହିଛି। ମୋଟ ଉପରେ ସମସ୍ତ ପ୍ରକାର ଆବଶ୍ୟକ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଇବାରେ ଲାଗିଛି। ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି, ଏବେ ମହଙ୍ଗା ଯୁଗରେ ଶସ୍ତା କ'ଣ ? ଶସ୍ତା କେବଳ ରାଜନେତାଙ୍କ ଭାଷଣ ଓ ପ୍ରତିଶ୍ରୁତିର ପାହାଡ଼। ନିର୍ବାଚନ ପୂର୍ବର ରାଜନେତାମାନେ ମର୍ମସ୍ପର୍ଶୀ ଭାଷଣ ଓ ଆକର୍ଷଣୀୟ ପ୍ରତିଶ୍ରୁତିର ପାହାଡ଼ରେ ଭୋଟରଙ୍କୁ ପ୍ରଲୋଭିତ କରୁଛନ୍ତି। ଭୋଟ ପାଇ କ୍ଷମତାସୀନ ହେବା ପରେ ସବୁ କିଛି ଭୁଲିଯାଉଛନ୍ତି। ଲୋକଙ୍କର ମୌଳିକ ସମସ୍ୟାଗୁଡ଼ିକୁ ଜାଣୁନାହାନ୍ତି। ଲୋକମାନେ ୫ ବର୍ଷ ପାଇଁ ସବୁକିଛି ସହିଯିବାକୁ ବାଧ୍ୟ ହେଉଛନ୍ତି। ଏହା ହେଉଛି ସାମ୍ପ୍ରତିକ ରାଜନୀତିର ଚିତ୍ର ଓ ଚରିତ୍ର।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ବର୍ଷାଦିନେ ହାନିଲାଭ

ସାରା ସଂସାରଯାକରେ ଏବର୍ଷ ବର୍ଷା ପ୍ରଳୟ ରହିଛି। ଆଶ୍ଚର୍ଯ୍ୟଜନକ ଭାବରେ ବର୍ଷା ଆମ ରାଜ୍ୟରେ ଭିନ୍ନ ପରିସ୍ଥିତି ସୃଷ୍ଟି କରିଛି। ମୌସୁମୀ ବର୍ଷା ଧୋକା ଦେଉଥିବାବେଳେ ଲଘୁଚାପ ବର୍ଷା ଭରସା ହୋଇଛି। ପନିପରିବା ଚାଷ ଉପରେ କୃଷି ବିଭାଗ ଜୋର ଦେବା ପରେ ଉତ୍ପାଦନ ବୃଦ୍ଧି ପାଇଛି ସତ, କିନ୍ତୁ ଚାଷୀ ଫସିଯାଇଛି। ବେପାରୀ ଚାଷୀଠାରୁ ପରିବା ଶସ୍ତାରେ କିଣି ନେଉଥିବାରୁ ପରିବା ଚାଷୀ ବି ଏମ୍‌ଏସ୍‌ପି ଖୋଜୁଛନ୍ତି। କୃଷକ ନେତା ପରିବା କ୍ଷେତ ଆଡ଼େ ମୁହାଁଇବା ଦରକାର। ଖାଇବା ତେଲର ଚାହିଦା ଥିବାରୁ ଚାଷୀ ତୈଳବୀଜ ପ୍ରତି ଅଧିକ ମନଦେବା ଦରକାର। ବିଗତ ବର୍ଷମାନଙ୍କରେ ବର୍ଷାଦିନିଆ ମ୍ୟାଲେରିଆ ଭୟଙ୍କର ପରିସ୍ଥିତି ସୃଷ୍ଟି କରି ଆସିଥିବାବେଳେ କରୋନା ହାଓ୍ୱାରେ ଛୁ ମନ୍ତର ମାରିଛି। ସମସ୍ତେ ସଜାଗ ଥିବାରୁ ନିୟନ୍ତ୍ରଣ କରିବାରେ ସଫଳତା ଆସିଛି। ଗୁଣିଆମାନଙ୍କର କାଟତି କମିଛି। ଶିଶୁମାନଙ୍କୁ ଡେଙ୍ଗୁ ଚିକିତ୍ସାର ଅନ୍ତ ଘଟିଛି।

**–ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ୫୦% ବଢ଼ିବ ଟିଭି ଟାରିଫ

**ଭୁବନେଶ୍ୱର,୧୯।୧୦:** ଚଳିତ ବର୍ଷ ଡିସେମ୍ବର ପହିଲାରୁ ଟିଭି ଚ୍ୟାନେଲଗୁଡ଼ିକର ଟାରିଫ ବୃଦ୍ଧି ହେବାକୁ ଯାଉଛି ବୋଲି ସୂଚନା ମିଳିଛି। ଦେଶର ଅଗ୍ରଣୀ ପ୍ରସାରଣ ନେଟ୍‌ୱାର୍କ ଜି, ଷ୍ଟାର, ସୋନି ଏବଂ ଭାୟାକମ୍-୧୮ ଭଳି ପ୍ରମୁଖ ଗଣମାଧ୍ୟମ ସେମାନଙ୍କ ବୁକିଂରୁ କିଛି ଚ୍ୟାନେଲକୁ ବାଦ୍ ଦେଇଛନ୍ତି। ଫଳରେ ଉପଭୋକ୍ତାଙ୍କୁ ଅତିରିକ୍ତ ୫୦% ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ ବୋଲି କୁହାଯାଇଛି। ନିକଟରେ ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ) ର ନୂତନ ଟ୍ୟାରିଫ୍ ଅର୍ଡର ଲାଗୁ ହେବା ଯୋଗୁ ଏଭଳି ମୂଲ୍ୟ ବୃଦ୍ଧି ପାଇବାକୁ ଯାଉଛି। ୨୦୧୭ ମାର୍ଚ୍ଚରେ ଟ୍ରାଇ ପକ୍ଷରୁ ଟିଭି ଚ୍ୟାନେଲଗୁଡ଼ିକର ମୂଲ୍ୟ ସମ୍ବନ୍ଧରେ ଏକ ନୂତନ ଟାରିଫ୍ ଅର୍ଡର (ଏନ୍‌ଟିଓ) ଜାରି ହୋଇଥିଲା। ଏହା ପରେ ୨୦୨୦ ଜାନୁୟାରୀ ପହିଲାରେ ଏନ୍‌ଟିଓ-୨.୦ର ରିଲିଜ୍ କରାଗଲା। ବିଭିନ୍ନ କାରଣକୁ ନଜରରେ ରଖି ଟ୍ରାଇ ଏଭଳି ନିଷ୍ପତ୍ତି ନେଇଥିଲା। ଫଳରେ ଦେଶର ସମସ୍ତ ନେଟ୍‌ୱାର୍କ ଏନ୍‌ଟିଓ-୨.୦ ଅନୁଯାୟୀ ସେମାନଙ୍କ ଚ୍ୟାନେଲଗୁଡ଼ିକର ମୂଲ୍ୟ ମଧ୍ୟ ପରିବର୍ତ୍ତନ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ଡିଜିଟାଲ ଡିଭାଇସ ଦେବ ଆମାଜନ

**ନୂଆଦିଲ୍ଲୀ,୧୯।୧୦:** ଆମାଜନ୍ ଇଣ୍ଡିଆ ସାମାଜିକ ସୁବିଧାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଟାଲ ଡିଭାଇସ୍‌ଗୁଡିକର ଉପଲବ୍ଧତା ବଢ଼ାଇବା ପାଇଁ ଆମାଜନ୍ ଗ୍ରେଟ୍ ଇଣ୍ଡିଆ ଫେଷ୍ଟିଭାଲ ୨୦୨୧ ସହିତ 'ଡେଲିଭରିଂ ସ୍ମାଇଲ୍‌ସ' ଅଭିଯାନର ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମ ଗ୍ରାହକଙ୍କୁ ଦାନ କରିବାର ଖୁସିକୁ ଅନୁଭବ କରିବା ଏବଂ ଡିଜିଟାଲ ଅନ୍ତରକୁ ହ୍ରାସ କରିବା ପାଇଁ କମ୍ପାନୀର ଉଦ୍ଦେଶ୍ୟରେ ଅଂଶଗ୍ରହଣ କରିବାକୁ ସକ୍ଷମ କରିବ। ସାମାଜିକ ସୁବିଧାରୁ ବଞ୍ଚିତ ଛାତ୍ରୀଛାତ୍ରମାନଙ୍କୁ ପ୍ରତ୍ୟକ୍ଷ ଭାବେ ୨୦ ହଜାର ଡିଜିଟାଲ ଡିଭାଇସ୍ ପ୍ରଦାନ କରାଯିବ। ଏଥିସହିତ ଗ୍ରାହକମାନଙ୍କୁ ନଗଦ ଅର୍ଥ ପ୍ରଦାନକରି କିମ୍ବା ନିଜର ପୁରୁଣା ମୋବାଇଲ ଫୋନ୍‌ଗୁଡିକୁ ଦାନକରି ଯୋଗଦାନ କରିବାକୁ ପ୍ରୋତ୍ସାହିତ କରାଯାଇଛି।

# କୋଭିଡ୍ ଯୋଗୁ ଉତ୍କଟ ହୋଇଛି କ୍ଷୁଧା

**ବିଶ୍ୱ କ୍ଷୁଧା ସୂଚକାଙ୍କ ଭାରତର ପ୍ରକୃତ ଛବିକୁ ଦେଖାଇଛି: ଅକ୍ସଫାମ୍**

ନୂଆଦିଲ୍ଲୀ,୧୯।୧୦



କୋଭିଡ୍-୧୯ ସାରା ବିଶ୍ୱକୁ ଅନିଶ୍ଚିତତା ମଧ୍ୟକୁ ଠେଲିଦେଇଛି। ଭାରତ କଥା ବିଚାରକଲେ ଏହା ସଙ୍କଟ ସ୍ଥିତି ସୃଷ୍ଟି କରିଛି। ମହାମାରୀ ଯୋଗୁ ଦେଶ ମଧ୍ୟରେ କ୍ଷୁଧା ସ୍ଥିତି ଆହୁରି ଉତ୍କଟ ହୋଇଛି। ଏହା ଭାରତର ପ୍ରକୃତ ସ୍ଥିତିକୁ ଦେଖାଇଛି ବୋଲି ଅକ୍ସଫାମ ଇଣ୍ଡିଆ ମଙ୍ଗଳବାର କହିଛି। ନିକଟରେ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ ୧୦୧ ତମ ସ୍ଥାନକୁ ଖସିଛି। ଭାରତର ଏଭଳି ସ୍ଥିତିକୁ ଅକ୍ସଫାମ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦର୍ଶାଇଛି। ଉକ୍ତ ସୂଚକାଙ୍କରେ ଭାରତ ୨୦୨୦ରେ ୯୪ତମ ସ୍ଥାନରେ ରହିଥିଲା। ମାତ୍ର ମହାମାରୀ ଯୋଗୁ ଭାରତର ସ୍ଥିତି ବିଗିଡ଼ିଛି। ଏହା ପାକିସ୍ତାନ, ବାଂଲାଦେଶ ଏବଂ ନେପାଳ ଭଳି ଦେଶଠାରୁ ଆହୁରି ଖରାପ ସ୍ଥିତିରେ ରହିଛି।

ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟକୁ ନେଇ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପ୍ରତିକ୍ରିୟା ରଖିଛି। ଏହି ରିପୋର୍ଟ ଆଶ୍ଚର୍ଯ୍ୟଜନକ ହୋଇଥିବା ବେଳେ ଠିକ୍ ଉପାୟରେ ଏହା ପ୍ରସ୍ତୁତ ହୋଇନାହିଁ। କୁପୋଷଣ ସମସ୍ୟା ଥିବା ଲୋକଙ୍କ ଅନୁପାତକୁ ବିଚାରକରି ଭାରତର ର୍‍ୟାଙ୍କିଙ୍ଗ କମ୍ କରାଯାଇଛି। ରିପୋର୍ଟ ପ୍ରସ୍ତୁତି ବେଳେ ଠିକ୍ ପଦ୍ଧତି ଆପଣାଯାଇ ନାହିଁ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ରଖିଛି। ତେବେ ଅକ୍ସଫାମ ପକ୍ଷରୁ କୁହାଯାଇଛି, ଭାରତରେ କୁପୋଷଣର ଏହି ସ୍ଥିତି ନୂଆ ନୁହେଁ। ବାସ୍ତବପକ୍ଷେ ବିଚାର କରିବାକୁ ଗଲେ କେନ୍ଦ୍ର ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ସର୍ବେକ୍ଷଣରେ ମଧ୍ୟ ଏଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ବିଚାର କରାଯାଇଛି। ୨୦୧୫ରୁ ୨୦୧୯ ମଧ୍ୟରେ ଜନ୍ମ ହୋଇଥିବା ଶିଶୁମାନେ ସେମାନଙ୍କ ପୂର୍ବ ପିଢ଼ି ତୁଳନାରେ ବେଶି ମାତ୍ରାରେ କୁପୋଷଣର ଶିକାର ହୋଇଥିବା ଅକ୍ସଫାମ୍ ଇଣ୍ଡିଆର ସିଇଓ ଅମିତାଭ ବେହାର କହିଛନ୍ତି।

୨୦୧୭ରେ ଶୁଭାରମ୍ଭ ହୋଇଥିବା ପୋଷଣ ଅଭିଯାନ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ରିପୋର୍ଟରେ କୁହାଯାଇଛି। ପୋଷଣ କାର୍ଯ୍ୟକ୍ରମକୁ ବଜେଟର ୦.୫୭% ବ୍ୟୟ ବରାଦ କରାଯାଇଛି। ଶିଶୁଙ୍କ ପୋଷଣ କାର୍ଯ୍ୟକ୍ରମ ଲାଗି ପ୍ରଦାନ କରାଯାଉଥିବା ଅର୍ଥର ପରିମାଣ ୧୮.୫% କମିଛି। ଭାରତରେ ପ୍ରାପ୍ତ ବୟସ୍କ ଏବଂ ଶିଶୁଙ୍କ ଜନସଂଖ୍ୟା ପୋଷଣ କ୍ଷେତ୍ରରେ ଅନେକ ସମସ୍ୟାର ସାମ୍ନା କରୁଛନ୍ତି। ବିଶ୍ୱସ୍ତରକୁ ଦେଖିଲେ ଭାରତରେ ମହିଳା ରକ୍ତହୀନତା ଭଳି ସମସ୍ୟାରୁ ବାହାରି ପାରୁନାହାନ୍ତି। ସେହିଭଳି ପ୍ରାପ୍ତ ବୟସ୍କ ଏବଂ ମଧ୍ୟ ବୟସ୍କ ପୁରୁଷଙ୍କ କ୍ଷେତ୍ରରେ ଲୌହ ଏବଂ କ୍ୟାଲସିୟମର ଅଭାବ ଦେଖାଯାଉଥିବା ଅକ୍ସଫାମ ଇଣ୍ଡିଆର ରିସର୍ଚ୍ଚ ମୁଖ୍ୟ ଭର୍ନ ଶ୍ରୀରାମ କହିଛନ୍ତି।

## କଲ୍ୟାଣ ଜୁଏଲର୍ସର ଦିୱାଲି କଲେକ୍ସନ

ଭୁବନେଶ୍ୱର,୧୯।୧୦



କଲ୍ୟାଣ ଜୁଏଲର୍ସ ପକ୍ଷରୁ ଦିୱାଲି କଲେକ୍ସନ 'ଭେଧା' ଶୁଭାରମ୍ଭ ହୋଇଛି। ଏହାକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଏଥିରେ ଅନନ୍ୟ କାରିଗରି ଏବଂ ପରମ୍ପରାର ଛାପ ଗ୍ରାହକ ଲାଭ କରିପାରିବେ। କଲେକ୍ସନଗୁଡ଼ିକରେ ସ୍ୱତନ୍ତ୍ର ଷ୍ଟୋନ ମଧ୍ୟ ଗ୍ରାହକ ପାଇପାରିବେ। ପାରମ୍ପରିକ ଏବଂ ଆଧୁନିକ ଷ୍ଟାଇଲର ଛାପ ଏଥିରେ ରହିଛି। ଏହା ଗ୍ରାହକଙ୍କ ଦ୍ୱାରା ବେଶ୍ ପସନ୍ଦଯୋଗ୍ୟ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କ୍ୟାରିୟରରେ ବ୍ୟସ୍ତ ରହିବା ସତ୍ତ୍ୱେ ଯେଉଁ ମହିଳା ପରମ୍ପରାକୁ ମାନିବା ସହ ଏହାକୁ ବଜାୟ ରଖିବାରେ ବିଶ୍ୱାସ କରିଥାନ୍ତି ସେମାନଙ୍କ ଲାଗି ନୂଆ କଲେକ୍ସନ ବିଶେଷ ଭାବେ ସହାୟକ ହେବ ବୋଲି କମ୍ପାନୀ ଆଶାବାଦୀ । ଏଥିରେ ସଦ୍ୟତମ ଡାଏମଣ୍ଡ କଟ୍ ମଧ୍ୟ ରହିଛି। ହାର, ଚୂଡ଼ି, ନେକ୍‌ଲେସ, କାନଫୁଲ ଏବଂ ମୁଦିର ପ୍ରାୟ ୧୦୦ ଡିଜାଇନ ଏଥିରେ ସାମିଲ କରାଯାଇଛି। ନୂଆ କଲେକ୍ସନ ଦ୍ୱାରା ପାର୍ବଣରେ ଖୁସି, ସକାରାତ୍ମକତା ଏବଂ ପ୍ରାଚୁର୍ଯ୍ୟ ଆଣିବାକୁ କମ୍ପାନୀ ନିବେଦନ କରିଛି। ନୂଆ ଜୁଏଲେରି ଅଫରିଂ ପ୍ରଦାନକରି ଅତ୍ୟନ୍ତ ଖୁସି ବୋଲି କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି।

## ଶସ୍ତ୍ର ୟୁନିଭର୍ସିଟିର ସମାବର୍ତ୍ତନ ଉତ୍ସବ




ଥାଞ୍ଜାଭୁର,୧୯।୧୦

ଶସ୍ତ୍ର ଡିମ୍‌ଡ ୟୁନିଭର୍ସିଟିର ୩୫ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଏବଂ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ ସଚିବ ପ୍ରଫେସର ସନ୍ଦୀପ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପରିବେଶ, ମାନସିକ ସ୍ୱାସ୍ଥ୍ୟ, ଶକ୍ତି ଏବଂ ସାମାଜିକ ବିକାଶର ବିଭିନ୍ନ ଦିଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱସ୍ତରର ସମସ୍ୟା ସମାଧାନ ଦିଗରେ ଭାରତର ଛାତ୍ରୀଛାତ୍ର ଯୋଗଦାନ ରଖିବାକୁ ବର୍ମା ଆହ୍ୱାନ ଜଣାଇଛନ୍ତି। ଅନୁଷ୍ଠାନର ୪୫୦୦ ଛାତ୍ରୀଛାତ୍ର ଏବଂ ୫୪ ପିଏଚ୍.ଡି.ଧାରୀଙ୍କୁ ଏହି ଅବସରରେ ଡିଗ୍ରୀ ପ୍ରଦାନ କରାଯାଇଛି। ଇଞ୍ଜିନିୟରିଂ, ବିଜ୍ଞାନ, ମ୍ୟାନେଜମେଣ୍ଟ, ଆଇନ, ହ୍ୟୁମାନିଟିଜ, ଶିକ୍ଷା ଭଳି ବିଷୟଗୁଡ଼ିକରେ ଡିଗ୍ରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଚାନସେଲର ଆର୍.ସେଥୁରାମନଙ୍କ ସହ ବିଶ୍ୱ ବିଦ୍ୟାଳୟର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଟାଫେ ପକ୍ଷରୁ ମେସି ସର୍ଭିସ ଉତ୍ସବ

ଭୁବନେଶ୍ୱର,୧୯।୧୦

ଟ୍ରାକ୍ଟର ନିର୍ମାତା ଟାଫେ- ଟ୍ରାକ୍ଟର୍ସ ଆଣ୍ଡ ଫାର୍ମ ଇକ୍ୱିପ୍‌ମେଣ୍ଟ ଲିମିଟେଡ୍ ପକ୍ଷରୁ ଏକ ଜାତୀୟସ୍ତରୀୟ ମେଗା ଟ୍ରାକ୍ଟର ସର୍ଭିସ୍ କ୍ୟାମ୍ପେନ୍ 'ମେସି ସର୍ଭିସ୍ ଉତ୍ସବ'ର ଶୁଭାରମ୍ଭ କରାଯାଇଛି। ମେସି ସର୍ଭିସ୍ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମରାମତି ଖର୍ଚ୍ଚକୁ ହ୍ରାସ କରି ଚାଷୀମାନଙ୍କୁ ଲାଭ ପ୍ରଦାନ କରିବା। ଦେଶବ୍ୟାପୀ ୩ ହଜାରରୁ ଅଧିକ ଉଚ୍ଚ ଦକ୍ଷତାସମ୍ପନ୍ନ ଓ ସୁପ୍ରଶିକ୍ଷିତ ମେକାନିକ୍‌ମାନଙ୍କ ମାର୍ଗଦର୍ଶନ ଅଧିନରେ ୧୫୦୦ରୁ ଅଧିକ ଅଥୋରାଇଜ୍‌ଡ ୱାର୍କଶପ୍‌ରେ ପ୍ରଦାନ କରାଯାଉଥିବା ସର୍ବୋତ୍ତମ ଶ୍ରେଣୀର ସେବା ପ୍ରଦାନ ଲକ୍ଷ୍ୟ ରହିଛି। ଏହି ଋତୁ ସମୟରେ ସର୍ବୋଚ୍ଚ ପ୍ରଦର୍ଶନ ପ୍ରଦାନ କରିବା ପାଇଁ ଏହି ମରାମତି ସେବାଗୁଡ଼ିକ ପ୍ରତ୍ୟେକ ଟ୍ରାକ୍ଟରର ୨୫ରୁ ୪୪ଟି ପଏଣ୍ଟର ଯାଞ୍ଚ ସୁନିଶ୍ଚିତ କରୁଛି।

## ରୋଗୀ ସେବା ଯୋଗାଉଛି କିୟୋର ଆପ୍

ଭୁବନେଶ୍ୱର,୧୯।୧୦



ଅର୍ଚ୍ଚନା ମଲ୍ଲିକ ଏସ୍.ସି.ମଲ୍ଲିକ

ଡା. କିୟୋର ଆପ୍ ପକ୍ଷରୁ ସ୍ୱାସ୍ଥ୍ୟସେବା ଯୋଗାଣ ସମ୍ପର୍କରେ ଘୋଷଣା କରାଯାଇଛି। ବରିଷ୍ଠ ନାଗରିକ ଓ ପ୍ରବାସୀ ଭାରତୀୟଙ୍କ ପରିବାରକୁ ମଧ୍ୟ ଉକ୍ତ ସେବା ଉପଲବ୍ଧ ହେଉଛି। ଏହି ଆପ୍ ଜରିଆରେ ଡାକ୍ତର ପରାମର୍ଶ, ରକ୍ତ ନମୁନା ସଂଗ୍ରହ, ଔଷଧ ବିତରଣ, ଫିଜିଓ ଥେରାପି, ନର୍ସିଂସେବା, ଆମ୍ବୁଲାନ୍ସ ସେବା, ସ୍ମାର୍ଟ ହେଲ୍‌ଥ ଡିଭାଇସ ଦ୍ୱାରା ରୋଗୀର ସ୍ୱାସ୍ଥ୍ୟ ନିରୀକ୍ଷଣ ଆଦି ଅନ୍ତର୍ଭୁକ୍ତ ରହିଛି ବୋଲି ଡା. କିୟୋର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅର୍ଚ୍ଚନା ମଲ୍ଲିକ କହିଛନ୍ତି। ଗତ ୩ ବର୍ଷ ହେବ ଭୁବନେଶ୍ୱରରେ ଏହି ଆପ୍ ମାଧ୍ୟମରେ ୧୦୦% ଚିକିତ୍ସା ସେବା ପ୍ରଦାନ କରି କମ୍ପାନୀ ଅନେକ ସଫଳତା ପାଇପାରିଛି। ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ମଧ୍ୟ ଏହି ସେବା ଉପଲବ୍ଧ କରାଇବା ପାଇଁ ଯୋଜନା ରହିଥିବା ଅର୍ଚ୍ଚନା କହିଛନ୍ତି। ସେହିଭଳି ଭୁବନେଶ୍ୱରରେ ହେଲ୍‌ଥ ମାର୍ଟ ସ୍ଥାପନ ଦ୍ୱାରା ରୋଗୀ ମୌଳିକ ସ୍ୱାସ୍ଥ୍ୟସେବା ପାଇପାରିବ ବୋଲି ସେ ସୂଚନା ଦେଇଛନ୍ତି। ଡିଜିଟାଲ ସ୍ୱାସ୍ଥ୍ୟସେବା ଆପ୍ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ଓ ସାକ୍ଷାତ୍‌କାର ମାତ୍ର ଗୋଟିଏ କ୍ଲିକ୍‌ରେ ରୋଗୀମାନେ ପାଇପାରୁଛନ୍ତି ବୋଲି ଡା. କିୟୋର ଆପ୍‌ର ସହ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିଶିଷ୍ଟ ଚର୍ମରୋଗ ବିଶେଷଜ୍ଞ ଡା.ଏସ୍.ସି.ମଲ୍ଲିକ କହିଛନ୍ତି। ରୋଗୀ ଡାକ୍ତରଙ୍କ ପରାମର୍ଶ ବା ଚିକିତ୍ସା ପାଇଁ ଅନେକ ସମୟରେ ବହୁ ସମସ୍ୟା ହୋଇଥାଏ। ଏଥିପାଇଁ ରୋଗୀଟିକୁ ବହୁ ଖର୍ଚ୍ଚାନ୍ତ ଓ ଯନ୍ତ୍ରଣା ସହିବାକୁ ପଡ଼ିଥାଏ। ଏଭଳି କ୍ଷେତ୍ରରେ ଆମେ ବିଶେଷକରି ବରିଷ୍ଠ ନାଗରିକ ବା ବୟୋଜ୍ୟେଷ୍ଠମାନଙ୍କୁ ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ଶ୍ୱାସଜନିତ ରୋଗ ବିଶେଷଜ୍ଞ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଉଥିବା ମଲ୍ଲିକ ମତବ୍ୟକ୍ତ କରିଛନ୍ତି।

**ଫୁରସତ୍**

## ଅଷ୍ଟିଓପୋରୋସିସ୍‌ରୁ ମୁକ୍ତି ଦେବ ସୁପୋଷଣ

**ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ**



ବୟସ ବଢ଼ିବା ସହିତ ଶରୀରରେ ହାଡ଼ ଦୁର୍ବଳ ହେବାକୁ ଲାଗିଥାଏ। ଅଧିକାଂଶଙ୍କ ଠାରେ ଧୀରେ ଧୀରେ ଅଷ୍ଟିଓପୋରୋସିସ୍ ସମସ୍ୟା ଦେଖାଦେଇଥାଏ। ପ୍ରତି ୩ ଜଣରେ ଜଣେ ମହିଳାଙ୍କଠାରେ ଏହି ସମସ୍ୟା ଦୃଷ୍ଟିଗୋଚର ହୋଇଥାଏ। ସେହିପରି ପ୍ରତି ୫ ଜଣରେ ଜଣେ ପୁରୁଷ ଅଷ୍ଟିଓପୋରୋସିସ୍ ସମସ୍ୟା ଭୋଗିଥାନ୍ତି ବୋଲି ଅନ୍ତର୍ଜାତୀୟ ଅଷ୍ଟିଓପୋରୋସିସ୍ ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଅଷ୍ଟିଓପୋରୋସିସ୍ ଏବଂ ମେଟାବଲିକ ହାଡ଼ ରୋଗର ନିରାକରଣ, ଚିହ୍ନଟ ଏବଂ ଚିକିତ୍ସା ବିଷୟରେ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୨୦ ଅକ୍ଟୋବରରେ ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ ପାଳନ କରାଯାଇଥାଏ। ୧୯୯୬ ଅକ୍ଟୋବର ୨୦ରେ ବ୍ରିଟେନର ନ୍ୟାଶନାଲ ଅଷ୍ଟିଓପୋରୋସିସ୍ ସୋସାଇଟି ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ଏହି ଅଭିଯାନକୁ ୟୁରୋପୀୟ କମିଶନ ପକ୍ଷରୁ ମଧ୍ୟ ସମର୍ଥନ କରାଯାଇଥିଲା। ପରେ ୧୯୯୭ଠାରୁ ଅନ୍ତର୍ଜାତୀୟ ଅଷ୍ଟିଓପୋରୋସିସ୍ ଫାଉଣ୍ଡେଶନ ପକ୍ଷରୁ ପ୍ରତିବର୍ଷ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି ପାଇଁ ଏହି ଦିବସ ପାଳନ କରାଯାଉଛି।

୧୯୯୮ ଏବଂ ୧୯୯୯ରେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସର ସହ-ପ୍ରୟୋଜକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲା। ନିୟମିତ ବ୍ୟାୟାମ, ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ, ନକାରାତ୍ମକ ଜୀବନଶୈଳୀ, ପୂର୍ବରୁ ହାଡ଼ ସମସ୍ୟା ଥିଲେ ସତର୍କତା ଅବଲମ୍ବନ ଏବଂ ନିୟମିତ ପରୀକ୍ଷା ଓ ଚିକିତ୍ସା ଆଦି ଅପରିହାର୍ଯ୍ୟ। ଖାଦ୍ୟରେ କ୍ୟାଲ୍‌ସିୟମ, ଭିଟାମିନ୍ ଡି ଏବଂ ପ୍ରୋଟିନ୍‌ଯୁକ୍ତ ଆହାରକୁ ସାମିଲ କରିବା ଜରୁରୀ।



## ବଲିଉଡ୍‌କୁ ଆସିବେ ୟୋହାନି

**ମୁମ୍ବାଇ:** 'ମାନିକେ ମାଗେ ହିତେ' ଗାଇ ଚର୍ଚ୍ଚାରେ ଥିବା ଶ୍ରୀଲଙ୍କା ଗାୟିକା ୟୋହାନି ଏବେ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ସୋସିଆଲ ମିଡିଆରେ ତାଙ୍କ ଗୀତ ଭାଇରାଲ ହୋଇଥିବାବେଳେ ଫ୍ୟାନ୍ ଫଲୋଅର୍ସଙ୍କ ସଂଖ୍ୟା ବଢ଼ିଛି। ଏହି ଗୀତକୁ ବହୁ ସଂଖ୍ୟାରେ ଲୋକେ ପସନ୍ଦ କରିଛନ୍ତି। ଏବେ ସେନ୍‌ସେସନ୍ ଗର୍ଲ ପାଲଟିଥିବା ୟୋହାନିଙ୍କୁ ବଲିଉଡ୍‌ରେ ଦେଖିବାକୁ ମିଳିବ। ଅଭିନେତା ଅଜୟ ଦେବଗନ, ସିଦ୍ଧାର୍ଥ ମଲହୋତ୍ରା ଓ ରକୁଲ ପ୍ରୀତଙ୍କ ଫିଲ୍ମ 'ଥ୍ୟାଙ୍କ୍ ଗଡ'ରେ ସେ 'ମାନିକେ ମାଗେ ହିତେ' ଟ୍ରାକ୍‌କୁ ହିନ୍ଦୀ ଭର୍ସନରେ ଗାଇବେ ବୋଲି ଜଣାପଡିଛି। ଏ ନେଇ ଫିଲ୍ମ ନିର୍ଦ୍ଦେଶକ ଇନ୍ଦ୍ର କୁମାର କହିଛନ୍ତି ଯେ, ୟୋହାନିଙ୍କ ଗୀତ ଏକ ସୁପରହିଟ୍ ଟ୍ରାକ୍ ହୋଇପାରିଛି। ତେଣୁ ଖୁବ୍‌ଶୀଘ୍ର ଏହାର ଟ୍ରାକ୍ ପ୍ରସ୍ତୁତ କରାଯାଇ ଶୁଟିଂ ଆରମ୍ଭ କରାଯିବ। ଆଗାମୀ ବର୍ଷ ଏହା ରିଲିଜ୍ ହେବା ନେଇ ଲକ୍ଷ୍ୟ ରଖାଯାଇଥିବା ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ତେବେ ଏହାକୁ ନେଇ ୟୋହାନି ବେଶ୍ ଖୁସି ଅଛନ୍ତି।

**ଜନ୍ମଦିନ ଶୁଭେଚ୍ଛା**



ଚୌଧୁରୀ ରାଜା ପାର୍ଥସାରଥୀ ସାମନ୍ତସିଂହାର ମହାପାତ୍ର
ବାଲିଆ, ଯାଜପୁର
ଶ୍ରୀଶ୍ରୀ ରାଧାମୋହନ ଜୀଉଙ୍କ ଅସୀମ କୃପାରୁ ତୋ ଚଲାପଥ କୁସୁମିତ ହେଉ। ସବୁ ମନୋକାମନା ପୂରଣ ହେଉ ଏବଂ ତୋ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଯାଉ। ଆଜି ତୋର ଜନ୍ମଦିନରେ ଈଶ୍ୱରଙ୍କ ନିକଟରେ ଏତିକି କାମନା।
ଶୁଭେଚ୍ଛା ସହ: ଜେଜେ: ଧନେଶ୍ୱର ରାୟ, ଜେଜେମାଆ: ବିଦ୍ୟୁତ୍‌ପ୍ରଭା ଜେନା, ମାତା: କଲ୍ୟାଣୀ, ସୁପ୍ରଭା, ସଂଯୁକ୍ତା, ରଶ୍ମିତା ଓ ଅଳକା। ପିତା: ସଂଗ୍ରାମ, ଉତ୍କଳ ଓ ଦିଲ୍ଲୀପ। ଭଉଣୀ: ସୋନୁ, ଚଗଲି, ପ୍ରିୟା ଓ ପୂଜା। ଭାଇ: କାହ୍ନା, ଚିକୁ, ଗୁଡୁ ଓ ହାପି, ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୦୦୯

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

**DHANLAXMI FINANCE**
ଦୀପାବଳୀ ଧମାକା
୧୯୨୭ ରୁ ଆପଙ୍କର ସେବାରେ ୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**ଋଣ ଉପଲବ୍ଧ**
ସ୍ଥାବର ସମ୍ପତ୍ତି ବନ୍ଧକ ଆଧାରରେ
50,00,000/- ରୁ ଅଧିକ ଋଣ
ସ୍ୱଳ୍ପ ସୁଧ - ସହଜ କିସ୍ତିରେ
ଏଜେଣ୍ଟ ଆମନ୍ତ୍ରିତ
ମହିଳା/ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
8530786769
9975850928

**ମନେ ପଡ଼ନ୍ତି**

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ପ୍ରିୟମ୍ବଦା ପଟ୍ଟନାୟକ
୬୯, ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର
ତିରୋଧାନ : ୧୧.୧୦.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ତ୍ୟାଗ, ଦେଶସେବା, ସମାଜ ସେବା ଓ କର୍ତ୍ତବ୍ୟ ପରାୟଣ ଆମ୍ଭମାନଙ୍କ ଜୀବନର ପଥ ପ୍ରଦର୍ଶକ ହେଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସତ୍ୟବ୍ରତ,ରଜନୀଗନ୍ଧା, ବିଦିଶା, ବିବସ୍ୱନ, ସାଇଦତ୍ତ, ଅର୍ଚ୍ଚନା, ସାଇ ଶୁଭ୍ରାଂଶୁ, ବନ୍ଧୁ ଓ ପରିବାରବର୍ଗ।
ଧ-୨୨୦୦୭

**ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି**



CH Yarraiah
CH Dhana Lakshmi
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥
କଟକ ଷୋଳପୁଅ ମାଁ ଠାକୁରାଣୀ ପୂଜା ସମିତି
ସଭାପତି- ଏ. ଉମେଶ କୁମାର ରାଓ
ସମ୍ପାଦକ- ମୋପାନା ଆପା ରାଓ
ଶୋକସନ୍ତପ୍ତ ପରିବାରବର୍ଗ
ଧ-୨୨୦୧୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ରମେଶ ଚନ୍ଦ୍ର ଧଳ
ଆବିର୍ଭାବ-୨୬।୪।୧୯୫୦
ତିରୋଧାନ- ୧୦।୧୦।୨୦୨୧
ଆପଣଙ୍କ ସ୍ମୃତି ସବୁଠାରେ ବିଦ୍ୟମାନ। ଆପଣଙ୍କ ଜୀବନ ଦର୍ଶନର ସ୍ୱତନ୍ତ୍ରତା ଚିର ଅମ୍ଳାନ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଓଁ ଶ୍ରୀ ଶ୍ରୀ ଦେବେଶ୍ୱର ମନ୍ଦିର କମିଟି ଓ ପରିବାରବର୍ଗ, ମହତାବ ନଗର, ଯାଜପୁର ରୋଡ୍, ଯାଜପୁର
ଧ-୨୨୦୧୪

**ପ୍ରଥମ ଶ୍ରାଦ୍ଧବାର୍ଷିକ**



୰ ଆଖଣ୍ଡଳ ମିଶ୍ର
ଆବିର୍ଭାବ-18.07.1928
ତିରୋଧାନ- 01.10.2020
- :ଶୋକସନ୍ତପ୍ତ: -
ମିନି, ବିଭୁ, ପ୍ରଭୁ ଓ ପିଲାମାନେ
ଧ-୨୨୦୧୨

## ଏକତା ହିଁ ସର୍ବଶ୍ରେଷ୍ଠ ଶକ୍ତି




ମଣିଷ ଏକାଠି ରହିଲେ ବିଭିନ୍ନ ସମସ୍ୟାର ସହଜରେ ସମାଧାନ ହୋଇପାରିଥାଏ। ତେଣୁ କୁହାଯାଏ ଏକତା ହିଁ ସର୍ବଶ୍ରେଷ୍ଠ ଶକ୍ତି। ଏକତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୨୦ ଅକ୍ଟୋବରରେ ଭାରତରେ ଜାତୀୟ ଏକତା ଦିବସ ପାଳନ କରାଯାଇଥାଏ। ୧୯୬୨ ଅକ୍ଟୋବର ୨୦ରେ ଚାଇନା ୮୦ ହଜାର ସୈନ୍ୟ ନେଇ ଭାରତ ଆକ୍ରମଣ କରିଥିଲା। ଏହି ଯୁଦ୍ଧରେ ବହୁ ଧନ ଜୀବନ, ସମ୍ପତ୍ତି ନଷ୍ଟ ହୋଇଥିଲା। ଭାରତ ଯୁଦ୍ଧରେ ପରାସ୍ତ ହୋଇଥିଲା। କିନ୍ତୁ ସମଗ୍ର ଦେଶ ଏକଜୁଟ ହୋଇ ଚାଇନା କାର୍ଯ୍ୟକଳାପକୁ ନିନ୍ଦା କରିଥିଲା। ଭାରତୀୟଙ୍କ ଦ୍ୱାରା ଯୁଦ୍ଧ ସମୟରେ ଏକ ହୃଦୟସ୍ପର୍ଶୀ ଏକତା, ଏକଜୁଟ ବୋଧ ଏବଂ ଦଳଗତ ଏକତା ପ୍ରଦର୍ଶିତ ହୋଇଥିଲା। ୧୯୬୬ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ଅନ୍ୟ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ଏକ ପରାମର୍ଶଦାତା କମିଟି ଗଠନ କରାଯାଇଥିଲା। ଭାରତ-ଚାଇନା ଯୁଦ୍ଧ ସମୟର ଏକତାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ୨୦ ଅକ୍ଟୋବରକୁ ଜାତୀୟ ଏକତା ଦିବସ ରୂପେ ପାଳନ କରିବାକୁ କମିଟି ପକ୍ଷରୁ ଘୋଷଣା କରାଯାଇଥିଲା।





**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI



# ପାୟସ ନମ୍ବର ୱାନ୍ ଟିଟି ଖେଳାଳି

**ନୂଆଦିଲ୍ଲୀ, ୧୯।୧୦ (ପି.ଟି.)**

ପାୟସ ଜୈନ ଭାରତର ଦ୍ୱିତୀୟ ଟେବୁଲ ଟେନିସ (ଟିଟି) ଖେଳାଳି ଭାବେ ବିଶ୍ୱର ନମ୍ବର ୱାନ ର୍ୟାଙ୍କିଙ୍ଗ ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଟାଇଟଲ ବିଜୟୀ ପ୍ରଦର୍ଶନ ଯୋଗୁ ତାଙ୍କୁ ଏହି ସଫଳତା ମିଳିଛି। ମାନବ ଠକ୍କର ପ୍ରଥମ ଭାରତୀୟ ଭାବେ ଏହି କୀର୍ତ୍ତିମାନ ଅର୍ଜନ କରିଥିଲେ। ସେ ୨୦୨୦ ଜାନୁୟାରୀରେ ୨୧ ବର୍ଷରୁ କମ୍ ବିଭାଗରେ ବିଶ୍ୱର ନମ୍ବର ୱାନ ହୋଇପାରିଥିଲେ। ଆଇଟିଟିଏଫ୍ ବିଶ୍ୱ ର୍ୟାଙ୍କିଙ୍ଗରେ ନମ୍ବର ୱାନ ହେବାରେ ପାୟସ ଭାରତର ସର୍ବକନିଷ୍ଠ ଟେବୁଲ ଟେନିସ ଖେଳାଳି। ସେ ଚଳିତ ସିଜନରେ ୧୭ ବର୍ଷରୁ କମ୍ ବିଭାଗରେ ୩ ଟାଇଟଲ ହାସଲ କରିଛନ୍ତି। ୧୯ ବର୍ଷରୁ କମ୍ ବିଭାଗରେ ସେ ଦୁଇଟି ବ୍ରୋଞ୍ଜ ଲାଭ କରିଛନ୍ତି। ସ୍ଲୋଭେନିଆରେ ସେ ତାଙ୍କ ପ୍ରଥମ ୧୭ ବର୍ଷରୁ କମ୍ ଟାଇଟଲ ହାସଲ କରିଥିଲେ। ଓଟୋସେକ୍‌ଠାରେ ୱାର୍ଲ୍ଡ ଟେବୁଲ ଟେନିସ (ଡବ୍ଲ୍ୟୁଟିଟି) ୟୁଥ୍ କଣ୍ଟେଣ୍ଡରରେ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ଜର୍ମାନୀର ଟମ୍ ସ୍ୱିଜରଙ୍କୁ ୩-୨ରେ ପରାସ୍ତ କରିଥିଲେ। ଏହାର ଏକ ସପ୍ତାହ ପରେ ଟ୍ୟୁନିସ୍‌ଠାରେ ସେ ତାଙ୍କ ଦ୍ୱିତୀୟ ଡବ୍ଲ୍ୟୁଟିଟି ୟୁଥ୍ କଣ୍ଟେଣ୍ଡର ଟାଇଟଲ ଜିତିଥିଲେ। ଟ୍ୟୁନିସିଆରେ ସେ ୧୯ବର୍ଷରୁ କମ୍ ବିଭାଗ ସେମିଫାଇନାଲରେ ପରାସ୍ତ ହେବା ପରେ ଏକ ବ୍ରୋଞ୍ଜ ଜିତିଥିଲେ। ଫର୍ମରେ ଥିବା ପାୟସ ଗତ ସପ୍ତାହରେ ଓମାନରେ ନିଜ ବୟସ ବର୍ଗରେ ଆଧିପତ୍ୟ ବିସ୍ତାର କରିଥିଲେ। କାଜାଖସ୍ତାନର ଆଲାନ କୁର୍ମାଙ୍ଗାଲିଏଭ୍‌ଙ୍କୁ ୩-୨ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ପରେ ମସ୍କଟଠାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଏକ ପ୍ରତିଯୋଗିତାର ଫାଇନାଲରେ ସେ ନିଜ ଦେଶର ୟାସହାନ୍ସ ମଲିକଙ୍କ ବିପକ୍ଷରେ ବିଜୟ ହାସଲ କରି ସ୍ୱର୍ଣ୍ଣ ଜିତିଥିଲେ। ପାୟସ ୩୪୫୮ ପଏଣ୍ଟ ସହ ରୋମାନିଆର ଦାରିଉସ୍ ମୋଭିଲିନୁଙ୍କୁ ୯୦ ପଏଣ୍ଟ ପଛରେ ପକାଇ ବିଶ୍ୱ ର୍ୟାଙ୍କିଙ୍ଗର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି।



ପାୟସ ଜୈନ

## ବାଂଲାଦେଶକୁ ଅଲ୍‌ଆଉଟ କଲା ଓମାନ

**ଅଲ୍ ଆମେରାଟ, ୧୯।୧୦:** ମହମ୍ମଦ ନଇମଙ୍କ ଅର୍ଦ୍ଧଶତକ ଏବଂ ଶକିବ ଅଲ୍ ହାସନଙ୍କ ଦୃଢ଼ ବ୍ୟାଟିଂ ସତ୍ତ୍ୱେ ବାଂଲାଦେଶକୁ ମଙ୍ଗଳବାର ଟି୨୦ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ଅଲ୍‌ଆଉଟ କରିଛି ଅପେକ୍ଷାକୃତ ଦୁର୍ବଳ ଓମାନ। ବାଂଲାଦେଶ ୨୦ ଓଭରରେ ୧୫୩ ରନ କରି ସମସ୍ତ ଉଇକେଟ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୨୧ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ତୃତୀୟ ଉଇକେଟରେ ମହମ୍ମଦ ନଇମ ଓ ଶକିବ ଅଲ୍ ହାସନଙ୍କ ୮୦ ରନର ଭାଗୀଦାରି ବଳରେ ବଡ଼ ସ୍କୋର ପାଇଁ ପଥ ପ୍ରସ୍ତୁତ କରିଥିଲା। ମାତ୍ର ଏହି ଯୋଡ଼ି ଭାଙ୍ଗିବା ପରେ ଇନିଂସ ଭୁଶୁଡ଼ି ପଡ଼ିଥିଲା। ଶକିବ ୨୯ ବଲ୍‌ରୁ ୬ ଚୌକା ସହାୟତାରେ ୪୨ ରନ କରି ରନ୍‌ଆଉଟ ହୋଇ ଯାଇଥିବାବେଳେ ନଇମ ହାସଲ କରିଥିଲେ ଅର୍ଦ୍ଧଶତକ। ସେ ୫୦ ବଲ୍‌ରୁ ୩ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୬୪ ରନ କରିଥିଲେ। ଲିଟନ ଦାସ ୬, ନୁରୁଲ ହାସନ ୩, ଅଫିଫ୍ ହୋସେନ ୧, ଅଧିନାୟକ ମହମୁଦୁଲ୍ଲା ୧୭, ମୁଶ୍‌ଫିକର ରହିମ ୬ ଓ ମୁସ୍ତାଫିଜୁର ରହମନ ୨ ରନ କରି ଆଉଟ ହୋଇଥିବାବେଳେ ମେହେଦି ହାସନ ଓ ମହମ୍ମଦ ସୈଫୁଦ୍ଦିନ ଖାତା ଖୋଲିପାରି ନ ଥିଲେ। ଓମାନ ପକ୍ଷରୁ ବିଲାଲ ଖାଁ ଓ ଫୟାଜ ବଟ୍ଟ ୩ଟି ଲେଖାଏ, କଲିମୁଲ୍ଲା ୨ଟି ଓ ଜିଶନ ମକସୁଦ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୫୩/ଅଲଆଉଟ (ମହମ୍ମଦ ନଇମ-୬୪, ଶକିବ ଅଲ୍ ହାସନ-୪୨, ବିଲାଲ ଖାଁ-୩/୧୮, ଫୟାଜ ବଟ୍ଟ-୩/୩୦, କଲିମୁଲ୍ଲା-୨/୩୦, ଜିଶାନ ମକସୁଦ-୧/୧୭)।

# ହରଭଜନ, ଶ୍ରୀନାଥ ଏମ୍‌ସିସି ଆଜୀବନ ସଦସ୍ୟ

**ଲଣ୍ଡନ, ୧୯।୧୦ (ପି.ଟି.)**

ମେରିଲବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି) ଚଳିତବର୍ଷ ଭାରତର ହରଭଜନ ସିଂ ଓ ଜାଭାଗଲ ଶ୍ରୀନାଥଙ୍କ ସମେତ ୧୮ଜଣ କ୍ରିକେଟରଙ୍କୁ ଏହାର ଆଜୀବନ ସଦସ୍ୟ କରିଛି। ଏମ୍‌ସିସି ହେଉଛି କ୍ରିକେଟ ଆଇନର ରକ୍ଷକ। ଉଭୟ ହରଭଜନ ଓ ଶ୍ରୀନାଥଙ୍କ ଲମ୍ବା ଅନ୍ତର୍ଜାତୀୟ କ୍ୟାରିୟର ଖୁବ୍ ଭଲ ରହିଛି। ସ୍ପିନ୍ ବୋଲର ହରଭଜନ ହେଉଛନ୍ତି ଟେଷ୍ଟ କ୍ରିକେଟରେ ଭାରତର ତୃତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ସେ ୧୦୩ ଟେଷ୍ଟରେ ୪୧୭ ଉଇକେଟ ଅକ୍ତିଆର କରିଛନ୍ତି। ସମସ୍ତ ଫର୍ମାଟରେ ସେ ୭୦୦ରୁ ଅଧିକ ଅନ୍ତର୍ଜାତୀୟ ଉଇକେଟ ନେଇଛନ୍ତି। ଶ୍ରୀନାଥ ବର୍ତ୍ତମାନ ଆଇସିସି ଏଲିଟ୍ ପ୍ୟାନେଲ ମ୍ୟାଚ୍ ରେଫରି ଅଟନ୍ତି। ସେ କ୍ରିକେଟର ଅନ୍ୟତମ ମହାନ୍ ଫାଷ୍ଟ ବୋଲର ବିବେଚିତ ହେଉଛନ୍ତି। ସେ ତାଙ୍କ କ୍ୟାରିୟରରେ ୩୧୫ ଅନ୍ତର୍ଜାତୀୟ ଦିନିକିଆ ଉଇକେଟ ଏବଂ ୨୩୬ ଟେଷ୍ଟ ଉଇକେଟ ନେଇଛନ୍ତି। ଚଳିତ ବର୍ଷର ତାଲିକାରେ ଟେଷ୍ଟ ଖେଳୁଥିବା ୧୨ଟି ଦେଶ ମଧ୍ୟରୁ ୮ଟି ଦେଶର ପ୍ରତିନିଧି ରହି ଥିବା ଏମ୍‌ସିସି କହିଛି। ତାଲିକାରେ ଇଂଲଣ୍ଡର ଅଗ୍ରଣୀ ଟେଷ୍ଟ ରନ ସ୍କୋରର ଆଲିଷ୍ଟର କୁକ୍, ଇଆନ ବେଲ୍ ଓ ମାର୍କସ ଟ୍ରେସ୍କୋଥିକ୍ ରହିଛନ୍ତି। ଏହି ୩ ଜଣ ଖେଳାଳି ମୋଟ ୩୯,୦୦୦ ଅନ୍ତର୍ଜାତୀୟ ରନ ସଂଗ୍ରହ କରିଛନ୍ତି। ଇଂଲଣ୍ଡର ଚତୁର୍ଥ ଷ୍ଟାର ଖେଳାଳି ହେଲେ ରାଚେଲ ମହିଳା କ୍ରିକେଟର ସାରା ଟେଲର। ସେ ରାଚେଲ ହେହୋ, ଫ୍ଲିଣ୍ଟ ଟ୍ରଫି, ଚାର୍ଲୋଟ ଏଡ୍‌ୱାର୍ଡ୍ସ କପ୍ ଓ ଦି ହଣ୍ଡ୍ରେଡ୍‌ରେ ଅଂଶଗ୍ରହଣ କରିଛନ୍ତି। ତାଙ୍କ ପିଢ଼ିର ସେ ଜଣେ ଅନ୍ୟତମ ଦକ୍ଷ ଉଇକେଟକିପର ବିବେଚିତ ହେଉଛନ୍ତି। ଦକ୍ଷିଣ ଆଫ୍ରିକାର ୪ କିମ୍ବଦନ୍ତୀଙ୍କୁ ସମ୍ମାନଜନକ ଆଜୀବନ ସଦସ୍ୟ ପଦବୀ ପ୍ରଦାନ କରାଯାଇଛି। ସେମାନେ ହେଲେ ହାସିମ୍ ଅମ୍‌ଲା, ହର୍ଶେଲ ଗିବ୍ସ, ଜ୍ୟାକ୍ସ କାଲିସ ଓ ମୋର୍ନ ମୋର୍କେଲ। କାଲିସ ୧୩, ୨୮୯ ଟେଷ୍ଟ ରନ ସଂଗ୍ରହ କରିଛନ୍ତି। ସର୍ବକାଳୀନ ରନ ସ୍କୋରିଂ ତାଲିକାରେ ସେ ତୃତୀୟ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆର ମହିଳା ବ୍ୟାଟର ଆଲେକ୍ସ ବ୍ଲାକ୍‌ୱେଲ୍ ଏବଂ ଷ୍ଟାଇଲିଶ ଡାମିଏନ୍ ମାର୍ଟିନଙ୍କୁ ମଧ୍ୟ ସାମିଲ କରାଯାଇଛି। ୱେଷ୍ଟଇଣ୍ଡିଜରୁ ଇଆନ ବିଶପ, ଶବନାରିନ ଚନ୍ଦରପଲ ଓ ରାମନରେଶ ସରୱାନ ପ୍ରତିନିଧିତ୍ୱ କରୁଛନ୍ତି। ବିଶପ ମାତ୍ର ୪୩ ମ୍ୟାଚରେ ୧୬୧ ଉଇକେଟ ନେଇଛନ୍ତି। ଚନ୍ଦରପଲ ୱେଷ୍ଟଇଣ୍ଡିଜର ସବୁଠାରୁ ଅଧିକ ୧୬୪ ଟେଷ୍ଟ ମ୍ୟାଚ ଖେଳିଥିବା କ୍ରିକେଟର। ୧୧,୮୬୭ ରନରୁ ଅଧିକ ରନ ସଂଗ୍ରହ କରିଥିବା ୭ ଖେଳାଳିଙ୍କ ମଧ୍ୟରେ ସେ ଅନ୍ୟତମ। ସରୱାନ ୧୫ ଟେଷ୍ଟ ଶତକ ହାସଲ କରିଛନ୍ତି। ୨୦୦୯ରେ ଇଂଲଣ୍ଡ ବିପକ୍ଷରେ ସେ ୨୯୧ ରନ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜର ଜଣେ ଖେଳାଳି ହିସାବରେ ଇଂଲଣ୍ଡ ବିପକ୍ଷରେ ଏହା ହେଉଛି ସର୍ବୋଚ୍ଚ ସ୍କୋର। ଏହାଦ୍ୱାରା ସେ ୧୯୭୬ରେ ସାର୍ ଭିଭିଆନ ରିଚାର୍ଡସ କରିଥିବା ରେକର୍ଡର ସମକକ୍ଷ ହୋଇପାରିଛନ୍ତି। ତାଲିକାରେ ଶ୍ରୀଲଙ୍କାର ରଙ୍ଗନା ହେରାଥଙ୍କ ନାମ ମଧ୍ୟ ରହିଛି। ସେ ତାଙ୍କ ଦୁଇ ଦଶନ୍ଧି ଧରି କ୍ୟାରିୟରରେ ୪୩୩ ଉଇକେଟ ଅକ୍ତିଆର କରିଛନ୍ତି। ସର୍ବକାଳୀନ ଅଧିକ ଉଇକେଟ ହାସଲକାରୀ ବୋଲର ତାଲିକାର ସେ ଟପ୍ ୧୦ରେ ରହିଛନ୍ତି। ନ୍ୟୁଜିଲାଣ୍ଡର ଜଣେ ମାତ୍ର ସାରା ମ୍ୟାକ୍‌ଗ୍ଲାସାନଙ୍କୁ ସଦସ୍ୟ ପଦବୀ ମିଳିଛି। ଏହି ମହିଳା ବ୍ୟାଟର ତଥା ଉଇକେଟକିପର ତାଙ୍କ ୧୪ ବର୍ଷର କ୍ୟାରିୟରରେ ଦେଶ ତରଫରୁ ୨୦୦ରୁ ଅଧିକ ଥର ପ୍ରତିନିଧିତ୍ୱ କରିଛନ୍ତି। ଅନ୍ୟ ଜଣେ ହେଲେ ଜିମ୍ବାୱେ ଅଲରାଉଣ୍ଡର ଗ୍ରାଣ୍ଟ ଫ୍ଲାୱାର। ସେ ୨୮୮ ମ୍ୟାଚରେ ୧୦,୦୦୦ ଅନ୍ତର୍ଜାତୀୟ ରନ ସଂଗ୍ରହ କରିଛନ୍ତି। ନାମ ତାଲିକା ଏମ୍‌ସିସି କମିଟି ଦ୍ୱାରା ଗୃହୀତ ହେବା କ୍ଷଣି ଏହି କ୍ରିକେଟରମାନଙ୍କ ନିକଟକୁ ଆମନ୍ତ୍ରଣ ପତ୍ର ପଠାଯିବ।





ହରଭଜନ ସିଂ ଓ ଜାଭାଗଲ ଶ୍ରୀନାଥ।

# ସ୍କଟ୍‌ଲାଣ୍ଡର ଦ୍ୱିତୀୟ ବିଜୟ

**ଅଲ ଆମେରାଟ (ଓମାନ), ୧୯।୧୦:** ଟି୨୦ ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡ ଗ୍ରୁପ୍ ବି ମ୍ୟାଚରେ ସ୍କଟଲାଣ୍ଡ ୧୭ ରନରେ ପପୁଆ ନ୍ୟୁଗିନି (ପିଏନ୍‌ଜି)କୁ ହରାଇ ସୁପର-୧୨ର ନିକଟତର ହୋଇଛି। ମଙ୍ଗଳବାର ଖେଳାଯାଇଥିବ ଏହି ମ୍ୟାଚ୍‌ରେ ଟସ୍ ଜିତି ସ୍କଟଲାଣ୍ଡ ୨୦ ଓଭରରେ ୯ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରିଥିଲା। ଜବାବରେ ପିଏନ୍‌ଜି ୧୯.୩ ଓଭରରେ ୧୪୮ ରନରେ ସୀମିତ ରହି ପରାସ୍ତ ହୋଇଛି। ଏହାପୂର୍ବରୁ ସ୍କଟଲାଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ପରାସ୍ତ କରିଥିଲା। ୨ଟି ମ୍ୟାଚ୍ ଖେଳି ୨ ବିଜୟ ସହ ୪ ପଏଣ୍ଟ ହାସଲ କରି ସ୍କଟଲାଣ୍ଡ ଗ୍ରୁପ୍ ବି'ର ଶୀର୍ଷରେ ରହିଛି। ଅନ୍ୟପଟେ ପିଏନ୍‌ଜି ୨ଟି ମ୍ୟାଚ୍ ଖେଳି ୨ଟି ପରାଜୟ ସହ ବିଶ୍ୱକପ୍‌ରୁ ଆଗୁଆ ବିଦାୟ ନେଇଛି। ପ୍ରଥମ ମ୍ୟାଚ୍‌ରେ ପିଏନ୍‌ଜି ୧୦ ଉଇକେଟରେ ଓମାନଠାରୁ ପରାସ୍ତ ହୋଇଥିଲା।

୧୬୬ ରନ ଟାର୍ଗେଟର ପିଛା କରି ନିୟମିତ ଅନ୍ତରରେ ଉଇକେଟ ହରାଇ ପିଏନ୍‌ଜି ଅଲଆଉଟ ହୋଇଥିଲା। ଦଳ ତରଫରୁ ନର୍ମାନ ଭାନୁଆ ୪୭, ସେସେ ବାଉ ୨୪, ଅସାଦ ଭାଲା ୧୮, କିପ୍ଲିନ ଡୋରିଗା ୧୮, ଚାଦ ସୋପର ୧୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ସ୍କଟଲାଣ୍ଡ ତରଫରୁ ଜୋଶ ଡେଭି ସର୍ବାଧିକ ୪ ଉଇକେଟ ନେଇ ପିଏନ୍‌ଜିର ବିପର୍ଯ୍ୟୟ ଘଟାଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ସ୍କଟଲାଣ୍ଡ ପକ୍ଷରୁ ରିଚି ବେରିଂଟନ ସର୍ବାଧିକ ୭୦, ମାଥ୍ୟୁ କ୍ରସ୍ ୪୫, ଜର୍ଜ ମୁନସେ ୧୫, କାଲମ ମ୍ୟାକଲିଓଡ ୧୦ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ପିଏନଜି ତରଫରୁ କାବୁଆ ମୋରିଆ ସର୍ବାଧିକ ୪, ଚାଦ ସୋପେର ୩ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ ୨୦ ଓଭରରେ ୧୬୫/୯ (ରିଚି ବେରିଂଟନ-୭୦, ମାଥ୍ୟୁ କ୍ରସ- ୪୫, ଜର୍ଜ ମୁନ୍‌ସେ- ୧୫, କାବୁଆ ମୋରିଆ- ୪/୩୧, ଚାଦ ସୋପେର - ୩/୨୪)। ପିଏନ୍‌ଜି ୧୯.୩ ଓଭରରେ ୧୪୮ (ନର୍ମାନ ଭାନୁଆ- ୪୭, ସେସେ ବାଉ- ୨୪, ଜୋଶ ଡେଭି- ୪/୧୮)।



ଜୋଶ ଡେଭି

## ସିନ୍ଧୁ, ଶ୍ରୀକାନ୍ତ, ସମୀରଙ୍କ ବିଜୟ ଅଭିଯାନ

**ଓଡେନ୍ସ, ୧୯।୧୦:** ଡବଲ ଅଲିମ୍ପିକ୍ସ ମେଡାଲିଷ୍ଟ ପି.ଭି. ସିନ୍ଧୁ ବିଜୟ ସହ ବ୍ୟାଡମିଣ୍ଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଠାରେ ଚାଲିଥିବା ଡେନମାର୍କ ଓପନ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ମଙ୍ଗଳବାର ସିନ୍ଧୁଙ୍କ ସମେତ ଭାରତୀୟ ପୁରୁଷ ତାରକା କିଡାମ୍ବି ଶ୍ରୀକାନ୍ତ ଓ ସମୀର ବର୍ମା ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବିଶ୍ୱ ଚାମ୍ପିୟନ ସିନ୍ଧୁ ବିଶ୍ୱର ୨୯ ନମ୍ବର ଖେଳାଳି ତୁର୍କୀର ନେସଲିହାନ ୟିଗିଟ୍‌ଙ୍କୁ ୨୧-୧୨, ୨୧-୧୦ରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି। ବିଜୟୀ ହେବାକୁ ସିନ୍ଧୁ ୩୦ ମିନିଟ ସମୟ ଆବଶ୍ୟକ କରିଥିଲେ। ଟୋକିଓ ଅଲିମ୍ପିକ୍ସ ପରେ ସିନ୍ଧୁ ସୁଦିର୍ମାନ କପ୍ ଓ ଉବର କପ୍ ନ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ସେ ପରବର୍ତ୍ତୀ ରାଉଣ୍ଡରେ ଥାଇଲଣ୍ଡର ବୁସାନନ ଓଙ୍ଗବାମ୍ରୁଙ୍ଗଫନଙ୍କୁ ଭେଟିବେ। ପୂର୍ବତନ ଚାମ୍ପିୟନ ଶ୍ରୀକାନ୍ତ ନିଜ ଦେଶର ବି. ସାଇ ପ୍ରଣୀଥଙ୍କୁ ୨୧-୧୪, ୨୧-୧୧ରେ ମାତ୍ର ୩୦ ମିନିଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେ ୨୦୧୭ ସଂସ୍କରଣରେ ଟାଇଟଲ ହାସଲ କରିଥିଲେ। ସେହିପରି ୨୮ତମ ର୍ୟାଙ୍କର ସମୀର ବିଶ୍ୱର ୨୧ ନମ୍ବର ଖେଳାଳି ଥାଇଲାଣ୍ଡର କୁନଲାଭୁଟ ଭିଟିଡସର୍ନଙ୍କୁ ୨୧-୧୭, ୨୧-୧୪ରେ ମାତ୍ର ୪୨ ମିନିଟ୍‌ରେ ପରାସ୍ତ କରିଛନ୍ତି। ଶ୍ରୀକାନ୍ତ ଏବେ ଦ୍ୱିତୀୟ ରାଉଣ୍ଡରେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ଟପ୍ ସିଡ୍ ଜାପାନର କେଣ୍ଟୋ ମୋମୋଟାଙ୍କୁ ଭେଟିବେ। ସେହିପର ସମୀର ଡେନମାର୍କର ପରବର୍ତ୍ତୀ ରାଉଣ୍ଡରେ ତୃତୀୟ ସିଡ୍ ଖେଳାଳି ଆଣ୍ଡର୍ସ ଆଣ୍ଟୋସେନଙ୍କୁ ଭେଟିବେ। ପୁରୁଷ ଡବଲ୍ସ ଇଭେଣ୍ଟରେ ଭାରତକୁ ମିଶ୍ର ସଫଳତା ମିଳିଛି। ଭାରତର ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ୨୩-୨୧, ୨୧-୧୫ରେ ଇଂଲଣ୍ଡର କାଲମ ହେମିଂ ଓ ଷ୍ଟିଭେନ ଷ୍ଟାଲଉଡଙ୍କୁ ପ୍ରଥମ ରାଉଣ୍ଡରେ ହରାଇଛନ୍ତି। ସେହିପରି ଏମ.ଆର. ଅର୍ଜୁନ ଓ ଧ୍ରୁବ କପିଳ ବିଶ୍ୱର ୧୭ ନମ୍ବର ଯୋଡି ଇଂଲଣ୍ଡର ବେନ୍ ଲେନ ଓ ସିନ ଭେଣ୍ଡିଙ୍କୁ ୨୧-୧୯, ୨୧-୧୫ରେ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ମନୁ ଅତ୍ରି ଓ ବି ସୁମୀତ ରେଡ୍ଡୀ ପ୍ରଥମ ରାଉଣ୍ଡରେ ୧୮- ୨୧, ୧୧-୨୧ରେ ମାଲେସିଆର ଗୋ ଏସ୍‌ଜି ପେଇ ଓ ନୁର ଇଜାଦ୍ଦୁନଙ୍କଠାରୁ ପରାସ୍ତ ହୋଇଛନ୍ତି।




**ଅଣ୍ଟା-ପିଠି-ଆଣ୍ଠୁ ଏବଂ ଗଣ୍ଠିର ପୁରୁଣା ରୋଗୀଙ୍କ ପାଇଁ ଆଶ୍ୱସ୍ତିଦାୟକ ଖବର**

**ଆୟୁର୍ବେଦିକ ପଦ୍ଧତିରେ ବ୍ୟଥା ପ୍ରବନ୍ଧନ କରିଥାଏ**

**କ୍ୱିକ୍ ପୀଡ଼ାନାଶକ ତେଲ - ଲାଭାର୍ଥୀ ହୃଦୟରୁ ଧନ୍ୟବାଦ ଦେଉଛନ୍ତି**

ଆୟୁର୍ବେଦ ଅନୁସାରେ ବ୍ୟଥା ଓ ଜ୍ୱର କୌଣସି ରୋଗ ନୁହେଁ ବରଂ ରୋଗର ଲକ୍ଷଣ ମାତ୍ର । ଏହା ଆମର ଶୁଭଚିନ୍ତକ ଅଟନ୍ତି, ଆମକୁ ସଚେତନ କରିଦିଅନ୍ତି କି ଶରୀରରେ ସମସ୍ୟା ଅଛି, ତାହାର ସମାଧାନ କର । ବାରମ୍ବାର ପେନ୍ କିଲର୍ ଖାଇବା ପୂର୍ବରୁ ଆମକୁ ଆୟୁର୍ବେଦରେ ଏହି ସମସ୍ୟାର ସମାଧାନ ଦେଖିନେବା ଆବଶ୍ୟକ। ଆୟୁର୍ବେଦରେ ପେନ୍ ମ୍ୟାନେଜମେଣ୍ଟ ଏମିତି ହୋଇଥାଏ କି, ବ୍ୟଥା କମିବା ସହିତ ଯେଉଁ କାରଣରୁ ବ୍ୟଥା ହେଉଛି, ତାହା ମଧ୍ୟ ଦୂର ହୋଇଯାଏ । କେବଳ ସିମ୍ପଟୋମାଟିକ୍ ବା ଲାକ୍ଷଣିକ ଚିକିତ୍ସା କରାଯାଏ ନାହିଁ । **ଆୟୁର୍ବେଦରେ ବ୍ୟଥାକୁ ଶୂଳ କୁହାଯାଏ । ବ୍ୟଥା ବା ଶୂଳ ସର୍ବଦା ବାତର କାରଣ ହୋଇଥାଏ । ବାତ-ପିତ୍ତ-କଫରେ ଅସନ୍ତୁଳନ ଘଟିଲେ ଓ ବାତ ବଢ଼ିଯାଇ ବ୍ୟଥା ହୋଇଥାଏ । ବାତ ସନ୍ତୁଳିତ ହୋଇଗଲେ ବ୍ୟଥା ମଧ୍ୟ ଦୂର ହୋଇଯାଏ ।** ଗଣ୍ଠି ବା joints ଶରୀରରେ ଏପରି ଅଂଶ, ଯେଉଁଠି ଦୁଇ କିମ୍ବା ଦୁଇରୁ ଅଧିକ ଅସ୍ଥି ମିଶିଥାଏ, ଯେମିତିକି ଆଣ୍ଠୁ, ଅଣ୍ଟା, ବେକ, କାନ୍ଧ ଆଦି । ଜଏଣ୍ଟ ପେନ୍‌ର ଅନେକ କାରଣ ହୋଇପାରେ । ବଢ଼ନ୍ତା ବୟସ ସହିତ ଗଣ୍ଠିବ୍ୟଥା ଏକ ସାଧାରଣ ସମସ୍ୟାରେ ପରିଣତ ହୋଇଯାଇଛି । ଗଣ୍ଠିବ୍ୟଥା (Knee Joint Pain) ଶରୀରର ଯେକୌଣସି ଅଂଶରେ ହୋଇପାରେ । ଏହି ବ୍ୟଥା ଆଣ୍ଠୁ, କହୁଣି, ବେକ, ବାହୁ ଓ ଜଙ୍ଘରେ ହୋଇପାରେ । ଦୀର୍ଘ ସମୟ ଧରି କୌଣସି ଗୋଟିଏ ଜାଗାରେ ବସିରହିବା, ଯାତ୍ରା କରିବା କାରଣରୁ ଆଣ୍ଠୁରେ କଠିନତା ଆସିଯାଏ ଓ ବ୍ୟଥା ହେବାକୁ ଲାଗିଥାଏ । ଏହାକୁ ଗଣ୍ଠିବ୍ୟଥା କୁହାଯାଏ ।

ଅଗ୍ରଣୀ ଔଷଧ ନିର୍ମାତା କମ୍ପାନୀ ଓଜୋନ୍ ଫାର୍ମା ଲିମିଟେଡ୍ ଗଣ୍ଠି, ଆଣ୍ଠୁ, ପିଠି କିମ୍ବା ଅଣ୍ଟା ବ୍ୟଥାରେ ପୀଡ଼ିତ ରୋଗୀଙ୍କ ପାଇଁ ମହାନାରାୟଣ, ମହାମାଷ, ବିଷଗର୍ଭା ଭଳି ସ୍ୱେଶାଲିଷ୍ଟ ପୀଡ଼ାନାଶକ ତେଲ ସହିତ ଦୁର୍ଲଭ ବାତନାଶକ ଜଡ଼ି-ବୁଟି ମିଶ୍ରଣରେ ପ୍ରସ୍ତୁତ ନିଜର **'କ୍ୱିକ୍ ପେନ୍ ରିଲିଫ୍ ଅଏଲ'**କୁ ଏବେ ବଜାର ପ୍ରବେଶ କରାଇଦେଇଛି । ଆଜିର ଅନିୟମିତ ଲାଇଫ୍‌ଷ୍ଟାଇଲ୍ କାରଣରୁ ପାଖାପାଖି 80% ଲୋକଙ୍କ ଶରୀରରେ କେଉଁଠି ନା କେଉଁଠି ବ୍ୟଥାର ସମସ୍ୟା ରହୁଛି । ତା' ଉପରେ କୋଭିଡ୍ ମହାମାରୀ ଆମ ସମସ୍ତଙ୍କୁ ଗୋଟିଏ ସ୍ଥାନରେ ରହିବା ପାଇଁ ବାଧ କରିଦେଇଛି । "ଆକ୍ଟିଭ୍ ନ ରହିବା ଓ ଗୋଟିଏ ଜାଗାରେ ବସି କାମ କରିବା କାରଣରୁ ବୟୋଜ୍ୟେଷ୍ଠଙ୍କ ସମେତ ଯୁବବର୍ଗଙ୍କ ମଧ୍ୟରେ ମଧ୍ୟ ବ୍ୟଥାରେ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଓଜୋନ୍ ଫାର୍ମ ଏହି ବିଶେଷ ପ୍ରଭାବୀ ତେଲ ପ୍ରସ୍ତୁତ କରିଛି । ଯାହାର ଉତ୍ତମ ପ୍ରଭାବ କାରଣରୁ ଲୋକଙ୍କୁ ଭଲ ପରିଣାମ ମିଳିବାରେ ଲାଗିଛି । ଏହାର 120 MLର ମୂଲ୍ୟ 283 ଟଙ୍କା ଧାର୍ଯ୍ୟ କରାଯାଇଛି । ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ଅଧିକ ସୂଚନା ପାଇଁ ଆପଣ କମ୍ପାନୀର ହେଲ୍‌ପଲାଇନ୍ ନମ୍ବର 7328008854, 8127080666ରେ ଯୋଗାଯୋଗ କରିପାରନ୍ତି ।

**କ୍ୱିକ୍ ପୀଡ଼ାନାଶକ ତେଲ ସନ୍ଦର୍ଭରେ ଗ୍ରାହକମାନଙ୍କର ପ୍ରଶ୍ନ**

**ପ୍ରଶ୍ନ - ମୋ ବାପାଙ୍କ ବୟସ 56 ବର୍ଷ, ତାଙ୍କ ଆଣ୍ଠୁରେ ସବୁବେଳେ ବ୍ୟଥା ରହୁଛି । ଔଷଧ ବିନା ସେ ଚଳାବୁଲା କରିପାରନ୍ତି ନାହିଁ, ଦୀର୍ଘଦିନ ଧରି ତାଙ୍କୁ ଏହି ସମସ୍ୟା ଅଛି ଓ ପାଖାପାଖି 4 ବର୍ଷ ଧରି ସେ ଲଗାତର ଦୈନିକ ଏଲୋପାଥି ଔଷଧ ସେବନ କରୁଛନ୍ତି । ମୁଁ ଅନେକ ଲୋକଙ୍କ ମୁହଁରୁ କ୍ୱିକ୍ ପୀଡ଼ାନାଶକ ତେଲର ବହୁତ ପ୍ରଶଂସା ଶୁଣିଛି । ଏଥିରୁ ମୋ ପିତାଙ୍କୁ ଲାଭ ମିଳିପାରିବ କି?**

ଉତ୍ତର - ଲଗାତର ପେନ୍ କିଲର୍ ଖାଇ ପୀଡ଼ାରୁ ବଞ୍ଚିବା ଠିକ୍ ନୁହେଁ । ଚିକିତ୍ସାଗତ ଦୃଷ୍ଟିରୁ ଏହା ଭୁଲ୍ ଅଟେ, ଏଥିରୁ ସାଇଡ୍ ଇଫେକ୍ଟ ଦେଖାଦେଇପାରେ ଏବଂ ରୋଗୀଙ୍କ କିଡ୍‌ନୀ ଓ ଅନ୍ୟାନ୍ୟ ଅଙ୍ଗ ପ୍ରଭାବିତ ହୋଇପାରେ । ଆପଣଙ୍କୁ ଏହା ମଧ୍ୟ କହିରଖୁଛୁ ଯେ ଆପଣ ବ୍ୟଥାର ଚିକିତ୍ସା କରୁଛନ୍ତି, ରୋଗର ନୁହେଁ । ବ୍ୟଥା ରୋଗର ଏକ ଲକ୍ଷଣ ମାତ୍ର, ଏଥିପାଇଁ ଆପଣ ହାନିରହିତ କ୍ୱିକ୍ ପୀଡ଼ାନାଶକ ତେଲ ପ୍ରୟୋଗ କରନ୍ତୁ । ଅନ୍ୟମାନଙ୍କୁ ମିଳିଥିବା ଆରାମ ଭଳି ଆପଣଙ୍କ ପିତାଙ୍କ ବ୍ୟଥାକୁ ଲାଘବ କରିବାରେ ମଧ୍ୟ କ୍ୱିକ୍ ସହାୟକ ହେବ । ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ । ମଇଦା, ଚଣା, ବିରି, ଭାତ, କଦଳୀ, ଦହି, ଘୋଳଦହି, ଆଇସ୍-କ୍ରିମ୍, କୋଲ୍ଡ ଡ୍ରିଙ୍କ ଭଳି ଖାଦ୍ୟପଦାର୍ଥ ସେବନ କରନ୍ତୁ ନାହିଁ, କାରଣ ଏଗୁଡ଼ିକ ପାଚନ ହେବାରେ ସମୟ ଲାଗିଥାଏ ଓ ସେଗୁଡ଼ିକ ଦେହ ଉପରେ ଥଣ୍ଡା ପ୍ରଭାବ ପକାଇଥାଏ ।




କ୍ୱିକ୍ ଅଏଲ Flipkart | amazon ରେ ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ଅକ୍ଟୋବର ୨୦/୨୦୨୧ (୮+୮=୧୬ ପୃଷ୍ଠା) | Dhenkanal, Wednesday, October 20/2021



# ଦୁର୍ଦ୍ଦିନରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ

## ୫ ବର୍ଷରେ ବନ୍ଦ ହେଲାଣି ୧୫ ହଜାର କ୍ଷୁଦ୍ର ଶିଳ୍ପ

■ ଖୁବ୍‌ଶୀଘ୍ର ଆସିବ ପ୍ରୋକ୍ୟୁରମେଣ୍ଟ ନୀତି

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ଏମ୍‌ଏସ୍‌ଏମ୍‌ଇ ବିକାଶ ନୀତି-୨୦୧୫ ପ୍ରଣୟନ କରିଛନ୍ତି। ସରକାର ମଧ୍ୟ ମାନିଛନ୍ତି ଯେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏକ ବଡ଼ ଭୂମିକା ନିର୍ବାହ କରୁଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଏମ୍‌ଏସ୍‌ଏମ୍‌ଇ ବିକାଶ ନୀତି ବଳରେ ରାଜ୍ୟରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ହୋଇଛି। କ୍ଷୁଦ୍ର ଶିଳ୍ପକୁ ପ୍ରୋତ୍ସାହନ ଦେଇ ଅନୁକୂଳ ପରିବେଶ ସୃଷ୍ଟି କରୁଥିବାରୁ ଷ୍ଟାର୍ଟ ଅପ୍ ର୍ୟାଙ୍କରେ ମଧ୍ୟ ଓଡ଼ିଶା ଏକ ଉତ୍ତମ ପ୍ରଦର୍ଶନକାରୀ ରାଜ୍ୟ ଭାବେ ପରିଚୟ ପାଇପାରିଛି। ଯୁବ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ସହ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ବଞ୍ଚାଇ ରଖିବା, ରାଜ୍ୟରେ ମୁଣ୍ଡପିଛା ଆୟ ବୃଦ୍ଧି ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଲଘୁ ଉଦ୍ୟୋଗଗୁଡ଼ିକ ପାଇଁ ରାଜ୍ୟ ସରକାର ଓଡ଼ିଶା ପ୍ରୋକ୍ୟୁରମେଣ୍ଟ ପ୍ରିଫରେନ୍ସ ପଲିସି ଫର୍ ମାଇକ୍ରୋ




ଆଣ୍ଡ ସ୍ମଲ୍ ଏଣ୍ଟରପ୍ରାଇଜର୍ସ-୨୦୧୫ ଆଣିଛନ୍ତି। ଏହି ପଲିସି ଅନୁଯାୟୀ ରାଜ୍ୟର ଏମ୍‌ଏସ୍‌ଏମ୍‌ଇଗୁଡ଼ିକରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ବାର୍ଷିକ ଉତ୍ପାଦନର ୨୦ ପ୍ରତିଶତ ଉତ୍ପାଦ କିଣିବାକୁ ବାଧ୍ୟ। ମାତ୍ର ସରକାରୀ ବିଭାଗ ରାଜ୍ୟର ଉଦ୍ୟୋଗୀଙ୍କଠାରୁ ସାମଗ୍ରୀ କ୍ରୟ କରୁନାହାନ୍ତି। ଫଳରେ ଉଦ୍ୟୋଗଗୁଡ଼ିକ ବଜାର ସୁବିଧା ନ ପାଇ ବନ୍ଦ ହେବା ସ୍ତରକୁ ଚାଲି ଯାଉଛି। ସରକାରୀ ହିସାବ ଅନୁଯାୟୀ ୨୦୨୧ ଅକ୍ଟୋବର ସୁଦ୍ଧା ରାଜ୍ୟରେ ୫୦୬୦୧୨ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପଞ୍ଜୀକୃତ ହୋଇଛି। ସେଥିରୁ ଗତ ୫ ବର୍ଷ ମଧ୍ୟରେ ୪୫୫୮୦.୮୫ କୋଟି ଟଙ୍କାର ୧୫,୩୧୫ ଉଦ୍ୟୋଗ ବନ୍ଦ ହୋଇ ସାରିଲାଣି। ଏଥିରେ କାର୍ଯ୍ୟରତ ୧,୨୯,୯୫୦ କର୍ମଚାରୀ ଜୀବିକା ହରାଇଛନ୍ତି। ୧୧ଟି ପଛୁଆ ଜିଲାରେ ଏହି ସମୟରେ ମୋଟ ୩୫୨୦୦୫.୩୭ ଲକ୍ଷ ଟଙ୍କାର ୩୧୩୩ଟି ଶିଳ୍ପ ବନ୍ଦ ହୋଇଛି। ଏସବୁ ଶିଳ୍ପ ବନ୍ଦ ହେବା ଯୋଗୁ ୩୪୪୬୧୫ ଲୋକ ଜୀବିକା ହରାଇଛନ୍ତି।

ରାଜ୍ୟ ସରକାର ମେକ୍ ଇନ୍ ଓଡ଼ିଶାକୁ ପ୍ରୋତ୍ସାହିତ କରିବାକୁ ପବ୍ଲିକ ପ୍ରୋକ୍ୟୁରମେଣ୍ଟ(ପ୍ରିଫରେନ୍ସ ଟୁ ମେକ୍ ଇନ୍ ଓଡ଼ିଶା) ଚିଠା ଆଦେଶ-୨୦୨୦ ପ୍ରସ୍ତୁତ କରିଛନ୍ତି। ଏହାଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କିମ୍ବା ଷ୍ଟାର୍ଟ ଅପ୍‌ଗୁଡ଼ିକର ଉତ୍ପାଦନ, ଉତ୍ପାଦିତ ଦ୍ରବ୍ୟର ବିକ୍ରି , କଞ୍ଚାମାଲ ଇତ୍ୟାଦି ବ୍ୟବସ୍ଥା କରାଯିବ। ଫଳରେ ବିଭିନ୍ନ ବଡ଼ ବଡ଼ କମ୍ପାନୀ ସ୍ଥାନୀୟ ଉଦ୍ୟୋଗୀଙ୍କ ସହ ମିଶି ଉତ୍ପାଦନ ଓ କ୍ରୟ କରିବେ। ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ବଢିବା ସହ ମୁଣ୍ଡ ପିଛା ଆୟ ମଧ୍ୟ ବୃଦ୍ଧି ହେବ। ଏଥିସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବେ। ଏମ୍‌ଏସ୍‌ଏମ୍‌ଇରୁ ଉତ୍ପାଦିତ ସାମଗ୍ରୀକୁ ବିଭାଗଗୁଡ଼ିକ ନିଜର ବିଭିନ୍ନ କାର୍ଯ୍ୟାଳୟ ପାଇଁ ୫୦ ପ୍ରତିଶତ କ୍ରୟ କରିବେ। ଅନୁସୂଚିତ ଜାତି, ଜନଜାତି, ମହିଳା ଏବଂ ଭିନ୍ନକ୍ଷମ ଉଦ୍ୟୋଗୀଙ୍କଠାରୁ ଉତ୍ପାଦିତ ଦ୍ରବ୍ୟ କ୍ରୟ କରାଯିବା ସହ ସ୍ୱାବଲମ୍ବୀ କରିବା ଦିଗରେ ଏହି ନୀତି ସହାୟକ ବୋଲି ଦାବି କରାଯାଉଛି। ତେବେ ଆଶ୍ଚର୍ଯ୍ୟର କଥା ଯେ ଏମ୍‌ଏସ୍‌ଏମ୍‌ଇ ବିଭାଗର କେତେକ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ପ୍ରୋକ୍ୟୁରମେଣ୍ଟ ଚିଠା ଆଦେଶ-୨୦୨୦ ଗତ ୨ ବର୍ଷ ହେବ ଫାଇଲ ଭିତରେ ରହିଛି। ମିଳିଥିବା ସୂଚନା ଅନୁଯାୟୀ ଏହି ପ୍ରସ୍ତାବକୁ ଅର୍ଥ ବିଭାଗକୁ ଅନୁମୋଦନ ପାଇଁ ପଠାଯାଇଛି। ଅନୁମୋଦନ ପାଇବା ପରେ ଏହା ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଏମ୍‌ଏସ୍‌ଏମ୍‌ଇ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି। ସରକାର ତୁରନ୍ତ ଏ ନେଇ ପଦକ୍ଷେପ ନ ନେଲେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରିବେ। ଫଳରେ ଏହି ଉଦ୍ୟୋଗ ☞ପୃଷ୍ଠା-୬

# ତଦନ୍ତ ଅବହେଳା ହେଲେ ବନ୍ଦୀଙ୍କ ଜାମିନ ଅଧିକାର ରହିଛି

**ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ। ତେଣୁ ଆପରାଧିକ ବିଚାର ବ୍ୟବସ୍ଥାର ପ୍ରମୁଖ ଅଙ୍ଗ କୁହାଯାଉଥିବା ପୋଲିସ ତଦନ୍ତ ପ୍ରକ୍ରିୟାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାର ନିୟମ ରହିଛି। ହେଲେ କେତେକ କ୍ଷେତ୍ରରେ ଅବହେଳା କାରଣରୁ ତଦନ୍ତ ପ୍ରକ୍ରିୟା ଠିକ୍ ସମୟରେ ଶେଷ ହୋଇପାରୁ ନାହିଁ। ଫଳରେ ବିଚାରାଧୀନ ଅଭିଯୁକ୍ତଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେବା ଭଳି ସ୍ଥିତି ସୃଷ୍ଟି ହେଉଛି। ତେଣୁ ନିର୍ଦ୍ଦିଷ୍ଟ ସମୟ ସୀମାଠାରୁ ତଦନ୍ତ ପ୍ରକ୍ରିୟା ବିଳମ୍ବ ହେଲେ କାହାରିକୁ ଅବହେଳାରୁ ଜାମିନ ବା ଡିଫଲ୍ଟ ବେଲ୍ ପାଇବା ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଉଲ୍ଲେଖ କରିଛନ୍ତି।**

ନୂଆଦିଲ୍ଲୀ, ୧୯।୧୦




କୋଭିଡ୍-୧୯ ମହାମାରୀ ସମୟରେ ନିର୍ଦ୍ଧାରିତ ସମୟ ମଧ୍ୟରେ ତଦନ୍ତ ପ୍ରକ୍ରିୟା ଶେଷ ହୋଇ ନ ଥିବା ଦର୍ଶାଇ ଜଣେ ବିଚାରାଧୀନ ବନ୍ଦୀଙ୍କ ହାଜତ ମିଆଦକୁ ବୃଦ୍ଧି କରାଯାଇ ଥିଲା, ଯାହାକି ତାଙ୍କର ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି। ତେଣୁ ଅବହେଳାରୁ ଜାମିନ ବା ଡିଫଲ୍ଟ ବେଲ୍ ପାଇବାରୁ ତାଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ। ଏହା ତାଙ୍କର ଅଖଣ୍ଡନୀୟ ଅଧିକାର ବୋଲି ଏକ ଯୌତୁକ ନିର୍ଯାତନା ମାମଲାର ଜାମିନ ଆବେଦନର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଏପରିକି କୌଣସି ବିଚାରାଧୀନ ବନ୍ଦୀଙ୍କ ବିଚାରବିଭାଗୀୟ ମିଆଦକୁ ବୃଦ୍ଧି କରିବା ପୂର୍ବରୁ ତଳକୋର୍ଟ ସବୁଦିଗକୁ ତର୍ଜମା କରିବା ଆବଶ୍ୟକ ବୋଲି ବିଚାରପତି ମନୋଜ ଓହରି ☞ପୃଷ୍ଠା-୬



ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଯୋଗୁ କୋଶୀ ନଦୀରେ ବନ୍ୟା ଆସିଛି। ଜିମ୍ କୋରବେଟ୍ ଜାତୀୟ ଉଦ୍ୟାନରେ ଥିବା କାର୍‌ଗୁଡ଼ିକ ବନ୍ୟାପାଣିରେ ବୁଡ଼ିଯାଇଛି।

# ଚିନ୍ତା ବଢ଼ାଉଛି ଖୋର୍ଦ୍ଧା

■ ୩% ଉପରେ ଦୈନିକ ସଂକ୍ରମଣ ହାର

■ ରାଜ୍ୟରେ ଆଉ ୫୫୬ ଆକ୍ରାନ୍ତ ଚିହ୍ନଟ, ୪ ମୃତ

ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)

ରାଜ୍ୟରେ ପୁଣି ଉପରମୁହାଁ ହୋଇଛି କରୋନା। ଗତ ୨୪ଘଣ୍ଟାରେ ରାଜ୍ୟରେ ୫୭,୦୨୬ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୦ ଜିଲାରୁ ୫୫୬ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୦.୯୮%କୁ ବୃଦ୍ଧି ପାଇଛି। ବିଶେଷକରି ଖୋର୍ଦ୍ଧା ଜିଲା ଚିନ୍ତା ବଢ଼ାଉଛି। ରାଜ୍ୟରେ ସବୁ ଜିଲାରେ ସଂକ୍ରମଣ କମୁଥିବା ବେଳେ ଖୋର୍ଦ୍ଧା ଜିଲାରେ କିନ୍ତୁ କମିବାର ନାଁ ନେଉନାହିଁ। ଏହି ଜିଲାରେ ଦୈନିକ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହେଉଥିବା ବେଳେ ମୋଟ୍ ଚିହ୍ନଟ ଆକ୍ରାନ୍ତଙ୍କ ପ୍ରାୟ ୫୦ ପ୍ରତିଶତରୁ ଅଧିକ କେବଳ ଏହି ଜିଲାରୁ ରହୁଛନ୍ତି। ସବୁଠାରୁ ବଡ଼ କଥା ହେଲା ଗତ ସପ୍ତାହେ ହେବ ଏହି ଜିଲାରେ ଦୈନିକ ସଂକ୍ରମଣ ହାର ୩ ପ୍ରତିଶତ ଉପରେ ରହୁଛି। ଗତ ୨୪ଘଣ୍ଟାରେ ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୫୦ ତଳକୁ ରହିଥିବାବେଳେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୦୫ଜଣ ରହିଛନ୍ତି। ଫଳରେ ସଂକ୍ରମଣ ହାର ୩.୩ ପ୍ରତିଶତକୁ ବଢ଼ିଛି। ସେହିପରି କଟକରେ ସଂକ୍ରମଣ ହାର ୨.୨%କୁ ବଢ଼ିଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡରୁ ସୂଚନା ମିଳିଛି। ତେବେ ଖୋର୍ଦ୍ଧା ଜିଲା ବିଶେଷ କରି ରାଜଧାନୀରେ ହିଁ ସଂକ୍ରମଣ ଅଧିକ ରହୁଛି। ଯେହେତୁ ବାହାର ସ୍ଥାନରୁ ଏଠାକୁ ଚିକିତ୍ସା ପାଇଁ ଅନେକ ଲୋକ ଆସୁଛନ୍ତି, ତେଣୁ ଏଠାରେ ସଂକ୍ରମଣ ହାର ଅଧିକ ରହୁଛି। ଏଥିସହିତ ସବୁ ମାର୍କେଟ୍, ମଲ୍‌ରେ ବି ଲୋକେ ଭିଡ଼ ଜମାଉଛନ୍ତି। ସାମାଜିକ ଦୂରତା ବଜାୟ ରଖିବା ତ' ଦୂରର କଥା, ଲୋକେ ମାସ୍କ ପିନ୍ଧିବାକୁ ବି ଗୁରୁତ୍ୱ ☞ପୃଷ୍ଠା-୬



# ନୀରବ ମୋଦିଙ୍କ ଆବେଦନ ଖାରଜ



ନୂଆଦିଲ୍ଲୀ,୧୯।୧୦

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ପ୍ରାୟ ୧୪ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦି ଏବଂ ଅନ୍ୟ ୨ ସହଯୋଗୀଙ୍କ ଏକ ଆବେଦନକୁ ଆମେରିକାର ଦେବାଳିଆ କୋର୍ଟ ଖାରଜ କରିଛନ୍ତି। ବେଆଇନ ଅର୍ଥ କାରବାର ନେଇ ତାଙ୍କ ବିରୋଧରେ ରହିଥିବା ଅଭିଯୋଗକୁ ହଟାଇବା ପାଇଁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନୀରବଙ୍କ ବିରୋଧରେ ଅର୍ଥ ହେରଫେର ଅଭିଯୋଗ ୩ ଆମେରିକା କମ୍ପାନୀର ଟ୍ରଷ୍ଟି ରିଚାର୍ଡ ଲେବିନ କରିଥିଲେ। ଲେବିନ୍‌ଙ୍କୁ କୋର୍ଟ ଏହି କମ୍ପାନୀଗୁଡ଼ିକର ଟ୍ରଷ୍ଟି ନିଯୁକ୍ତ କରିଥିଲେ। ଫାୟାର ଷ୍ଟାର ଡାଏମଣ୍ଡ, ଫାଣ୍ଟାସି ଇଙ୍କ୍ ଏବଂ ଏ ଜେଫି ଭଳି ଏହି କମ୍ପାନୀଗୁଡ଼ିକରେ ☞ପୃଷ୍ଠା-୬

# ହାତୀ ପାଇଁ ଛାରଖାର ପରିବାର

■ ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା

■ ଗତବର୍ଷ ମା'ଙ୍କୁ ଦଳି ଦେଇଥିଲା ହାତୀ

■ ଆକ୍ରମଣରେ ବାପା ଶଯ୍ୟାଶାୟୀ

ପରଜଙ୍ଗ, ୧୯।୧୦(ଡି.ଏନ୍.ଏ.)

ହାତୀ ପାଇଁ ଛାରଖାର ହୋଇଯାଇଛି ଗୋଟିଏ ପରିବାର। ୩ବର୍ଷ ତଳେ ଦନ୍ତା ଆକ୍ରମଣର ଶିକାର ହୋଇ ଦିବ୍ୟାଙ୍ଗ ପାଲଟିଯାଇଥିବା ବାପା ଶଯ୍ୟାଶାୟୀ ହୋଇ ଭୋଗୁଛନ୍ତି ଅକଥନୀୟ ଯନ୍ତ୍ରଣା। ଗତବର୍ଷ ହାତୀ ହାବୁଡ଼ରେ ପଡ଼ି ଯାଇଥିଲା ମା'ଙ୍କ ଜୀବନ। ମଙ୍ଗଳବାର ଶୌଚ ହେବାକୁ ଯାଇଥିବାବେଳେ ଦନ୍ତା ଦଳିଦେବାରୁ ପୁଅଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଡମୋଳ ଗ୍ରାମର ଗାଣ୍ଟୁ ବେହେରାଙ୍କ ପରିବାର ପାଇଁ ହାତୀ ଦୁଃସ୍ୱପ୍ନ ପାଲଟିଥିବାବେଳେ ଏହି ଘଟଣା ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।

ମୃତକଙ୍କ ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଗାଣ୍ଟୁଙ୍କ ପୁଅ କମାର ମଙ୍ଗଳବାର ସକାଳେ ଶୌଚ ହେବା ପାଇଁ ଗାଁ ନିକଟ ଘୋଡାଡ଼ିଆଁ ନାଳ ନିକଟକୁ ଯାଇଥିଲେ। ଏହି ସମୟରେ ଏକ ଦନ୍ତାହାତୀ ବାହାରି ତାଙ୍କୁ ଆକ୍ରମଣ କରିଥିଲା। ସୂଚନା ପାଇ ଗ୍ରାମବାସୀ ଏବଂ ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ କମାରଙ୍କ ମୃତ୍ୟୁ ହୋଇଯାଇଥିଲା। କମାରଙ୍କ ବାପା ଗାଣ୍ଟୁ ୩ବର୍ଷ ତଳେ ହାତୀ ଆକ୍ରମଣର ଶିକାର ହୋଇ ଦିବ୍ୟାଙ୍ଗ ପାଲଟିଯାଇଛନ୍ତି। ଗତବର୍ଷ ହାତୀ ଦଳିଦେବାରୁ ମା' ବୁଧେଇଙ୍କ ମୃତ୍ୟୁ ହୋଇଥିବାବେଳେ ସଦ୍ୟତମ ଘଟଣାରେ ଯାଇଛି ପୁଅଙ୍କ ଜୀବନ। ଗାଣ୍ଟୁଙ୍କ ଅନ୍ୟ ୨ ପୁଅ ଅଛନ୍ତି। ଏଭଳି ଦୁଃଖଦ ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଥିବାବେଳେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହେଉଛି। ଅନ୍ୟପଟେ ବନ ବିଭାଗ ଏବଂ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଦାୟିତ୍ୱରେ ଥିବା କାମାକ୍ଷାନଗର ରେଞ୍ଜର ମୃତକଙ୍କ ସ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ପରିବାରକୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ଦିଆଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।



ମୃତକଙ୍କ ସ୍ତ୍ରୀଙ୍କ ସହିତ ରେଞ୍ଜର ଆଲୋଚନା କରୁଛନ୍ତି।

ସୂଚନାଯୋଗ୍ୟ, ମହାବିରୋଡ ରେଞ୍ଜ୍ ଡିହଡୋଳ ଫରେଷ୍ଟ ସେକ୍ସନରେ କିଛିବର୍ଷ ହେଲା ହାତୀ-ମଣିଷ ସଂଘର୍ଷ ବଢ଼ିବାରେ ଲାଗିଛି। ହାତୀପଲ ବର୍ଷସାରା ଜନବସତିମୁହାଁ ହୋଇ ବ୍ୟାପକ ଉପଦ୍ରବ କରୁଛନ୍ତି। ଘରଦ୍ୱାର ଭାଙ୍ଗିଦେବା ସହ ଚାଷ ଜମି ନଷ୍ଟ କରିପକାଉଛନ୍ତି। ହାତୀ ହାବୁଡ଼ରେ ପଡ଼ି ଜୀବନ ହାନି ମଧ୍ୟ ହେଉଛି, ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଅନ୍ୟପଟେ ହାତୀ ଉପଦ୍ରବରୁ ଧନଜୀବନର ସୁରକ୍ଷା ପାଇଁ ଡମୋଳ ଗ୍ରାମ ଘୋଡ଼ାଡିଆଁ ଯୋର ନିକଟରେ ଜହ୍ନାପଡ଼ା ଗ୍ରାମବାସୀ ନିଜ ହାତରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସୋଲାର ବାଡ଼ ଲଗାଇଛନ୍ତି। ତେବେ ଡମୋଳ ଗ୍ରାମର କେତେଜଣ ଯୁବକ ଉକ୍ତ ତାର ବାଡ଼ ଭିତରକୁ ଯିବାକୁ ଉଦ୍ୟମ କରିଥିଲେ, ଯାହାକୁ ବିରୋଧ କରିଥିଲେ ଜହ୍ନାପଡ଼ାବାସୀ। ଏଥିରେ ଉତ୍ତ୍ୟକ୍ତ ହୋଇ ଡମୋଳ ଗ୍ରାମର କେତେଜଣ ଯୁବକ ସୋଲାର ବାଡ଼ର କିଛି ଅଂଶ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଏହି ବିବାଦ ଥାନା ଯାଏ ପହଞ୍ଚିଥିଲା। ଆପୋସ ବୁଝାମଣା ମାଧ୍ୟମରେ ଏହାର ସମାଧାନ ହୋଇଛି। ଅଞ୍ଚଳବାସୀ ନିଜସ୍ୱ ଉଦ୍ୟମରେ ହାତୀ ଉପଦ୍ରବର ପ୍ରତିକାର କଥା ଚିନ୍ତା କରୁଥିବା ବେଳେ ବନ ବିଭାଗ ପକ୍ଷରୁ ଆବଶ୍ୟକ ସହଯୋଗ ମିଳୁ ନ ଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ କଡ଼ା ପାଟ୍ରୋଲିଂ କରିବା ସହ ହାତୀ ଉପଦ୍ରବ ରୋକିବା ଲାଗି ସ୍ଥାୟୀ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିମାନଯାତ୍ରୀଙ୍କ ସଂଖ୍ୟାରେ ୭୯% ବୃଦ୍ଧି

ନୂଆଦିଲ୍ଲୀ,୧୯।୧୦

କରୋନା ମହାମାରୀ ଧୀରେ ଧୀରେ ନିୟନ୍ତ୍ରଣକୁ ଆସୁଥିବା ବେଳେ ବିମାନଯାତ୍ରା କ୍ଷେତ୍ରରେ ଚାହିଦା ଫେରୁଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଡାଟା ମୁତାବକ, ସେପ୍ଟେମ୍ବରରେ ସାରା ଦେଶରେ ୭୦.୬୬ ଲକ୍ଷ ଲୋକ ବିମାନ ଯାତ୍ରା କରିଛନ୍ତି। ଏହା ଗତ ବର୍ଷ ସେପ୍ଟେମ୍ବର ତୁଳନାରେ ପ୍ରାୟ ୭୯% ଅଧିକ ରହିଛି। ଗତ ବର୍ଷ ସେପ୍ଟେମ୍ବରରେ ୩୯.୪୩ ଲକ୍ଷ ଲୋକ ବିମାନ ଯାତ୍ରା କରିଥିଲେ।

ଚଳିତ ବର୍ଷ ଅଗଷ୍ଟରେ ୬୭.୦୧ ଲକ୍ଷ, ଜୁଲାଇରେ ୫୦.୦୭ ଲକ୍ଷ, ଜୁନ୍‌ରେ ୩୧.୧୩ ଲକ୍ଷ, ମେ'ରେ ୨୧.୧୫ ଲକ୍ଷ ଏବଂ ଏପ୍ରିଲରେ ୫୭.୨୫ ଲକ୍ଷ ବିମାନ ଯାତ୍ରା କରିଛନ୍ତି। ସେପ୍ଟେମ୍ବରରେ ଯାତ୍ରୀ ସେବା ଯୋଗାଣ କ୍ଷେତ୍ରରେ ଇଣ୍ଡିଗୋ ପ୍ରଥମ ସ୍ଥାନରେ ରହିଛି। ୫୬.୨% ବଜାର ଅଂଶ ସହ ୩୯.୬୯ ଲକ୍ଷ ଲୋକ ଇଣ୍ଡିଗୋ ବିମାନରେ ଯାତ୍ରା କରିଛନ୍ତି। ଏହି ସମୟରେ ସ୍ପାଇସ୍ ଜେଟ୍‌ର ବଜାର ଅଂଶ ୮.୫% ରହିଛି। ରିପୋର୍ଟ ମୁତାବକ, ଏୟାର ଇଣ୍ଡିଆ ୮.୫୩ ଲକ୍ଷ, ଗୋଫାଷ୍ଟ ୫.୮ ଲକ୍ଷ, ଭିସ୍ତାରା ୬.୧୨ ଲକ୍ଷ ଏବଂ ଏୟାର ଇଣ୍ଡିଆରେ ୪.୧୩ ଲକ୍ଷ ଲୋକଙ୍କୁ ବିମାନ ସେବା ଯୋଗାଇଛି। ଯାତ୍ରୀଙ୍କୁ ଠିକ୍ ☞ପୃଷ୍ଠା-୬



ଧର୍ମକୁ ନେଇ ସାମ୍ପ୍ରଦାୟିକ ହିଂସା ଭିଆଉଥିବା ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଗାପୂଜାବେଳେ ଗତ ବୁଧବାର ସୋସିଆଲ ମିଡିଆରେ ଏକ ଆପତ୍ତିଜନକ ପୋଷ୍ଟ ଭାଇରାଲ ହେବା ପରେ ବାଂଲାଦେଶର ହିନ୍ଦୁ ମନ୍ଦିରଗୁଡ଼ିକୁ ଟାର୍ଗେଟ କରାଯାଉଛି। ଏଭଳି ଅଭାବନୀୟ ଘଟଣା ଏଡ଼ାଇବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅସାଦୁଜମାନ ଖାନ୍‌ଙ୍କୁ ଦଙ୍ଗାକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ କହିଛନ୍ତି।

## ସଂକ୍ଷେପରେ

### କଶ୍ମୀର ଟାର୍ଗେଟ କିଲିଂ: ତଦନ୍ତ କରିବ ଏନ୍‌ଆଇଏ

**ନୂଆଦିଲ୍ଲୀ, ୧୯।୧୦:** କଶ୍ମୀରରେ ସାଧାରଣ ନାଗରିକ ତଥା ବାହାର ରାଜ୍ୟର ବାସିନ୍ଦାଙ୍କୁ ଟାର୍ଗେଟ କରି ହତ୍ୟା ମାମଲାର ତଦନ୍ତ ଦାୟିତ୍ୱ ନେଇପାରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ)। ଏ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଚିନ୍ତା କରୁଥିବା ଜଣାପଡ଼ିଛି। ଆତଙ୍କବାଦୀମାନେ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ କଶ୍ମୀରରେ ଜନସାଧାରଣଙ୍କୁ ଟାର୍ଗେଟ କରୁଥିବାରୁ ଏନ୍‌ଆଇଏ ଏହାର ଖିଅ କାଢ଼ିବ। ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ ଦେଶର ସୁରକ୍ଷା ପ୍ରସଙ୍ଗରେ ଆୟୋଜିତ ବୈଠକରେ ଏ ବାବଦରେ ଆଲୋଚନା ହୋଇଥିବା ସୂଚନା ରହିଛି। ଗତ ୧୬ ଦିନ ମଧ୍ୟରେ କଶ୍ମୀରରେ ୧୧ ଜଣଙ୍କୁ ହତ୍ୟା କରାଯାଇଛି।

### ମହିଳାଙ୍କୁ ସପ୍ତାହେ ଧରି ଗଣବଳାତ୍କାର: ୫ ଗିରଫ

**ପାଟନା, ୧୯।୧୦:** ବିହାରର ପାଟନାରେ ଜଣେ ମହିଳାଙ୍କୁ ସପ୍ତାହେ ଧରି ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାରେ ୫ ଜଣ ଗିରଫ ହୋଇଥିବା ମଙ୍ଗଳବାର ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ, ମହିଳା ଜଣକ ସ୍ୱାମୀଙ୍କ ସହ ଝଗଡ଼ା କରି ଗତ ୧୦ ତାରିଖରେ ଘରୁ ବାହାରି ଯାଇଥିଲେ। ଟ୍ରେନ୍ ଯୋଗେ କୋଲାକାତା ଯିବାକୁ ସ୍ଥିର କରି ସେ ପାଟନା ଜଙ୍କସନ୍‌ରେ ପହଞ୍ଚିଥିଲେ। ଜଣେ ହୋଟେଲ ମାଲିକଙ୍କୁ ସେ ଟ୍ରେନ୍ ସମୟ ପଚାରିଥିଲେ। ପରେ ମହିଳାଙ୍କୁ ଏକ ରୁମ୍‌ରେ ଅପେକ୍ଷା କରିବାକୁ କହି ହୋଟେଲ ମାଲିକ, ତାଙ୍କ ୨ ବନ୍ଧୁ, ୨ ଜଣ ଅଟୋ ଡ୍ରାଇଭର ବଳାତ୍କାର କରିଥିଲେ। ସ୍ତ୍ରୀଙ୍କୁ ନ ପାଇ ତାଙ୍କ ସ୍ୱାମୀ ଥାନାରେ ନିଖୋଜ ଏତଲା ଦେଇଥିଲେ। ମୋବାଇଲ ନମ୍ବର ଟ୍ରାକ୍ କରି ପୋଲିସ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଚୋରି ଟଙ୍କା ନେଇ ୪ ପୋଲିସ ଅଧିକାରୀ ଗିରଫ

**ଫିରୋଜାବାଦ, ୧୯।୧୦:** ଚୋରି ଟଙ୍କା ହଡ଼ପ କରିବା ଅଭିଯୋଗରେ ଉତ୍ତରପ୍ରଦେଶର ୪ ପୋଲିସ ଅଧିକାରୀଙ୍କୁ ନିଲମ୍ବନ ପରେ ଗିରଫ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ପରେ ୨ ଚୋରି ଅଭିଯୁକ୍ତଙ୍କ ସହ ସମ୍ପୃକ୍ତ ୪ ଜଣଙ୍କୁ ଜେଲକୁ ପଠାଯାଇଛି। ଗତ ୧୫ ତାରିଖରେ ଗୌରବ କୁମାର ନାମକ ଜଣେ ଦୋକାନୀ ତାଙ୍କର ୧ ଲକ୍ଷ ଟଙ୍କା ଚୋରି ହୋଇଥିବା ରସୁଲପୁର ଥାନାରେ ଅଭିଯୋଗ କରିଥିଲେ। ସିସିଟିଭି ଫୁଟେଜ ଆଧାରରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଟଙ୍କା ନେଇ ପଳାଉଥିବାବେଳେ ୨ ଅଭିଯୁକ୍ତଙ୍କୁ ସିର୍‌ସାଗଞ୍ଜ ଥାନାର ଏସ୍‌ଆଇ ସୁନୀଲ ଚାନ୍ଦ, କନଷ୍ଟେବଳ ରାକେଶ କୁମାର, ସୁରେନ୍ଦ୍ର ସିଂ ଏବଂ ଡ୍ରାଇଭର ବାଲକ୍ରିଷ୍ଣନ ଅଟକାଇଥିଲେ। ସମ୍ପୃକ୍ତ ପୋଲିସ ଅଧିକାରୀ ସେମାନଙ୍କଠାରୁ ୯୬ ହଜାର ଟଙ୍କା ରଖି ବଳକା ୪ ହଜାର ଟଙ୍କା ଦେଇ ଛାଡ଼ିଦେଇଥିଲେ। ଏପରି କି ସେମାନଙ୍କୁ ଜିଲା ସୀମା ପାର୍ କରାଇବାରେ ମଧ୍ୟ ସାହାଯ୍ୟ କରିଥିଲେ।

## କିଡ୍‌ନୀ କାଢ଼ିବାରୁ ୧୧ ଲକ୍ଷ ଜରିମାନା



ଗୁଜରାଟର ଏକ ଡାକ୍ତରଖାନାରେ ଜଣେ ରୋଗୀଙ୍କ ଷ୍ଟୋନ ଅପରେଶନ କରିବା ବଦଳରେ କିଡ୍‌ନୀ କାଢ଼ିନେବା ଘଟଣାରେ ସମ୍ପୃକ୍ତ ହସ୍ପିଟାଲକୁ ୧୧ ଲକ୍ଷ ଜରିମାନା ହୋଇଛି। ୨୦୧୧ରେ ଦେବେନ୍ଦ୍ରଭାଇ ରାଭାଲଙ୍କ କିଡ୍‌ନୀରେ ଷ୍ଟୋନ୍ ହେବାରୁ ସେ ବାଲାସିନୋରରେ ଥିବା କେଏମ୍‌ଜି ଜେନେରାଲ ହସ୍ପିଟାଲକୁ ଆସିଥିଲେ। ସେଠାରେ ଡାକ୍ତର ଷ୍ଟୋନ ବଦଳରେ ତାଙ୍କ କିଡ୍‌ନୀ କାଢ଼ିଦେଇଥିଲେ। ଫଳରେ ଦେବେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଗୁଜରାଟ ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ କମିଶନଙ୍କ ନିକଟରେ ମାମଲା ପହଞ୍ଚିଥିଲା। ଉପଭୋକ୍ତା ଅଧିକାର କମିଟି ଉକ୍ତ ହସ୍ପିଟାଲକୁ ଏଭଳି ଅବହେଳା ପାଇଁ ଦାୟୀ କରିବା ସହ ମୃତକଙ୍କ ପରିବାରକୁ ୧୧.୨୩ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ୧୦୦ କୋଟି ଟପିଲା ଟେଲିଗ୍ରାମ ଡାଉନଲୋଡ୍




ଗୁଗଲ ପ୍ଲେ ଷ୍ଟୋରରେ ଏନ୍‌କ୍ରିପ୍ଟେଡ୍ ମେସେଜିଂ ଆପ୍ଲିକେଶନ ଟେଲିଗ୍ରାମ ଡାଉନଲୋଡ୍ ଶହେ କୋଟି ଟପିଛି। ନିକଟରେ ବାରମ୍ବାର ଫେସ୍‌ବୁକ୍ ସର୍ଭର ଡାଉନ୍ ସହ ଏହାର ମେସେଞ୍ଜର, ଇନ୍‌ଷ୍ଟାଗ୍ରାମ, ହ୍ୱାଟ୍‌ସଆପ୍ ସେବା ବାଧାପ୍ରାପ୍ତ ହେବା ପରେ ଟେଲିଗ୍ରାମ ଡାଉନଲୋଡ୍ ସଂଖ୍ୟା ବହୁସଂଖ୍ୟାରେ ବୃଦ୍ଧି ପାଇଛି। ୨୦୨୧ ଆରମ୍ଭରେ ଟେଲିଗ୍ରାମର ସକ୍ରିୟ ବ୍ୟବହାରକାରୀଙ୍କ ସଂଖ୍ୟା ୫୦ କୋଟି ଥିଲା ବୋଲି ସିଇଓ ପାଭେଲ ଦୁରୋଭ କହିଛନ୍ତି। ଫେସ୍‌ବୁକ୍ ଆଉଟେଜ୍ ପରେ ୭ କୋଟିରୁ ଅଧିକ ୟୁଜର୍ସ ଟେଲିଗ୍ରାମ ସହ ଯୋଡ଼ି ହୋଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହ ଉପଭୋକ୍ତାଙ୍କ ପାଇଁ ଟେଲିଗ୍ରାମ୍ ନିଜ ଆପ୍‌ରେ ନୂଆ ଫିଚର ଯୋଗ କରିଛି।

# ବର୍ଷା ବିପ୍ଳବ: ୩୪ ମୃତ

**ଦେବଭୂମି ଉତ୍ତରାଖଣ୍ଡକୁ ବିପତ୍ତିକୁ ଡାକି ଆଣିଛି ଲଗାଣ ବର୍ଷା। ବାଦଲଫଟା ବର୍ଷା ଓ ଭୂସ୍ଖଳନ ଯୋଗୁ ମଙ୍ଗଳବାର ୨୪ ଜଣଙ୍କ ମୃତ୍ୟୁ ଘଟିଛି। ଏହାସହ ମୃତକଙ୍କ ସଂଖ୍ୟା ୩୪କୁ ବଢ଼ିଛି। ରେସ୍କ୍ୟୁ ଅପରେଶନରେ ନିୟୋଜିତ ଏନ୍‌ଡିଆର୍‌ଏଫ୍ ଅଦ୍ୟାବଧି ୩୦୦ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା କହିଛି।**



ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି।



ଲଗାଣ ବର୍ଷାରେ ରୁଦ୍ରପୁରର ଘରଗୁଡିକ ବୁଡ଼ିଯାଇଛି।

- ■ଉତ୍ତରାଖଣ୍ଡରୁ ବିଚ୍ଛିନ୍ନ ହେଲା ନୈନିତାଲ
- ■ଉଦ୍ଧାର କାର୍ଯ୍ୟରେ ସେନା ହେଲିକପ୍ଟର

**ଡେରାଡୁନ/ନୈନିତାଲ, ୧୯।୧୦**

ଉତ୍ତରାଖଣ୍ଡରେ ରବିବାରଠାରୁ ବର୍ଷା ଲାଗି ରହିଥିବାରୁ ଅନେକ ସ୍ଥାନରେ ବନ୍ୟା ଏବଂ ଭୂସ୍ଖଳନ ହୋଇଛି। ଏଥିଯୋଗୁ ମୃତୁସଂଖ୍ୟା ୩୪ରେ ପହଞ୍ଚିଥିବାବେଳେ ଅନେକ ନିଖୋଜ ଅଛନ୍ତି। ବନ୍ୟାରେ ଅନେକ ରାସ୍ତା, ପୋଲ, ରେଳଧାରଣା ଧୋଇଯାଇଛି। ନୈନିତାଲ ଜିଲାର ରାମଗଡ଼ଠାରେ ବାଦଲଫଟା ବର୍ଷା ଯୋଗୁ ବନ୍ୟା ସ୍ଥିତି ଗମ୍ଭୀର ହୋଇଛି। ରାମଗଡ଼-ରାଣୀକ୍ଷେତ ନିକଟ ଲେମନ୍ ଟ୍ରି ରିସୋର୍ଟରେ ପ୍ରାୟ ୨ ଶହ ଲୋକ ଫସି ରହିଛନ୍ତି। ନୈନି ହ୍ରଦର ପାଣି ଉଚ୍ଛୁଳିବାରୁ ନିକଟବର୍ତ୍ତୀ ରାସ୍ତାଘାଟ, ଦୋକାନ ବଜାର ବୁଡ଼ିଯାଇଛି। ସେହିପରି ବର୍ଷାଜନିତ ଭୂସ୍ଖଳନ ଯୋଗୁ ଅନେକ କୋଠ ଭୁସୁଡ଼ି ପଡ଼ିଛି। ଉତ୍ତରାଖଣ୍ଡରୁ ନୈନିତାଲ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ନୈନିତାଲର ବୋଲି ଜଣାଯାଇଛି। ମଙ୍ଗଳବାର ୨୪ ଜଣ ପ୍ରାଣ ହରାଇଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ବନ୍ୟାସ୍ଥିତି ଉପରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସମୀକ୍ଷା କରିବା ସହ ଆକାଶମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଏବଂ ବିପର୍ଯ୍ୟୟରେ ଘର ହରାଇଥିବା ଲୋକଙ୍କୁ ୧.୯ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏ ସମ୍ପର୍କରେ ଧାମିଙ୍କ ସହ ଆଲୋଚନା କରିଛନ୍ତି। କେନ୍ଦ୍ର ପକ୍ଷରୁ ରାଜ୍ୟକୁ ସମସ୍ତ ସହାୟତା ଯୋଗାଇଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।


ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ନୈନିତାଲ ଏବଂ ଗଡ଼ୱାଲରେ ଏଥିପାଇଁ ସେନାର ୩ ହେଲିକପ୍ଟର ମୁତୟନ କରାଯାଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ଫୋର୍ସ(ଏନ୍‌ଡିଆର୍‌ଏଫ୍)ର ୧୫ଟି ଟିମ୍ ଉତ୍ତରକାଶୀ, ଡେରାଡୁନ, ଚାମୋଲି, ଅଲ୍‌ମୋରା, ପିଥୋରାଗଡ, ହରିଦ୍ୱାର ଏବଂ ଗଦରପୁରରେ ଉଦ୍ଧାର କାମରେ ନିୟୋଜିତ ହୋଇଛନ୍ତି। ବିଭିନ୍ନ ସ୍ଥାନରେ ଫସିରହିଥିବା ୩୦୦ ଜଣଙ୍କୁ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଉଦ୍ଧାର କରାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ସମୟର ଅନେକ ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ ହୋଇଛି। ରାସ୍ତାରେ ଛିଡ଼ା ହୋଇଥିବା ଅନେକ ଗାଡ଼ି ବୁଡ଼ିଯାଇଥିବାବେଳେ କେତେକ ଭାସି ଯାଉଥିବା ଦେଖିବାକୁ ମିଳିଛି। ପାଣି ଘେରରେ ଏକ ହାତୀ ଫସିରହିଥିବା ଆଉ ଏକ ଭିଡିଓରେ ଦେଖାଯାଇଛି। ହାତୀକୁ ଉଦ୍ଧାର ପାଇଁ ସ୍ଥାନୀୟ ବନ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି।

## ନଡ଼ାମୂଳି ପୋଡ଼ିଜନିତ ଉତ୍ସର୍ଜନରେ ଭାରତ ପ୍ରଥମ

**ନୂଆଦିଲ୍ଲୀ,୧୯।୧୦**

ଦେଶରେ ଫସଲ ଅମଳ ପରେ ଚାଷଜମିରେ ଥିବା ନଡ଼ାମୂଳିକୁ କୃଷକମାନେ ଜାଳିଦେଇଥାନ୍ତି। ଏଥିଯୋଗୁ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏଭଳି ପ୍ରଦୂଷଣ ସୃଷ୍ଟି କରିବାରେ ଭାରତ ପ୍ରଥମ ବୋଲି କ୍ଲାଇମେଟ୍ ଟେକ୍ ଷ୍ଟାର୍ଟଅପ୍ ବ୍ଲୁ ସ୍କାଏ ଆନାଲିଟିକ୍ସ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। 'କ୍ଲାଇମେଟ୍ ଟ୍ରେସ୍'ରେ ସାମିଲ ଥିବା ଉକ୍ତ ସଂସ୍ଥାର ରିପୋର୍ଟ ମଙ୍ଗଳବାର ଜାରି କରାଯାଇଛି। ନଡ଼ାମୂଳି ପୋଡ଼ି ଯୋଗୁ ୨୦୧୫ରୁ ୨୦୨୦ ମଧ୍ୟରେ ୧୩% ବୈଶ୍ୱିକ ଉତ୍ସର୍ଜନ ହୋଇଥିବା ଏଥିରେ ଦର୍ଶାଯାଇଛି। ୨୦୧୯-୨୦ରେ ଭାରତରେ ୧୨.୮% ଉତ୍ସର୍ଜନ ହୋଇଥିଲା, ଯାହାକି ବିଶ୍ୱରେ ୧୨.୨% ଉତ୍ସର୍ଜନ ପାଇଁ ଦାୟୀ ବୋଲି କୁହାଯାଇଛି।

## ସିଂଘୁ ସୀମାରେ ହତ୍ୟା ପ୍ରସଙ୍ଗ
## ଖଟ୍ଟାରଙ୍କୁ ରିପୋର୍ଟ ମାଗିଲେ ଏନ୍‌ଏମ୍‌ସି



**ନୂଆଦିଲ୍ଲୀ,୧୯।୧୦**

ଦିଲ୍ଲୀର ସିଂଘୁ ସୀମାରେ କୃଷକ ଲଖବୀର ସିଂଙ୍କୁ ହତ୍ୟା ପ୍ରସଙ୍ଗରେ ସୋମବାର ଜାତୀୟ ସଂଖ୍ୟାଲଘୁ କମିଶନ(ଏନ୍‌ଏମ୍‌ସି) ମନୋହରଲାଲ ଖଟ୍ଟାରଙ୍କ ନେତୃତ୍ୱାଧୀନ ହରିୟାଣା ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ଏନେଇ ୧୫ ଦିନ ଭିତରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଗୁରୁଗ୍ରନ୍ଥ ସାହିବଙ୍କୁ ଅପବିତ୍ର କରାଯାଇଥିବା ନେଇ ଅଭିଯୋଗ ସମ୍ପର୍କରେ ମଧ୍ୟ କମିଶନ ରିପୋର୍ଟ ତଲବ କରିଛନ୍ତି। ଏନ୍‌ଏମ୍‌ସି ଅଧ୍ୟକ୍ଷ ଇକ୍‌ବାଲ ସିଂ ଲାଲପୁରା ଏହି ବିଷୟକୁ ସଜ୍ଞାନକୁ ନେଇ ନିଜ ଆଡୁ ମାମଲା କରିଛନ୍ତି। ଅକାଲ ତଖ୍ତ କାର୍ଯ୍ୟକାରୀ ଜଥେଦାର ଜ୍ଞାନୀ ହରପ୍ରୀତ୍ ସିଂଘୁ ସୀମାର ଏହି ବର୍ବରତାକୁ ଆଇନ ବିଫଳତାର ଫଳ ବୋଲି ଅଭିହିତ ସହ ତଦନ୍ତ ଦାବି କରିବାର ଦିନକ ପରେ ଏନ୍‌ଏମ୍‌ସି ଏପରି ନିଷ୍ପତ୍ତି ନେଇଛନ୍ତି।



ମଧ୍ୟପ୍ରଦେଶର ଜବଲପୁରରେ ଏକ ନିର୍ଦ୍ଦିଷ୍ଟ ରୁଟ୍‌ରେ ଇଦ୍-ଏ-ମିଲାଦ ଉନ୍ ନବି ଶୋଭାଯାତ୍ରା ପାଇଁ ଅନୁମତି ନ ମିଳିବାରୁ ମଙ୍ଗଳବାର ଅପରାହ୍ନରେ ପୋଲିସ ସହ ଦେଢ଼ଘଣ୍ଟା ଧରି ସଂଖ୍ୟାଲଘୁ ସମୁଦାୟର ସଂଘର୍ଷ ହୋଇଛି। ମୁସଲମାନମାନେ ପୋଲିସ ଉପରକୁ ଟେକାମାଡ଼ କରିବା ସହ ବାଣରେ ନିଆଁ ଲଗାଇ ଫିଙ୍ଗିଥିଲେ। ଭିଡ଼କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ସହ ବଳ ପ୍ରୟୋଗ କରିଛି।

## ଆଜି ଲଖିମପୁର ଶୁଣାଣି

**ନୂଆଦିଲ୍ଲୀ,୧୯।୧୦**

ଉତ୍ତର ପ୍ରଦେଶର ଲଖିମପୁର ଖେରି ହିଂସା ମାମଲାର ଶୁଣାଣି ବୁଧବାର ସୁପ୍ରିମକୋର୍ଟରେ ହେବ। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ବିଚାର କରିବେ। ଅକ୍ଟୋବର ୩ରେ ଲଖିମପୁର ଖେରି ଜିଲା ତିକୁନିଆରେ କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ଚଢ଼ିଯାଇଥିଲା। ଗାଡ଼ି ଧକ୍କାରେ ୪ ଚାଷୀ ଓ ଜଣେ ଖବରଦାତାଙ୍କ ମୃତ୍ୟୁ ଘଟିଥିବାବେଳେ ତତ୍ ପରବର୍ତ୍ତୀ ହିଂସାରେ ଅନ୍ୟ ୩ ଜଣଙ୍କ ଜୀବନ ଯାଇଥିଲା। ଏହି ୩ ଜଣଙ୍କ ମଧ୍ୟରୁ ୨ ଭାଜପା କର୍ମୀ ଓ ଜଣେ ଡ୍ରାଇଭରଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ପିଟି ମାରିଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହାର ସିବିଆଇ ତଦନ୍ତ ଦାବି ଜୋର ଧରିଥିବାବେଳେ ଦୁଇଜଣ ଓକିଲଙ୍କ ଚିଠି ଆଧାରରେ ସୁପ୍ରିମକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଗତ ୮ ତାରିଖରେ ଅଦାଲତ ୟୁପି ସରକାରଙ୍କୁ ଷ୍ଟାଟସ୍ ରିପୋର୍ଟ ମାଗିଥିଲେ।

# ଇଣ୍ଟରନେଟ୍‌କୁ ନୂଆ ରୂପ ଦେବ ମେଟାଭର୍ସ






- ■କଳ୍ପନାର ଦୁନିଆ ଉପଭୋଗ କରିବେ ୟୁଜର୍ସ
- ■ମେଟାଭର୍ସ କମ୍ପାନୀ ହେବ ଫେସ୍‌ବୁକ୍

**ଲଣ୍ଡନ, ୧୯।୧୦**

ଦୁନିଆର ସବୁଠୁ ବଡ଼ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଫେସ୍‌ବୁକ୍ ପାଇବ ନୂଆ ପରିଚୟ। ସୋସିଆଲ ମିଡିଆ ବଦଳରେ ଫେସ୍‌ବୁକ୍‌କୁ 'ମେଟାଭର୍ସ'ରେ ପରିଣତ କରିବାକୁ ଯାଉଛନ୍ତି ଏହାର ପ୍ରତିଷ୍ଠାତା ମାର୍କ ଜୁକରବର୍ଗ। ସବୁକିଛି ଯୋଜନା ଅନୁଯାୟୀ ଚାଲିଲେ ଫେସ୍‌ବୁକ୍ ଆଗାମୀ ୫ ବର୍ଷ ମଧ୍ୟରେ 'ମେଟାଭର୍ସ'ରେ ପରିଣତ ହେବ ଏବଂ ଲୋକେ କଳ୍ପନା କରୁଥିବା ଦୁନିଆରେ ରହିବା ଭଳି ନିଆରା ଅନୁଭୂତି ଇଣ୍ଟରନେଟ ମାଧ୍ୟମରେ ନେବେ। ଆଗାମୀ ଦିନରେ ଏହା ମୋବାଇଲ୍ ଇଣ୍ଟରନେଟର ନୂଆ ଅବତାର ହେବ ବୋଲି ଏକ ସାକ୍ଷାତକାରରେ କହିଛନ୍ତି। ଏଥିପାଇଁ ୟୁରୋପରେ ୧୦ ହଜାର କର୍ମଚାରୀଙ୍କୁ ନିଯୁକ୍ତି ଦେବେ ବୋଲି ଜୁକରବର୍ଗ ଘୋଷଣା କରିଛନ୍ତି। ଏହାପରଠାରୁ ଏବେ ସମସ୍ତଙ୍କ ମୁହଁରେ ଶୁଣିବାକୁ ମିଳୁଛି 'ମେଟାଭର୍ସ' ଶବ୍ଦ।

### ମେଟାଭର୍ସ କ'ଣ

ମେଟାଭର୍ସ ଭର୍ଚୁଆଲ ସ୍ପେସ୍‌ର ଏକ ସେଟ୍। ଏହା ଅନ୍‌ଲାଇନ୍ ୩ ଡାଇମେନସନ୍ ବା ୩ଡି ଦୁନିଆ ଭଳି କାର୍ଯ୍ୟ କରିବ। ମେଟାଭର୍ସ ଭର୍ଚୁଆଲ ସ୍ପେସ୍ ବ୍ୟବହାର ଦ୍ୱାରା ଜଣେ ବ୍ୟକ୍ତି ଘରେ ଥାଇ ମଧ୍ୟ ବିଭିନ୍ନ ୱେବସାଇଟ୍, ସୋସିଆଲ ମିଡିଆ ତଥା ଆପ୍ ଦ୍ୱାରା ବାହାରେ ବୁଲିବାର ମଜା ନେବା, ଖେଳିବା, ଅଫିସ୍‌ରେ କାମ କରିବା, ବନ୍ଧୁଙ୍କ ସହ ସମୟ ବିତାଇବା, ସାମଗ୍ରୀ କିଣିବା ସହ ଅନେକ କିଛି କାର୍ଯ୍ୟ କରିବାରେ ସକ୍ଷମ ହେବେ। ଅନ୍‌ଲାଇନରେ ସମୟର ଉପଯୁକ୍ତ ବ୍ୟବହାର ଦିଗରେ ଏହି ଟେକ୍ନୋଲୋଜି ସହାୟକ ହେବ। ଅଗ୍‌ମେଣ୍ଟେଡ୍ ଏବଂ ଭର୍ଚୁଆଲ ରିୟଲିଟିର ଏହା ମିଶ୍ରିତ ରୂପ। ଦୁନିଆର ବିଭିନ୍ନ ସ୍ଥାନର ଭର୍ଚୁଆଲ ଦୃଶ୍ୟକୁ ଗୋଟିଏ ସ୍ଥାନରେ ରହି ଦେଖିବା, ଅନୁଭୂତି ସାଉଁଟିବା ତଥା ବାସ୍ତବତା ଉପଭୋଗ କରିବା ଭଳି ସୁଯୋଗ ପ୍ରଦାନ କରିବ ଏହି ନୂଆ କନ୍‌ସେପ୍ଟ। ଉଦାହରଣ ଭାବେ ବୁଝିବାକୁ ହେଲେ, ମନେକରନ୍ତୁ ଆପଣ ଘରେ ବସିଛନ୍ତି। ଏହି ସମୟରେ ଆପଣ ବନ୍ଧୁଙ୍କ ସହ କଥା ହେବାକୁ ଚାହୁଁଛନ୍ତି। ମେଟାଭର୍ସ ଟେକ୍ନୋଲୋଜି ଦ୍ୱାରା ଆପଣ ସଙ୍ଗେସଙ୍ଗେ ସେହି ବନ୍ଧୁଙ୍କୁ ପାଖରେ ଦେଖିପାରିବେ ଏବଂ କଥା ହୋଇପାରିବେ। ଏହା ଆପଣଙ୍କୁ ସମ୍ପୂର୍ଣ୍ଣ ବାସ୍ତବ ଭଳି ଅନୁଭୂତ ହେବ। ସେହିପରି ଘରେ ଥାଇ ମଧ୍ୟ ଆପଣ ଅଫିସ୍‌ରେ ଉପସ୍ଥିତ ରହିପାରିବେ ଏବଂ କାର୍ଯ୍ୟାଳୟ ଭଳି ପରିବେଶରେ କାମ କରିପାରିବେ। ମଣିଷ ନିଜ ଇନ୍ଦ୍ରିୟଗୁଡ଼ିକୁ ସକ୍ରିୟ କରିବାକୁ ଅନେକ ଡିଭାଇସ୍ ପ୍ରସ୍ତୁତ କରିଛି। ଭବିଷ୍ୟତରେ ସ୍ପର୍ଶ ଏବଂ ଗନ୍ଧ ବାରିପାରିବା ନିମନ୍ତେ କାରିଗରି ଉପରକରଣ ପ୍ରସ୍ତୁତି ନିମନ୍ତେ ଉଦ୍ୟମ ଚାଲିଛି। ସେ ଦିଗରେ ମେଟାଭର୍ସ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ।

### ମେଟାଭର୍ସର ଉତ୍ପତ୍ତି

ଲେଖକ ନୀଲ ଷ୍ଟିଫେନସନ୍ ତାଙ୍କ ସାଇନ୍ସ ଫିକ୍ସନ ଉପନ୍ୟାସ 'ସ୍ନୋ କ୍ରାଶ୍'ରେ ପ୍ରଥମେ ମେଟାଭର୍ସ ଶବ୍ଦ ଉଲ୍ଲେଖ କରିଥିଲେ। ୧୯୯୨ରେ ଏହି ଉପନ୍ୟାସ ପ୍ରକାଶିତ ହୋଇଥିଲା। ଏଥିରେ ସେ ମେଟାଭର୍ସକୁ ଏକ ୩-ଡି ଦୁନିଆ ଭାବେ ବର୍ଣ୍ଣନା କରିଥିଲେ। ଭବିଷ୍ୟତରେ ଇଣ୍ଟରନେଟ୍‌ର ରୂପରେଖକୁ ମେଟାଭର୍ସ ସମ୍ପୂର୍ଣ୍ଣ ଭାବେ ବଦଳାଇଦେବ। ୩-ଡି ଭର୍ଚୁଆଲ ଦୁନିଆରେ ଲୋକମାନେ ମୁକ୍ତ ଭାବରେ ବୁଲିବା ସହିତ ପରସ୍ପର ସହ ମିଶିବାରେ ସକ୍ଷମ ହେବେ। କରୋନା ମହାମାରୀବେଳେ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ପରେ ଏବେ ମେଟାଭର୍ସର ଗୁରୁତ୍ୱ ବଢ଼ିଯାଇଛି। ଘରେ ରହି କାମକରିବା ଅନେକଙ୍କ ଅଭ୍ୟାସରେ ପରିଣତ ହୋଇଛି। ଏହାକୁ ଆହୁରି ସହଜ କରିବା ନିମନ୍ତେ ମେଟାଭର୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ।

### କ'ଣ ରହିଛି ଚ୍ୟାଲେଞ୍ଜ

ବିଶେଷଜ୍ଞଙ୍କ ମତରେ ମେଟାଭର୍ସ ଟେକ୍ନୋଲୋଜି ପାଇଁ ଆବଶ୍ୟକ ଭିତ୍ତିଭୂମି ଏବେ ସମ୍ପୂର୍ଣ୍ଣ ଭାବେ ବିକଶିତ ହୋଇପାରିନାହିଁ। ସମ୍ପ୍ରତି ଇଣ୍ଟରନେଟ ଡିଜାଇନ୍‌ର ସୀମା ନିର୍ଦ୍ଧାରିତ। ମେଟାଭର୍ସକୁ ବିକଶିତ କରିବାକୁ ହେଲେ ପାରମ୍ପରିକ ଇଣ୍ଟରନେଟ୍ ପରିବର୍ତ୍ତେ ଅଧିକ ଦକ୍ଷ ମାନକ ଏବଂ ପ୍ରୋଟୋକଲ୍ ଆବଶ୍ୟକ। ମେଟାଭର୍ସ ଦ୍ୱାରା ଡାଟା ସୁରକ୍ଷା ଉପରେ ପ୍ରଶ୍ନ ଉଠିପାରେ। ତଥ୍ୟର ନିରାପତ୍ତା ପାଇଁ ୟୁଜର୍ସ ଏବଂ କମ୍ପାନୀ ମଧ୍ୟରେ ଚୁକ୍ତି ହେବା ଜରୁରୀ।

ସେନ୍ସରଶିପ୍, ଯୋଗାଯୋଗ ଉପରେ ନିୟନ୍ତ୍ରଣ, ଅନ୍‌ଲାଇନ ଅପରାଧ ଆଦି ପାଇଁ ନିୟମ ଆଣିବାକୁ ପଡ଼ିବ। ଏହାବ୍ୟତୀତ ମେଟାଭର୍ସ ବ୍ୟବହାର ପାଇଁ ଦ୍ରୁତଗତିର ଇଣ୍ଟରନେଟ ଆବଶ୍ୟକ। ଏଥିନିମନ୍ତେ ୬ଜି ସ୍ପିଡ୍ ଦରକାର ଥିବାବେଳେ ଏବେ ପୂରା ବିଶ୍ୱରେ ୫ଜି ନେଟ୍‌ୱର୍କର ବ୍ୟବହାର ପାଇଁ କାମ ଚାଲିଛି। ତେଣୁ ନିକଟ ଭବିଷ୍ୟତରେ ମେଟାଭର୍ସର ବାସ୍ତବ ରୂପ ନେବା ସମ୍ଭାବନା କମ୍ ବୋଲି ମତ ପ୍ରକାଶ ପାଇଛି।

## ସଂକ୍ଷେପରେ

### ବାଲେଶ୍ୱର ଆଲଏଜ୍ ଖଣି ଖୋଲିବା ଆଶା ବଢ଼ିଲା

କାଳିଆପାଣି,୧୯।୧୦(ଡି.ଏନ.ଏ.): ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦ ହୋଇ ପଡ଼ିଥିବା ବାଲେଶ୍ୱର ଆଲଏଜ୍ କମ୍ପାନୀର କାଳିଆପାଣି କ୍ରୋମାଇଟ ଖଣି ଖୁବ୍‌ଶୀଘ୍ର ଖୋଲିବ। ଯାଜପୁର ଜିଲା କାଳିଆପାଣି ଟାଉନଶିପ୍‌ଠାରେ ମଙ୍ଗଳବାର ଅନୁଷ୍ଠିତ ଏକ ଶ୍ରମିକ ସଭାରେ କମ୍ପାନୀର ବରିଷ୍ଠ ଅଧିକାରୀ ତାରିଣୀ ପ୍ରସାଦ ମହାନ୍ତି ଏନେଇ ସ୍ପଷ୍ଟ ମତ ରଖିଛନ୍ତି। ସଭାରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଅଧ୍ୟକ୍ଷତା କରି ତୁରନ୍ତ ଖଣି ଖୋଲି ଶ୍ରମିକଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ଦାବି କରିଥିଲେ। ଅନ୍ୟପକ୍ଷରେ ଏହି ଖବର ପ୍ରଚାରିତ ହେବା ପରେ ଅଭାବ, ଅନଟନ ଭିତରେ କାଳାତିପାତ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

### କିରୋସିନ ଡିପୋରେ ଭିଜିଲାନ୍ସ ଚଢ଼ାଉ

ସୋରଡା,୧୯।୧୦(ଡି.ଏନ୍.ଏ.): ଗଞ୍ଜାମ ଜିଲା ସୋରଡ଼ା ଗୁରୁମୂର୍ତ୍ତି କିରୋସିନ ଡିପୋରେ ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶରେ ବ୍ରହ୍ମପୁର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇଛି। ବ୍ରହ୍ମପୁର ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପିଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଅପରାହ୍ନ ସାଢ଼େ ୩ଟାର ଉକ୍ତ ଡିପୋରେ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଏହି ଦଳ ଡିପୋର କର୍ମଚାରୀମାନଙ୍କୁ ବିଭିନ୍ନ ବିଷୟରେ ପଚାରିବା ସହ କାଗଜପତ୍ର ଯାଞ୍ଚ କରି ଏହାର ଏକ ନକଲ ସାଙ୍ଗରେ ନେଇଛନ୍ତି। ଡିପୋର ଟାଙ୍କି, ଓଜନ ମପା ଯନ୍ତ୍ର ତନଖି କରିଛନ୍ତି। ବିତରଣ ତାଲିକାରେ ପେନ୍‌ସିଲ ବ୍ୟବହାର, ରସିଦ ବହିର ନମ୍ବର ତ୍ରୁଟି ଥିବା ଉପରେ ବିରକ୍ତ ପ୍ରକାଶ କରିଥିବା ଦେଖାଯାଇଥିଲା। ଏଠାରୁ କେଉଁ କେଉଁ ସ୍ଥାନକୁ କିରୋସିନ ବିତରଣ କରାଯାଉଛି। ବର୍ତ୍ତମାନର ଗଚ୍ଛିତ ହିସାବ ସବୁ ବିଷୟରେ ଟିକିନିଖି ଯାଞ୍ଚ କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ଏହି ଯାଞ୍ଚ ପ୍ରକ୍ରିୟା ଚାଲିଥିଲା।

# ମୋଦିଙ୍କ ଶାସନରେ ସମ୍ବିଧାନ ଶେଷ ହୋଇଯିବ: ପ୍ରଶାନ୍ତ

## ନବ ନିର୍ମାଣ କୃଷକ ସଂଗଠନର ଜନଜାଗରଣ ଶୋଭାଯାତ୍ରା

ଭୁବନେଶ୍ୱର, ୧୯।୧୦ (ବ୍ୟୁରୋ) ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରୁ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ନବ ନିର୍ମାଣ କୃଷକ ସଂଗଠନ ନେତୃତ୍ୱରେ ବାହାରିଥିବା ଜନଜାଗରଣ ପଦଯାତ୍ରା ହାଜିପୁର ଜିଲା ଅନ୍ତର୍ଗତ ସିଧୋନାରୁ ବାହାରି ରାମପୁର ମଧ୍ୟଦେଇ ବନାରସ ଜିଲ୍ଲା ଅନ୍ତର୍ଗତ ଚଉବେପୂର୍ବା ଠାରେ ମଙ୍ଗଳବାର ଦିନ ୧ଟାରେ ପହଞ୍ଚିଥିଲା। ସେଠାରେ ଏକ ପଥପ୍ରାନ୍ତ ଜନଜାଗରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଶାନ୍ତଭୂଷଣ କହିଥିଲେ ଯେ ମୋଦିଙ୍କ ଶାସନ ବେଶି ଦିନ ଚାଲିଲେ ଆଇନକାନୁନ ଓ ସମ୍ବିଧାନ ସବୁ ସମାପ୍ତ ହୋଇଯିବ। ପ୍ରତି ଗରିବ ଲୋକଙ୍କୁ ୧୫ ଲକ୍ଷ ଟଙ୍କା ଦେବେ କହି ସେମାନଙ୍କ ଠାରୁ ଖାଦ୍ୟ ଓ ଚାଷୀଙ୍କ ଠାରୁ ଜମି ଛଡାଇ ନେଉଛନ୍ତି। ସବୁ ନୀତିନିୟମ କର୍ପୋରେଟ ସପକ୍ଷରେ କରାଯାଇ ଦେଶବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଉଛି। ବିଶିଷ୍ଟ ଚାଷୀନେତା ସୁନିଲ ମୋଦି ସରକାରଙ୍କୁ ସମାଲୋଚନା କରି କହିଲେ ଯେ ପ୍ରଥମେ ଭାଜପା ମଧ୍ୟପ୍ରଦେଶରେ ଚାଷୀଙ୍କ ଉପରେ ଗୁଳି ଚଳାଇ କ୍ଷମତାରୁ ବିଦା ହୋଇଥିଲା। ଏବେ ଦିଲ୍ଲୀ ଚାଷୀ ଆନ୍ଦୋଳନର ପ୍ରଭାବ ଉତ୍ତରପ୍ରଦେଶ ପଞ୍ଚାୟତ ନିର୍ବାଚନରେ ପ୍ରତିଫଳିତ ହୋଇଛି। ଚାଷୀମାନଙ୍କୁ ନେତାମାନେ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇ ପରେ ପାଳନ କରୁ ନ ଥିବାରୁ ଏହାକୁ ଆଇନ ପରିସରଭୁକ୍ତ କରିବା ପାଇଁ ସୁପ୍ରିମକୋର୍ଟରେ ମକଦ୍ଦମା ହୋଇଥିଲା।

ଏହି ଅବସରରେ ନବର୍ନିମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଥିଲେ ଯେ ବନାରସ ଜନସଭାରେ ଚାଷୀଙ୍କୁ ସେମାନଙ୍କ ଆୟ ୨ଗୁଣ ହେବ ବୋଲି ଦେଇଥିବା ପ୍ରତିଶ୍ରୁତି ବିଷୟରେ ନରେନ୍ଦ୍ର ମୋଦିଙ୍କୁ ପ୍ରଶ୍ନ କରାଯିବ ବୋଲି କହିଛନ୍ତି। ପ୍ରାରମ୍ଭରେ ଯାତ୍ରା ସଂଯୋଜକ ହିମାଂଶୁ ତିୱାରୀ ଅତିଥି ପରିଚୟ କରିଥିଲେ। ଓଡ଼ିଶାର ସଂଯୋଜକ ଶେଷଦେବ ନନ୍ଦ, ଉମାକାନ୍ତ ଭାରତ, ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଏହି ସଭାରେ ଯୋଗ ଦେଇଥିଲେ।


ପଥପ୍ରାନ୍ତ ଜନଜାଗରଣ ସଭାରେ (ଡାହାଣରୁ) ବିଶିଷ୍ଟ ଆଇନଜୀବୀ ପ୍ରଶାନ୍ତ ଭୂଷଣ, ନବର୍ନିମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଏବଂ ଅନ୍ୟମାନେ।

# ଛତିଶଗଡ଼ରୁ ଧରାପଡ଼ିଲେ

## ଡାବୁଗାଁ ତହସିଲର ବରିଷ୍ଠ ରାଜସ୍ୱ ସହାୟିକା ଚନ୍ଦନା ମଣ୍ଡଳ

■ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ଅଭିଯୋଗ



ନବରଙ୍ଗପୁର,୧୯।୧୦(ବି.ପ୍ର.) କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ନବରଙ୍ଗପୁର ଜିଲା ଡାବୁଗାଁ ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟିକା ଚନ୍ଦନା ମଣ୍ଡଳଙ୍କୁ ଛତିଶଗଡ଼ ସୁକ୍‌ମା ଜିଲା ବରସୁର ଥାନା ଅଧୀନ ଇଟାଭାଟା ଗାଁରୁ ସୋମବାର ଗିରଫ କରାଯାଇଛି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନବରଙ୍ଗପୁର ଏସ୍‌ପି ପି.ଏସ୍. ପରଷୋତ୍ତମ ଦାସ ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅର୍ଥ ହେରଫେର ଘଟଣାରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେସବୁ ସମ୍ପର୍କରେ ତଦନ୍ତ ଚାଲିଛି। ଚନ୍ଦନାଙ୍କ ନାମରେ କ'ଣ ସବୁ ସମ୍ପତ୍ତି ଓ ଗାଡ଼ି ରହିଛି ସେସବୁ ବିଷୟରେ ଜଣାଇବା ପାଇଁ ରାଜସ୍ୱ ଓ ପରିବହନ ବିଭାଗକୁ ଚିଠି କରାଯାଇଛି। ସମସ୍ତ ବ୍ୟାଙ୍କକୁ ତାଙ୍କ ପ୍ୟାନ୍ କାର୍ଡ ଓ ଫୋନ ନମ୍ବର ଦିଆଯାଇଛି। ଆବଶ୍ୟକ ସ୍ଥଳେ ଚନ୍ଦନାଙ୍କୁ ରିମାଣ୍ଡରେ ଅଣାଯିବ। ତାଙ୍କୁ ଧରିବାକୁ ୩ଟି ଟିମ୍ ଗଠନ କରାଯାଇଥିଲା ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଚିଠି ନମ୍ବର ୧୧୪୫୨ ଅନୁଯାୟୀ ତାଙ୍କୁ ବହିଷ୍କାର କରାଯାଇଥିବା ସୂଚନା ମିଳିଛି। ଡାବୁଗାଁ ତହସିଲରେ ଆର୍ଥିକ ଅନିୟମିତତା ନେଇ ପ୍ରଶାସନ ପକ୍ଷରୁ ମେ' ମାସରେ ଡାବୁଗାଁ ଥାନାରେ ଅଭିଯୋଗ ହୋଇଥିଲା। ଏଥିରେ ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟିକା ଚନ୍ଦନା ମଣ୍ଡଳଙ୍କ ସମ୍ପୃକ୍ତି ଥିବା ନେଇ ଏତଲାରେ ଦର୍ଶାଯାଇଥିଲା। ଡାବୁଗାଁ ପୋଲିସ ୯୪/୨୧ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସବ୍‌ଇନିସ୍ପେକ୍ଟର ଚନ୍ଦ୍ରଭାନୁ ମହାନ୍ତି ମାମଲାର ତଦନ୍ତ କରୁଥିଲେ। ବୋର୍ଡ ଅଫ୍ ରେଭିନ୍ୟୁ ଏଡିଟ ଆନୁଯାୟୀ ୧କୋଟି ୪୫ ଲକ୍ଷ ଟଙ୍କା ହେରଫେର ହୋଇଥିଲା। ଏଥିରେ ଚନ୍ଦନାଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ତାଙ୍କର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ସିଜ୍ କରିବା ପରେ ସେଥିରେ ପ୍ରାୟ ୨୭ ଲକ୍ଷ ଟଙ୍କା ଥିବା ଜଣାପଡ଼ିଛି। ସେ ସମୟରେ ଘଟଣାର ତଦନ୍ତ ପାଇଁ ଡାବୁଗାଁ ପୋଲିସ ଚନ୍ଦନାଙ୍କୁ ଡାକି ପଚରାଉଚରା କରିବାବେଳେ ସେ ଅଚେତ ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କୁ ଡାବୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସାପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର ହୋଇଥିଲେ। ସେଠାରୁ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାର ୬ ମାସ ପରେ ନବରଙ୍ଗପୁର ଓ ଡାବୁଗାଁ ଥାନା ପୋଲିସ ସୋମବାର ସନ୍ଧ୍ୟାରେ ତାଙ୍କ ଗାଡ଼ିମୋଟର ପାର୍ଟସ୍ ଦୋକାନ ଉପରେ ଚଢ଼ାଉ କରି ୧ ଲକ୍ଷ ୮ ହଜାର ୬ ସହ ୫୦ ଟଙ୍କା, ୩ଟି ମୋବାଇଲ ଓ ଘରୋଇ କାଗଜପତ୍ର ଜବତ କରିଥିଲେ। ଚଢ଼ାଉ ବେଳେ ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ, ଡାବୁଗାଁ ଥାନାଧିକାରୀ ସୁରେନ୍ଦ୍ର କୁମାର ବେହୁରିଆ ଉପସ୍ଥିତ ଥିଲେ। ଚନ୍ଦନାଙ୍କ ପୁଅ ସାଗର ଦେବନାଥଙ୍କୁ ପଚରାଉଚରା କରିବାକୁ ପୋଲିସ ସାଙ୍ଗରେ ନେଇଥିଲା। ଚନ୍ଦନା କେଉଁଠି ଅଛନ୍ତି କାହା ସହ କେମିତି ଯୋଗାଯୋଗ ରଖିଛନ୍ତି ପଚାରିବା ସହ ତାଙ୍କ ଲୋକେଶନ ଯାଞ୍ଚ କରାଯାଇଥିଲା। ଏହାପରେ ତଦନ୍ତକାରୀ ୩ଟି ଟମ୍, ସାଇବର ସେଲ୍‌ର କର୍ମଚାରୀଙ୍କ ସହଯୋଗରେ ପୋଲିସ ଚନ୍ଦନାଙ୍କୁ ଗିରଫ କରିଛି।

# କଇଁଫୁଲ ତୋଳିବାକୁ ଯାଇ ବୁଡ଼ିଗଲେ ବୃଦ୍ଧ

ଦଶରଥପୁର, ୧୯।୧୦ (ଡି.ଏନ୍.ଏ.) କୁମାରପୂର୍ଣ୍ଣିମା ଉପଲକ୍ଷେ ପୋଖରୀକୁ କଇଁଫୁଲ ତୋଳିବାକୁ ଯାଇଥିବା ଜଣେ ବୃଦ୍ଧ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ଯାଜପୁର ଜିଲା ଦଶରଥପୁର ବ୍ଲକ ତଥା ମଙ୍ଗଳପୁର ଥାନା ଅଧୀନ ନିଜାମପୁର ପଞ୍ଚାୟତ କୁଲସାହି ଗ୍ରାମର ମାୟାଧର ଯେନା (ମୃଷା-୭୦)। ସୂଚନାନୁସାରେ, ମଙ୍ଗଳବାର ମଧ୍ୟାହ୍ନରେ ମୃଷାଙ୍କ ସମୁଦୀଙ୍କ ଘର ଏହିଥାନା ଅଧୀନ ବାବଲପୁର ଗ୍ରାମରୁ ମୃଷାଙ୍କ ଘରକୁ ବେଭାର ଆସିଥିଲା। ବେଭାରଧରି ଆସିଥିବା ଅଟୋଚାଳକ ମୃଷାଙ୍କ ଘର ନିକଟରେ ଥିବା ପୋଖରୀରେ କଇଁଫୁଲ ଫୁଟିଥିବା ଦେଖି ଅଳ୍ପ ଫୁଲ ଦରକାର ବୋଲି ମୃଷାଙ୍କୁ କହିଥିଲେ। ମୃଷା ଗାଧୋଇବା ଲାଗି ପୋଖରୀକୁ ଆସିଥିବାରୁ ଅଟୋଚାଳକଙ୍କ ପାଇଁ ଫୁଲ ତୋଳୁଥିଲେ। ଫୁଲ ତୋଳୁଥିବା ସମୟରେ ସେ ଗଭୀର ଜଳକୁ ଚାଲିଯିବାରୁ ବୁଡ଼ି ଯାଇଥିଲେ। ଉପରକୁ ଦେଖା ନ ଯିବାରୁ ଅଟୋଚାଳକ ଲୋକଙ୍କୁ ଡାକ ପକାଇଥିଲେ। ମାତ୍ର ପୋଖରୀଟି ଗଭୀର ହୋଇଥିବାରୁ ହଠାତ୍ କେହି ଭୟରେ ଭିତରକୁ ପ୍ରବେଶ କରି ନ ଥିଲେ। ଏନେଇ ସ୍ଥାନୀୟ ଲୋକେ ଦଶରଥପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ଲୋକେ ପାଣିରେ ପ୍ରାୟ ୨ ଘଣ୍ଟା କସରତ କଲାପରେ ମୃଷାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଥାନା ଏସ୍‌ଆଇ ହରିଶ ସିଂ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଯୁବକଙ୍କ ଉପରେ ଚଢ଼ିଗଲା ଟ୍ରକ୍

ଭୁବନେଶ୍ୱର,୧୯।୧୦ (ବ୍ୟୁରୋ) ଚନ୍ଦ୍ରଶେଖରପୁର ଥାନା ଅଧୀନ ନିଳାଦ୍ରୀ ବିହାର ପେଟ୍ରୋଲ ପମ୍ପ ସାମ୍ନା ରାସ୍ତାରେ ମଙ୍ଗଳବାର ଜଣେ ଯୁବକଙ୍କ ଉପରେ ଟ୍ରକ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ଅରବିନ୍ଦ ନଗର ବସ୍ତିର ବେଣୁଧର ଭଞ୍ଜ(୨୯)। ଏନେଇ ତାଙ୍କ ଶାଶୁ ଲକ୍ଷ୍ମୀ ଦେବତା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ-୪୩୭/୨୧) ରୁଜୁ କରିଛି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିର ଫୁଟେଜ୍ ଆଧାରରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଧରିବାକୁ ଅନୁସନ୍ଧାନ ଜାରି ରଖିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭ଟା ୩୦ରେ ବେଣୁଧର ନିଜ ବାଇକରେ ପେଟ୍ରୋଲ ପମ୍ପରୁ ତେଲ ପକାଇ ଅରବିନ୍ଦ ନଗର ବସ୍ତି ଆଡ଼କୁ ଯାଉଥିଲେ। ଶ୍ରୀରାମ ହୋଟେଲ ସାମ୍ନାରେ ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କ ବାଇକକୁ ଧକ୍କା ଦେବାରୁ ସେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ଟ୍ରକଟି ତାଙ୍କ ମୁଣ୍ଡ ଉପରେ ଚଢ଼ି ନନ୍ଦନକାନନ ଅଭିମୁଖେ ଚାଲିଯାଇଥିଲା। ଫଳରେ ବେଣୁଧରଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଉକ୍ତ ଟ୍ରକ୍‌କୁ ଧରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ।



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

ପାଲଲହଡ଼ା,୧୯।୧୦(ଡି.ଏନ.ଏ.): ୧୪୯ ନମ୍ବର ଜାତୀୟ ରାଜପଥର ପାଲଲହଡା ଥାନା ପେଣ୍ଡେରାବସା ଛକ ନିକଟରେ ମଙ୍ଗଳବାର ଏକ ଟ୍ରକ୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ୍ ଚାଳକ ହେଲେ ବଡିସୁଆଁ ପଞ୍ଚାୟତ ଶ୍ରୀରାମପୁରର ଗଦାଧର ବେହେରା(୪୫)। ଖମାର ଥାନା କୁରୁମୁଳା ଗ୍ରାମର ହେମନ୍ତ ବେହେରା (୩୦) ଏଥିରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ପାଲଲହଡା ଡାକ୍ତରଖାନା ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିବାରୁ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା।

### ୫ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୧୯।୧୦: ଅନୁଗୋଳ ଜିଲାରୁ ମଙ୍ଗଳବାର ୫ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୪୧୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣ୍ଟଁରପାଳ ବ୍ଲକରୁ ୩ଜଣ ଓ ଛେଣ୍ଡିପଦା ବ୍ଲକରୁ ୨ଜଣ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୪ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଗିରି ଗୋବର୍ଦ୍ଧନ ପୂଜା

ବନ୍ତଲା,୧୯।୧୦(ଡି.ଏନ.ଏ.): ଅନୁଗୋଳ ବ୍ଲକ ବଡକନ୍ତକୁଳ ପଞ୍ଚାୟତ କଞ୍ଜା ଗ୍ରାମରେ ଗିରି ଗୋବର୍ଦ୍ଧନ ପୂଜା ପାଳିତ ହୋଇଯାଇଛି। ଏହି ପୂଜା ୩ ଦିନ ଧରି ଅନୁଷ୍ଠିତ ହୋଇଥାଏ। ହେଲେ ଚଳିତବର୍ଷ କରୋନା ପାଇଁ ଗୋଟିଏ ଦିନ ପୂଜା ପାଳନ କରାଯାଇଛି। ଗ୍ରାମ ସଭାପତି ରୋହିତ ବିଶ୍ୱାଳ, ସମ୍ପାଦକ ନାକଫୁଡି ବେହେରା, ପୂଜକ ବନମାଳୀ ମିଶ୍ର, ଶିଶିର ଗଡ଼ନାୟକ, ଆର୍ତ୍ତତ୍ରାଣ ଗଡ଼ନାୟକ, ଗୋପାଳି ବିଶ୍ୱାଳ, ତ୍ରିଲୋଚନ ସାହୁ, ହେମନ୍ତ ସାହୁ, ସନ୍ତୋଷ ବେହେରା, ଧରଣୀ ସାହୁ, ହେମନ୍ତ ବେହେରା, ରଜତ ବେହେରା, ପବିତ୍ର ବେହେରା ପ୍ରମୁଖ ସାମିଲ ଥିଲେ। ଗ୍ରାମର ଯୁବଗୋଷ୍ଠୀ, ଗ୍ରାମବାସୀ ସହଯୋଗ କରିଥିଲେ।

### ଗ୍ରାମସାଥୀଙ୍କ ପ୍ରଶିକ୍ଷଣ ଶିବିର

ମାଧପୁର,୧୯।୧୦: ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଅଗ୍ରଗତି ନିମନ୍ତେ ଏକ ସଚେତନତା ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧପଡା, ଟୁସର, କିଆକଟା ଏବଂ ବାସୁଦେବପୁର ପଞ୍ଚାୟତର ଗ୍ରାମସାଥୀମାନେ ଯୋଗ ଦେଇଥିଲେ। ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଚାରୋଟି ପଞ୍ଚାୟତର ସମସ୍ତ ସରପଞ୍ଚ, ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକମାନେ ଉପସ୍ଥିତ ଥିଲେ।

### ସଙ୍କୁଳ ପ୍ରମୁଖ ବୈଠକ

ଛେଣ୍ଡିପଦା,୧୯।୧୦(ସ୍ୱ.ପ୍ର.): ଛେଣ୍ଡିପଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସୋମବାର ଛେଣ୍ଡିପଦା ସଂକୁଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛେଣ୍ଡିପଦା ସଙ୍କୁଳର ୬ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଓ ପରିଚାଳନା ସମିତି କର୍ମକର୍ତ୍ତା ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ସଙ୍କୁଳ ପ୍ରମୁଖ ବିଶ୍ୱନାଥ ପ୍ରଧାନ, ଛେଣ୍ଡିପଦା ସଙ୍କୁଳ ପ୍ରମୁଖ ରାଜକିଶୋର ସାହୁ, ଜରପଡା ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ମହାପାତ୍ର, ଗଡମଲ ପ୍ରଧାନ ଆଚାର୍ଯ୍ୟ ଜଗବନ୍ଧୁ ସାହୁ ଓ ମରାଡିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଚାର୍ଯ୍ୟ ସୁମନ୍ତ କୁମାର ସାହୁ ଯୋଗଦେଇ ଥିଲେ। ବିଦ୍ୟାଧର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା ସମିତି ଉପସଭାପତି ଦିଲୀପ କୁମାର ସାହୁ ସମସ୍ୟାର ସମାଧାନ ଉପରେ ମତବ୍ୟକ୍ତ କରିଥିଲେ। ବସନ୍ତ କୁମାର ସାହୁ ପରିଚାଳନା କରିଥିଲେ। ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

### ଥର୍ମାଲକୁ ହରାଇ କୁରୁମିଠା ଚାମ୍ପିୟନ

ବଣ୍ଟଁରପାଳ,୧୯।୧୦(ଡି.ଏନ୍.ଏ): ବଣ୍ଟଁରପାଳ ବ୍ଲକ ବଉଳିଗଡ ପଞ୍ଚାୟତ ଅରାହାଟ ଖେଳପଡିଆରେ ପଞ୍ଚୁନାଥ ମେମୋରିଆଲ କବାଡି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଥର୍ମାଲ ଓ କୁରୁମିଠା ମଧ୍ୟରେ ହୋଇଥିଲା। ଏଥିରେ କୁରୁମିଠା ଦଳ ଚାମ୍ପିୟନ୍ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଣ୍ଟଁରପାଳ ବ୍ଲକ ବିଜେଡି ସଭାପତି ବିଜୟ କୁମାର ନାଥ, ଯୁବ ନେତା ଅରୁଣାଭ ସିଂହ ଏବଂ ୨୮ ନଂ ଜୋନ୍ ବିଜେଡି ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ଅଗ୍ରଗତି ହେଉ ନ ଥିବାରୁ ଅସନ୍ତୋଷ

- ବଇଣ୍ଡାରେ ଶେଷ ହେଉନି ରାଜପଥ କାର୍ଯ୍ୟ
- ଗର୍ତ୍ତ ଖୋଳାରେ ଅଟକିଛି ଓଭରବ୍ରିଜ୍ ନିର୍ମାଣ
- ଗୋଟିଏ ପାର୍ଶ୍ୱରେ ସରିଛି ୩୦ ପ୍ରତିଶତ ଡ୍ରେନ୍


ଅଧାପନ୍ତରିଆ ଅବସ୍ଥାରେ ଥିବା ଡ୍ରେନ୍ ।

ବଇଣ୍ଡା,୧୯।୧୦(ଡି.ଏନ.ଏ.)

୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଅନୁଗୋଳ ଜିଲା ବଇଣ୍ଡାଠାରେ ୩ ବର୍ଷ ହେଲା ଉଚ୍ଛେଦ କାର୍ଯ୍ୟ ସରିଛି। ଡ୍ରେନ୍ ତିଆରି ପାଇଁ ରାସ୍ତା ପାର୍ଶ୍ୱ ଖୋଳାଯାଇଛି। ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ବଡ଼ ବଡ଼ ଗର୍ତ୍ତ କରାଯାଇଛି। ହେଲେ କୌଣସି କାର୍ଯ୍ୟର ସେପରି ଅଗ୍ରଗତି ହେଉନାହିଁ। ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ବାରମ୍ବାର ପ୍ରତିଶ୍ରୁତି ଦେଇ ଅବହେଳା କରୁଥିବାରୁ ବଇଣ୍ଡା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ନିମନ୍ତେ କିଶୋରନଗର ବ୍ଲକର ବଇଣ୍ଡା ଠାରେ ୨୦୧୮ ମେ'ରେ ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ବହୁ ଘର, ଦୋକାନ, ସରକାରୀ ସ୍କୁଲ, କାର୍ଯ୍ୟାଳୟ ଆଦି ଭଙ୍ଗାଯାଇଥିଲା। ହେଲେ ୩ ବର୍ଷ ବିତିଯାଇଥିଲେ ମଧ୍ୟ ବଇଣ୍ଡାଠାରେ ସମ୍ପ୍ରସାରଣ କାର୍ଯ୍ୟ ୧୦ ପ୍ରତିଶତ ହୋଇପାରି ନାହିଁ। ସେହିପରି ଓଭରବ୍ରିଜ୍ ପାଇଁ ନଭେମ୍ବର ୨୦୨୦ରେ ବଇଣ୍ଡା ଛକରେ ୩ଟି ବଡ଼ ଗର୍ତ୍ତ ଖୋଳାଯାଇ ଛାଡ଼ିଦିଆଯାଇଛି। ଜାନୁୟାରୀ ୨୦୨୧ରୁ ରାଜପଥର ଗୋଟିଏ ପାର୍ଶ୍ୱରେ ଡ୍ରେନ୍ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ତାହା ମାତ୍ର ୩୦ ପ୍ରତିଶତ ହୋଇପାରିଛି। ବଇଣ୍ଡା ବଜାର ଆଠମଲ୍ଲିକ ଉପଖଣ୍ଡର ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ହୋଇଥିବାରୁ ଠିକା ସଂସ୍ଥାର ଏପରି ଅବହେଳା ପାଇଁ ଅଞ୍ଚଳବାସୀ ଓ ବ୍ୟବସାୟୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବଇଣ୍ଡାବାସୀ ଗତ ଜୁନ ୨୧ ତାରିଖରେ ଜିଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ସେପ୍ଟେମ୍ବର ୯ରେ ଜିଲାପାଳଙ୍କ କକ୍ଷରେ ପୂର୍ତ୍ତମନ୍ତ୍ରୀ ସମୀକ୍ଷା ବୈଠକ କରିଥିଲେ। ଏହାପରେ ମନ୍ତ୍ରୀ ବଇଣ୍ଡା ଯାଇ ସ୍ଥିତି ପରଖି ଥିଲେ। ଅକ୍ଟୋବର ୨ରେ ବଇଣ୍ଡା ଗ୍ରାମବାସୀ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ। ଅକ୍ଟୋବର ୮ ତାରିଖରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଉକ୍ତ ଦାବିପତ୍ର ସମ୍ପର୍କରେ କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହାସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଜୋର୍ ଧରିପାରି ନାହିଁ। ସମସ୍ୟା ସମ୍ପର୍କରେ ଠିକାସଂସ୍ଥାର ପରିଚାଳକ ଗେଲି ଡେବେରା ପଦ୍ମନାଭମ୍ କହିଛନ୍ତି, ଶ୍ରମିକମାନେ କାର୍ଯ୍ୟକୁ ଆସି ନ ଥିବା ଯୋଗୁ କାମ ବିଳମ୍ବ ହେଉଛି। ଶୀଘ୍ର ନିର୍ମାଣ ଆରମ୍ଭ ହେବ।

#### ଆନ୍ଦୋଳନ କରାଯିବ



"ଠିକାସଂସ୍ଥାର ଅବହେଳା ଯୋଗୁ ବଇଣ୍ଡା ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବଜାରର ବ୍ୟବସାୟୀମାନେ କ୍ଷତି ସହୁଥିବାବେଳେ ଅନେକ ଦୋକାନୀ ଥଇଥାନ ହୋଇପାରୁ ନାହାନ୍ତି। ଆଗାମୀ ଦିନରେ ଆନ୍ଦୋଳନ କରାଯିବ।

-ଅମିତ ବିକ୍ରମ ନାୟକ, କଦଳୀମୁଣ୍ଡା

#### କ୍ଷତିପୂରଣ ମିଳିନି



"ରାଜପଥ ସମ୍ପ୍ରସାରଣ ପାଇଁ ୩ ବର୍ଷ ତଳୁ ବହୁ ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ହେଲେ ଠିକାସଂସ୍ଥା ଏଯାଏ ଡ୍ରେନ୍ କାର୍ଯ୍ୟ ସାରିପାରି ନାହିଁ। ଉଚ୍ଛେଦ ହୋଇଥିବା ବ୍ୟବସାୟୀମାନେ ଘରେ ବସିଥିଲେ ମଧ କ୍ଷତିପୂରଣ ଦିଆଯାଇନାହିଁ।

-ରମେଶ ଚନ୍ଦ୍ର ସାହୁ, ବଇଣ୍ଡା

#### ବିକାଶ ବାଧାପ୍ରାପ୍ତ



"ଠିକା ସଂସ୍ଥା ବାରମ୍ବାର ଦେଉଥିବା ପ୍ରତିଶ୍ରୁତି ରକ୍ଷା କରିପାରୁ ନାହିଁ। ରାସ୍ତା, ଡ୍ରେନ୍ ଓ ଓଭରବ୍ରିଜ୍ କାର୍ଯ୍ୟ କରାଯାଉ ନାହିଁ। ଏଥିଯୋଗୁ ବଇଣ୍ଡାର ବିକାଶ ବାଧାପ୍ରାପ୍ତ ହେଉଛି। ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯାଉ।

-ସର୍ବେଶ୍ୱର ସାହୁ, ବଇଣ୍ଡା

## ୪୭ ୟୁନିଟ୍ ରକ୍ତ ସଂଗ୍ରହ


ଶିବିରରେ ରକ୍ତ ସଂଗ୍ରହ ବେଳେ ବିଧାୟକଙ୍କ ସହ ଅନ୍ୟମାନେ।

ଅନୁଗୋଳ ଅଫିସ,୧୯।୧୦

ବିଜୁ ଯୁବ ଜନତା ଦଳର ଅନୁଗୋଳ ଜିଲା ସଭାପତି ଦିନେଶ ପ୍ରଧାନଙ୍କ ନେତୃତ୍ୱରେ ବଣ୍ଟଁରପାଳ ବ୍ଲକ ବଡହିଂସରଠାରେ ବିଜୁ ଯୁବ ଜନତା ଦଳ ଓ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୪୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବିଜୁ ଯୁବ ଜନତା ଦଳ ଜିଲା ସମ୍ପାଦକ ଲକ୍ଷ୍ମୀଧର ସାହୁଙ୍କ ପିତା ସ୍ୱର୍ଗତ ପ୍ରଫୁଲ୍ଲ କୁମାର ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ଏହି ଶିବିର ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ସନ୍ତୋଷ ଦାସ, ଦୀନବନ୍ଧୁ ସେଠୀ, ବିଜେଡି ନେତା ପ୍ରଶାନ୍ତ ସାହୁ ଉପସ୍ଥିତ ଥିଲେ। ଏହି ଶିବିରକୁ ଲକ୍ଷ୍ମୀଧର ସାହୁ, ଅମିତ କୁମାର ଦାସ, ବ୍ଲକ ସମ୍ପାଦକ ପ୍ରଣୟ କୁମାର ପ୍ରଧାନ, ବିନୋଦ କୁମାର ସାହୁ, ରବୀନ୍ଦ୍ର କୁମାର ସାହୁ ପରିଚାଳନା କରିଥିଲେ।

## ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉ

ବଇଣ୍ଡା,୧୯।୧୦(ଡି.ଏନ.ଏ.)

ଆଠମଲ୍ଲିକ ଉପଖଣ୍ଡରେ ଥିବା ୪୭ଟି ପଞ୍ଚାୟତ ଓ ଗୋଟିଏ ଏନ୍ଏସିରେ ଅନେକ ସମସ୍ୟା ରହିଛି। ଶିକ୍ଷା, ପାଣି, ସ୍ୱାସ୍ଥ୍ୟ, ବିଜୁଳି ଭଳି ମୌଳିକ ଆବଶ୍ୟକତାରୁ ଅନେକ ଲୋକ ବଞ୍ଚିତ ରହିଛନ୍ତି। ସେଗୁଡିକ କିଭଳି ସମାଧାନ ହେବ ଓ ଉପଖଣ୍ଡର ଅଧିକ ବିକାଶ ହେବ, ସେଥିପ୍ରତି ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମଙ୍ଗଳବାର କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଯୋଗଦେଇଥିବା ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ପୂର୍ବତନ ପ୍ରଫେସର ନନ୍ଦକିଶୋର ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କଲେଜ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଧୀର ବିଷୋଇ, ସାମାଜିକକର୍ମୀ ଜୀମୁତ ପ୍ରଧାନ, ନମିତା ସାହୁ, ସୁଧୀର କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ପ୍ରତାପ କୁମାର ପ୍ରଧାନ, ଅସିତ କୁମାର ଜେନା, କାଳନ୍ଦୀ ଚରଣ ପ୍ରଧାନ ଯୋଗଦେଇଥିଲେ।


ଆଲୋଚନାଚକ୍ରରେ ଉପସ୍ଥିତ ବୁଦ୍ଧିଜୀବୀମାନେ।

## ସୋନପୁରକୁ ହରାଇ ବୌଦ୍ଧ ଚାମ୍ପିୟନ


ଫାଇନାଲ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

ବଇଣ୍ଡା,୧୯।୧୦(ଡି.ଏନ.ଏ.)

କିଶୋରନଗର ବ୍ଲକ ହିମିତିରାଠାରେ ଚାଲିଥିବା ଜିଲାସ୍ତରୀୟ ସନ୍ତୋଷ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୋନପୁର କ୍ଲବକୁ ୫-୪ ଗୋଲରେ ହରାଇ ବୌଦ୍ଧ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଜେଡି ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, କିଶୋରନଗର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ହିମିତିରା କ୍ରୀଡ଼ା ସଂଘ ସଭାପତି ଗଙ୍ଗାଧର ମହାନ୍ତି, ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, କାଳନ୍ଦୀ ଚରଣ ପ୍ରଧାନ, ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ। ସେହିପରି ସୋମବାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, ଅନ୍ୟତମ ଅତିଥି ଭାବେ କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ବିରଳା ପ୍ରଧାନ ଯୋଗ ଦେଇଥିଲେ। ଗଙ୍ଗାଧର ମହାନ୍ତି ସଭାପତିତ୍ୱ କରିଥିଲେ। କିଶୋର ଚନ୍ଦ୍ର ବିଶାଳ ପରିଚାଳନା କରିଥିଲେ। ଦିଲୀପ ରାଉତ, ଶଶିକାନ୍ତ ଦାସିଆ, ପ୍ରହ୍ଲାଦ ଭୋକ୍ତା ପରିଚାଳନା କରିଥିଲେ। ପ୍ରଣବ ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ବିନାୟକ ଦେହୁରି ଧାରା ବିବରଣୀ ପାଠ କରିଥିଲେ।

## ତୈଳ ଦର ବୃଦ୍ଧିର ପ୍ରତିବାଦ

ଅନୁଗୋଳ ଅଫିସ,୧୯।୧୦

ତୈଳ ଦର ବୃଦ୍ଧି ପ୍ରତିବାଦରେ ଅନୁଗୋଳ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ କହିଛନ୍ତି, ତୈଳ ଦର ବୃଦ୍ଧି ପାଉଥିବାରୁ ସାଧାରଣ ଲୋକଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିବା 'ଅଚ୍ଛେ ଦିନ୍'ର ବିକଳ ଚିତ୍ର ଏବେ ଦେଶବାସୀ ଦେଖୁଛନ୍ତି। ଏହିବିକ୍ଷୋଭ ସଭାରେ ଜିଲା ଯୁବ କଂଗ୍ରେସ ସଭାପତି ଲୁଟୁ ରଞ୍ଜନ ଥାପା, ବଳବୀର ସିଂହ, ପ୍ରଦ୍ୟୁମ୍ନ ସାହୁ, କମଳାକାନ୍ତ ସାହୁ, ସଂଗ୍ରାମ ବେହେରା, ମାନସ ରଞ୍ଜନ ବିଶ୍ୱାଳ, ଦିନେଶ ସାହୁ, ଅସିତ ନାୟକ, ଅଭିନାଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ଛାତ୍ର କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

## ବନ୍ଧୁକଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

ତାଳଚେର,୧୯।୧୦(ନି.ପ୍ର.)

ତାଳଚେର ରାଇଫଲ କ୍ଲବ ପକ୍ଷରୁ ରାଜା ହୃଦୟଚନ୍ଦ୍ର ଦେବ ସୁଟିଂ କମ୍ପ୍ଲେକ୍ସଠାରେ ଚାଲିଥିବା ରାଜ୍ୟସ୍ତରୀୟ ୫୬ତମ ବନ୍ଧୁକଚାଳନା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗ ଦେଇଥିଲେ। ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଉପଜିଲାପାଳ ବିଶ୍ୱ ରଞ୍ଜନ ରଥ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କୃତ କରିଥିଲେ। ସମ୍ପାଦକ ପ୍ରବୀର ଚନ୍ଦ୍ରଧୀର ଦେବ ବିବରଣୀ ପାଠ ଓ ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ଦେବ ଅଧ୍ୟକ୍ଷତା କରିଥିଲେ। ପ୍ରମୋଦ କୁମାର ସାହୁ, ମାନସ ସିଂହ, ବୁନି ମହାରଣାଙ୍କ ସମେତ କ୍ଲବର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ୩ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୩୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ଦାବି ପୂରଣ ନ ହେଲେ ଜୋର୍‌ଦାର ଆନ୍ଦୋଳନ

### ଆୟୁଷ ଡାକ୍ତର ସଂଘର ଚେତାବନୀ

ଅନୁଗୋଳ ଅଫିସ,୧୯।୧୦

ଦୀର୍ଘବର୍ଷ ଧରି କାର୍ଯ୍ୟରତ ଆୟୁଷ ଡାକ୍ତରମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ ନାହିଁ। ଏ ନେଇ ଅନୁଗୋଳ ଜିଲା ଆୟୁଷ ଡାକ୍ତର ସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ମଙ୍ଗଳବାର ସଂଘ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସଭାପତି ଅଶ୍ୱିନୀ କୁମାର ଖେଡି, ଉପସଭାପତି ଡା. ସଂଘମିତ୍ରା ଦାସ, ସମ୍ପାଦକ ଡା. ବିଜୟ କୁମାର ପ୍ରଧାନ, ସହକାରୀ ସମ୍ପାଦକ ଡା. ଈପ୍ସିତା ନନ୍ଦ ଏବଂ କୋଷାଧ୍ୟକ୍ଷ ଡା. ତପସ୍ୱିନୀ ମିଶ୍ର କହିଛନ୍ତି, ପଞ୍ଚାୟତସ୍ତରୀୟ ସ୍ୱାସ୍ଥ୍ୟସେବାରେ ଆୟୁଷ ଡାକ୍ତରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ସରକାର ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ଦୁର୍ଭାଗ୍ୟଜନକ। ସରକାର ଅନ୍ୟ ଠିକା କର୍ମଚାରୀଙ୍କୁ ୬ ବର୍ଷ ପରେ ନିୟମିତ କରୁଥିବାବେଳେ ଆୟୁଷ ଡାକ୍ତରମାନେ ୧୪ ବର୍ଷ କାମ କଲା ପରେ ମଧ୍ୟ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳୁନାହିଁ। କରୋନା ସଂକ୍ରମଣ ଶୀର୍ଷରେ ଥିବାବେଳେ ଆୟୁଷ ଡାକ୍ତରମାନେ ଜୀବନକୁ ବାଜି ଲଗାଇ କାମ କରିଥିଲେ। ସେହପରି ଆୟୁଷ ଡାକ୍ତରମାନେ ବହିର୍ବିଭାଗ, ଜରୁରିକାଳୀନ ଚିକିତ୍ସା, ପ୍ରସୂତିକାଳୀନ ଚିକିତ୍ସା, ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆଦି ତଦାରଖ କରୁଛନ୍ତି। କିନ୍ତୁ ସଂଘର ଦାବି ପ୍ରତି ସରକାରଙ୍କ କ୍ରମାଗତ ଅଣଦେଖା ଯୋଗୁ ଗତ ଗାନ୍ଧୀ ଜୟନ୍ତୀରୁ ଡାକ୍ତରମାନେ ଅସହଯୋଗ ଆନ୍ଦୋଳନ ଜାରି ରଖିଛନ୍ତି। ସରକାର ସେମାନଙ୍କ ଦାବି ନ ଶୁଣିଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସଂଘ କର୍ମକର୍ତ୍ତାମାନେ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂଘ କର୍ମକର୍ତ୍ତାମାନେ।

## ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ସଚେତନତା


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବଇଣ୍ଡା,୧୯।୧୦(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟର ଏନ୍ଏସ୍ଏସ୍ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଜାତୀୟ ସେବା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା ଯୋଗଦେଇ ପରମ୍ପରାକୁ ବଜାୟ ରଖି ବଞ୍ଚିବାର ଦିଗକୁ ଆପଣେଇବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ନିରଞ୍ଜନ ଦାସ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରୋଗ୍ରାମ ଅଫିସର ସୁଧାକର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରବିନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ଶରଧାମୁଣ୍ଡା ଓ କୁଶବଣିଆ ସାହିବାସୀଙ୍କୁ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସଚେତନ କରିଥିଲେ।

## ତାଳଚେର କଣ୍ଡାଳ ଟିମ୍ ଚାମ୍ପିୟନ


ଚାମ୍ପିୟନ ଟିମ୍‌କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ବଣ୍ଟଁରପାଳ,୧୯।୧୦(ଡି.ଏନ.ଏ.)

ବଣ୍ଟଁରପାଳ ବ୍ଲକ ତଳମୂଳ ପଞ୍ଚାୟତ ତଳମୂଳ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ତରୁଣ ଆଣ୍ଡ ତରୁଣ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦୁର୍ଗାମାଧବ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କଟକର ପଙ୍କାଲୁ ଓ ତାଳଚେର କଣ୍ଡାଳ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ତାଳଚେର କଣ୍ଡାଳ ଟିମ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ନାଥ, କ୍ଲବ ସଭାପତି ଅରବିନ୍ଦ ଜେନା, ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ପ୍ରଧାନ, ଯୁବନେତା ଅରୁଣାଭ ସିଂହ, ବିଷ୍ଣୁଚରଣ ଦାସ, ପତିତପାବନ ମାଝି ଯୋଗ ଦେଇଥିଲେ। ଖେଳପଡ଼ିଆର ଉନ୍ନତୀକରଣ ନିମନ୍ତେ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସିଂହ ବକ୍ତବ୍ୟରେ ଘୋଷଣା କରିଥିଲେ।

## ସାରଙ୍ଗଧର ଦାସଙ୍କ ଜୟନ୍ତୀ

ଅନୁଗୋଳ ଅଫିସ, ୧୯।୧୦

ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ ଶାନ୍ତି କୁଟୀରରେ ସ୍ୱାଧୀନତା ସଂଗ୍ରାମୀ ତଥା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀର ଅନୁଗୋଳ ଜିଲା ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀକୁ ଛାତ୍ରାବାସ ସଭାପତି କୃଷ୍ଣା ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ଡ. କୁଳମଣି ନାୟକ ଏବଂ ସମ୍ମାନିତ ଅତିଥି ଭାବେ ନାଲ୍‌କୋର କନିଷ୍ଠ ଅଧିକାରୀ ଶ୍ରୀକାନ୍ତ ସାହୁ, ଗାନ୍ଧୀ ଗ୍ରାମ ବିଶ୍ୱ ବିଦ୍ୟାଳୟ ମଦୁରାଇର ଗବେଷିକା ବେବି ଅପା ଓ ଅଧ୍ୟାପକ ପ୍ରସନ୍ନ କୁମାର ଦାସ ଯୋଗ ଦେଇଥିଲେ। ସଂଗ୍ରାମୀ ସାରଙ୍ଗଧର ଦାସ ୧୯୪୬ ପରଠାରୁ ଛାତ୍ରାବାସରେ ଅବସ୍ଥାନ କରୁଥିଲେ। ଗାନ୍ଧିଜୀଙ୍କ ପରାମର୍ଶକ୍ରମେ ଗଡ଼ଜାତ ପ୍ରଜା ଆନ୍ଦୋଳନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଛାତ୍ରାବାସ ପରିଚାଳକ କୈଳାସ ଚନ୍ଦ୍ର ସାହୁ, ଲିପିକା ମହାପାତ୍ର, ସରସ୍ୱତୀ ସ୍ୱାଇଁ, ଗୁଞ୍ଜରୀ ଅପା, ଶଙ୍କର ବେହେରା, କ୍ଷୀରୋଦ ବିଶ୍ୱାଳ, ନାରାୟଣ ମିଶ୍ର, ଲଳିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବଇଣ୍ଡା,୧୯।୧୦(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡା ଗ୍ରାମରେ ମଙ୍ଗଳବାର ରଞ୍ଜିତ ସାହୁଙ୍କୁ ସେହି ଗ୍ରାମର ବିଘ୍ନରାଜ ସାହୁ ଓ ତାଙ୍କ ଭାଇ ଅବିନ ସାହୁ ମାଡ଼ ମାରିଥିବା ଥାନାରେ ରଞ୍ଜିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୬୯/୨୧ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ବିଘ୍ନରାଜ ଓ ଅବିନ ସହଯୋଗୀଙ୍କ ସହ ମିଶି ମନ୍ଦିର ନିକଟରେ ତାସ ଖେଳୁଥିଲେ। ରଞ୍ଜିତ ବାରଣ କରିବାରୁ ୨ ଭାଇ ମିଶି ରଞ୍ଜିତଙ୍କୁ ମାଡ଼ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଥିବା ପୋଲିସ ପ୍ରକାଶ କରିଛି।

## ସଂକ୍ଷେପରେ

### ବଚସାରୁ ହତ୍ୟାକାଣ୍ଡ, ଜଣେ ଗିରଫ

**ଅନୁଗୋଳ ଅଫିସ,୧୯।୧୦:** ଅନୁଗୋଳ ସହର ରାଜକିଶୋରପଡ଼ାରେ ସୋମବାର ରାତିରେ ସାମାନ୍ୟ ବଚସାରୁ ପ୍ରସନ୍ନ କୁମାର ମହାନ୍ତି(୫୫)ଙ୍କୁ ହତ୍ୟା କରାଯାଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରଦୀପ ଶତପଥୀ(୩୮)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ପୋଲିସ କହିଛି, ରାଜକିଶୋରପଡ଼ାର ପ୍ରସନ୍ନ ଓ ପ୍ରଦୀପଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ପ୍ରଦୀପ ଉତ୍କ୍ଷିପ୍ତ ହୋଇ ପ୍ରସନ୍ନଙ୍କୁ ଠେଲି ଦେଇଥିଲେ। ପ୍ରସନ୍ନ ତଳେ ପଡ଼ିଯାଇ ଗୁରୁତର ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ପରିବାର ଲୋକେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ମଙ୍ଗଳବାର ପ୍ରଦୀପଙ୍କୁ ଗିରଫ କରିଛି।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ପରଜଙ୍ଗ, ୧୯।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବାଇଗିଣିଆ ଗ୍ରାମ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୁଆରି ବାରିକ। ମଙ୍ଗଳବାର ମଧ୍ୟାହ୍ନରେ ଦୁଆରି କଟାବନ୍ଧ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ପୋଖରୀ ହୁଡ଼ାରେ ତାଙ୍କ ଚପଲ ରଖାଯାଇଥିବା ଦେଖିବାକୁ ପାଇଥିଲେ। ସେ ପାଣିରେ ବୁଡ଼ିଯାଇଥିବା ସନ୍ଦେହ କରି ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଦମକଳବାହିନୀ କର୍ମଚାରୀ ପୋଖରୀରେ ଖୋଜାଖୋଜି କରି ମୃତଦେହ ଠାବ କରିଥିଲେ। ଶବ ବ୍ୟବଚ୍ଛେଦ ଲାଗି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

### ଠକେଇ ଅଭିଯୋଗରେ ଜଣେ ଗିରଫ

**ଅନୁଗୋଳ ଅଫିସ,୧୯।୧୦:** ଅନୁଗୋଳ ପୋଲିସ ଠକେଇ ଅଭିଯୋଗରେ ମଙ୍ଗଳବାର ବନ୍ତଲା ଥାନା ଧୋକୁଟା ଅଞ୍ଚଳର ରାଜକିଶୋର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ଏକ କମ୍ପାନୀରେ ଟଙ୍କା ରଖିଲେ ତାହା ବର୍ଷକରେ ଦୁଇଗୁଣ ହୋଇଯିବ ବୋଲି ଅନୁଗୋଳର ଜଣେ ମହିଳାଙ୍କୁ ରାଜକିଶୋର ଲୋଭ ଦେଖାଇଥିଲେ। ତାଙ୍କ କଥା ମାନି ସମ୍ପୃକ୍ତା ମହିଳା ୬ଲକ୍ଷ ୮୦ ହଜାର ଟଙ୍କା ଦେଇଥିଲେ। ପ୍ରଥମ ମାସରେ ରାଜକିଶୋର ସୁଧ ବାବଦକୁ ୪୦ ହଜାର ଟଙ୍କା ସମ୍ପୃକ୍ତା ମହିଳାଙ୍କୁ ପ୍ରଦାନ କରିଥିଲେ। ହେଲେ ଏହା ପରେ ରାଜକିଶୋର ଆଉ ଧରାଛୁଆଁ ନ ଦେବାରୁ ମହିଳା ଜଣଙ୍କ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତଦନ୍ତ କରି ରାଜକିଶୋରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

### ପରିବା ଚାରା ଉତ୍ପାଦନ ତାଲିମ





**ଢେଙ୍କାନାଳ ଅଫିସ, ୧୯।୧୦:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଏକଘରିଆ ଗ୍ରାମରେ ୧୦ଦିନିଆ ପରିବା ଚାଷ ଏବଂ ଚାରା ଉତ୍ପାଦନ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଅଧୀନ ୟୁକୋ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୦ଜଣ ମହିଳା ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଡିଓ ଦାଶରଥୀ ଜେନା, ଜିଲା ଲିଡ୍ ବ୍ୟାଙ୍କ ମ୍ୟାନେଜର ସନୋଜ କୁମାର ସିଂ, ଓଡ଼ାପଡ଼ା ୟୁକୋ ବ୍ୟାଙ୍କ ମ୍ୟାନେଜର ଶିବପ୍ରସାଦ ନାୟକ, ବିପିଏମ୍ ବବିତା ଜେନା, ଗ୍ରାମ ସଭାପତି ଭାଗୀରଥି ପରିଡ଼ା ଏବଂ ପ୍ରତିଷ୍ଠାନର ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ମହିଳାମାନେ ଦକ୍ଷତା ହାସଲ କରି ବ୍ୟାଙ୍କରୁ ଆର୍ଥିକ ସହାୟତା ନେଇ ଆତ୍ମନିର୍ଭର ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। କାଦମ୍ବରୀ ମହାକୁଡ, ସତ୍ୟମ ସୁନ୍ଦର ଦାଶ, ପ୍ରଶିକ୍ଷକ ଚିନ୍ମୟ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିନା ଭକ୍ତରେ ବିରାଜିଲେ

- ଗଣପର୍ବ ଲକ୍ଷ୍ମୀପୂଜା ଆରମ୍ଭ
- ୩୮ ପ୍ରତିଷ୍ଠାନରେ ଆବାହନ
- ଅଳଙ୍କାରରେ ଝଲସିଲେ ମା'
- ବେଦମନ୍ତ୍ରରେ କମ୍ପିଲା ମଣ୍ଡପ

**ମଣ୍ଡପ କମ୍ପୁଥିଲା ବେଦମନ୍ତ୍ରରେ। ପୂଜା ପ୍ରତିଷ୍ଠାନର ହାତଗଣତି କର୍ମକର୍ତ୍ତାଙ୍କୁ ନେଇ କୋଭିଡ୍ କଟକଣା ଭିତରେ ଚାଲିଥିଲା ଦେବୀଙ୍କ ଆବାହନ। ସମ୍ପୂର୍ଣ୍ଣ ନିରାଡ଼ମ୍ବର ପରିବେଶ ଏବଂ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ମଧ୍ୟରେ ଧରାବତରଣ କଲେ ଧନର ଦେବୀ ମା'ଲକ୍ଷ୍ମୀ। ଏଥିସହିତ ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା ଇତିହାସରେ ଯୋଡ଼ିହେଲା ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ।**



ମିନାବଜାର ପୂଜା ପ୍ରତିଷ୍ଠାନର ଚାନ୍ଦିମେଢ଼।

**ଢେଙ୍କାନାଳ ଅଫିସ, ୧୯।୧୦**

ଢେଙ୍କାନାଳର ଗଣପର୍ବ ତଥା ପ୍ରସିଦ୍ଧ ଲକ୍ଷ୍ମୀପୂଜା ମଙ୍ଗଳବାର ରାତିରୁ ଆରମ୍ଭ ହୋଇଛି। ପାରମ୍ପରିକ ନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଧରାପୃଷ୍ଠକୁ ଓହ୍ଲାଇଛନ୍ତି ମା'ଲକ୍ଷ୍ମୀ। ଚଳିତବର୍ଷ କରୋନା ଗାଇଡ୍‌ଲାଇନ୍ ଅନୁଯାୟୀ ୧୧ ଦିନାତ୍ମକ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ସାମିଲ ହୋଇଛନ୍ତି ୩୮ ପୂଜା ପ୍ରତିଷ୍ଠାନ।

ପୂର୍ବ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ଅନୁଯାୟୀ, ମଙ୍ଗଳବାର ରାତି ୮ଟା ୧୫ରୁ ଆରମ୍ଭ ହୋଇଛି ମା' ଲକ୍ଷ୍ମୀଙ୍କ ଆବାହନ। ସକାଳେ ପରମ୍ପରା ଅନୁଯାୟୀ ମହାବୀର ବଜାରର କର୍ମକର୍ତ୍ତା ବ୍ରାହ୍ମଣୀ ନଦୀରୁ କଳପୂର୍ଣ୍ଣ କଳସ ଶୋଭାଯାତ୍ରାରେ ନଗର ପରିକ୍ରମା କରି ମଣ୍ଡପରେ ପହଞ୍ଚିଥିଲେ। ସେହିପରି ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଅପରାହ୍ନରେ ବ୍ରାହ୍ମଣୀ ନଦୀରୁ ଜଳ କଳସ ଉଠାଯାଇଥିଲା। ଅନ୍ୟ ପୂଜା ମଣ୍ଡପ ନିଜ ସୁବିଧା ଅନୁଯାୟୀ ଜଳାଶୟରୁ ଜଳ ଆଣି ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଏହାପରେ ପୂଜା ଆରମ୍ଭ ହୋଇଥିଲା। ମନ୍ତ୍ରପାଠ ସାଙ୍ଗକୁ ଘଣ୍ଟ, ଶଙ୍ଖ ନାଦରେ ପୂଜା ମଣ୍ଡପ କମ୍ପି ଉଠିଛି। କରୋନା ସଂକ୍ରମଣ ଏଡ଼ାଇବା ଲାଗି ସର୍ବସାଧାରଣଙ୍କ ଦର୍ଶନ ବାରଣ ହୋଇଥିବାବେଳେ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରି ପରମ୍ପରାକୁ ପାଳନ କରୁଛନ୍ତି।

ଅନ୍ୟପଟେ ନିରାଡ଼ମ୍ବର ପୂଜା ମଧ୍ୟରେ ଆକର୍ଷଣ ସାଜିଛି ମା'ଙ୍କ ନିକଟରେ ଲାଗି ହୋଇଥିବା ସୁବର୍ଣ୍ଣ ଅଳଙ୍କାର ଏବଂ ଚାନ୍ଦିମେଢ଼। ମିନାବଜାର, ଲକ୍ଷ୍ମୀବଜାରରେ ସୁବର୍ଣ୍ଣ ମୁକୁଟ ମା'ଙ୍କ ଶୋଭା ବଢ଼ାଉଛି। ମିନାବଜାର, ଗଣେଶ ବଜାର, ଗୁଡିଆନାଳୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ଚାନ୍ଦିମେଢ଼ କରାଯାଇଛି। ଆସନ୍ତା ୨୯ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପରମ୍ପରାର ଏହି ଗଣପର୍ବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି କେ. ଶିବା ସୁବ୍ରମଣି, ମିଳିତବଜାର ଲକ୍ଷ୍ମୀପୂଜା କମିଟି ସଭାପତି ବିଶ୍ୱନାଥ ବେହେରା ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

#### ୯ ପ୍ଲାଟୁନ ଫୋର୍ସ ମୁତୟନ

ଲକ୍ଷ୍ମୀପୂଜାକୁ ଶୃଙ୍ଖଳିତ କରିବାକୁ ୯ ପ୍ଲାଟୁନ ଓଏସ୍ଏପି ଓ ଏପିଆର ଫୋର୍ସ ମୁତୟନ ହୋଇଛନ୍ତି। ଏସ୍‌ପି କେ. ଶିବା ସୁବ୍ରମଣିଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୯ ଇନ୍ସପେକ୍ଟର, ୫୯ ଏସ୍ଆଇ ଏବଂ ଏଏସ୍ଆଇ, ୧୫୦ ହୋମଗାର୍ଡ ନିୟୋଜିତ ଅଛନ୍ତି। ଭିଡ଼ ଏଡ଼ାଇବାକୁ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସହରରେ ୫ ପ୍ରବେଶ ସ୍ଥଳରେ ଅସ୍ଥାୟୀ ଫାଣ୍ଡି ପ୍ରତିଷ୍ଠା କରାଯାଇଛି। ଅସ୍ଥାୟୀ ଫାଣ୍ଡି ଦାୟିତ୍ୱରେ ଜଣେ ଲେଖାଏ ଇନ୍ସପେକ୍ଟର ରହିବେ ବୋଲି ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଜଳପୂର୍ଣ୍ଣ କଳସରେ ପାଣି ଅଣାଯାଉଛି।

### ଚୌରାଶୀ ମହାଲକ୍ଷ୍ମୀ ପୂଜା ଆରମ୍ଭ

**ମାଧପୁର,୧୯।୧୦(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ମାଧପୁର ବଜାରଠାରେ ମଙ୍ଗଳବାରଠାରୁ ଚୌରାଶୀ ମହାଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଅପରାହ୍ନରେ ଅଞ୍ଚଳର ଶତାଧିକ ମହିଳା ନିକଟସ୍ଥ କନ୍ଧପଡା ନାଳରୁ କଳସରେ ଜଳ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ଚଳିତବର୍ଷ କର୍ତ୍ତା ଭାବେ ମାଧବସେନ ପ୍ରଧାନ ପୂଜାରେ ବସିଥିବା ବେଳେ ବନମାଳୀ ପ୍ରହରାଜ ପୂଜାକାର୍ଯ୍ୟ ତୁଲାଉଥିବା ଜଣାପଡିଛି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏହା ନିରାଡ଼ମ୍ବରରେ ଚାଲିବ ବୋଲି କମିଟି ସମ୍ପାଦକ ଦୁଃଶାସନ ମେଣ୍ଢୁଲି ପ୍ରକାଶ କରିଛନ୍ତି। ସମସ୍ତ କାର୍ଯ୍ୟରେ ପୂଜା କମିଟି ସଦସ୍ୟଙ୍କ ସହିତ ଚୌରାଶୀ ଅଞ୍ଚଳବାସୀ ଏବଂ ବ୍ୟବସାୟୀମାନେ ସହଯୋଗ କରୁଛନ୍ତି।

### ଭାଜପା ସାଙ୍ଗଠନିକ ବୈଠକ

**ମାଧପୁର,୧୯।୧୦**

ଆଠମଲ୍ଲିକ ବ୍ଲକ ମନଯୋର ପ୍ରକଳ୍ପ ଠାରେ ସୋମବାର କମ୍ପସଲା ପଞ୍ଚାୟତ ଭାଜପା ତରଫରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ପ୍ରମୁଖ ଧନଞ୍ଜୟ ମହାଖୁଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମାଧପୁର ମଣ୍ଡଳ ସଭାପତି ଅଲେଖ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନର ରଣନୀତି ଉପରେ ବିଚାରବିମର୍ଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଧପୁର ମଣ୍ଡଳ ସାଧାରଣ ସମ୍ପାଦକ ପ୍ରକାଶ ସାହୁ, ଅନ୍ୟତମ ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ମହାନ୍ତି, ଉପସଭାପତି ସୁଶାନ୍ତ ଲୋଇ, ବୈଷ୍ଣବ ପ୍ରଧାନ, କୁନା ସାହୁ, ଲକ୍ଷ୍ମଣ ମହାଖୁଡ଼, ଶରତ ଦାସ, ଗୌର ସାହୁ, ପ୍ରସନ୍ନ ମହାଖୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ମାନିତ ହେଲେ ୨ ପ୍ରତିଭା




ଦୁଇ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

**ଭୁବନ, ୧୯।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ସୋମବାର ୨ ପ୍ରତିଭାବାନ ପୂର୍ବତନ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ବୈଜ୍ଞାନିକ ଡ. ଲିନାଶ୍ରୀ ଦଳବେହେରା ଏବଂ ଇଂ. ଦୀପ୍ତିଜ୍ୟୋତି ପଟ୍ଟନାୟକ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ରେ କାର୍ଯ୍ୟରତ ଲିନାଶ୍ରୀ ବିଲୁପ୍ତ ଡାଇନୋସରଙ୍କ ଉପରେ ଗବେଷଣା କରି ନୂତନ ଜୀବାଶ୍ମ ଆବିଷ୍କାର କରିଛନ୍ତି। ସେହିପରି ଏକ ବେସରକାରୀ ସଫ୍ଟୱେର କମ୍ପାନୀରେ କାର୍ଯ୍ୟରତ ଦୀପ୍ତିଜ୍ୟୋତି ମଡେଲିଂରେ କ୍ୟାରିୟର କରି ଜାତୀୟସ୍ତରରେ ପ୍ରଶଂସା ସାଉଁଟୁଛନ୍ତି। କଲେଜର ପୁରାତନ ଛାତ୍ରୀଛାତ୍ରଙ୍କ କୃତିତ୍ୱକୁ ନେଇ ନବାଗତଙ୍କ ମନରେ ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏଭଳି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜିତ କୁମାର ବେହେରା ସୂଚନା ଦେଇଛନ୍ତି। ପୁରାତନ ଛାତ୍ର ସଂସଦ ସଭାପତି ବିନୟ କୁମାର କଅଁର, ସୌମ୍ୟାଶ୍ରୀ ବେହେରା, ମୁଖ୍ୟ କିରାଣି କୈଳାସ ଚନ୍ଦ୍ର ବେହେରା, କର୍ମଚାରୀ ନନ୍ଦକିଶୋର ଧୀର ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଡ. ଶ୍ରାବଣୀ ଅଗ୍ନନା ଧନ୍ୟବାଦ ଅର୍ପଣ କରିଥିଲେ।

# କଂକ୍ରିଟ୍ ବେଞ୍ଚ, ଡଷ୍ଟବିନ୍ ପ୍ରଦାନ

**ଢେଙ୍କାନାଳ ଅଫିସ, ୧୯।୧୦**

ଢେଙ୍କାନାଳସ୍ଥିତ ଉତ୍କଳ ଆଜବେଷ୍ଟସ୍ ଲିମିଟେଡ୍ ପକ୍ଷରୁ କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଆନୁକୂଲ୍ୟରେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ୫୦ କଂକ୍ରିଟ୍ ବେଞ୍ଚ, ୨୪୦ଲିଟର ବିଶିଷ୍ଟ ଓ ୫୦ ଚକଲଗା ପିଭିସି ଡଷ୍ଟବିନ୍ ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର, ଚିକିତ୍ସାଳୟ ପରିଚାଳିକା ଅଲିଭା ଆଦ୍ୟାରଶ୍ମି ଆଚାର୍ଯ୍ୟ, କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଏନ୍. ପି. ସିହ୍ନା, ୱାର୍କସ୍ ମ୍ୟାନେଜର କ୍ଷୀରୋଦ ବେହେରା, ଚିକିତ୍ସାଳୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ସିଡିଏମ୍‌ଓ, କମ୍ପାନୀର ଅଧିକାରୀଙ୍କ ସମେତ ଅନ୍ୟମାନେ।

**QUOTATION/TENDER CALL NOTICE**

**JANATA COLLEGE, BOINDA**

Sealed Quotation/Tender are invited from interested parties / firms having TIN/PAN No./ Registration No., Valid GST and other relevant documents for supply of Book Racks to Janata College, Boinda, Dist.- Angul. Details of terms and conditions, description of item and other eligibility criteria are available in the website: www.janatacollegeboinda.org.

Sd./- Principal, Janata College, Boinda
Mob.: 9437331225

**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA**

At:Ichhapur, Post : Shree Baladevjew
Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**
**Bid Identification No. RWS/ 42 /2021-22**

No. O-837:- Letter No. 5014 / Dated. 11.10.2021

| | | | |
|---|---|---|---|
| 1 | The Executive Engineer, RWS&S Division, Kendrapara on behalf of Governor of Odisha invites urgent basis lump sum bid in single cover system in ONLINE MODE from eligible contractors for sinking of different 200 mm dia Production well for different Rural Piped Water Supply Schemes in Kendrapara District. | | |
| 2 | Name of the work | : | Sinking of 200 mm dia Production well through Mud Rotary Rig for different RPWS Schemes in Kendrapara district |
| 3 | No. of Work | : | 11 Nos. (Eleven) only |
| 4 | Value of the Work | : | Rs.5.91 Lakhs to Rs.6.30 Lakhs |
| 5 | Concerned tender inviting authority | : | Executive Engineer, RWS&S Division, Kendrapara |
| 6 | Cost of Bid documents (Rs.) (Online) | : | Rs.4000.00 |
| 7 | Class of Bidder | : | " D" and "C" |
| 8 | Period of Completion | : | 45 days |
| 9 | Availability of bid documents in the website | : | From date. 25.10.2021 at 10.00 A.M to date. 08.11.2021, 5.30 P.M. |
| 10 | Last Date & time of seeking tender clarification | : | Upto 03.11.2021 upto 5.30 P.M. |
| 11 | Date of oening of bid | : | 09.11.2021 at 11.00 A.M. |

The bidders have to participate in the tender through ONLINE bidding only. Further details can be had from the website i.e. http://tendersodisha.gov.in.
Subsequent corrigendum / addendum if required shall only be appeared in the above website.

Sd./- Executive Engineer, RWS&S Division, Kendrapara
OIPR-25004/11/0019/2122

# ଶ୍ରୀମନ୍ଦିର ପ୍ରଶାସନ ଜାଲ୍ ଚିଠିରେ ଜମି ହଡ଼ପ ମସୁଧା

### ବାଲେଶ୍ୱରର ସୋର ତହସିଲ ଅଫିସ୍‌ରେ ହୋଇଛି ଜାଲିଆତି

**ପୁରୀ ଅଫିସ,୧୯।୧୦**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିକୁ ଜାଲିଆତି କରାଯାଇ ବ୍ୟକ୍ତିଗତ ସମ୍ପତ୍ତିରେ ପରିଣତ କରିବା ପାଇଁ ମସୁଧା ହୋଇଛି। ଜମି ହାତେଇବା ପାଇଁ ଦଲାଲମାନେ ଶ୍ରୀମନ୍ଦିର ପ୍ରଶାସନର ଦସ୍ତାବିଜ ଓ ସୁପ୍ରିମକୋର୍ଟ ରାୟକୁ ମଧ୍ୟ ଜାଲ୍ କରିବାକୁ ପଛାଇନାହାନ୍ତି। ଏଭଳି ଘଟଣା ବାଲେଶ୍ୱର ଜିଲାର ସୋର ତହସିଲ ଅଞ୍ଚଳରେ ଘଟିଛି। ତେବେ ସୋର ତହସିଲଦାର ସନ୍ଦେହ ପ୍ରକାଶ କରି ଏ ନେଇ ସୋମବାର ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇବା ପରେ କେଳେଙ୍କାରୀ ଉପରୁ ପରଦା ହଟିଛି।

ଅଭିଯୋଗ ଅନୁଯାୟୀ, ବାଲେଶ୍ୱର ସୋର ଅଞ୍ଚଳର ରାୟପୁର, ଶିରାପୁର ଓ ବରହମ୍‌ପୁରର ରେକର୍ଡ ସଂଶୋଧନ କରି ନିଜ ନାମରେ ସ୍ଥିତିବାନ ସମ୍ପତ୍ତି କରିବା ପାଇଁ ନକଲି ଦସ୍ତାବିଜ୍ ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିର ପ୍ରଶାସନର ଲେଟରପ୍ୟାଡ୍‌ରେ ସୋର ତହସିଲଦାରଙ୍କୁ ଚିଠି ଲେଖାଯାଇଥିଲା। ଚିଠିର ନକଲ ଜିଲାପାଳ ଓ ଉପଜିଲାପାଳଙ୍କୁ ପଠାଯାଇଛି। ଚିଠିରେ ଉଲ୍ଲେଖ ରହିଛି ଯେ, ସୁପ୍ରିମକୋର୍ଟଙ୍କ ଚୂଡ଼ାନ୍ତ ଆଦେଶ ନଂ. ୭୭୩୨/୦୯ ତାରିଖ ୧୮.୧୨.୨୦୧୫ ଓ ପରିଚାଳନା କମିଟିର ନିର୍ଦ୍ଦେଶ କ୍ରମେ ସଂପୃକ୍ତ ରୟତଙ୍କ ଦଖଲ ନିୟମିତ ରାଜଭାଗ ଆଦାୟ ଆଧାରକୁ ଭିତ୍ତିକରି ଏଥିସହ ସଂଲଗ୍ନ ମତେ ପ୍ରଜାଙ୍କ ନାମରେ ସ୍ଥିତିବାନ ସତ୍ତ୍ୱରେ ରେକର୍ଡ କରାଗଲା। ଏଣୁ ଉକ୍ତ ଖାତା ଓ ପ୍ଲଟ୍‌ଗୁଡ଼ିକ ନିମ୍ନ ତଫସିଲଭୁକ୍ତ ପ୍ରଜାଙ୍କ ନାମ ସ୍ଥିତିବାନ ସତ୍ତ୍ୱରେ ରେକର୍ଡ କରିବାକୁ ଅନୁରୋଧ। ତେବେ ଏ ନେଇ ସୋର ତହସିଲଦାରଙ୍କ ସନ୍ଦେହ ହେବାରୁ ଗତ ୧୬ତାରିଖରେ ସେ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଥିଲେ। ଏହାପରେ ସୋମବାର ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏଭଳି କୌଣସି ଚିଠି ପ୍ରସ୍ତୁତ ହୋଇ ନ ଥିବା ସ୍ପଷ୍ଟ କରାଯାଇଛି। ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, କୌଣସି ଅସାଧୁ ଗୋଷ୍ଠୀ ଏଭଳି କାର୍ଯ୍ୟ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଭଳି ଚିଠି ହୋଇନାହିଁ। ଶ୍ରୀମନ୍ଦିର ପ୍ରଶାସକଙ୍କ ଦସ୍ତଖତର ନକଲ କରି ତହସିଲଦାରଙ୍କୁ ଚିଠି କରାଯାଇଛି। ଏହି ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ହେବ।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ନକଲି ଚିଠି କିଭଳି ଭାବେ ପ୍ରସ୍ତୁତ ହେଲା, ଏଥିରେ ଶ୍ରୀମନ୍ଦିର କର୍ମଚାରୀଙ୍କ ସଂପୃକ୍ତି ଅଛି କି ନାହିଁ ଆଦି ନାନା ପ୍ରଶ୍ନ ଉଙ୍କି ମାରିଛି। ଦଇତାପତି ନିଯୋଗ ସଭାପତି ରବିନ୍ଦ୍ର ଦାସ ମହାପାତ୍ର କହିଛନ୍ତି, ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର। ଉଲ୍ଲେଖଯୋଗ୍ୟ, ମହାପ୍ରଭୁଙ୍କ ନାମରେ ରାଜ୍ୟ ଓ ରାଜ୍ୟ ବାହାରରେ ମୋଟ୍ ୫୦ ହଜାର ଏକରରୁ ଊର୍ଦ୍ଧ୍ୱ ଜମି ରହିଛି। ରେକର୍ଡ ସଂଶୋଧନ ହୋଇ ନ ପାରିବାରୁ ଏହା ଉପରେ ଜମି ମାଫିଆ ଓ ଦଲାଲଙ୍କ ନଜର ରହୁଛି।



#### ୨ଜଣଙ୍କ ନାମରେ ଅଭିଯୋଗ କଲେ ତହସିଲଦାର

ସୋର, ୧୯।୧୦(ଡି.ଏନ୍.ଏ.)-ସୋର ମ୍ୟୁନିସିପାଲିଟି ଅଧୀନ ରାଇପୁର ମୌଜାରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ଜାଲିଆତି ମାମଲାରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କ ନାମରେ ତହସିଲଦାର ଡ. ଅଶୋକ କୁମାର ଦାସ ମଙ୍ଗଳବାର ସୋର ଥାନାରେ ଅଭିଯୋଗ କରିଛନ୍ତି। ସୋରର କେତେଜଣ ଲୋକ ଜଗନ୍ନାଥଙ୍କ ଜମି ରେକର୍ଡରେ ଜାଲିଆତି କରି କ୍ରୟ କରିବା ପରେ ନିଜ ନିଜ ନାମରେ ରେକର୍ଡଭୁକ୍ତ କରାଇବାକୁ ଜାଲ୍ କୋର୍ଟ ଆଦେଶ ଓ ଜଗନ୍ନାଥ ଟ୍ରଷ୍ଟ ବୋର୍ଡ ପରମିଶନ ସହିତ ସୋର ତହସିଲରେ ଆବେଦନ କରିଥିଲେ। ଏହି ଜମି ରେକର୍ଡଭୁକ୍ତ କରିବାକୁ ଦାଖଲ ହୋଇଥିବା କାଗଜପତ୍ର ଯାଞ୍ଚ ବେଳେ କୋର୍ଟ ଆଦେଶ ଓ ଟ୍ରଷ୍ଟବୋର୍ଡ ପରମିଶନ୍ ନେଇ ଡ. ଦାସଙ୍କ ସନ୍ଦେହ ହୋଇଥିଲା। ଏନେଇ ଡ. ଦାସ ପୁରୀ ଟ୍ରଷ୍ଟବୋର୍ଡ ସହ ଯୋଗାଯୋଗ କରିବା ପରେ ଦାଖଲ ପରମିଶନ୍ ଓ କୋର୍ଟ ଆଦେଶ ଜାଲ୍ ଥିବା ଜଣାପଡିଥିଲା। ଏଥିରେ ସଂପୃକ୍ତ ଦୁଇ ଅବସରପ୍ରାପ୍ତ ଅମୀନ ଚିତ୍ତରଞ୍ଜନ ପାଣିଗ୍ରାହୀ ଓ ରବିନାରାୟଣ ଦାସଙ୍କ ନାମରେ ଡ. ଦାସ ଲିଖିତ ଅଭିଯୋଗ କରିଛନ୍ତି। ପରେ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡ. ଦାସ କହିଛନ୍ତି।

NATION TAX MARKET
COMMISSIONERATE OF CT & GST (Under Finance Department; GOVERNMENT OF ODISHA)

No. S-18

**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ!**

**ବିଳମ୍ବିତ GSTR-3B ଦାଖଲ କରିବା ନିମିତ୍ତ ସର୍ବକ୍ଷମା ଯୋଜନାର ଶେଷ ତାରିଖ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

- ବିଜ୍ଞପ୍ତି ସଂଖ୍ୟା ୧୯/୨୦୨୧, ତାରିଖ ୧ ଜୁନ ୨୦୨୧ ଅନୁଯାୟୀ ଜୁଲାଇ ୨୦୧୭ରୁ ଏପ୍ରିଲ ୨୦୨୧ ମଧ୍ୟରେ ବକେୟା ଥିବା ସମସ୍ତ GSTR-3B ରିଟର୍ଣ୍ଣଗୁଡ଼ିକୁ ୧ ଜୁନ ୨୦୨୧ରୁ ୩୧ ଅଗଷ୍ଟ ୨୦୨୧ ମଧ୍ୟରେ ଦାଖଲ କଲେ ବିଳମ୍ବ ଶୁଳ୍କ ହ୍ରାସ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା ।
- ବର୍ତ୍ତମାନ ସରକାର ଉପରୋକ୍ତ ରିଟର୍ଣ୍ଣଗୁଡ଼ିକୁ ଦାଖଲ କରିବାର ଶେଷ ତାରିଖକୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ବିଜ୍ଞପ୍ତି ସଂଖ୍ୟା ୩୩/୨୦୨୧, ତାରିଖ ୨୯ ଅଗଷ୍ଟ ୨୦୨୧ ଦ୍ରଷ୍ଟବ୍ୟ) ।
- ଉପରୋକ୍ତ Tax period ମାନଙ୍କ ପାଇଁ ଯେଉଁ ଟିକସଦାତାମାନେ ସେମାନଙ୍କ GSTR-3B ଦାଖଲ କରିନାହାନ୍ତି, ସେମାନେ ନିଜର ବକେୟା ରିଟର୍ଣ୍ଣଗୁଡ଼ିକୁ ୩୦ ନଭେମ୍ବର ୨୦୨୧ ପୂର୍ବରୁ ଦାଖଲ କରି ଏହି ଏକକାଳୀନ ସର୍ବକ୍ଷମା ଯୋଜନାର ଲାଭ ଉଠାଇପାରିବେ ।

Help Desk: 1800-345-6753 (Toll Free)
email: ctdho@odishatax.gov.in

ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ
ଓଡ଼ିଶା ସରକାର, କଟକ
OIPR-05006/11/0005/2122

## ସଂକ୍ଷେପରେ

### ଛାତ୍ରୀଙ୍କୁ ମେସେଜ୍ କରିବା ନେଇ ଅଭିଯୋଗ
#### ଚାକିରି ଛାଡ଼ି ପଳାଇଲେ ଅଧାପକ

**କେନ୍ଦୁଝର, ୧୯।୧୦(ସ୍ୱ.ପ୍ର.):** କେନ୍ଦୁଝରସ୍ଥିତ ଏକ କଲେଜରେ ଛାତ୍ରୀଙ୍କୁ ମେସେଜ୍ କରି ଜଣେ ଅତିଥି ଅଧାପକଙ୍କୁ ଚାକିରି ହରାଇବାକୁ ପଡ଼ିଛି। ଏନେଇ ଛାତ୍ରୀଙ୍କ ପରିବାର ଲୋକ ଅଧକ୍ଷଙ୍କ ନିକଟରେ ଅଭିଯୋଗ କରିବା ପରେ ଉକ୍ତ ଅଧାପକ ଚାକିରି ଛାଡ଼ି ପଳାଇଥିବା କୁହାଯାଇଛି। ଏହି ଘଟଣାକୁ ନେଇ କେତେକ ଛାତ୍ର ଉକ୍ତ ଅଧାପକଙ୍କୁ ମାଡ ମାରିଥିବା ମଧ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଉକ୍ତ ଅଧାପକ ଛାତ୍ରୀଙ୍କୁ ବାରମ୍ବାର ମେସେଜ୍ କରୁଥିବାରୁ ତାଙ୍କ ବାପା ମଙ୍ଗଳବାର ଅତିଷ୍ଠ ହୋଇ ଅଭିଯୋଗ କରିଥିଲେ।

### ପ୍ରଶାନ୍ତି ଓ ହାଓଡା ସ୍ପେଶାଲର ସମୟ ପରିବର୍ତ୍ତନ

**ଭୁବନେଶ୍ୱର, ୧୯।୧୦:** ରେଳଯାତ୍ରୀମାନଙ୍କ ସୁବିଧା ପାଇଁ ବାଙ୍ଗାଲୋର ପୂର୍ବ ଏବଂ ବାଙ୍ଗାଲୋର କ୍ୟାଣ୍ଟ ଷ୍ଟେଶନରେ ପ୍ରଶାନ୍ତି ସ୍ପେଶାଲ ଟ୍ରେନ୍‌ର ସମୟକୁ ସଂଶୋଧନ କରିବା ଏବଂ ଅସ୍ଥାୟୀ ଭାବରେ କୃଷ୍ଣରାଜପୁରମ୍ ଷ୍ଟେଶନଠାରେ ହାଓଡା-ଯଶୋବନ୍ତପୁର ସ୍ପେଶାଲର ଅତିରିକ୍ତ ରହଣି ପାଇଁ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱରରୁ ୨୦ ଅକ୍ଟୋବରଠାରୁ ଛାଡୁଥିବା ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ସ୍ପେଶାଲ ବାଙ୍ଗାଲୋର ପୂର୍ବ ଷ୍ଟେଶନଠାରେ ଏହାର ପୂର୍ବ ନିର୍ଦ୍ଧାରିତ ସମୟ ସାରଣୀ ବଦଳରେ ପୂର୍ବାହ୍ନ ୧୦ଘ.୪୫ମି.ରେ ପହଞ୍ଚି ପୂର୍ବାହ୍ନ ୧୦ଘ.୪୬ମି.ରେ ଛାଡ଼ିବ ବୋଲି ଜଣାପଡ଼ିଛି। ସେହିଭଳି ଏହି ଟ୍ରେନ ବାଙ୍ଗାଲୋର କ୍ୟାଣ୍ଟରେ ଏହାର ପୂର୍ବ ସମୟ ସାରଣୀ ବଦଳରେ ପୂର୍ବାହ୍ନ ୧୦ଘ.୫୧ମି.ରେ ପହଞ୍ଚି ପୂର୍ବାହ୍ନ ୧୦ଘ.୫୨ମି.ରେ ବାଙ୍ଗାଲୋର ମୁଖ୍ୟ ଷ୍ଟେଶନକୁ ଯାତ୍ରା କରିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହା ବ୍ୟତୀତ ୧୯ ଅକ୍ଟୋବରରୁ ୧୫ ଫେବୃୟାରୀ ୨୦୨୨ ମଧ୍ୟରେ ହାଓଡାରୁ ଛାଡୁଥିବା ହାଓଡା-ଯଶୋବନ୍ତପୁର ସ୍ପେଶାଲ କୃଷ୍ଣରାଜପୁରରେ ସନ୍ଧ୍ୟା ୭ଘଟିକାରେ ପହଞ୍ଚି ସନ୍ଧ୍ୟା ୭ଘ.୦୧ମି.ରେ ଯଶୋବନ୍ତପୁରକୁ ଯାତ୍ରା କରିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

### ଜ୍ୟୋତିଭୂଷଣ ପାଇବେ ଅତି ଉତ୍କୃଷ୍ଟ ସେବା ପଦକ

**ଆଳି, ୧୯।୧୦(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତର ବେଡ୍ତା ଗ୍ରାମର ଜ୍ୟୋତିଭୂଷଣ ମହାପାତ୍ର ନିଜର ନିଷ୍ଠାପର କାର୍ଯ୍ୟ ପାଇଁ ଅତି ଉତ୍କୃଷ୍ଟ ସେବା ପଦକ ପାଇବାକୁ ମନୋନୀତ ହୋଇଛନ୍ତି। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଉତ୍କୃଷ୍ଟ ସେବା ନିମନ୍ତେ ପ୍ରଦାନ କରାଯାଉଥିବା ଏହି ସମ୍ମାନ ପାଇବାକୁ ମହାପାତ୍ର ୨୦୧୮-୧୯ ବର୍ଷ ପାଇଁ ମନୋନୀତ ହୋଇଥିବା ଜଣାପଡ଼ିଛି। ୧୯୯୪ରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳରେ ଯୋଗ ଦେଇଥିବା ଜ୍ୟୋତିଭୂଷଣ ବର୍ତ୍ତମାନ କଟକ ମୁଣ୍ଡୁଳୀଠାରେ ହାବିଲଦାର ଭାବେ କାର୍ଯ୍ୟରତ ଅଛନ୍ତି। ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ କଲାମ ଓ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁରକ୍ଷା ଟିମ୍‌ରେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରି ଆସିଛନ୍ତି। ଏହି ଖବର ଜଣାପଡ଼ିବା ପରେ ବେଡ୍ତା ଗ୍ରାମ ସମେତ ଆଳି ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଛି।

### ଯୁବକ ନିଖୋଜ : ହତ୍ୟା ସନ୍ଦେହ

**ଜଗତ୍‌ସିଂହପୁର ଅଫିସ୍, ୧୯।୧୦:** ଜଗତ୍‌ସିଂହପୁର ଜିଲା ମାର୍କଣ୍ଡପୁର ବଡ଼ବାଗ ଗ୍ରାମର ରାମଚନ୍ଦ୍ର ସାହୁ ୩ ଦିନହେବ ନିଖୋଜ ହୋଇଯାଇଛନ୍ତି। ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରି ନିରାଶ ହେବା ପରେ ମା'ସାବିତ୍ରୀ ଜଗତ୍‌ସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ତନାଘନା ଆରମ୍ଭ କରିଛି। ରାମଚନ୍ଦ୍ର ଅନ୍ୟ ସାଙ୍ଗମାନଙ୍କ ସହ ଜଣଙ୍କ ଘରେ ଭୋଜି କରିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୋଲିସ ୨ ଜଣ ପୁରୁଷ ଓ ଜଣେ ମହିଳାଙ୍କୁ ଅଟକ ରଖି ପଚରଉଚରା କରୁଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ କିଛି ତଥ୍ୟ ହସ୍ତଗତ ହୋଇଛି ବୋଲି ପୋଲିସ କହିଥିବାବେଳେ ଗଣମାଧ୍ୟମକୁ ସ୍ପଷ୍ଟ ସୂଚନା ଦେଇନାହିଁ। ବୁଧବାର ନିଖୋଜ ଘଟଣାର ପର୍ଦ୍ଦାଫାଶ ହେବ ବୋଲି କୁହାଯାଉଛି।

# ଆଉ ଜଣେ ଅଭିଯୁକ୍ତ ଗିରଫ

**ଏନ୍‌ଏଚ୍‌ଏମ୍ ପୋର୍ଟାଲ ହ୍ୟାକ କରି ୫.୧ କୋଟି ଠକେଇ ମାମଲା**

- ଇ-ଚେକ୍‌ରେ ଟଙ୍କା ଟ୍ରାନ୍ସଫର୍ କରିଥିଲେ
- ସିଡିଏମ୍‌ଓ, ଏଡିଏମ୍‌ଓଙ୍କ ନକଲି ଷ୍ଟାମ୍ପ ଲଗାଇଥିଲେ


ଗିରଫ ଅଭିଯୁକ୍ତ ସମୀର କୁମାର ପତି

**ଭୁବନେଶ୍ୱର/ସୋନପୁର, (ବ୍ୟୁରୋ/ନି.ପ୍ର.) ୧୯।୧୦**

ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ପୋର୍ଟାଲ ହ୍ୟାକ୍‌କରି ଇ-ଚେକ୍ ଜରିଆରେ ୫.୧ କୋଟି ଠକେଇ ମାମଲାରେ ଆଉ ଜଣେ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଭୁବନେଶ୍ୱରରୁ ଗିରଫ କରିଛି। ସେ ହେଲେ ଭୁବନେଶ୍ୱରର ଅବିନାଶ କୁମାର ପ୍ରଧାନ। ତାଙ୍କୁ ମଙ୍ଗଳବାର ସୋନପୁର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗତ ଏପ୍ରିଲରେ ଏହି ଘଟଣାରେ ସମୀର କୁମାର ପତି ଏବଂ ମେ'ରେ ମୁଖ୍ୟ ଅଭିଯୁକ୍ତ ରାଜକିଶୋର ନାୟକ ଓ ସହଯୋଗୀ ଅନନ୍ତ ନାରାୟଣଙ୍କୁ ଗିରଫ କରାଯାଇଥିଲା। ଏଯାବତ୍ ଅଭିଯୁକ୍ତମାନଙ୍କଠାରୁ ୩କୋଟି ୩୦ ଲକ୍ଷ ଟଙ୍କା ଜବତ ହୋଇସାରିଛି। ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବାରୁ ଇଓଡବ୍ଲ୍ୟୁ ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ରାଜକିଶୋର ୨୦୧୬ରୁ ୨୦୨୦ ମସିହା ପର୍ଯ୍ୟନ୍ତ ସୋନପୁର ଏନ୍‌ଏଚ୍‌ଏମ୍‌ରେ ଅସ୍ଥାୟୀ ଭିତ୍ତିରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରିଥିଲେ। ପରେ ୨୦୨୧ ଡିସେମ୍ବରରୁ କଟକ ଓଲଟପୁରର ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରିହାବିଲିଟେଶନ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ଚାକିରି କରୁଥିଲେ। ଗତ ମାର୍ଚ୍ଚରେ ରାଜକିଶୋର, ଅନନ୍ତ, ଅବିନାଶ ଏବଂ ଅନ୍ୟ କେତେଜଣଙ୍କ ସହ ମିଶି ନୂଆ କୌଶଳରେ ଟଙ୍କା ହଡ଼ପ ପାଇଁ ଯୋଜନା କରିଥିଲେ। ସେମାନେ ଏନ୍‌ଏଚ୍‌ଏମ୍ ପୋର୍ଟାଲକୁ ଅନଧିକୃତ ଭାବେ ହ୍ୟାକ୍ କରି ୫ କୋଟି ୧ ଲକ୍ଷ ୫୦ ହଜାର ଟଙ୍କାର ଏକ ଇ-ଚେକ୍ କରିଥିଲେ। ଏହାପରେ ଅଭିଯୁକ୍ତମାନେ ସୋନପୁର ସିଡିଏମ୍‌ଓ ଏବଂ ଏଡିଏମ୍‌ଓଙ୍କ ନକଲି ଷ୍ଟାମ୍ପ ତିଆରି କରି ତାକୁ ଚେକ୍‌ରେ ବ୍ୟବହାର କରି ସୋନପୁର ଏସ୍‌ବିଆଇ ବ୍ୟାଙ୍କରେ କ୍ଲିୟରାନ୍ସ କରିଥିଲେ। ଏପ୍ରିଲ ୭ରେ ଏମ୍/ଏସ୍ ନାଚୁରାଲ୍ସ ନାମରେ ଥିବା ଆକାଉଣ୍ଟକୁ ଉକ୍ତ ଟଙ୍କା ଟ୍ରାନ୍ସଫର ହୋଇଥିଲା। ଏମ୍/ଏସ୍ ନାଚୁରାଲ୍ସ ଆକାଉଣ୍ଟରୁ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ପର୍ଯ୍ୟାୟକ୍ରମେ ଟଙ୍କା ଯାଇଥିଲା। ତେବେ ଠକେଇ ବାବଦରେ ଜଣାପଡିବା ପରେ ସୋନପୁର ସିଡିଏମ୍‌ଓ ମେ ୧ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଏକ କେସ୍ (ନଂ-୮/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମେ ୫ରେ ଏମ୍/ଏସ୍ ନାଚୁରାଲ୍ସର କର୍ମଚାରୀ ସମୀରଙ୍କୁ ଗିରଫ କରାଯାଇଥିଲା।

## ଯୌତୁକ ଦାବିକରି ସ୍ତ୍ରୀଙ୍କ ଚୁଟି କାଟିଦେଲେ

**ଥାନା ଦ୍ୱାରସ୍ଥ ହେଲେ ସ୍ତ୍ରୀ**

**ମାଲକାନଗିରି, ୧୯।୧୦(ଡି.ଏନ୍.ଏ.)**

ଯୌତୁକ ଦାବିକରି ଜଣେ ବ୍ୟକ୍ତି ସ୍ତ୍ରୀଙ୍କ ଚୁଟି କାଟି ଦେଇଛନ୍ତି। ଏମିତିକି ପୁରୁଷ ପୋଷାକ ପିନ୍ଧିବାକୁ ବାଧ କରିବା ସହ ତାଙ୍କୁ ରାସ୍ତାରେ ବାଇକ୍‌ରୁ ତଳକୁ ଠେଲିଦେଇ ଚାଲିଯାଇଥିବା ଅଭିଯୋଗ ହୋଇଛି। ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ପିଭି-୨୨ ଗ୍ରାମରୁ ଆସିଛି ଏଭଳି ଖବର।

ସୂଚନା ଅନୁଯାୟୀ, ଗାଁର ସମରେଶ ମଣ୍ଡଳ ମାଲକାନଗିରି ପୌରାଞ୍ଚଳ ଏମ୍‌ଭି-୪୨ ଗ୍ରାମର ଜୟଦେବ ମଣ୍ଡଳଙ୍କ ଝିଅ ଜୟମାଳାଙ୍କୁ ୪ ମାସ ତଳେ ବିବାହ କରିଥିଲେ। ବିବାହର ୨ ମାସ ପରେ ସମରେଶ ସ୍ତ୍ରୀ ଆଣିଥିବା ସମସ୍ତ ଆସବାବପତ୍ର ଭଲ ନ ଥିବା କହି ବିଭିନ୍ନ ସମୟରେ ଗାଳିଗୁଲଜ କରିବା ସହ ମାରପିଟ କରୁଥିଲେ। ସୋମବାର ରାତିରେ ଏହାକୁ ନେଇ ସେ ପୁଣି ଜୟମାଳାଙ୍କ ସହ ଗଣ୍ଡଗୋଳ କରିବା ସହ ତାଙ୍କ ଚୁଟି କାଟିଦେଇଥିଲେ। ପରେ ପୁରୁଷ ପୋଷାକ ପିନ୍ଧିବାକୁ ବାଧକରି ବାଇକ୍‌ରେ ବସାଇ ନେଇଥିଲେ। ଏମ୍‌ଭି-୧୯ ଗ୍ରାମ ନିକଟରେ ସ୍ତ୍ରୀଙ୍କୁ ବାଇକରୁ ଠେଲିଦେଇ ଚାଲିଯାଇଥିଲେ। ମଙ୍ଗଳବାର ସକାଳେ ଜୟମାଳାଙ୍କ ବାପା ଏ ନେଇ ଖବର ପାଇବା ପରେ ଝିଅକୁ ଉଦ୍ଧାରକରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଜୟମାଳା ନିଜେ ସ୍ୱାମୀଙ୍କ ବିରୋଧରେ ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ୪୮୨/୨୧ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ୨୩ରେ ପାଳନ ହେବ ଅନ୍ତର୍ଜାତୀୟ ମୋଲ ଦିବସ

**କଟକ ଅଫିସ, ୧୯।୧୦**

'ଦି ୟୁରାନିୟମ୍' ସଙ୍ଗଠନ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ଆସନ୍ତା ୨୩ ତାରିଖ ସକାଳ ୬.୦୨ରୁ ସନ୍ଧ୍ୟା ୬.୦୨ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ମୋଲ ଦିବସ ପାଳନ କରାଯିବ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶାର ନିମ୍ନ ଓ ଉଚ୍ଚ ମାଧ୍ୟମିକ ସମସ୍ତ ଓଡ଼ିଆ ଏବଂ ଇଂଲିଶ ମିଡିୟମ ସ୍କୁଲର ଛାତ୍ରୀଛାତ୍ରମାନେ ଭାଗନେଇପାରିବେ। ଏ ସମ୍ପର୍କରେ ସବିଶେଷ ବିବରଣୀ www.theuranium.org ୱେବ୍‌ସାଇଟ୍‌ରୁ ମିଳିପାରିବ। ବିଜ୍ଞାନରେ 'ମୋଲ' ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୋଲ ହେଲା ରାସାୟନିକ ଏକକ, ଯାହାର ମାନ $୬.୦୨ \times ୧୦^{୨୩}$। ମୋଲ ତତ୍ତ୍ୱ ଜଟିଳ ହେଲେ ମଧ ବିଜ୍ଞାନ ପାଇଁ ଅତ୍ୟନ୍ତ ଉପାଦେୟ। ସରଳ ଉପାୟରେ ପିଲାଙ୍କୁ ବୁଝାଗଲେ ତାହା ବୋଧଗମ୍ୟ ହୋଇଥାଏ। ଗତ ଦୁଇ ଦଶନ୍ଧି ଧରି ଅକ୍ଟୋବର ୨୩ ତାରିଖରେ ବିଶ୍ୱର ବହୁ ସ୍କୁଲରେ ମୋଲ ଦିବସ ଏକ ଉତ୍ସବ ଭାବେ ପାଳନ କରାଯାଉଛି। ଭାରତ ଓ ଓଡ଼ିଶା ପାଇଁ ଏହା ନୂଆ। ଓଡ଼ିଶାର ପିଲାଙ୍କ ପାଇଁ ଅନ୍‌ଲାଇନ୍‌ରେ ଏହି ଉତ୍ସବ ପାଳନ କରି ସେମାନଙ୍କୁ ଉପକୃତ କରାଯାଇପାରିବ ବୋଲି ସଙ୍ଗଠନର ମୁଖ୍ୟ ତଥା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ପୂର୍ବତନ ଅଧାପକ ସୁଧାଂଶୁ ତ୍ରିପାଠୀ ସୋମବାର ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି ।

## ମାଆ ହେବେ ସିମ୍ପାଞ୍ଜି ରାଖୀ, ବାଘୁଣୀ ମୌସୁମୀ




**ବାରଙ୍ଗ, ୧୯।୧୦(ଡି.ଏନ୍.ଏ.)**

ନନ୍ଦନକାନନରେ ପର୍ଯ୍ୟଟକଙ୍କ ପାଇଁ ବିଶେଷଭାବେ ଆକର୍ଷକ ସାଜିଥିବା ଧଳାବାଘ ଓ ସିମ୍ପାଞ୍ଜି ପରିବାରରେ ନୂଆ ସଦସ୍ୟ ଆସିବାକୁ ଯାଉଛି। ପ୍ରଥମକରି ମା' ହେବ ସିମ୍ପାଞ୍ଜି ରାଖୀ। ଏଥିପାଇଁ ଦାୟିତ୍ୱରେ ଥିବା କର୍ମଚାରୀ କେଦାର ପାତ୍ର ସ୍ୱତନ୍ତ୍ର ଭାବେ ରାଖୀ ଉପରେ ଦୃଷ୍ଟି ଦେବା ସହ ସମସ୍ତଙ୍କଠାରୁ ଅଲଗା କରି ତାକୁ ରଖାଯାଇଛି। ଆସନ୍ତା ଡିସେମ୍ବର ଶେଷ କିମ୍ବା ଜାନୁୟାରୀ ପ୍ରଥମ ସପ୍ତାହରେ ରାଖୀ ମା ହେବ ବୋଲି ନନ୍ଦନକାନନ ଡାକ୍ତର ଆକଳନ କରିଛନ୍ତି। ଆସିବାକୁ ଥିବା ଏହି ନୂଆ ସଦସ୍ୟ ନୂଆବର୍ଷରେ ପର୍ଯ୍ୟଟକଙ୍କ ପାଇଁ ନୂଆ ଉତ୍ସାହ ସାଜିବ।

୬୦ଏ ନଂ. ଏନକ୍ଲୋଜରରେ ରହୁଛନ୍ତି ସିମ୍ପାଞ୍ଜି ଜୁଲୁ ଓ ପାମ୍ପେଟାଙ୍କ ପରିବାର। ୧୯୯୪ ମସିହାରେ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ସିଙ୍ଗାପୁରରୁ ଆସି ପର୍ଯ୍ୟାୟକ୍ରମେ ଏମାନଙ୍କ ସଂଖ୍ୟା ବଢି ୭ରେ ପହଞ୍ଚିଛି। ଏମାନଙ୍କ ଦ୍ୱିତୀୟ ସନ୍ତାନ ହେଉଛି ପୂର୍ଣ୍ଣିମା। ଯିଏକି ୨୦୦୧ ଜୁନ ୯ରେ ଜନ୍ମଗ୍ରହଣ କରିଥିଲା। ପୁଣି ଜୁଲୁ ଓ ପୂର୍ଣ୍ଣିମା ଔରସରୁ ୨୦୧୧ ଅଗଷ୍ଟ ୧୨ ଗହ୍ମା ପୂର୍ଣ୍ଣିମାରେ ରାଖୀ ଜନ୍ମ ହୋଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଜୁଲୁ ସହ ମିଳନ ଘଟି ରାଖୀ ଏବେ ମା ହେବାକୁ ଯାଉଛି। ୬ମାସର ଗର୍ଭବତୀ ଥିବା ରାଖୀ ପ୍ରଥମ ଗର୍ଭସ୍ଥ ସନ୍ତାନକୁ ଜନ୍ମ ଦେବାକୁ ଯାଉଛି। ସୁରକ୍ଷିତ ଭାବେ ରାଖୀ ଯେପରି ଛୁଆ ଜନ୍ମ କରିବ ସେନେଇ ଚିକିତ୍ସକମାନେ ଧ୍ୟାନ ରଖିଛନ୍ତି। ରାଖୀକୁ ସାଧାରଣ ଖାଦ୍ୟ ସହିତ ଭିଟାମିନ୍, କ୍ୟାଲସିୟମ ଓ ଆଇରନ୍ ମିଶା ପାଉଡର ଖାଇବାକୁ ଦିଆଯାଉଛି। ଏବେ ଜୁଲୁ, ପମ୍ପେଟା, ଦୁର୍ଗା, ରାଖୀ, ପୂର୍ଣ୍ଣିମା, ଲକ୍ଷ୍ମୀ, ରାଜାକୁ ମିଶାଇ ୭ଜଣିଆ ସଦସ୍ୟ ରହିଛନ୍ତି। ୨୩୫ରୁ ୨୪୦ ଦିନ ଗର୍ଭଧାରଣ ସିମ୍ପାଞ୍ଜି କରି ଗୋଟିଏ ଶାବକ ଜନ୍ମ ଦେଉଥିବାବେଳେ ସମୟ ପୂର୍ବରୁ ଶାବକ ଜନ୍ମଦେଲେ ମାଇ ଓ ବିଳମ୍ବରେ ଅଣ୍ଡିରା ଶାବକ ଜନ୍ମ ଦେଇଥାଏ। ସେହିଭଳି ଭାବେ ୫ ଅଗଷ୍ଟ ୨୦୧୬ରେ ମନିଷ ଓ ସ୍ନେହା ଔରସରୁ ଜନ୍ମଗ୍ରହଣ କରିଥିବା ଧଳା ବାଘୁଣୀ ମୌସୁମୀ ମଧ ପ୍ରଥମଥର ପାଇଁ ମାଆ ହେବାକୁ ଯାଉଛି। ଧଳାବାଘ ସାହିଲ ସହିତ ମୌସୁମୀର ମିଳନ ହୋଇଥିଲା। ମୌସୁମୀର ଗର୍ଭଧାରଣକୁ ଏବେ ୯୭ ଦିନ ହୋଇସାରିଛି। ଆଉ ଦିନ କେଇଟା ପରେ ମା' ହେବାର ସୌଭାଗ୍ୟ ଅର୍ଜନ କରିବ ମୌସୁମୀ। ସେ ରହୁଥିବା ଏନକ୍ଲୋଜରର ଫିଡିଂଚାମ୍ବର ପଛପଟେ ରଖାଯାଇ ତା'ର ଗିତିବିଧିକୁ ସିସିଟିଭିରେ ନିରୀକ୍ଷଣ କରାଯାଉଛି।

## ମିଳିଲା ବାପାଙ୍କ ମୃତଦେହ

**ନାଗାବଳୀରେ ବାପାପୁଅ ଭାସିଯିବା ଘଟଣା**

**ରାୟଗଡ଼ା ଅଫିସ, ୧୯।୧୦**

ରାୟଗଡ଼ା ବୁଲିବାକୁ ଆସି ନାଗାବଳୀ ନଦୀ ଝୁଲାପୋଲ ନିକଟରୁ ରବିବାର ଭାସିଯାଇଥିବା ବାପାପୁଅଙ୍କ ମଧ୍ୟରୁ ସୋମବାର ପୁଅ ଜିତେନ୍ଦ୍ରଙ୍କ ମୃତଦେହ ମିଳିଥିବାବେଳେ ମଙ୍ଗଳବାର ବାପା ଶ୍ରୀନିବାସ(୪୦)ଙ୍କ ମୃତଦେହ ମିଳିଛି। ରାୟଗଡ଼ାଠାରୁ ପ୍ରାୟ ୮ କି.ମି. ଦୂର ଜଗନ୍ନାଥପୁର ନିକଟରୁ ତାଙ୍କ ମୃତଦେହ ଅଗ୍ନିଶମ ବାହିନୀ ଜବତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ଶ୍ରୀନିବାସ ପରିବାର ଓ ସମ୍ପର୍କୀୟଙ୍କ ସହ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଦର୍ଶନ ପାଇଁ ଆସିଥିଲେ। ଦର୍ଶନ ପରେ ସେମାନେ ନାଗାବଳୀ ନଦୀ ତଟକୁ ବୁଲାବୁଲି କରିବାକୁ ଯାଇଥିଲେ। ଏହି ସମୟରେ କେ.ଶ୍ରୀନିବାସଙ୍କ ପାଦରେ ବାଲି ଲାଗିଯିବାରୁ ସେ ଧୋଇହେବାକୁ ନଦୀକୁ ଯାଇ ଭାସିଯାଇଥିଲେ। ପାଖରେ ଥିବା ପୁଅ ବାପାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିବାବେଳେ ସେ ମଧ ନଦୀସ୍ରୋତରେ ଭାସିଯାଇଥିଲେ।

## ୨୪ ଘଣ୍ଟା ପରେ ବାହାରକୁ ଆସିଲା ୩ ଶ୍ରମିକଙ୍କ ମୃତଦେହ

- ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟଣା
- ଘର ମାଲିକଙ୍କ କ୍ଷତିପୂରଣ ପ୍ରତିଶ୍ରୁତି ପରେ ମୃତଦେହ ବାହାର କରାଗଲା

**ଟିକିରି, ୧୯।୧୦(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଟିକିରି ଥାନା ଅଧୀନ ପଞ୍ଝାଳି ଗ୍ରାମରେ ପାଇଖାନା ଟାଙ୍କି କାମ କରିବାବେଳେ ଶ୍ୱାସରୁଦ୍ଧ ହୋଇ ସୋମବାର ୩ଶ୍ରମିକଙ୍କ ମୃତ୍ୟୁ ଘଟଣାର ୨୪ ଘଣ୍ଟା ପରେ ମଙ୍ଗଳବାର ଶ୍ରମିକମାନଙ୍କ ମୃତଦେହ ଟାଙ୍କି ମଧ୍ୟରୁ ବାହାର କରାଯାଇଛି। କାଶୀପୁର ଏବଂ ରାୟଗଡ଼ାରୁ ଆସିଥିବା ଦମକଳ ବାହିନୀର କର୍ମଚାରୀମାନେ ସତର୍କତାର ସହ ୩ମୃତଦେହ ବାହାର କରିଛନ୍ତି। ନିର୍ମାଣ କାର୍ଯ୍ୟ ଚାଲିଥିବା ଘରର ମାଲିକ ୩ ମୃତ ଶ୍ରମିକଙ୍କ ପରିବାରକୁ ୨ ଲକ୍ଷ ଲେଖାଏ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବାସହ ତୁରନ୍ତ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିବା ପରେ ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ମୃତଦେହ ବାହାର କରିଥିବା ଜଣାପଡ଼ିଛି। ଶ୍ରମିକମାନଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ ପାଣ୍ଠିରୁ ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ମୃତଦେହ ସତ୍କାର ପାଇଁ ୨ ହଜାର ଟଙ୍କା ଲେଖାଏ ଦିଆଯିବ ବୋଲି କୁହାଯାଇଛି। ମୃତଦେହ ବାହାର କରିବା ସମୟରେ କାଶୀପୁର ତହସିଲଦାର ଶରତ ଶବର, ଟିକିରି ଥାନାଧିକାରୀ ବନ୍ଦନା ନାୟକ, ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦାଶ, ଶଙ୍କରଡ଼ା ସରପଞ୍ଚ ଅମିନ ମାଝି, ଜିପିଓ କୁମାର ସ୍ୱାମୀ ତୁରୁକ ଉପସ୍ଥିତ ଥିଲେ। ସୋମବାର ଅପରାହ୍ନରେ ପଞ୍ଝାଳିର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ନିର୍ମାଣାଧୀନ କୋଠା ମଧ୍ୟରେ ଥିବା ପାଇଖାନା ଟାଙ୍କି କାମ କରିବାବେଳେ ଶ୍ୱାସରୁଦ୍ଧ ହୋଇ ୩ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା।

## କାର୍ ଧକ୍କାରେ ନାବାଳକ ମୃତ, ରାସ୍ତାରୋକୋ

**ରାଉରକେଲା ଅଫିସ, ୧୯।୧୦**

ରାଉରକେଲା ପ୍ଲାଣ୍ଟସାଇଟ ଥାନା ଗାନ୍ଧୀରୋଡ଼ ଅଞ୍ଚଳରେ ସୋମବାର ରାତି ସାଢେ ୯ଟାରେ ଏକ କାର୍ ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିଲା। ମୃତକ ହେଲେ ଦିନେଶ ଚୌଧୁରୀ(୯)। ଏହି ଘଟଣାରେ ମୃତ ନାବାଳକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ମଙ୍ଗଳବାର ସ୍ଥାନୀୟ ବସ୍ତିବାସୀ ଗାନ୍ଧୀରୋଡ଼ ମୁଖ୍ୟ ମାର୍ଗରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପୋଲିସ ସେଠାକୁ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା।

ସୂଚନା ଅନୁସାରେ, ଗାନ୍ଧୀରୋଡ଼ ଅଞ୍ଚଳର ରାମଚନ୍ଦ୍ର ଚୌଧୁରୀଙ୍କ ପୁଅ ଦିନେଶ ସୋମବାର ନିକଟସ୍ଥ ଦୋକାନକୁ ଯାଉଥିବାବେଳେ ଏକ କାର୍ ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ନାବାଳକଙ୍କ ମୃତ୍ୟୁ ହୋଇଥିଲା। ତେବେ ଦୁର୍ଘଟଣା ଘଟାଇ ଫେରାର ଥିବା କାର୍ ଚାଳକଙ୍କୁ ତୁରନ୍ତ ଗିରଫ କରିବା ସହ ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ମଙ୍ଗଳବାର ସ୍ଥାନୀୟ ବସ୍ତିବାସୀ ରାସ୍ତାରୋକୋ କରିଥିଲେ। ଦୁଇ ଘଣ୍ଟା ପରେ ରାଉରକେଲା ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ ଓ ଥାନାଧିକାରୀ ସୁବ୍ରତ କୁମାର ମେହେର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। କାର୍ ଚାଳକଙ୍କୁ ଯଥାଶୀଘ୍ର ଗିରଫ କରିବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଏ ନେଇ ଏକ ମାମଲା (ନଂ.୩୯୫/୨୧) ରୁଜୁ କରି ତଦନ୍ତ କରୁଛି।

## ପ୍ରଥମ ପୃଷ୍ଠାରୁ...

### ଦୁର୍ଦ୍ଦିନରେ ଏମ୍‌ଏସ୍‌ଏମ୍‌ଇ ...

ରାଜ୍ୟରେ ଏକପ୍ରକାର ଭୁଶୁଡ଼ି ପଡ଼ିବ। ଯୁବ ଉଦ୍ୟୋଗୀମାନେ ଏନେଇ ଆଉ ଆଗ୍ରହ ଦେଖାଇବେ ନାହିଁ ବୋଲି କ୍ଷୁଦ୍ର ଶିଳ୍ପ ଉଦ୍ୟୋଗ ମହାସଚିବ ସ୍ୱସ୍ତିକ ସ୍ୱାଇଁ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ କରୋନା ସମୟରେ ମଧ ପ୍ରାୟ ୫୦ ହଜାର ଲଘୁ ଉଦ୍ୟୋଗ ବନ୍ଦ ହୋଇଥିବା ବେସରକାରୀ ସୂତ୍ରରୁ ସୂଚନା ମିଳିଛି। ଲଘୁ ଉଦ୍ୟୋଗ ପ୍ରତି ଯଦି ସରକାରୀ ବାବୁମାନଙ୍କର ଉଦାସୀନ ମନୋଭାବ ନ ବଦଳିବ ତେବେ ରାଜ୍ୟରେ ସବୁଠାରୁ ଅଧିକ ନିଯୁକ୍ତି ସୁଯୋଗ ଯୋଗାଉଥିବା ଏହି କ୍ଷେତ୍ରର ଉଦ୍ୟୋଗୀମାନେ ତଳିତଳାନ୍ତ ହୋଇଯିବେ।

### ତଦନ୍ତ ଅବହେଳା ହେଲେ ...

ସୋମବାର କହିଛନ୍ତି। ସମ୍ବିଧାନର ଧାରା-୨୧ ଅନୁସାରେ ସମସ୍ତଙ୍କ ବ୍ୟକ୍ତିଗତ ଅଧିକାର ରହିଛି। କାହାର ଅବହେଳାରୁ ଏହା କ୍ଷୁଣ୍ଣ ହେବା ଉଚିତ ନୁହେଁ। ଏପରି କି ଏହାକୁ କୌଣସି ମହାମାରୀ ସ୍ଥିତି ମଧ୍ୟରେ ଅବହେଳା କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ତେଣୁ ବିଚାରାଧୀନ ବନ୍ଦୀଙ୍କ ଡିଫଲ୍ଟ ବେଲ୍ ଆବେଦନ କୌଣସି ସ୍ଥିତିରେ ଅଗ୍ରହଣୀୟ ହେବା ଉଚିତ ନୁହେଁ କିମ୍ବା ସେମାନଙ୍କ ହାଜତ ମିଆଦକୁ ସାଧାରଣଭାବେ ବୃଦ୍ଧି କରାଯାଇପାରିବ ନାହିଁ।

୨୦୨୦ ଜାନୁୟାରୀ ୧୬ରେ ଏକ ଯୌତୁକ ନିର୍ଯାତନା ଅଭିଯୋଗରେ ଆବେଦନକାରୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଆଇପିସି ଦଫା, ୩୦୪(ବି)(ଯୌତୁକଜନିତ ହତ୍ୟା), ୪୯୮(ଏ)(ସ୍ୱାମୀ କିମ୍ବା ଶ୍ୱଶୁର ଘର ଲୋକଙ୍କ ଦ୍ୱାରା ସ୍ତ୍ରୀଙ୍କୁ ନିର୍ଯାତନା), ୪୦୬(ବିଶ୍ୱାସ ଭଙ୍ଗ) ଏବଂ ୩୪(ସମାନ ଉଦ୍ଦେଶ୍ୟ)ରେ ଏକ ମାମଲା ରୁଜୁ ହୋଇଥିଲା। ଆବେଦନକାରୀ ସ୍ୱାମୀଙ୍କୁ ପୋଲିସ ଜାନୁୟାରୀ ୧୮ରେ ଗିରଫ କରିବା ସହ ପରଦିନ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ତାଙ୍କ ବିରୋଧରେ ଯୌତୁକଜନିତ ହତ୍ୟା ଅଭିଯୋଗ ଥିବାରୁ ଏହାର ଦଣ୍ଡ ୧୦ ବର୍ଷ ପର୍ଯ୍ୟନ୍ତ ରହିଛି। ତେଣୁ ୯୦ଦିନ ମଧ୍ୟରେ ପୋଲିସ ଚାର୍ଜଶିଟ ଦାଖଲ କରିବା କଥା। ସେହି ଅନୁସାରେ ଏପ୍ରିଲ୍ ୧୮ରେ ୯୦ଦିନ ପୂରଣ ହେଉଥିଲା। କିନ୍ତୁ ଏପ୍ରିଲ୍ ୧୫ରେ ମାଜିଷ୍ଟ୍ରେଟ ଜେଲ ପରିଦର୍ଶନ କରିବା ସମୟରେ ଆବେଦନକାରୀ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା। ଏହି ସମୟରେ ମାଜିଷ୍ଟ୍ରେଟ ୯୦ଦିନର ସମୟ ସୀମାକୁ ଗୁରୁତ୍ୱ ନ ଦେଇ ଅଭିଯୁକ୍ତଙ୍କ ହାଜତ ମିଆଦକୁ ଏପ୍ରିଲ୍ ୨୯ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ଏହି ଆଦେଶର ପୁନର୍ବିଚାର କରିବା ସହ ତାଙ୍କୁ ଡିଫଲ୍ଟ ବେଲ୍ ପ୍ରଦାନ କରିବା ପାଇଁ ଅଭିଯୁକ୍ତ ଅତିରିକ୍ତ ଜିଲାଜଜ୍‌ଙ୍କ ନିକଟରେ ଆବେଦନ କରିଥିଲେ ମଧ ତାହା ଖାରଜ ହୋଇଯାଇଥିଲା। ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ଡିଫଲ୍ଟ ବେଲ୍ ଆବେଦନର ଶୁଣାଣି ସମୟରେ ଅଦାଲତ ସମସ୍ତ ଦିଗକୁ ଗୁରୁତ୍ୱର ସହ ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଚିନ୍ତା ବଢ଼ାଉଛି ...

ଦେଉନାହାନ୍ତି। ଅମାନିଆ ଲୋକଙ୍କ ପାଇଁ ଭୁବନେଶ୍ୱରରେ ସଂକ୍ରମଣ ଅଧିକ ରହୁଥିବା ସ୍ୱାସ୍ଥ୍ୟ ବିଭାଗ କହୁଛି।

ସେପଟେ ରାଜ୍ୟରେ କରୋନାରେ ଆଉ ୪ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ଜଣ ମହିଳା ଥିବାବେଳେ ଜଣେ ପୁରୁଷ ଅଛନ୍ତି। କଟକ ଓ ଜଗତ୍‌ସିଂହପୁରରୁ ଦୁଇଜଣ ଲେଖାଏ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ୍ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୨୯୪କୁ ବୃଦ୍ଧି ପାଇଛି। ସେହିଭଳି ମଙ୍ଗଳବାର ରାଜ୍ୟରେ ଆଉ ୬୧୮ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୧୦,୨୩,୩୯୮ରେ ପହଞ୍ଚିଛି।

### ବିମାନଯାତ୍ରୀଙ୍କ ସଂଖ୍ୟାରେ ...

ସମୟରେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା କ୍ଷେତ୍ରରେ ମଧ ଇଣ୍ଡିଗୋ ପ୍ରଥମ ସ୍ଥାନରେ ରହିଛି। ବାଙ୍ଗାଲୋର, ଦିଲ୍ଲୀ, ହାଇଦ୍ରାବାଦ ଏବଂ ମୁମ୍ବାଇ ଭଳି ମେଟ୍ରୋ ସହରରେ ଇଣ୍ଡିଗୋ ୯୫.୫% ସମୟାନୁବର୍ତ୍ତିତା ହାର ବଜାୟ ରଖିଛି। ଏକ୍ଷେତ୍ରରେ ଏୟାର ଏସିଆ ଇଣ୍ଡିଆ ଏବଂ ଗୋଫାଷ୍ଟ ଭଳି କମ୍ପାନୀଗୁଡିକରେ ହାର ଯଥାକ୍ରମେ ୯୫.୧% ଏବଂ ୯୪.୪% ରହିଛି। ଉଲ୍ଲେଖଯୋଗ୍ୟ, ସୋମବାରଠାରୁ ସାରା ଦେଶରେ ବିମାନ କମ୍ପାନୀଗୁଡ଼ିକ ୧୦୦% ଯାତ୍ରୀ କ୍ଷମତାରେ ପରିଚାଳିତ ହେଉଛନ୍ତି। ଏହା ପୂର୍ବରୁ ଦେଶ ମଧ୍ୟରେ ବିମାନ ସେବା ୮୫% କ୍ଷମତାରେ ଚାଲିଥିଲା।

### ନୀରବ ମୋଦିଙ୍କ ...

ବେଆଇନ ଅର୍ଥ କାରବାର ହୋଇଥିଲା।ଏହି କମ୍ପାନୀଗୁଡ଼ିକ ପୂର୍ବରୁ ନୀରବଙ୍କ ମାଲିକାନାରେ ରହିଥିଲା।

ନୀରବ ମୋଦି ତାଙ୍କ ସହଯୋଗୀ ମିହିର ଭଂଶାଲୀ ଏବଂ ଅଜୟ ଗାନ୍ଧୀଙ୍କ ବେଆଇନ ଅର୍ଥ କାରବାର ଯୋଗୁ କମ୍ପାନୀଗୁଡ଼ିକ ଋଣ ପ୍ରଦାନ କରିଥିବା ଅର୍ଥ ଯୋଗାଣକାରୀ ସଂସ୍ଥାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ମାମଲାରେ ଅନ୍ତତଃ ପକ୍ଷେ ୧.୫ କୋଟି ଡଲାର କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଏହି ମାମଲା ଉପରେ ନ୍ୟୁୟର୍କର ଦେବାଳିଆ କୋର୍ଟ ଗତ ଶୁକ୍ରବାର ଶୁଣାଣି କରିଥିଲେ। ଫଳରେ ନୀରବଙ୍କୁ ଏହା ବଡ଼ ଝଟକା ବୋଲି କୁହାଯାଉଛି। ପିଏନ୍‌ବି ଏବଂ ଅନ୍ୟ ବ୍ୟାଙ୍କଗୁଡ଼ିକରେ ୭୫୦୦ କୋଟି ଟଙ୍କା ହଡ଼ପ କରିବା ଲାଗି ନୀରବ ମୋଦି ଚକ୍ରାନ୍ତ କରିଥିବା ଆଇନଜୀବୀ ରବି ବତ୍ରା କହିଛନ୍ତି।

ନୀରବ କମ୍ପାନୀର ଶେୟାର ମୂଲ୍ୟ ବଢ଼ାଇବା ସହ ବିକ୍ରି ଲାଭ ଅଧିକ ଦେଖାଇବା ପାଇଁ ବେଆଇନ ପନ୍ଥା ଆପଣାଉଥିଲେ। ଏହା କରିବା ପରେ ମଧ ସେ ଆଉ ଏକ ଠକେଇ କରିଥିଲେ। ନିଜ ଫାଇଦା ଲାଗି କମ୍ପାନୀର ଅର୍ଥ ହେରଫେର କରିବା ସହ କାରବାରକୁ ଏଭଳି ଦେଖାଇଥିଲେ ଯେଭଳି ସବୁ କିଛି ସ୍ୱାଭାବିକ ରହିଛି। ଦୀର୍ଘ ୬ ବର୍ଷ ଧରି ନୀରବ ଏଭଳି କାର୍ଯ୍ୟରେ ଲିପ୍ତଥିଲେ। ଉଲ୍ଲେଖଯୋଗ୍ୟ, ନୀରବ ମୋଦି ବର୍ତ୍ତମାନ ଲଣ୍ଡନ ଜେଲରେ ଅଛନ୍ତି। ଭାରତକୁ ପ୍ରତ୍ୟର୍ପଣ ବିରୋଧରେ ସେ ଆଇନଗତ ମାମଲା ଲଢୁଛନ୍ତି। ପିଏନ୍‌ବିରୁ ବୃହତ୍ ଋଣ ଠକେଇ ଏବଂ ବେଆଇନ ଅର୍ଥ କାରବାରକୁ ନେଇ ତାଙ୍କୁ ଭାରତ ଆଣିବାକୁ ଭାରତ ଚେଷ୍ଟା ଜାରି ରଖିଛି।

## ବଢୁଛି ଜଳକା

**ରୂପସା, ୧୯।୧୦(ଡି.ଏନ.ଏ.)**

ଲଗାଣ ବର୍ଷା ଫଳରେ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ରବିବାର ରାତିରୁ ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଏହି ନଦୀର ମଥାନୀଠାରେ ବିପଦସଂକେତ ୫.୫ମିଟର ଥିବାବେଳେ ସୋମବାର ସକାଳ ୯ଟା ସୁଧା ୬.୦୪ମିଟର ପ୍ରବାହିତ ହେଉଥିଲା। ସନ୍ଧ୍ୟା ୫ଟା ସୁଦ୍ଧା ଜଳସ୍ତର ବୃଦ୍ଧି ଘଟି ୬.୦୯ ମିଟରରେ ପହଞ୍ଚିଥିଲା। ମଙ୍ଗଳବାର ସନ୍ଧ୍ୟା ୫ଟା ସୁଦ୍ଧା ୬.୩୮ ମିଟରରେ ପ୍ରବାହିତ ହେଉଥିବା ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ଅଶୋକ କୁମାର ଦାସ କହିଛନ୍ତି। ବର୍ଷା ଲାଗି ରହିଥିବା ସହ ଉପରମୁଣ୍ଡରେ ବର୍ଷା ଯୋଗୁ ବନ୍ୟା ଆଶଙ୍କା ଦେଖାଦେଇଛି। ପୁଣି ବନ୍ୟା ପରିସ୍ଥିତି ପାଇଁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଥିବା ଦେଖାଦେଇଛି। ନଦୀର ଉପରମୁଣ୍ଡ ମୟୂରଭଞ୍ଜ ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧିପାଇଛି। ଜଳସ୍ତର ୬.୬୫ ମିଟର ଅତିକ୍ରମ କଲେ ବନ୍ୟା ହେବାର ଆଶଙ୍କା ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଧାନ ଗର୍ଭଧାରଣ ସମୟ ହୋଇଥିବାରୁ ବନ୍ୟା ହେଲେ ଧାନ ଥୋଡ଼ରେ ପାଣି ପଶିବାର ଆଶଙ୍କା ରହିଛି। ଗତ ବନ୍ୟାରେ ଉଭୟ ବସ୍ତା ଓ ସଦର ବ୍ଲକରେ ଧାନ ନଷ୍ଟ ହୋଇଥିଲା। ପୁଣି ଯଦି ବନ୍ୟା ହୁଏ ତା'ହେଲେ ଧାନ ଥୋଡ଼ରେ ପାଣି ପଶି ସମସ୍ତ ଧାନ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି।

# ଫୁଲଚାଷରେ ସାର ପ୍ରୟୋଗ

ଫୁଲ ଚାଷରେ ତରଳ ଖତ ପ୍ରସ୍ତୁତ ଲାଗି ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ସେଥିରେ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମ ଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି । ଯଦି ସେବତୀ ଲଗାଇଛନ୍ତି ତେବେ ଏହି ଗଛଗୁଡ଼ିକ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨–୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ। ଗୋଲାପ ଗଛ କାଣ୍ଟଛାଣ୍ଟ କରୁଥିଲେ ଏହି କାମ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଶେଷ କରନ୍ତୁ ଏବଂ ବୋର୍ଡ଼ୋପେଷ୍ଟ ପ୍ରୟୋଗ କରନ୍ତୁ। ଗ୍ଲାଡ଼ିଓଲସ୍‌ର କନ୍ଦାକୁ ବାଭିଷ୍ଟିନ୍ ଦ୍ରବଣରେ ୨ ଗ୍ରାମ୍ ୧ ଲିଟର ପାଣି ବିଶୋଧନ କରି ପ୍ରସ୍ତୁତ ଜମିରେ ଗଜା କରି ଲଗାନ୍ତୁ ।



# ମୁଗ ଫସଲରେ ପତ୍ରକଟା ପୋକ ଲାଗିଥିଲେ...

ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ଲାଗି ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ



ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ ସକାଶେ ମାଙ୍କୋଜେବ୍ ଓ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ପ୍ରାଣୀଙ୍କୁ ଜଳାତଙ୍କ

(ଶେଷ ଭାଗ)

**ପ୍ରତିଷେଧକ ବ୍ୟବସ୍ଥା :** ସୁସ୍ଥ କୁକୁରଙ୍କୁ ପ୍ରଥମେ ୩ ମାସ, ତା' ପରେ ୬ ମାସରେ ବୁଷ୍ଟର ଟିକା ଏବଂ ତା'ପରେ ବର୍ଷକୁ ଥରେ ଜଳାତଙ୍କ ରୋଗର ପ୍ରତିଷେଧକ ଟିକା ଦେବା ଆବଶ୍ୟକ । ସେହିପରି ମନୁଷ୍ୟଙ୍କୁ କୁକୁର କାମୁଡ଼ିଲେ ୦, ୩, ୭, ୧୪, ୨୮, ୯୦ ଦିନରେ ଔଷଧ କମ୍ପାନୀର ଅନୁମୋଦନ ଅନୁଯାୟୀ କୁକୁର କାମୁଡ଼ା ଟିକା ଦେବା ଜରୁରୀ । ଯଦି ଜଳାତଙ୍କ ହେବା ପୂର୍ବରୁ ଏହି ରୋଗର ପ୍ରତିଷେଧକ ଟିକା ବା ପ୍ରିଏସ୍‌ପୋଜର ଟିକା ନିଆଯାଇଥାଏ, ତଥାପି ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ । ଟିକା ନେବାପରେ ଯଦି କୁକୁର କାମୁଡ଼େ, ତେବେ ପୁଣି ଦୁଇଟି ମାତ୍ରାର



ପୋଷ୍ଟ ଏକ୍ସପୋଜର ଟିକା ନେବାକୁ ପଡ଼ିବ । ଯଦି ଟିକା ଦିଆଯାଇ ନ ଥିବା କୁକୁର କାମୁଡ଼େ, ତେବେ ଟିକା ନେବାକୁ ହେବ । ଯଦି ଜଣଙ୍କୁ ଆଗରୁ କୁକୁର ବା ନେଉଳ କାମୁଡ଼ି ଥାଏ ଏବଂ ଆଦୌ ଟିକା ନେଇ ନ ଥାନ୍ତି, ତେବେ ମଧ୍ୟ ଜଳାତଙ୍କ ହେବାର ଯଥେଷ୍ଟ ଆଶଙ୍କା ଥାଏ । କାରଣ ଜଳାତଙ୍କର ଭୂତାଣୁ ଶରୀରରେ ପ୍ରବେଶ କରିବାଠାରୁ ଲକ୍ଷଣ ପ୍ରକାଶ ପାଇବା ପର୍ଯ୍ୟନ୍ତ କେତେ ଦିନ, ମାସ ବା ବର୍ଷବର୍ଷ ସମୟ ଲାଗିଥାଏ । ମନୁଷ୍ୟ ବା ପ୍ରାଣୀ ଆଗରୁ ଜଳାତଙ୍କ ଟିକା ନେଇଥିଲେ ମଧ୍ୟ ଯଦି କୁକୁର ବା ବନ୍ୟପ୍ରାଣୀ କାମୁଡ଼େ, ତେବେ ଆମକୁ ଜଳାତଙ୍କ ରୋଗ ଲାଗି ବୁଷ୍ଟର ଟିକା ନେବାକୁ ହେବ । ପରୀକ୍ଷାଗାରରେ କାର୍ଯ୍ୟରତ ପରୀକ୍ଷାଗାର କର୍ମଚାରୀ, ମେଡିକାଲ ଡାକ୍ତର ବା ପ୍ରାଣୀ ଡାକ୍ତର ଯେଉଁମାନେ ଜଳାତଙ୍କ ସଂକ୍ରମିତ ମନୁଷ୍ୟ ବା ପ୍ରାଣୀ ସଂସ୍ପର୍ଶରେ ଆସିଥାନ୍ତି, ସେମାନେ ଜଳାତଙ୍କ ବିରୋଧରେ ରୁଟିନ୍ ବୁଷ୍ଟର ଟିକା ନେବା ଏକାନ୍ତ ଆବଶ୍ୟକ । ପୋଷା କୁକୁରକୁ ଆଗରୁ ପ୍ରତିଷେଧକ ଟିକା ଦିଆଯାଇଥିଲେ ମଧ୍ୟ ଯଦି କାମୁଡ଼େ, ତେବେ କାମୁଡ଼ିଥିବା ବ୍ୟକ୍ତିବିଶେଷ ସମ୍ପୂର୍ଣ୍ଣ ଜଳାତଙ୍କ ନିରାପଦ ନୁହେଁ । ଜଳାତଙ୍କ ରୋଗ ନିରାକରଣ ପାଇଁ ପୁରାତନ ପାରମ୍ପରିକ ଚିକିତ୍ସା ପଦ୍ଧତି ଗ୍ରହଣ କରିବା ଅନୁଚିତ । କେବଳ ଜଳାତଙ୍କ ବିରୋଧରେ ମିଳୁଥିବା ପ୍ରତିଷେଧକ ଟିକା ଜଳାତଙ୍କ ରୋଗର କ୍ଲିନିକାଲ ଲକ୍ଷଣ ଏବଂ ମୃତ୍ୟୁମୁଖରୁ ବଞ୍ଚିବା ପାଇଁ ବ୍ୟବହାର କରିବା ହେଉଛି ଏକମାତ୍ର ପନ୍ଥା । ମନୁଷ୍ୟକୁ କୁକୁର କାମୁଡ଼ିଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରି ଜଳାତଙ୍କ ପ୍ରତିଷେଧକ ଟିକା ନେବା ଜରୁରୀ । ଗୃହ ପାଳିତ କୁକୁର ବା ବୁଲା କୁକୁରଙ୍କୁ ପ୍ରତିଷେଧକ ଟିକା ଦେବା ନିହାତି ଆବଶ୍ୟକ । ଜଳାତଙ୍କ ରୋଗର ଚିକିତ୍ସା ବା ପ୍ରତିଷେଧକ ବ୍ୟବସ୍ଥାରେ ବିଳମ୍ବ ଘଟିଲେ ମନୁଷ୍ୟ ଜୀବନ ପ୍ରତି ଘାତକ ହୋଇପାରେ । ତେଣୁ କୌଣସି ପ୍ରାଣୀ ପ୍ରାଣୀକୁ କାମୁଡ଼ିଲେ ବା ପ୍ରାଣୀ ମନୁଷ୍ୟକୁ କାମୁଡ଼ିଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନା ଯାଆନ୍ତୁ ଏବଂ ଡାକ୍ତରଙ୍କ ପରାମର୍ଶକ୍ରମେ ପ୍ରତିଷେଧକ ଟିକା ନେବା ପାଇଁ ଭୁଲନ୍ତୁ ନାହିଁ ।

**–ଡା. ବୀରକିଶୋର ପରିଡ଼ା**
ମୋ : ୯୪୩୭୬୦୭୩୧୨

# ଅଧିକ ଅମଳକ୍ଷମ ଟମାଟୋ ବିହନ

ଅଧିକ ଅମଳକ୍ଷମ ଟମାଟୋ ପାଇଁ ବିଟି–୨,ବିଟି–୧୦,ବିଟି–୧୨,ନୀଳାଦ୍ରି, ସଦାବାହାର,ମାଧୁରୀ,ମହାରଥି,ମନିଂସନ୍, ରଶ୍ମି, ନବୀନ ଆଦି ଉନ୍ନତ କିମସ ବିହନ ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର। ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ, ଚାରିଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡା ବିଶିଷ୍ଟ ଚାରିଟି



ପଟାଳି ଆବଶ୍ୟକ ହୁଏ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦–୨୦କିଗ୍ରା ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି ଗଭୀରରେ ଓ ୫ ସେମି ବ୍ୟବଧାନରେ ଧାଡ଼ିରେ,ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି ରଖି ପଟାଳିରେ ବୁଣାଯାଏ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ୭ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳି ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡିଆ ବ୍ୟବହାର କରନ୍ତୁ।

# କୁକୁଡ଼ା ଘରର ଯତ୍ନ



କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ା ଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆ ପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର୍ କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ । ଅନ୍ୟପକ୍ଷରେ ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନ କରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଲୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମି ରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ । ଏଣ୍ଟାରୋଟକ୍ସେମିଆ, ପି.ପି.ଆର୍. ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ।

# ପନିପରିବା ଚାରା ଉତ୍ପାଦନ



ପ୍ରତ୍ୟୁଷ ପଣ୍ଡା



ମୁଖ୍ୟତଃ ପନିପରିବା ଚାଷ ପାଇଁ ଆବଶ୍ୟକ ଚାରାଗଛକୁ ତଳିପଟିରେ ଉତ୍ପାଦନ କରି ତାକୁ ନେଇ ଜମିରେ ଲଗାଯାଇଥାଏ। ଭଲ ଫସଲ ବା ଭଲ ଅମଳ ପାଇଁ ସୁସ୍ଥ ଏବଂ ଉନ୍ନତ ଗୁଣବତ୍ତାର ଚାରା ଦରକାର, ଚାରା ଦୁର୍ବଳ ବା ରୋଗିଣା ହେଲେ ପରବର୍ତ୍ତୀ ଅବସ୍ଥାରେ ଗଛ ରୁଗ୍‌ଣ ହୋଇଥାଏ ଏବଂ ଭଲ ଅମଳ ଦିଏ ନାହିଁ। ତଳି ବା ଚାରା ହେଉଛି ଗୋଟିଏ ଶିଶୁ ଗଛ। ଏହା ଖୁବ୍ ନରମ ଏବଂ ସୂକ୍ଷ୍ମ ଚେର ବିଶିଷ୍ଟ ହୋଇଥିବାରୁ ମଣିଷ ଶିଶୁ ପରି ଅଧିକ ଯତ୍ନ ଆବଶ୍ୟକ କରେ।

**ଚାରା ଉତ୍ପାଦନ ପାଇଁ ସ୍ଥାନ ନିରୂପଣ :** ତଳିଘରା ପ୍ରସ୍ତୁତି ପାଇଁ ଆବଶ୍ୟକ ତଳିପଟି ପାଇଁ ଦୋରସା ମାଟି ସବୁଠାରୁ ଭଲ। ମାଟି ଅଧିକ ବାଲିଆ ହୋଇଥିଲେ ସେଥିରେ ଅଧିକ ଶଢ଼ା ଗୋବର ମିଶାଇବାକୁ ପଡ଼େ, ମାଟି ଅଧିକ ଚିକିଟା ହୋଇଥିଲେ ସେଥିରେ କିଛି ବାଲିଆ ମାଟି ମିଶାଇବା ଆବଶ୍ୟକ। ପଥୁରିଆ ଏବଂ ନିରସା ମାଟିରେ ତଳି ଭଲ ବଢ଼େ ନାହିଁ। ମାଟିର ପି.ଏଚ. ୬.୫ରୁ ୮.୫ ଭିତରେ ରହିବା ଭଲ। ତଳିପଟି ପାଇଁ ଟିକିଏ ଉଚ୍ଚା ତଥା ନିଗିଡ଼ା ଜମି ଭଲ ଏବଂ ସେହି ସ୍ଥାନରେ ଜଳସେଚନର ସୁବିଧା ଥିବା ନିତାନ୍ତ ଆବଶ୍ୟକ।

**ଉତ୍ତମ ଗୁଣର ବିହନ :** ଉତ୍ତମ ବିହନର ନିମ୍ନଲିଖିତ ଗୁଣ ଥିବା ଦରକାର।

–ବିହନ ପ୍ରକାର ଅନୁସାରେ ନିଦା ଓ ହୃଷ୍ଟପୁଷ୍ଟ ହୋଇଥିବ।

–ଅଧିକ ଉତ୍ପାଦନ କ୍ଷମତା ଥିବ।

– ବିହନ ରୋଗିଣା ହୋଇ ନ ଥିବ କିମ୍ବା ସେଥିରେ ପୋକ ଲାଗି ନ ଥିବ।

–ବିହନର ରୋଗ ଏବଂ ପୋକ ପ୍ରତିରୋଧକ ଶକ୍ତି ବା ସହଣିଶକ୍ତି ଥିବା ଆବଶ୍ୟକ। –ଉକ୍ତ ବିହନ ଭଲ ଅମଳ ଦେଉଥିବା ଗଛର ପରିପକ୍ୱ ଅବସ୍ଥାରେ ସଂଗୃହୀତ ହୋଇଥିବ।

– ବିହନ ପରିଷ୍କାର ଥିବ, ସେଥିରେ କାଠିକୁଟା, ବାଲିଗୋଡ଼ି, ଘାସ ବା ବାଲୁଙ୍ଗା ମଞ୍ଜି ଏବଂ ଅନ୍ୟ ବିହନ ମଞ୍ଜି ମିଶି ନ ଥିବ।

–ବିହନ ଗଜା ହେବାର ଶକ୍ତି ପାଖାପାଖି ୯୦% ଥିବ। (ବିଭିନ୍ନ ଫସଲର ଭିନ୍ନ ଭିନ୍ନ ଶତକଡ଼ା)

**ତଳିପଟି ପ୍ରସ୍ତୁତି :** ତଳିପଟି ପ୍ରସ୍ତୁତ ଲାଗି ମାଟିକୁ ଭଲ କରି ଖୁସାଇ ଗୁଣ୍ଡ କରି ସେଥିରୁ ଗୋଡ଼ି, ପଥର, କାଠିକୁଟା, ଘାସ ବାହାର କରିଦେବା ଆବଶ୍ୟକ। ଜମି ପଉନଠାରୁ ତଳିପଟିର ଉଚ୍ଚତା ୬ରୁ ୧୦ ଇଞ୍ଚ୍ ଅଧିକ ହେବା ଭଲ, ଗୋଟିଏ ତଳିପଟିରେ ଆକାର ଚଉଡ଼ାରେ ୩ଫୁଟ୍ ଏବଂ ଲମ୍ବାରେ ୧୦ଫୁଟ୍ ହେଲେ ସେଥିରୁ ଘାସ ବାଛିବା, ପାଣି ଦେବା ଇତ୍ୟାଦି କାମ ସହଜ ହୋଇଥାଏ। ତଳିପଟି ଉପରେ ଶୁଖିଲା ପତ୍ର, ନଡ଼ା ଇତ୍ୟାଦି ପକାଇ ନିଆଁ ଲଗାଇଦେଲେ ମାଟିରେ ଥିବା ରୋଗ ଜୀବାଣୁ ସବୁ ମରିଯିବେ, ମଞ୍ଜି ବୁଣିବାର ୨ ସପ୍ତାହ ପୂର୍ବରୁ ତଳିପଟିର ମାଟି ସହିତ ବ୍ଲିଚିଙ୍ଗ ପାଉଡର ଏକର ପ୍ରତି ୫କି.ଗ୍ରା. ହିସାବରେ ମିଶାଇ ଘାଣ୍ଟିଦେଲେ ମାଟିରେ ଥିବା ରୋଗ ଜୀବାଣୁଗୁଡ଼ିକ ମରିଯାଆନ୍ତି। ତଳିପଟି ପ୍ରସ୍ତୁତି ସମୟରେ ପ୍ରତି ୩୦ ବର୍ଗଫୁଟ (୧୦x୩ ଫୁଟ୍)ର ତଳିପଟିରେ ପ୍ରାୟ ୨୦କି.ଗ୍ରା. (ଦୁଇ ଝୁଡ଼ି) ଶଢ଼ା ଗୋବର, ୟୁରିଆ ୩୫ ଗ୍ରାମ୍, ସିଙ୍ଗଲ୍ ସୁପର ଫସ୍‌ଫେଟ୍ ୧୦୦ ଗ୍ରାମ୍ ଏବଂ ଏମ.ଓ.ପି. ୫୫ଗ୍ରାମ୍ ଭଲଭାବେ ମାଟି ସହ ମିଶାଇବା ଆବଶ୍ୟକ।



**ବିହନ ବିଶୋଧନ :** ବିହନରୁ କାଠି କୁଟା, ଘାସ ଓ ବାଲୁଙ୍ଗା ମଞ୍ଜି, ଅନ୍ୟ ଫସଲର ବିହନ, ଫମ୍ପା ଓ ମଳା ମଞ୍ଜିଗୁଡ଼ିକୁ ବାହାର କରି ଭଲଭାବେ ସଫା କରି ସାରିଲା ପରେ ତାକୁ ବିଶୋଧକ ଔଷଧ ଦ୍ୱାରା ବିଶୋଧନ କରିବା ଆବଶ୍ୟକ; ଯଦ୍ୱାରା ମାଟିରେ ଥିବା ରୋଗ ଜୀବାଣୁ ହଠାତ୍ ମଞ୍ଜିକୁ କିମ୍ବା ଶିଶୁ ଗଛକୁ ଆକ୍ରମଣ କରିପାରନ୍ତି ନାହିଁ। ପ୍ରତ୍ୟେକ ୧କି.ଗ୍ରା. ବିହନ ସହିତ ୬ ଗ୍ରାମ୍ ବାଭିଷ୍ଟିନ୍ କିମ୍ବା ୩ ଗ୍ରାମ୍ କ୍ୟାପ୍‌ଟାନ୍‌କୁ ଗୋଟିଏ ହାଣ୍ଡିରେ ଭର୍ତ୍ତି କରି ମୁହଁକୁ ବନ୍ଦ କରି ଭଲଭାବେ ହଲାଇଦେଲେ ତାହା ମଞ୍ଜି ସହିତ ଗୋଳେଇ ହୋଇ ମିଶିଯିବ।

**ବିହନ ବୁଣା :** ତଳିପଟିକୁ ସମତୁଲ କରିସାରିବା ପରେ ଗୋଟିଏ କାଠିରେ ଚଉଡ଼ାପଟେ ୬ଇଞ୍ଚ ଅନ୍ତରରେ ସିଧାସିଧା ଗାର ଟାଣନ୍ତୁ। ଗାର ଟାଣିଲାବେଳେ ଏହାର ଗଭୀରତା କେତେ ହେବ ତାହା ମଞ୍ଜିର ଆକାର ଅନୁସାରେ ସ୍ଥିର କରିବା ଆବଶ୍ୟକ। ଯଥା: ବଡ଼ ଆକାରର ମଞ୍ଜି (ବାଇଗଣ, ଟମାଟୋ, ଲଙ୍କା ଇତ୍ୟାଦି) ପାଇଁ ଟିକିଏ ଅଧିକ ପ୍ରାୟ ୬.୫ସେ.ମି. ଗଭୀର ଏବଂ କୋବି, ପିଆଜ ପରି ଛୋଟ ମଞ୍ଜି ଲାଗି (ପ୍ରାୟ ୨ ସେ.ମି.) ଗଭୀରର ଗାର ଟାଣିବାକୁ ପଡ଼ିବ। ମଞ୍ଜିକୁ ବେଶି ବହଳରେ ନ ବୁଣି ଟିକେ ଛାଡ଼ି ଛାଡ଼ି ବୁଣିଲେ ଚାରାଗଛଗୁଡ଼ିକ ଉପଯୁକ୍ତ ଖାଦ୍ୟସାର ଓ ପାଣି ପାଇ ହୃଷ୍ଟପୁଷ୍ଟ ହୋଇ ବଢ଼ନ୍ତି। ମଞ୍ଜି ବୁଣି ସାରିବା ପରେ ହାତରେ ମାଟିକୁ ଖେଳାଇ ମଞ୍ଜିକୁ ଘୋଡ଼ାଇ ଦେବା ଆବଶ୍ୟକ। ତଳିପଟିରେ ପିମ୍ପୁଡ଼ି କିମ୍ବା ଜନ୍ଦା ନ ଲାଗିବା ପାଇଁ ଏହାର ଚାରିପଟ ଧାରରେ ମାଲାଥିଅନ କିମ୍ବା କ୍ଲୋରପାଇରିଫସ୍ ଗୁଣ୍ଡ ବୁଣିବା ଭଲ। ବିହନ ବୁଣିସାରିବା ପରେ ତଳିପଟି ଉପରେ ଶୁଖିଲା ନଡ଼ାକୁ ପତଳା ଭାବରେ ବିଛାଇଦେଲେ ମଞ୍ଜି ଉଷୁମ ପାଇବା ସହ ମାଟିର ବତର ଠିକ୍ ରହିବ।

**ପରବର୍ତ୍ତୀ ଯତ୍ନ :** ମଞ୍ଜି ଗଜା ହେବାର ୮–୧୦ ଦିନ ପରେ ଧାଡ଼ି ମଝିରେ ମାଟିକୁ ଖୁରପି ସାହାଯ୍ୟରେ ଟିକେ ଖୁସାଇ ଘାସ ବାଛି ଦିଅନ୍ତୁ। ଚାରାଗଛ ୧୨ଦିନର ହେଲେ ଝାଉଁଳା ରୋଗ ପ୍ରତିରୋଧ ପାଇଁ ପ୍ରତି ୧ ଲିଟର ପାଣିରେ ୩ ଗ୍ରାମ ହିସାବରେ କ୍ୟାପ୍‌ଟାନ୍ ଗୋଳାଇ ଗଛ ମୂଳକୁ ଓଦା କରନ୍ତୁ। ବାଇଗଣ ତଳି ୨୫ରୁ ୩୦ ଦିନରେ, ଲଙ୍କା ତଳି ୩୦ରୁ ୪୦ ଦିନରେ ଏବଂ କୋବି ତଳି ୨୦ରୁ ୨୫ ଦିନରେ ଜମିରେ ଲଗାଇବା ପାଇଁ ଉପଯୁକ୍ତ। ତେଣୁ ତଳିକୁ ବୁଢ଼ା ହେବାକୁ ନ ଦେଇ ଉପଯୁକ୍ତ ସମୟରେ ମୁଖ୍ୟ କିଆରିରେ ଲଗାନ୍ତୁ।

**ତଳି ଉପାଡ଼ିବା :** ତଳି ବା ଚାରା ଉପାଡ଼ିବା ସମୟରେ ମାଟିରେ ବତର ରହିବା ଆବଶ୍ୟକ। ତେଣୁ ତା' ପୂର୍ବଦିନ ସେଥିରେ ଜଳସେଚନ କରନ୍ତୁ। ତା'ଛଡ଼ା ତଳି ଉପାଡ଼ିବା ଦିନ ପ୍ରତି ୧ ଲିଟର ପାଣିରେ ୩ ଗ୍ରାମ କ୍ୟାପ୍‌ଟାନ୍ ଓ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ମିଶାଇ ଏହି ଦ୍ରବଣକୁ ଗଛ ମୂଳରେ ଦେଲେ ଏହା ଚେର ଗଛ ଭିତରକୁ ଯାଇ ଗଛକୁ ୧୫ଦିନ ପର୍ଯ୍ୟନ୍ତ ରୋଗ ଆକ୍ରମଣରୁ ସୁରକ୍ଷିତ ରଖେ। ତଳିକୁ ଉପାଡ଼ିବା ପରେ ତାକୁ ଛାଇ ଜାଗାରେ ରଖି ଯେତେଶୀଘ୍ର ସମ୍ଭବ ନେଇ ଜମିରେ ଲଗାନ୍ତୁ, ତଳି ରୋଇବା ପରେ ପରେ ପ୍ରତି ଚାରା ଗଛ ମୂଳରେ ଅଳ୍ପ ପାଣି ଦେବା ନିତାନ୍ତ ଆବଶ୍ୟକ, ଯାହା କି ଚେର ଧରିବାରେ ସାହାଯ୍ୟ କରିବ।

*–ଶେଷବର୍ଷ କୃଷି ଛାତ୍ର, ନୀଳାଦ୍ରି ବିହାର, ଭୁବନେଶ୍ୱର*
*ମୋ: ୭୮୭୩୮୨୭୮୩୦*

## ଜାଣି ରଖନ୍ତୁ

- ଉପକୂଳବର୍ତ୍ତୀ ଜିଲାମାନଙ୍କରେ ତୋରିଆ (ସୋରିଷର ସଅଳ କିସମ ) ଚାଷ ପାଇଁ ମାସର ୧ମ ଭାଗରେ ଜମି ଚିହ୍ନଟ କରନ୍ତୁ ।
- ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇ ଥିଲେ ଅମଳ କରି ତିନି ଚାରୋଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ନଦୀ ପଠାଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୨୫ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।
- ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର ହୁଏ । ଓଡ଼ିଶାର ଜଳବାୟୁ ସକାଶେ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨–୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ।
- ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ଲାଗି ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଡ୍ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।

## ଚାଷୀଙ୍କ ପାଇଁ...

- ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ସହଳ କିସମ ଫୁଲକୋବିରେ ସଁବାଲୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।
- ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା– ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବାର ବନ୍ଦୋବସ୍ତ କରନ୍ତୁ ।
- ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ।



## ସଂକ୍ଷେପରେ

### ଟିକା ନେଇ ନ ଥିଲେ ଖେଳାଳିଙ୍କୁ ଭିଜା ମିଳିବନି

**ମେଲବୋର୍ନ,୧୯।୧୦:** ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଆସନ୍ତା ଜାନୁୟାରୀରେ ମେଲବୋର୍ନରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ତେବେ ଏହି ମେଗା ଇଭେଣ୍ଟ ପାଇଁ ଆୟୋଜକମାନେ କଡ଼ା ନିୟମ ଜାରି କରିଛନ୍ତି। ଯେଉଁ ଟେନିସ ଖେଳାଳିମାନେ କୋଭିଡ୍ ଟିକା ନେଇ ନ ଥିବେ ସେମାନଙ୍କୁ ଅଷ୍ଟ୍ରେଲିଆ ଭିଜା ଦେବନାହିଁ ବୋଲି ସେଠାକାର ରାଜନେତାମାନେ କହିଛନ୍ତି। ପେସାଦାର ଖେଳାଳିମାନେ ବାଧ୍ୟତାମୂଳକ ଟିକାକରଣ କରାଇବା ଉଚିତ ବୋଲି ଭିକ୍ଟୋରିଆ ରାଜ୍ୟର ପ୍ରଧାନମନ୍ତ୍ରୀ ଡାନିଏଲ ଆଣ୍ଡ୍ରୁସ୍ କହିଛନ୍ତି। ତେଣୁ ବିଦେଶରୁ ଆସିବାକୁ ଥିବା ଖେଳାଳିଙ୍କ ପାଇଁ ଟିକା ନେବା ନିହାତି ଜରୁରୀ ବୋଲି କୁହାଯାଇଛି। ଟିକା ନେଇ ନ ଥିବା ଖେଳାଳିଙ୍କୁ ଭିଜା ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭିଜା ଦିଆଗଲେ ଖେଳାଳିମାନଙ୍କୁ ପାଖାପାଖି ଦୁଇ ସପ୍ତାହ କ୍ୱାରାଣ୍ଟାଇନରେ ରହିବାକୁ ହେବ। ଦୀର୍ଘ ୧୮ ମାସ ପରେ ଅଷ୍ଟ୍ରେଲିଆ ତା'ର ଅନ୍ତର୍ଜାତୀୟ ସୀମାକୁ ପୁଣି ଖୋଲିବାକୁ ଯାଉଛି। ଆସନ୍ତା ମାସରୁ ପର୍ଯ୍ୟାୟକ୍ରମେ ରାଜ୍ୟଗୁଡିକ ସେମାନଙ୍କ ସୀମା ଖୋଲିବେ। ତେବେ ଏହା ଦେଶର ଟିକାକରଣ ହାର ଉପରେ ନିର୍ଭର କରିବ। ସମ୍ପୂର୍ଣ୍ଣ ଟିକାକରଣ ହୋଇଥିବା ବ୍ୟକ୍ତିମାନଙ୍କ ଉପରେ କଟକଣା କୋହଳ କରାଯିବ ବୋଲି କୁହାଯାଇଛି। ଟିକା ନେବା ନେଇ ଖେଳାଳିମାନଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇଛି। ବିଶ୍ୱର ୧ ନମ୍ବର ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍ ଟିକା ନେବା ବ୍ୟକ୍ତିଗତ ପସନ୍ଦ ଉପରେ ନିର୍ଭର କରେ ବୋଲି କହିଥିବା ବେଳେ ବ୍ରିଟେନର ଆଣ୍ଡି ମୁରେ ଟିକା ନେବା ବାଧ୍ୟତାମୂଳକ ବୋଲି କହିଛନ୍ତି। ଗତ ୟୁଏସ୍ ଓପନ୍ ଟୁର୍ନାମେଣ୍ଟରେ ଦର୍ଶକମାନଙ୍କୁ ଟିକାକରଣର ପ୍ରମାଣପତ୍ର ଦେବାକୁ କୁହାଯାଇଥିଲା। ଅବଶ୍ୟ ଖେଳାଳିମାନଙ୍କ ଉପରେ ଏହା ଲାଗୁ ହୋଇ ନ ଥିଲା।


### ଅମ୍ପାୟର ଫ୍ରେଡ୍ ଗୁଡାଲଙ୍କ ପରଲୋକ




**ୱେଲିଂଟନ, ୧୯।୧୦ (ଏପି):** ନ୍ୟୁଜିଲାଣ୍ଡ କ୍ରିକେଟ ଅମ୍ପାୟର ଫ୍ରେଡ୍ ଗୁଡାଲଙ୍କ ପରଲୋକ ଘଟିଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ତାଙ୍କର କେଉଁ କାରଣରୁ ମୃତ୍ୟୁ ଘଟିଲା ସେ ସମ୍ପର୍କରେ କୌଣସି ସୂଚନା ନାହିଁ। ୧୯୮୦ରେ ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଟେଷ୍ଟ ସିରିଜରେ ସେ ଚର୍ଚ୍ଚିତ ଅମ୍ପାୟର ଥିଲେ। ସିରିଜରେ ତାଙ୍କର ଅନେକ ନିଷ୍ପତ୍ତି ୱେଷ୍ଟଇଣ୍ଡିଜ ବିପକ୍ଷରେ ଯାଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ୱେଷ୍ଟଇଣ୍ଡିଜ ଖେଳାଳିମାନେ ସିରିଜ ଅଧାରୁ ସ୍ୱଦେଶ ଫେରିଯିବା ଲାଗି ସ୍ଥିର କରିଥିଲେ। ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡର ହସ୍ତକ୍ଷେପ ପରେ ସେମାନେ ଏଥିରୁ ବିରତ ରହିଥିଲେ। ଗୁଡାଲ ୧୯୬୫ରୁ ୧୯୮୮ ମଧ୍ୟରେ ୨୪ ଟେଷ୍ଟ ମ୍ୟାଚ ଓ ୧୫ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ପରିଚାଳନା କରିଥିଲେ।

### ନେଦରଲାଣ୍ଡ୍ସ-ନାମ୍ବିଆ ମୁକାବିଲା ଆଜି

**ଆବୁଧାବି,୧୯।୧୦:** ଟି୨୦ ବିଶ୍ୱକପ୍‌ର ପ୍ରଥମ ରାଉଣ୍ଡ ଗ୍ରୁପ୍ ମ୍ୟାଚ୍‌ରେ ବୁଧବାର ନେଦରଲାଣ୍ଡ୍ସ ଓ ନାମ୍ବିଆ ପରସ୍ପରକୁ ଭେଟିବେ। ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡଠାରୁ ପରାସ୍ତ ହେବା ପରେ ନେଦରଲାଣ୍ଡ୍ସ ପ୍ରଦର୍ଶନରେ ସୁଧାର ଆଣିବା ସହ ପ୍ରଥମ ବିଜୟ ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡର କୁର୍ଟିସ କାମ୍ପର ୪ ଉଇକେଟ ନେଇ ନେଦରଲାଣ୍ଡ୍ସର ବିପର୍ଯ୍ୟୟ ଘଟାଇଥିଲେ। ଏହି ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୭ ଉଇକେଟରେ ହାରିଥିଲା। ସୁପର-୧୨ ଆଶା ଉଜ୍ଜୀବିତ ରଖିବାକୁ ହେଲେ ଉଭୟ ଦଳକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ। ନେଦରଲାଣ୍ଡ୍ସ ବ୍ୟାଟିଂରେ ସୁଧାର ଆଣିବାକୁ ପ୍ରୟାସ କରିବ। ଅନ୍ୟପଟେ ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇଥିବା ନାମ୍ବିଆ ପୁଣି ହାରିଲେ ସୁପର- ୧୨ ଦୌଡ଼ରୁ ବାଦ୍ ପଡିବ। ନାମ୍ବିଆ ଲୋ ର୍ୟାଙ୍କର ଦଳ ହୋଇଥିବାରୁ ଏହି ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ଫେଭରାଇଟ୍ସ ମନେ ହେଉଛି। ଉଭୟ ଦଳ ପାଇଁ ଏହି ମ୍ୟାଚ୍‌ରେ କର ବା ମର ସ୍ଥିତି ସୃଷ୍ଟି ହୋଇଛି।





କଟକ ବାରବାଟୀ ଷ୍ଟାଡିୟମ କ୍ଲବ ହାଉସରେ ମଙ୍ଗଳବାର ଆରମ୍ଭ ହୋଇଥିବା ରାଜ୍ୟ କୁସ୍ତି ଚାମ୍ପିୟନଶିପ୍‌ର ବାଳକ ଓ ବାଳିକା ବିଭାଗରେ ଅନୁଷ୍ଠିତ ଲଢ଼େଇ। (ଫଟୋ: ରାଜକିଶୋର ମହାନ୍ତି)

## ନଭେମ୍ବର ୧୪କୁ ଅପେକ୍ଷା

**ଗୌତମ ଗମ୍ଭୀର**

ମୋ ବାସଭବନର ଦ୍ୱିତୀୟ ମହଲାରେ ମୋର ବ୍ୟକ୍ତିଗତ ପ୍ରକୋଷ୍ଠ ରହିଛି। ଜଣେ ବିବାହିତ ପୁରୁଷ ବ୍ୟକ୍ତି ହିସାବରେ ଏକଥା କହିବା ହୁଏତ କେତେକଙ୍କ ମନରେ ଭିନ୍ନ ଧାରଣା ସୃଷ୍ଟି କରିପାରେ। ଏଥିରେ ମୋର କିଛି ଫରକ ପଡୁନାହିଁ। ଏହି ପ୍ରକୋଷ୍ଠରେ ଏକ ବଡ଼ ଟିଭି ସ୍କ୍ରିନ ରହିଛି। ଯେଉଁଠାରେ ଆମେ ଏକାଠି ବସି କିଛି ସ୍ମରଣୀୟ ମୁହୂର୍ତ୍ତକୁ ଉପଭୋଗ କରିଛୁ। ଯଥା ଚଳିତବର୍ଷ ପ୍ରାରମ୍ଭରେ ବ୍ରିସ୍‌ବେନ୍‌ରେ ଭାରତର ସ୍ମରଣୀୟ ବିଜୟ ଓ ଜାଭେଲିନ୍‌ରେ ନୀରଜ ଚୋପ୍ରାଙ୍କ ସଫଳତା ଇତ୍ୟାଦି। ଦୁଇ ଦିନ ପୂର୍ବେ ସର୍ଦ୍ଦାର ଉଦ୍ଧାମ ସିଂ ଚଳଚିତ୍ରକୁ ଆମେ ଦେଖିଛୁ। ଏବିଷୟରେ ଅଧିକ ମୁଁ ପରେ ବ୍ୟାଖ୍ୟା କରିବି। ରୁମ୍‌ଟିର କାନ୍ଥରେ ଏକ ସୁନ୍ଦର ସ୍କ୍ରିନ୍ ଟଣାଯାଇଛି। ସେଥିରେ ମୋ ବିଶ୍ୱକପ୍ ପଦକ ଦୁଇଟି ଶୋଭା ପାଉଛି। ତନ୍ମଧ୍ୟରୁ ଗୋଟିଏ ୨୦୦୭ ଓ ଅନ୍ୟଟି ୨୦୧୧ରେ ମୋତେ ମିଳିଥିଲା। ଭଗବାନ ତାଙ୍କ ବାଟରେ ଥାଆନ୍ତି। କେଉଁ ସମୟରେ କାହାରିକୁ କ'ଣ ମିଳିବ ତାହା ପୂର୍ବରୁ ସ୍ଥିରୀକୃତ। ଦିନ ଆସିଲା ମୋତେ ବିଶ୍ୱକପ୍ ଦଳରେ ସ୍ଥାନ ମିଳିଲା ନାହିଁ। ୧୯୮୧ରେ ମୋର ଜନ୍ମ। ୯୦ ଦଶକ ଏବଂ ଏହାର ପରବର୍ତ୍ତୀ ସମୟର କ୍ରିକେଟ ଉପରେ ମୋ ନଜରରେ ରହିଛି। ଟି୨୦ ତୁଳନାରେ ୫୦ ଓଭର ବିଶିଷ୍ଟ ବିଶ୍ୱକପ୍ ଜିତିବା ଅଧିକ ରୋମାଞ୍ଚକ ବୋଲି ମୁଁ ମନେକରେ। ୫୦ ଓଭର ଫର୍ମାଟ ପ୍ରତି ୪ ବର୍ଷରେ ଥରେ ହୋଇଥାଏ। କୋଭିଡ୍ ଯୋଗୁ ଦୁଇଟି ଟି୨୦ ବିଶ୍ୱକପ୍ ମଧ୍ୟରେ ସମୟ ବ୍ୟବଧାନ ଖୁବ୍ କମ୍ ରହିଛି। ଚଳିତ ବର୍ଷ ଗୋଟିଏ ଟି୨୦ ବିଶ୍ୱକପ୍ ଚାଲିଛି। ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଆଉ ଗୋଟିଏ ଅନୁଷ୍ଠିତ ହେବ। ଫଳରେ ଖେଳପ୍ରେମୀମାନଙ୍କ ମଧ୍ୟରେ ଉତ୍କଣ୍ଠା ସେତେଟା ରହିବ ନାହିଁ ବୋଲି ମୋର ଧାରଣା। ସମୟ ବ୍ୟବଧାନ ଅତିକମ୍‌ରେ ୩ବର୍ଷ ରଖାଯାଇପାରିଲେ ଭଲ। ଏହାଦ୍ୱାରା ଚାମ୍ପିୟନ ଦଳ କିଛିଦିନ ନିଜ ପାଖରେ ଟ୍ରଫିକୁ ରଖିପାରିବ। ପ୍ରତିବର୍ଷ ଏକ ବିଶ୍ୱକପ୍ ପ୍ରସ୍ତାବ ଶୁଣିବାକୁ ହୁଏତ ରୋମାଣ୍ଟିକ୍ ଲାଗୁଛି। ହେଲେ ପ୍ରତି ଦୁଇ ବର୍ଷରେ ନୂଆ ଟି୨୦ ଚାମ୍ପିୟନ ଏହି ବିଚାରଧାରାକୁ ମନରୁ ହଟିଯାଇପାରେ। ଭାରତୀୟ ଦଳର ଗାଢ଼ ନୀଳ ରଙ୍ଗର ନୂଆ ଜର୍ସିକୁ ଖେଳପ୍ରେମୀମାନେ ଦେଖିଥିବେ। ଏହାର ଡିଜାଇନ ମୋର ଭାରି ପସନ୍ଦ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ୧୯୯୨ ବିଶ୍ୱକପ୍‌ରେ ଏହା ପ୍ରଥମ ଥର ବ୍ୟବହାର କରାଯାଇଥିଲା। ସ୍କାଏ ବ୍ଲୁ ରଙ୍ଗ ଜର୍ସିରେ ଆମେ ୨୦୦୭ ଟି୨୦ ବିଶ୍ୱକପ୍ ଏବଂ ୨୦୧୧ରେ ଆମେ ଇଲେକ୍ଟ୍ରି ବ୍ଲୁ ରଙ୍ଗରେ ଜିତିଥିଲୁ। ଏଥର ନଭେମ୍ବର ୧୪ରେ ମୋ ଲମ୍ବା ଟିଭି ସ୍କ୍ରିନ୍‌ରେ ଭାରତର ଆଉ ଏକ ବିଜୟ ମୁହୂର୍ତ୍ତକୁ ଦେଖିବା ଲାଗି ମୁଁ ଅପେକ୍ଷା କରି ରହିଛି।

(ଦୀନେଶ ଚୋପ୍ରା ମିଡିଆ/ଗେମ୍‌ପ୍ଲାନ)।

SEAGRAM'S
ROYAL STAG
PACKAGED DRINKING WATER

## ଭାରତ-ଅଷ୍ଟ୍ରେଲିଆ ଅଭ୍ୟାସ ମ୍ୟାଚ୍ ଆଜି

**ଟି୨୦ ବିଶ୍ୱକପ୍**

**ଦୁବାଇ,୧୯।୧୦**

ଟି୨୦ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବା ପୂର୍ବରୁ ଭାରତ ପ୍ରଥମ ଅଭ୍ୟାସ ମ୍ୟାଚ୍‌ରେ ଇଂଲଣ୍ଡକୁ ସୋମବାର ପରାସ୍ତ କରିଥିଲା। ଏବେ ସ୍ଥାନୀୟ ଆଇସିସି ଏକାଡେମୀରେ ବୁଧବାର ଦ୍ୱିତୀୟ ୱାର୍ମଅପ୍‌ରେ ଭାରତ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଭେଟିବ। ଇଂଲଣ୍ଡକୁ ୬ଟି ବଲ ବାକି ରଖି ୭ ଉଇକେଟରେ ଅତି ସହଜରେ ପରାସ୍ତ କରିଥିବା ଭାରତ ଏହି ମୁକାବିଲାରେ ବ୍ୟାଟିଂ ଅର୍ଡରରେ ପରୀକ୍ଷାନିରୀକ୍ଷା କରିବା ସହ ସମସ୍ୟା ସମାଧାନ କରିବକୁ ପ୍ରୟାସ କରିବ। ରବିବାର ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ତେଣୁ ଭାରତ ତା'ର ବ୍ୟାଟିଂ ଅର୍ଡରକୁ ଏହି ୱାର୍ମଅପ୍ ମୁକାବିଲାରେ ଅନ୍ତିମ ରୂପ ଦେବାକୁ ଚେଷ୍ଟା କରିବ।

ଟି୨୦ରେ ଏହି ବିଶ୍ୱକପ୍ ବିରାଟ କୋହଲିଙ୍କ ଅନ୍ତିମ ଟୁର୍ନାମେଣ୍ଟ ହେବ। ବିଶ୍ୱକପ୍ ପରେ କୋହଲି ଟି୨୦ରେ ନେତୃତ୍ୱ ଛାଡିବେ ବୋଲି ଘୋଷଣା କରିସାରିଛନ୍ତି। ସେହିପରି ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ପାଇଁ ମଧ୍ୟ ଏହା ଅନ୍ତିମ ବିଶ୍ୱକପ୍ ବୋଲି ନିଶ୍ଚିତ ହୋଇଛି। ଇଂଲଣ୍ଡ ବିପକ୍ଷ ୱାର୍ମ-ଅପ୍ ପୂର୍ବରୁ ଭାରତ ଟପ୍ ୩ ବ୍ୟାଟିଂ ଅର୍ଡର ନେଇ କୋହଲି ସ୍ପଷ୍ଟ କରିଥିଲେ। ଲୋକେଶ ରାହୁଲ ଓ ରୋହିତ ଶର୍ମା ଓପନିଂ କରିବେ। କୋହଲି ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିବେ। ସେହିପରି ଇଂଲଣ୍ଡ ବିପକ୍ଷରେ ୪୬ ବଲରୁ ୭ ଚୌକା ଓ ୩ ଛକା ସହ ୭୦ରନ କରି ରିଟାୟାର୍ଡ ନଟ୍‌ଆଉଟ ରହିଥିବା ଇଶାନ କିଶନ ଅନ୍ତିମ ଏକାଦଶରେ ନିଜର ସ୍ଥାନ ଏକପ୍ରକାର ପକ୍କା କରିଛନ୍ତି। ସୂର୍ଯ୍ୟକୁମାର ଯାଦବଙ୍କୁ ପଛରେ ପକାଇ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସି ୧୪ ବଲରୁ ୧ ଚୌକା ଓ ୩ ଛକା ସହ ୨୯ ରନକରି ଅପରାଜିତ ରହିଥିଲେ। ସୂର୍ଯ୍ୟକୁମାର ମାତ୍ର ୮ ରନକରି ଆଉଟ ହୋଇଥିଲେ। ରୋହିତ ଇଂଲଣ୍ଡ ବିପକ୍ଷରେ ବ୍ୟାଟିଂ କରିବାକୁ ଆସି ନ ଥିଲେ। ତେବେ ଅଷ୍ଟ୍ରେଲିଆ ବିପକ୍ଷରେ ସେ ଓପନିଂ କରିବା ନିଶ୍ଚିତ ମନେ ହେଉଛି। ହାର୍ଦ୍ଦିକ ପାଣ୍ଡ୍ୟା ୨ ଚୌକା ସହ ୧୦ ବଲରୁ ୧୨ ରନକରି ଅପରାଜିତ ରହିଥିଲେ ମଧ୍ୟ ସେତେଟା ସହଜ ଅନୁଭବ କରୁଥିବା ମନେହେଉ ନ ଥିଲା। ପାଣ୍ଡ୍ୟା ବୋଲିଂ କରୁ ନ ଥିବାରୁ ତାଙ୍କୁ ଦଳରେ ଜଣେ ବ୍ୟାଟର ଭାବେ ଖେଳାଯିବ କି ନା ସେ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ କି ନିଷ୍ପତ୍ତି ନେଉଛି ତାହା ଦେଖିବାକୁ ବାକି ରହିଲା। ହାର୍ଦ୍ଦିକ ବୋଲିଂ ନ କଲେ ଭାରତ ଜଣେ ଷଷ୍ଠ ବୋଲରର ବିକଳ୍ପକୁ ହାତଛଡା କରିବ। କୌଣସି ମ୍ୟାଚ୍‌ରେ ଭାରତୀୟ ବୋଲରମାନେ ବ୍ୟୟବହୁଳ ସାବ୍ୟସ୍ତ ହେଲେ ଷଷ୍ଠ ବୋଲର ବିକଳ୍ପ ରହିବାର ଆବଶ୍ୟକତା ରହିଛି। ଇଂଲଣ୍ଡ ବିପକ୍ଷରେ ଭୁବନେଶ୍ୱର କୁମାର ବହୁତ ରନ୍ ବ୍ୟୟ କରିଥିଲେ। ତେବେ ଯଶପ୍ରୀତ ବୁମ୍‌ରା କଞ୍ଜୁସ ବୋଲିଂ କରିଥିଲେ। ୩ ଉଇକେଟ ଅକ୍ତିଆର କରିଥିଲେ ମଧ୍ୟ ମହମ୍ମଦ ସାମି ମଧ୍ୟ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ସେହିପରି ରାହୁଲ ଚହର ଗୋଟିଏ ଉଇକେଟ ନେଇଥିଲେ ମଧ୍ୟ ୪ ଓଭର ବୋଲିଂ କରି ୪୩ ରନ ବ୍ୟୟ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର ଓ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଖେଳିବା ଆଶା କରାଯାଉଛି। ୨୦୧୯ ଦିନିକିଆ ବିଶ୍ୱକପ ପୂର୍ବରୁ ଭାରତ ୨-୦ରେ ଘରୋଇ ସିରିଜରେ ପରାସ୍ତ ହୋଇଥିଲା। ଏହାପରେ ଅବଶ୍ୟ ଭାରତ ୮ଟି ସିରିଜରେ କ୍ରମାଗତ ଭାବେ ଅପରାଜେୟ ରହିଛି। ୨୦୧୬ ଟି୨୦ ବିଶ୍ୱକପ୍ ପରେ ଭାରତ ୭୨ଟି ଟି୨୦ ମ୍ୟାଚ୍ ଖେଳି ୪୫ଟିରେ ବିଜୟୀ ହୋଇଛି।

ଅପରପକ୍ଷରେ ଅଷ୍ଟ୍ରେଲିଆ ମଧ୍ୟ ତା'ର ପ୍ରଥମ ଅଭ୍ୟାସ ମ୍ୟାଚ୍‌ରେ ସୋମବାର ନ୍ୟୁଜିଲାଣ୍ଡକୁ ୩ ଉଇକେଟରେ ପରାସ୍ତ କରି ଭଲ ପ୍ରସ୍ତୁତି ଆରମ୍ଭ କରିଛି। ତେବେ ଅଭିଜ୍ଞ ଓପନର ଡେଭିଡ ୱାର୍ନର ପ୍ରଥମ ବଲରେ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଛନ୍ତି ଓ ତାଙ୍କର ଖରାପ ଫର୍ମ ଜାରି ରହିଛି। ସ୍ପିନର ଆଡାମ ଜାମ୍ପା (୨/୧୭) ଓ କେନ୍ ରିଚାର୍ଡସନ (୩/୨୪) ପ୍ରଭାବୀ ବୋଲିଂ କରିଛନ୍ତି। ଅଷ୍ଟ୍ରେଲିଆର ମିଡିଲ ଅର୍ଡରର ବିପର୍ଯ୍ୟୟ ଘଟିଥିଲା। ଆଷ୍ଟନ ଅଗର, ମିଚେଲ ଷ୍ଟାର୍କ ଓ ଇଙ୍ଗଲିସ୍ ଉପଯୋଗୀ ବ୍ୟାଟିଂ କରି ଦଳକୁ ଜିତାଇଥିଲେ। ଟି୨୦ରେ ଅଷ୍ଟ୍ରେଲିଆ ସେତେଟା ପ୍ରଭାବୀ ମନେ ହେଉନାହିଁ। ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ କିଭଳି ପ୍ରଦର୍ଶନ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ-ଅଧିନାୟକ), ଲୋକେଶ ରାହୁଲ, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ, ଇଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ରାହୁଲ ଚହର, ରବିଚନ୍ଦ୍ରନ ଅଶ୍ୱିନ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର ଓ ଶାର୍ଦ୍ଦୁଳ ଠାକୁର।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ୍ (ଅଧିନାୟକ), ଆଷ୍ଟନ ଅଗର, ପ୍ୟାଟ କମିନ୍ସ (ଉପ- ଅଧିନାୟକ), ଜୋଶ ହାଜେଲଉଡ, ଜୋଶ ଇଙ୍ଗଲିସ୍, ମିଚେଲ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, କେନ୍ ରିଚାର୍ଡସନ, ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ୍, ମିଚେଲ ସ୍ୱେପସନ, ମାଥ୍ୟୁ ୱେଡ, ଡେଭିଡ୍ ୱାର୍ନର ଓ ଆଡାମ ଜାମ୍ପା।

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୭.୩୦**
**ସିଧା ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ସ୍ଥାନ: ଦୁବାଇ**



ଭାରତୀୟ ଦଳର ଅଭ୍ୟାସ ଅବସରରେ ଖେଳାଳି ଓ ଅଫିସିଆଲ୍‌ମାନେ।

## ରେଡ୍‌ବୁଲ୍ କ୍ୟାମ୍ପସ କ୍ରିକେଟ ଫାଇନାଲ୍ସ ଆରମ୍ଭ

**ଭୁବନେଶ୍ୱରର ମହର୍ଷି କଲେଜ ଉପରେ ନଜର**



ଚଣ୍ଡିଗଡ଼ରେ ଚାଲିଥିବା ରେଡ୍‌ବୁଲ କ୍ୟାମ୍ପସ କ୍ରିକେଟର ନ୍ୟାଶନାଲ ଫାଇନାଲ୍ସରେ ଅଂଶଗ୍ରହଣ କରିଥିବା ଭୁବନେଶ୍ୱର ମହର୍ଷି କଲେଜ ଦଳ।

**ଭୁବନେଶ୍ୱର, ୧୯।୧୦(କ୍ରୀଡ଼ା ପ୍ରତିନିଧି)**

କଲେଜର ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ଖୋଜି ଅନ୍ତର୍ଜାତୀୟ ସ୍ତରରେ ଖେଳିବା ସୁଯୋଗ ଦେବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ରେଡ୍‌ବୁଲ କ୍ୟାମ୍ପସ କ୍ରିକେଟର ନ୍ୟାଶନାଲ ଫାଇନାଲ୍ସ ଚଣ୍ଡିଗଡ଼ରେ ଆରମ୍ଭ ହୋଇଛି। ଏହି ଟି୨୦ ଟୁର୍ନାମେଣ୍ଟରେ ସହର କ୍ୱାଲିଫାୟର୍ସ ଏବଂ ଆଞ୍ଚଳିକ ରାଉଣ୍ଡ ପର୍ଯ୍ୟାୟ ପୂର୍ବରୁ ଅନୁଷ୍ଠିତ ହୋଇଯାଇଛି। ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଫାଇନାଲ୍ସରେ ଦେଶର ୮ଟି ଶ୍ରେଷ୍ଠ କଲେଜ ଭାଗ ନେଇଛନ୍ତି। ୮ଟି ଦଳ ମଧ୍ୟରେ ୨୦ ତାରିଖ ପର୍ଯ୍ୟନ୍ତ ମ୍ୟାଚ ଚାଲିବ। ଶ୍ରେଷ୍ଠ ୪ଟି ଦଳକୁ ନେଇ ୨୧ରେ ସେମିଫାଇନାଲ ଏବଂ ୨୨ରେ ଫାଇନାଲ ମୋହାଲିସ୍ଥିତ ପିସିଏ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

ଟୁର୍ନାମେଣ୍ଟରେ ଭାଗ ନେବାପାଇଁ ପୂର୍ବାଞ୍ଚଳରୁ ଭୁବନେଶ୍ୱରର ମହର୍ଷି କଲେଜ ଯୋଗ୍ୟ ବିବେଚିତ ହୋଇଛି। ଜାମସେଦପୁରର କୋଅପରେଟିଭ କଲେଜ ମଧ୍ୟ ପୂର୍ବାଞ୍ଚଳରୁ ଯାଇଛି। ଉତ୍ତର ଜୋନ୍‌ରୁ ମୁଜାଫରନଗର ଶ୍ରୀରାମ କଲେଜ ଓ ଜୟପୁରସ୍ଥିତ ଏସ୍‌ଏସ୍ ଜୈନ ସୁବୋଧ କଲେଜ, ପଶ୍ଚିମ ଜୋନ୍‌ରୁ ଅହମଦାବାଦ ନ୍ୟୁ ଏଲ୍‌ଆଇ କଲେଜ ଓ ପୂର୍ବତନ ଚାମ୍ପିୟନ ହୋଇଥିବା ପୁଣେ ଏମ୍‌ଏମ୍‌ସିସି କଲେଜ ଏବଂ ଦକ୍ଷିଣ ଜୋନ୍‌ରୁ ବେଙ୍ଗାଲୁରୁ ଜୈନ କଲେଜ ଓ ହାଇଦ୍ରାବାଦ ଟିକେଆରଇସି କଲେଜ ଫାଇନାଲରେ ଅଂଶଗ୍ରହଣ କରିଛନ୍ତି। ତେଣୁ ଓଡ଼ିଶା କ୍ରିକେଟ ପ୍ରେମୀଙ୍କ ନଜର ମହର୍ଷି କଲେଜ ଉପରେ ରହିଛି। ପ୍ରକାଶ ଯୋଗ୍ୟ ଯେ, କଲେଜ ସ୍ତରରେ ଖେଳୁଥିବା ଯୁବ ପ୍ରତିଭାମାନେ କିଭଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳିବା ସୁଯୋଗ ପାଇବେ ସେଥିପାଇଁ ରେଡ୍ ବୁଲ୍ ୨୦୧୨ରୁ ପ୍ରତିବର୍ଷ ଏହି ଟି୨୦ ଟୁର୍ନାମେଣ୍ଟ ଆୟୋଜନ କରୁଛି। ରେଡ୍ ବୁଲ୍ ସହିତ ଆଇପିଏଲ ଫ୍ରାଞ୍ଚାଇଜ୍ ଦଳ ରାଜସ୍ଥାନ ରୟାଲ୍ସ ମଧ୍ୟ ଟୁର୍ନାମେଣ୍ଟ ପାଇଁ ସହଯୋଗର ହାତ ବଢ଼ାଇଛି। ମହର୍ଷି କଲେଜ ଗ୍ରୁପ୍ 'ଏ'ରେ ପ୍ରଥମେ ଜୟପୁରର ଏସ୍‌ଏସ୍ ଜୈନ ସୁବୋଧ କଲେଜ, ଦ୍ୱିତୀୟରେ ହାଇଦ୍ରାବାଦ ଟିକେଆରଇସି କଲେଜ ଏବଂ ତୃତୀୟରେ ପୁଣେର ଏମ୍‌ଏମ୍‌ସିସି କଲେଜକୁ ଭେଟିବା କାର୍ଯ୍ୟକ୍ରମ ରହିଛି।

## ଫିଟ୍‌ନେସ୍ ଟେଷ୍ଟରେ ଓଡ଼ିଶାର ୬ ରେଫରି ଉତ୍ତୀର୍ଣ୍ଣ





ଫିଟ୍‌ନେସ ଟେଷ୍ଟରେ ଉତ୍ତୀର୍ଣ୍ଣ ହୋଇଥିବା ଓଡ଼ିଶାର ସହକାରୀ ରେଫରିମାନେ।

**ଭୁବନେଶ୍ୱର, ୧୯।୧୦(କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ଗ୍ୱାଲିୟରଠାରେ ୨୦୨୧-୨୨ ପାଇଁ ଜାତୀୟ ସ୍ତରୀୟ ଫିଟ୍‌ନେସ ଟେଷ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଫରି ଶ୍ରୀକାନ୍ତ ବୋହିଦାର ଏବଂ ସହକାରୀ ରେଫରି ସୁବ୍ରତ ପୁରୋହିତ, ଶିବଶଙ୍କର ପଣ୍ଡା, ସହଦେବ ବେହେରା, ଅଶୋକ କୁମାର କହଁର ଓ ପ୍ରଦୀପ୍ତ କୁମାର ନାୟକ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ରେଫରିମାନଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।





ଶ୍ରୀକାନ୍ତ ବୋହିଦାର ଓ ସୁବ୍ରତ ପୁରୋହିତ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ